# ଧରିତ୍ରୀ
DHARITRI

ଶନିବାର, ମେ ୯/୨୦୨୦ (୨୦ ପୃଷ୍ଠା) | Saturday, May 9/2020

୪୭ଶ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଖେଳାଳିମାନଙ୍କ ଫିଟ୍‌ନେସ୍‌ରେ ମୁଁ ଖୁସି**

ଲକ୍‌ଡାଉନ୍ ସତ୍ତ୍ୱେ ଖେଳାଳିମାନେ ସେମାନଙ୍କ ଫିଟ୍‌ନେସ୍ ବଜାୟ ରଖିଥିବାରୁ ଖୁସି ଅଛନ୍ତି ଭାରତର ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ମୁଖ୍ୟ କୋଚ୍ ଥୋମାସ ଡେନର୍ବି।

୨୦

୧୦

**ଲକ୍‌ଡାଉନ୍‌ରେ ମଦ କିଣୁଛନ୍ତି ରକୁଲ**

ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ଲକ୍‌ଡାଉନ୍ ବେଳେ ମଦ ଦୋକାନରୁ ମଦ କିଣୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



# ସ୍ଥିତି ଅସମ୍ଭାଳ, ଦିନକରେ ୫୧ ପଜିଟିଭ୍

- ଗଞ୍ଜାମରେ ୪୩, କେନ୍ଦ୍ରାପଡ଼ା ୫, ଭଦ୍ରକ ୩ ଆକ୍ରାନ୍ତ ଚିହ୍ନଟ
- ଗଞ୍ଜାମ କୋଭିଡ୍ ପରିଚାଳନା ପାଇଁ ୩ ଆଇଏଏସ୍ ଅଫିସର ନିୟୋଜିତ
- ରାଜ୍ୟରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୨୭୧କୁ ବୃଦ୍ଧି

ଭୁବନେଶ୍ୱର, ୮।୫(ବ୍ୟୁରୋ)

ସବୁ ସାରିଦେଲେ ସୁରଟ ଫେରନ୍ତା। ଏମାନଙ୍କ ପାଇଁ ରାଜ୍ୟରେ ବିଗିଡି ଗଲା କରୋନା ମୁକାବିଲା ରଣକୌଶଳ। ଏବେ ଅସମ୍ଭାଳ ହେଲାଣି ସ୍ଥିତି। ଆକ୍ରାନ୍ତଙ୍କ ସଂଖ୍ୟା ଅନିୟନ୍ତ୍ରିତ ଭାବେ ବଢ଼ିଚାଲିଥିବାବେଳେ ଶୁକ୍ରବାର ଗୋଟିଏ ଦିନରେ ସର୍ବାଧିକ ୫୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗଞ୍ଜାମ ଜିଲାର ୪୩, କେନ୍ଦ୍ରାପଡ଼ାର ୫ ଓ ଭଦ୍ରକର ୩ଜଣ ରହିଥିବାବେଳେ ଏମାନଙ୍କ ମଧ୍ୟରୁ ୫୦ଜଣ ହେଉଛନ୍ତି ସୁରଟ ଫେରନ୍ତା।

ଏପଟେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ପଜିଟିଭ୍ ସଂଖ୍ୟା ୨୭୦ ଛୁଇଁଛି। ଏହାକୁ ନେଇ ଏକପ୍ରକାର ଭୟର ବାତାବରଣ ଦେଖିବାକୁ ମିଳିଥିବାବେଳେ ଗଞ୍ଜାମ ଜିଲାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି। ଆରମ୍ଭରୁ ନିୟନ୍ତ୍ରଣରେ ଥିବା ଏହି ଜିଲା ଏବେ ଆକ୍ରାନ୍ତଙ୍କ ସଂଖ୍ୟାରେ ରେକର୍ଡ କରିଛି। ମାତ୍ର କେଇଟା ଦିନରେ ଯାଜପୁରକୁ ଟପି ସର୍ବାଧିକ ସଂକ୍ରମିତ ଜିଲା ଭାବେ ଉଭା ହୋଇଛି। ଯାଜପୁରରେ ଆକ୍ରାନ୍ତଙ୍କ ସଂଖ୍ୟା ୫୫ ରହିଥିବାବେଳେ ଗଞ୍ଜାମରେ ୭୧କୁ ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଉଛି ଏହି ଜିଲାର ସମସ୍ତ ଆକ୍ରାନ୍ତ ସକ୍ରିୟ ଅଛନ୍ତି। ତେବେ ନୂଆ ୪୩ ଆକ୍ରାନ୍ତଙ୍କ ମଧ୍ୟରୁ ୪୨ଜଣ ସୁରଟ ଫେରନ୍ତା ଥିବାବେଳେ




## ସାରିଦେଲେ ସୁରଟ ଫେରନ୍ତା
## ଯାଜପୁରକୁ ଟପି ରେକର୍ଡ କଲା ଗଞ୍ଜାମ

ଜଣେ କେରଳରୁ ଫେରିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସକାଳେ ପ୍ରଥମେ ୧୯ଜଣ ଚିହ୍ନଟ ହୋଇଥିଲେ ଓ ପରେ ଆଉ ୨୪ଜଣ ଚିହ୍ନଟ ହୋଇଥିଲେ। ସକାଳେ ଚିହ୍ନଟ ହୋଇଥିବା ଗଞ୍ଜାମ ଜିଲାର ୧୯ ଆକ୍ରାନ୍ତ ସମସ୍ତେ ପୁରୁଷ ଓ ଏମାନଙ୍କ ବୟସ ୨୬, ୪୫, ୨୧, ୩୮, ୪୦, ୩୩, ୪୫, ୩୧, ୨୩, ୪୭, ୩୫,୨୪, ୩୦, ୧୮, ୨୯, ୫୭, ୩୮, ୩୧, ଏବଂ ୫୮ ବର୍ଷ ବୋଲି ସୂଚନା ଦିଆଯାଇଛି।

ସେପଟେ ଗଞ୍ଜାମ ଜିଲାର ସ୍ଥିତିକୁ ଦେଖି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶୁକ୍ରବାର ୩ଜଣ ଆଇଏଏସ୍ ଅଫିସରଙ୍କୁ ଗଞ୍ଜାମରେ କୋଭିଡ୍-୧୯ ପରିଚାଳନା ପାଇଁ ନିୟୋଜିତ କରାଯାଇଛି। ସେମାନେ ଜିଲା ପ୍ରଶାସନକୁ ସହଯୋଗ କରିବେ। ସେମାନେ ହେଲେ ଓଡ଼ିଶା ଖଣି ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀ, ଗ୍ରୀଡ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାଟିଲ୍ ଆଶିଷ ଈଶ୍ୱର ଏବଂ ଓଟିଡିସିର ପରିଚାଳନା ନିର୍ଦ୍ଦେଶକ ହେମକାନ୍ତ ସାଏ।

ସେହିପରି କେନ୍ଦ୍ରାପଡ଼ା ଜିଲାରୁ ଚିହ୍ନଟ ୫ ଆକ୍ରାନ୍ତ ହେଉଛନ୍ତି ପୁରୁଷ। ସେମାନଙ୍କ ବୟସ ଯଥାକ୍ରମେ ୩୨, ୩୩, ୨୭, ୩୫ ଓ ୩୧ ବର୍ଷ। ଏମାନେ ମଧ୍ୟ ସମସ୍ତେ ସୁରଟ ଫେରନ୍ତା। ଏମାନଙ୍କୁ ମିଶାଇ କେନ୍ଦ୍ରାପଡ଼ା ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ୨ଜଣ ସୁସ୍ଥ ହୋଇଯାଇଥିବାବେଳେ ୬ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ଭଦ୍ରକରେ ଚିହ୍ନଟ ହୋଇଥିବା ନୂଆ ୩ଜଣ କରୋନା ଆକ୍ରାନ୍ତଙ୍କ ବୟସ ୨୧, ୪୧ ଓ ୩୩ ବର୍ଷ। ଏମାନେ ସମସ୍ତେ ପୁରୁଷ ଓ ସୁରଟ ଫେରନ୍ତା ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ଭଦ୍ରକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇଥିବାବେଳେ ୧୨ଜଣ ଆକ୍ରାନ୍ତ ସକ୍ରିୟ ରହିଛନ୍ତି।

## ସଙ୍ଗରୋଧ ଗୃହରେ ଟଳି ପଡ଼ିଲେ ସୁରଟ ଫେରନ୍ତା

ପୋଲସରା,୮।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଢୁଙ୍କାପଡା ପଞ୍ଚାୟତସ୍ଥିତ ଢୁଙ୍କାପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବାସୀ ଓଡିଆଙ୍କ ପାଇଁ ସଙ୍ଗରୋଧ ଗୃହ କରାଯାଇଛି। ସୁରଟରୁ ୬୯ଜଣ ପ୍ରବାସୀ ଓଡ଼ିଆ ଆସି ବୁଧବାର ଠାରୁ ସେଠାରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ମଧୁପଲ୍ଲି ଗ୍ରାମର ପ୍ରଫୁଲ୍ଲ ବେହେରା (୩୯)। କରୋନା ଭୂତାଣୁ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ପ୍ରଫୁଲ୍ଲ ମଧ୍ୟାହ୍ନ ଭୋଜନ ଖାଉଥିବାବେଳେ ହଠାତ୍ ଟଳି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଡିଓ ଶମ୍ଭୁନାଥ ନନ୍ଦି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ପହଞ୍ଚି ☞ପୃଷ୍ଠା-୪

## ଜୁଲାଇ ୧ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ନୂଆଦିଲ୍ଲୀ,୮।୫(ପି.ଟି.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀର ବାକି ରହିଥିବା ପରୀକ୍ଷା ଜୁଲାଇ ୧ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଶୁକ୍ରବାର ଏହା ଘୋଷଣା କରିଛନ୍ତି। କୋଭିଡ୍-୧୯ ଜନିତ ଲକ୍‌ଡାଉନ୍ ଯୋଗୁ ଏହିସବୁ ପରୀକ୍ଷା ସ୍ଥଗିତ ରହିଥିଲା। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ୧୨ଟି ବିଷୟରେ ହେବାକୁ ଥିବାବେଳେ ଏଥିପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟସୂଚୀ ଘୋଷଣା କରାଯିବ। ସେହିପରି ଦଶମ ଶ୍ରେଣୀର ବଳକା ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇବ। ଏଥିସହିତ ପୂର୍ବରୁ ହୋଇସାରିଥିବା ପରୀକ୍ଷାର ଖାତାଦେଖା ଖୁବ୍‌ଶୀଘ୍ର ଆରମ୍ଭ ହେବା ଆଶା କରାଯାଉଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉତ୍ତରପୂର୍ବ ଦିଲ୍ଲୀ ଅଞ୍ଚଳରେ ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ସେଠାର ଛାତ୍ରୀଛାତ୍ର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇପାରି ନ ଥିଲେ।

**ଆଜିର ସମ୍ପାଦକୀୟ**

ଦାଗୀ ବାବୁଙ୍କୁ ଅଙ୍କୁଶ

# ପ୍ରବାସୀ ଶ୍ରମିକଙ୍କ ଉପରେ ମାଡ଼ିଗଲା ଟ୍ରେନ୍: ୧୬ ମୃତ



ଦୁର୍ଘଟଣାସ୍ଥଳରେ ପୋଲିସର ତଦନ୍ତ ।

- ଟ୍ରେନ୍‌ରେ ମଧ୍ୟପ୍ରଦେଶ ଫେରିଥାନ୍ତେ
- ୪୦ କି.ମି. ଚାଲିବା ପରେ କ୍ଳାନ୍ତ ହୋଇ ରେଲଲାଇନ୍‌ରେ ଶୋଇଯାଇଥିଲେ
- ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଘୋଷଣା
- ରେଲୱେ ନିରାପତ୍ତା କମିଶନରଙ୍କୁ ତଦନ୍ତ ଦାୟିତ୍ୱ

ଔରଙ୍ଗାବାଦ/ଭୋପାଳ, ୮।୫(ପି.ଟି.)

ମହାରାଷ୍ଟ୍ରର ଔରଙ୍ଗାବାଦ ନିକଟ ରେଳଲାଇନରେ ଶୋଇଥିବା ୨୦ ଜଣ ପ୍ରବାସୀ ଶ୍ରମିକଙ୍କ ଉପରେ ଏକ ମାଲ୍‌ବାହୀ ଟ୍ରେନ୍ ମାଡ଼ିଯିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଚିତ୍କାର ଶୁଣି ଅନ୍ୟ ୪ ଜଣ ଟ୍ରାକ୍ ବାହାରକୁ ଡେଇଁ ପଡ଼ିବାରୁ ବଞ୍ଚିଯାଇଥିଲେ ହେଁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ଭୋର ୫ଟା ୩୦ରେ କର୍ମଦ ଥାନା ଅନ୍ତର୍ଗତ ସତାନା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଶରୀର ରେଳଲାଇନଠାରୁ କିଛି ଦୂର ପର୍ଯ୍ୟନ୍ତ ଛିଟିକିପଡ଼ିବା ସହିତ ଟ୍ରାକ୍‌ରେ ରକ୍ତ ଜୁଡୁବୁଡୁ ରୁଟି, ଚିରା ଟଙ୍କା, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ଛିନ୍ନଛତ୍ର ହୋଇ ପଡିରହିଥିବାର ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। କରୋନା ସଂକ୍ରମଣ ରୋକିବା ☞ପୃଷ୍ଠା-୪

# ୨୮ ଦିନ ହେଲା କ୍ୱାରାଣ୍ଟାଇନ୍ ଅବଧି

ଭୁବନେଶ୍ୱର, ୮।୫(ବ୍ୟୁରୋ)

- ୨୧ ଦିନ ସରକାରୀ, ୭ ଦିନ ଏକାନ୍ତବାସରେ ରହିବେ ପ୍ରବାସୀ ଓଡ଼ିଆ
- ୧୦ ଦିନ ମିଳିବ କାମ, ଦୈନିକ ମଜୁରି ୧୫୦ ଟଙ୍କା
- ସୁରକ୍ଷା ପାଇଁ ଜାରି ହେବ ୧୪୪ ଧାରା
- ସିସିଟିଭି ରଖିବ ନଜର

ରାଜ୍ୟ ସରକାର କ୍ୱାରାଣ୍ଟାଇନ୍ ଅବଧିକୁ ୨୮ ଦିନ ବୃଦ୍ଧି କରିଛନ୍ତି। ଅନ୍ୟ ରାଜ୍ୟରୁ ଫେରୁଥିବା ବ୍ୟକ୍ତିମାନେ ୧୪ ଦିନ ବଦଳରେ ୨୮ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ସେଥିରୁ ସରକାରୀ କ୍ୱାରାଣ୍ଟାଇନ୍‌ରେ ୧୪ ଦିନ ବଦଳରେ ୨୧ ଦିନ ରହିବାକୁ ହେବ। ଏହି ଅବଧି ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଉ ୭ ଦିନ ନିଜ ଘରେ ଏକାନ୍ତବାସରେ ରହିବାକୁ ପଡ଼ିବ। ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ମଧ୍ୟ କରୋନା(କୋଭିଡ-୧୯) ଭୂତାଣୁ ଚିହ୍ନଟ ହୋଇ ପାରୁ ନାହିଁ। ସଂକ୍ରମିତ ଅବଧି ବଢୁଥିବାରୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ କୋଭିଡି-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ।

ଗଣମାଧ୍ୟମକୁ ସୂଚନା ଦେଇ ବାଗ୍‌ଚୀ କହିଛନ୍ତି ଯେ, ବାହାର ରାଜ୍ୟ ଫେରନ୍ତା ଏବଂ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। କ୍ୱାରାଣ୍ଟାଇନ୍ ସେଣ୍ଟରରେ କର୍ତ୍ତୃପକ୍ଷ ସାମାଜିକ ଦୂରତ୍ୱ , ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଏବଂ କୋଭିଡ-୧୯ର ସମସ୍ତ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ଭୂତାଣୁ ସଂକ୍ରମଣର ଡର ରହିଛି। ସେଥିପାଇଁ ସମସ୍ତ ସେଣ୍ଟରରେ ସିସିଟିଭି କ୍ୟାମେରା ଦ୍ୱାରା ତଦାରଖ କରାଯିବ। ୨୧ ଦିନ ମଧ୍ୟରେ ବାହାର ଲୋକ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଯାଇ ପାରିବେ ନାହିଁ କିମ୍ବା ଭିତର ଲୋକ ବାହାରକୁ ଆସି ପାରିବେ ନାହିଁ। ସେଥିପାଇଁ କ୍ୱାରାଣ୍ଟାଇନ୍ ସେଣ୍ଟର ଚାରିପାଖରେ ୧୪୪ ଧାରା ଲଗାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ସେଣ୍ଟରରେ ରହୁଥିବା ଅନ୍ତେବାସୀମାନେ ଏନଏସ୍‌ଏସ୍ ଏବଂ ଏନ୍‌ସିସି କ୍ୟାମ୍ପ ଭଳି ଉପଭୋଗ କରି ପାରିବେ । ସେମାନେ ସେଠାରେ ରହି ରୋଷେଇ କରିବା, ଖାଇବା, ପରିଷ୍କାର ପରିଚ୍ଛନ୍ନ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଟିଭି ଆଦି ଦେଖିପାରିବେ। ସରକାର ସେ ନେଇ ସମସ୍ତ ବ୍ୟବସ୍ଥା କରିବେ। ସେହି ଅଞ୍ଚଳର ସୁରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତାକୁ ଅଧିକ ଗୁରୁତ୍ୱ ଦିଆଯିବ। ହୋମ କ୍ୱାରାଣ୍ଟାଇନରେ ରହିଥିବା ବ୍ୟକ୍ତି ନିୟମ ପାଳନ କରୁଛନ୍ତି କି ନାହିଁ ତାହା ଗ୍ରାମପଞ୍ଚାୟ ନୋଡାଲ ଅଫିସର ସୁନିଶ୍ଚିତ କରିବେ। ଅସ୍ଥାୟୀ ଶିବିର ଭାରପ୍ରାପ୍ତ ଅଧିକାରୀ କ୍ୱାରାଣ୍ଟାଇନରେ ରହିଥିବା ବ୍ୟକ୍ତିମାନଙ୍କର ଉତ୍ତମ ଶାରିରୀକ ଯତ୍ନ ନିମନ୍ତେ ଯୋଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁସ୍ତକ ଅଧ୍ୟୟନ, ଚିତ୍ରାଙ୍କନ, ଓ ପେଣ୍ଟିଂ ପ୍ରତିଯୋଗିତ ଭଳି କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କୁ ସମ୍ପୃକ୍ତ କରିବାକୁ କୁହାଯାଇଛି।

କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଲୋକମାନଙ୍କୁ ୨୧ ଦିନ ଅବଧି ମଧ୍ୟରେ ୧୦ ଦିନର କାମ ଯୋଗାଇ ଦିଆଯିବ। କ୍ୱାରାଣ୍ଟାଇନ୍ ☞ପୃଷ୍ଠା-୪

# ରାଜ୍ୟକୁ ଫେରିପାରିବେ ପଜିଟିଭ ଶ୍ରମିକ

## ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମ୍‌କୋର୍ଟଙ୍କ ରହିତାଦେଶ

ନୂଆଦିଲ୍ଲୀ,୮।୫(ପି.ଟି.)

କରୋନା ଜନିତ ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ହଜାର ହଜାର ଓଡ଼ିଆ ଶ୍ରମିକ ଅଟକି ରହିଥିବାବେଳେ ସେମାନଙ୍କୁ ଫେରାଇ ଆଣିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ



ଆରମ୍ଭ ହୋଇଥିଲା। ବାହାର ରାଜ୍ୟରୁ ଫେରିଥିବା ଲୋକଙ୍କ ଯୋଗୁ ଓଡ଼ିଶାରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାରୁ ଶ୍ରମିକମାନଙ୍କୁ ଫେରାଇ ଆଣିବା ପୂର୍ବରୁ ସେମାନଙ୍କର କୋଭିଡ୍-୧୯ ପରୀକ୍ଷା କରିବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କେବଳ କରୋନା ନେଗେଟିଭ୍ ଥିବା ଶ୍ରମିକଙ୍କୁ ଫେରିବା ଲାଗି ଅନୁମତି ଦେବାକୁ ହାଇକୋର୍ଟ ଗୁରୁବାର ତାଙ୍କ ରାୟରେ କହିଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

ଓଡ଼ିଶା ହାଇକୋର୍ଟଙ୍କ ରାୟକୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଦେବା ସହ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ୍ ☞ପୃଷ୍ଠା-୪

# ଯୁଦ୍ଧଠୁ କମ୍ ନୁହେଁ ପ୍ରତିଦ୍ୱନ୍ଦ୍ୱିତା

## କିଏ ତିଆରି କରିବ କରୋନା ଭାକ୍‌ସିନ୍
## ଦୌଡ଼ ଆଗରେ ଆମେରିକା-ଚାଇନା

ନ୍ୟୁୟର୍କ,୮।୫

୧୯୬୧ରେ ସୋଭିଏଟ ସଂଘ ମହାକାଶକୁ ପ୍ରଥମଥର ପାଇଁ ମଣିଷ ପଠାଇବା ପରେ ଆମେରିକାର ଆତ୍ମବିଶ୍ୱାସ ଉପରେ ବିଦ୍ୟୁତ୍ ଆଘାତ ଭଳି ଝଟକା ଲାଗିଥିଲା। ଏବେ ଯଦି ଚାଇନା କୋଭିଡ୍-୧୯ ଭାକ୍‌ସିନ ସଫଳତାର ସହ ବିକଶିତ କରେ ତେବେ ଆମେରିକାର ସମ୍ମାନକୁ ଅନୁରୂପ ଧକ୍କା ଲାଗିବ। ଏଥିଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରୋନା ଭାଇରସ୍‌ରୁ ମୁକ୍ତି ଲାଗି ଟିକା ବାହାର କରିବା ନେଇ ଚାଲିଥିବା ଗବେଷଣାକୁ ପ୍ରୋତ୍ସାହନ ଦେଉଛନ୍ତି। ଏ ସମ୍ପର୍କିତ ଉଦ୍ୟମ 'ଅପରେଶନ ୱାର୍ପ ସ୍ପିଡ୍' ସମସ୍ତ ଫାର୍ମାସ୍ୟୁଟିକାଲ୍ କମ୍ପାନୀ, ସରକାରୀ ସଂସ୍ଥା ଓ ସେନାକୁ ଏକାଠି କରିଛି। ସେହିପରି ଚାଇନା ମଧ୍ୟ କୋଭିଡ୍ ଟିକା ପ୍ରସ୍ତୁତିରେ ଲାଗି ପଡ଼ିଛି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟଠୁ ନେଇ ୫-ଜି ନେଟ୍‌ୱର୍କର କାର୍ଯ୍ୟକାରିତା ପର୍ଯ୍ୟନ୍ତ ସବୁକିଛିକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଜୋର୍ ଧରିଥିବାବେଳେ କରୋନା ଭାକ୍‌ସିନ ଉଦ୍ଭାବନ କ୍ଷେତ୍ରରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ।

କରୋନା ଭାଇରସ୍ ବିରୋଧରେ ଭାକ୍‌ସିନ ବାହାର କରିବା ନେଇ ବାଜି ଅଧିକ ଦିନ ରହି ନ ପାରେ। ଅଳ୍ପ କିଛିମାସ ମଧ୍ୟରେ ଏହି ରୋଗ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିବାବେଳେ ବିଶ୍ୱବ୍ୟାପୀ ଅର୍ଥନୀତିକୁ ଉଜାଡ଼ି ଦେଇଛି। ଅନେକ ନେତା ବୈଶ୍ୱିକ ସହଯୋଗିତା ନେଇ କହୁଥିବାବେଳେ ଏହା ଉପରେ ଜାତୀୟ ସ୍ୱାର୍ଥର ଆଧିପତ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ



ପ୍ରମାଣିତ ହେବ। ଯେଉଁ ସରକାର ଆର୍ଥିକ ଲାଭକୁ ନ ଦେଖି ଯାନ୍ତ୍ରିକ ବିଜ୍ଞାନର ପରାକ୍ରମକୁ ସ୍ୱୀକୃତି ଓ ଅନ୍ତର୍ଜାତୀୟ ପ୍ରଭାବ ପାଇଁ ନିଜ ଦେଶର କର୍ମଚାରୀଙ୍କ ସଂଖ୍ୟାରେ ହ୍ରାସ କରିପାରିବେ ଏହି କ୍ଷେତ୍ରରେ ଆଗରେ ରହିବେ। ଯଦି ସେହି ସରକାର ବେଜିଂରେ ରହିଥାଏ ତେବେ ଏହାର ପ୍ରଭାବ ପ୍ରାୟ ୬୦ ବର୍ଷ ପୂର୍ବେ ୟୁରି ଗାଗାରିନ୍‌ଙ୍କ ମହାକାଶ ଯାତ୍ରା ଭଳି ହେବ। ବର୍ତ୍ତମାନ ଆମେରିକା ଓ ଚାଇନା ମଧ୍ୟରେ ଲାଗିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ସବୁକିଛିକୁ ଅନ୍ତର୍ଜାତୀୟ ରାଜନୀତି ବିକୃତ କରିଦେଇଛି ବୋଲି ନ୍ୟୁୟର୍କସ୍ଥିତ କାଉନ୍‌ସିଲ ଅନ୍ ଫରେନ୍ ରିଲେଶନ୍ସରେ ସାଇବର ସିକ୍ୟୁରିଟି ଓ ବିଶ୍ୱ ସ୍ୱାସ୍ଥ୍ୟ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟରତ ଡାଭିଡ୍ ଫିଡ୍‌ଲର କହିଛନ୍ତି। ତାଙ୍କ ମତରେ ବେଜିଂ ପ୍ରଥମେ କରୋନା ଭାକ୍‌ସିନ ପ୍ରସ୍ତୁତ କଲେ ଚାଇନା ଏହାକୁ ଭୂରାଜନୈତିକ ଆଧାରରେ ଅସ୍ତ୍ର ଭାବେ ବ୍ୟବହାର କରିବ ବୋଲି ଆମେରିକାର ଚିନ୍ତା ବଢ଼ିଯାଇଛି।

ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଭାକ୍‌ସିନ ପ୍ରସ୍ତୁତି ପାଇଁ ପ୍ରତିଦ୍ୱନ୍ଦ୍ୱିତା ଯେପରି ବଢ଼ିବାରେ ଲାଗିଛି ☞ପୃଷ୍ଠା-୪

**କରୋନା ଆରୋଗ୍ୟ ହାର ୨୯.୩୬ %**

ଦେଶରେ କରୋନା ଆରୋଗ୍ୟ ହାର ୨୯.୩୬ ପ୍ରତିଶତ ରହିଛି। ବର୍ତ୍ତମାନ ସୁଦ୍ଧା ମୋଟ ୧୬,୫୪୦ କରୋନା ରୋଗୀ ସୁସ୍ଥ ହେଲେଣି। ଦେଶର ୨୧୬ ଜିଲାରେ ଏପର୍ଯ୍ୟନ୍ତ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ୨୮ ଦିନ ମଧ୍ୟରେ ୪୨ଟି ଜିଲାରେ କୌଣସି ସଂକ୍ରମିତ ପଞ୍ଜୀକୃତ ହୋଇ ନ ଥିବାବେଳେ ୨୯ ଜିଲାରେ ୨୧ ଦିନ ମଧ୍ୟରେ ନୂଆ ମାମଲା ଆସିନାହିଁ।

# ଛଟେଇ ଆଣିବ ଅର୍ଥନୀତିରେ ସୁନାମି

## ଅନ୍, ଅଫ୍ ସୁଇଚ୍ ନୁହେଁ ଲକ୍‌ଡାଉନ୍: ରାହୁଲ



ନୂଆଦିଲ୍ଲୀ,୮।୫

କରୋନା ଭାଇରସ୍ ବିରୋଧରେ ଲଢ଼େଇ ପାଇଁ ଦେଶବ୍ୟାପୀ ଜାରି କରାଯାଇଥିବା ଲକ୍‌ଡାଉନ୍ ଅନ୍ ଅଫ୍ ସୁଇଚ୍ ଭଳି ନୁହେଁ। କେନ୍ଦ୍ର ସରକାର ଲକ୍‌ଡାଉନ୍ ଅବଧି ଶେଷ କରିବାକୁ ଚାହୁଁଥିଲେ ଦେଶବାସୀଙ୍କଠାରେ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆଣିବା ଦରକାର ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଏହି ଅବସରରେ ସେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଥିବା ଗରିବଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ବର୍ତ୍ତମାନ ଯେପରି ଭାବେ ଛଟେଇ ଚାଲିଛି ତାହା ଆଗକୁ ଅର୍ଥନୀତିରେ ସୁନାମି ଆଣିବ ବୋଲି ସରକାରଙ୍କୁ ଚେତାଇଦେଇଛନ୍ତି ରାହୁଲ।

ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଲକ୍‌ଡାଉନ୍ କେବଳ ଏକ ବଟମ୍ ଦବାଇ ଅନ୍ ବା ଅଫ୍ କରିବା ଭଳି ନୁହେଁ। ଏଥିରେ ଅନେକ କିଛି କରିବାକୁ ପଡ଼ିଥାଏ। ମହାମାରୀ କରୋନା ବୟସ୍କ ଲୋକ, ଡାଇବେଟିସ୍, ହାର୍ଟ ଓ ଫୁସ୍‌ଫୁସ୍ ରୋଗୀଙ୍କ ପାଇଁ ଅଧିକ ବିପଜ୍ଜନକ। ଏଥିଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସରକାର ଲକ୍‌ଡାଉନ୍ ହଟାଇବାକୁ ଚାହୁଁଥିଲେ ସେମାନଙ୍କଠାରେ ବିଶ୍ୱାସ ଜନ୍ମାଇବା ପାଇଁ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆଣିବା ଦରକାର। ସେହିପରି ଦେଶକୁ ବଞ୍ଚାଇବା ଲାଗି ଅର୍ଥନୀତିକୁ ସଜାଡ଼ିବାକୁ ପଡ଼ିବ। ଘରୋଇ ଅର୍ଥନୀତିକୁ ତୁରନ୍ତ ଆରମ୍ଭ କରିବା ଜରୁରୀ। ଯେତିକି ସମୟ ଗଡ଼ିଚାଲିବ ଅର୍ଥନୀତି ସେତିକି ପ୍ରଭାବିତ ହେବ। ନିଯୁକ୍ତିଦାତାମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦେବା ସହ ଚାକିରି ଓ ମଜୁରିର ସୁରକ୍ଷା ଲାଗି ଆର୍ଥିକ ସହାୟତା ଜରୁରୀ। କାରଣ ନିଯୁକ୍ତି କ୍ଷୟ ହେଲେ ସୁନାମି ଆସିବ। କମ୍ପାନୀ ଓ ଶ୍ରମିକମାନଙ୍କୁ ଆସନ୍ତା କାଲି ନୁହେଁ, ଆଜି ହିଁ ଟଙ୍କା ଦରକାର ବୋଲି ରାହୁଲ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ତାଙ୍କୁ ସମାଲୋଚନା କରାଯାଇଛି। ଅର୍ଥନୀତି ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ନ ଥାଇ ରାହୁଲ ଏପରି କଥା କହୁଛନ୍ତି। ଚିରସବୁଜ ଯୁବନେତା ୫୦ ବର୍ଷରେ ପାଦ ଦେବାକୁ ବସିଲେଣି ବୋଲି ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ସମାଲୋଚନା କରିଛନ୍ତି।



ଅହମଦାବାଦର ରେଲୱେ ଷ୍ଟେଶନରେ ପହଞ୍ଚି ଗାଁକୁ ଫେରିବା ପାଇଁ ବସ୍ ଅପେକ୍ଷାରେ ଉତ୍ତରପ୍ରଦେଶ ଓ ବିହାରର ଦାଦନ ଶ୍ରମିକ।

# ପଲିମର୍ କମ୍ପାନୀକୁ ୫୦ କୋଟି ଜରିମାନା

## ଗ୍ୟାସ୍ ଲିକ୍ ଘଟଣା



ନୂଆଦିଲ୍ଲୀ,୮।୫(ପି.ଟି.): ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଥିବା ଏଲ୍‌ଜି ପଲିମର୍ସ କମ୍ପାନୀରେ ବୁଧବାର ରାତିରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୧୨ ଜଣଙ୍କ ଜୀବନ ଯିବା ଘଟଣାରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉକ୍ତ କମ୍ପାନୀ ଉପରେ ୫୦ କୋଟି ଟଙ୍କାର ଅନ୍ତରୀଣ ଜରିମାନା ଧାର୍ଯ୍ୟ କରିଛନ୍ତି। ଉକ୍ତ କମ୍ପାନୀ ନିରାପତ୍ତା ନିୟମ ଓ ଅନ୍ୟାନ୍ୟ ବୈଧାନିକ ବ୍ୟବସ୍ଥା ପାଳନ କରିବାରେ ବିଫଳ ହୋଇଥିବା ଜଣାପଡୁଛି ବୋଲି ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ଆଦର୍ଶ କୁମାର ଗୋଏଲଙ୍କ ଖଣ୍ଡପୀଠ କହିଛନ୍ତି। ଗ୍ୟାସ୍ ଲିକ୍ ଘଟଣାର ତଦନ୍ତ ଲାଗି ସେ ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ୧୮ ତାରିଖ ପୂର୍ବରୁ କମିଟି ତଦନ୍ତ ଶେଷ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ରାସାୟନିକ କାରଖାନାରେ ବୁଧବାର ବିଳମ୍ବିତ ରାତିରେ ଗ୍ୟାସ୍ ଲିକ୍ ଯୋଗୁ ୧୧ ଜଣଙ୍କ ମୃତ୍ୟୁ ହେବା ସହ ୧୦୦୦ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସିତ ହେଉଥିବା ଲୋକଙ୍କ ମଧ୍ୟରୁ ଶୁକ୍ରବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଏନ୍‌ଜିଟି ପକ୍ଷରୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଏଲ୍‌ଜି ପଲିମର୍ସ ଇଣ୍ଡିଆ, ଆନ୍ଧ୍ରପ୍ରଦେଶ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବିଶାଖାପାଟଣା ଜିଲାପାଳଙ୍କୁ ନୋଟିସ ପଠାଯାଇ ୧୮ ତାରିଖ ପୂର୍ବରୁ ଜବାବ ରଖିବାକୁ କୁହାଯାଇଛି।



ଲେବାନନ୍‌ର ବେରୁଟ୍‌ସ୍ଥିତ ମହମ୍ମଦ ଅଲ୍-ଆମିନ ମସ୍‌ଜିଦରେ ଶୁକ୍ରବାର ସମୂହ ନମାଜ ପାଠ ବେଳେ ଶ୍ରଦ୍ଧାଳୁମାନେ ମାସ୍କ ପିନ୍ଧି ସାମାଜିକ ଦୂରତ୍ୱ ଅବଲମ୍ବନ କରିଛନ୍ତି।

# ପ୍ଲାଜ୍‌ମା ଥେରାପି ଲାଗି ଆଇସିଏମ୍‌ଆର୍‌କୁ ସ୍ୱୀକୃତି



ନୂଆଦିଲ୍ଲୀ, ୮।୫: ପ୍ରାଣଘାତୀ କରୋନା ଲୋକଙ୍କ ଜୀବନ ନେବାରେ ଲାଗିଛି। ଏଭଳି ସ୍ଥିତିରେ କରୋନା ରୋଗୀଙ୍କୁ ପ୍ଲାଜ୍‌ମା ଥେରାପି ଲାଗି ଆଇସିଏମ୍‌ଆର୍‌କୁ ସ୍ୱୀକୃତି ମିଳିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ନ୍ୟାଶନାଲ ଏଥିକ୍ସ କମିଟି ପକ୍ଷରୁ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଏହାକୁ ପରୀକ୍ଷାମୂଳକ ଭାବେ ଗ୍ରହଣ କରିବାକୁ ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ ଖବରଦାତା ସମ୍ମିଳନୀରେ ଏନେଇ ପ୍ରକାଶ କହିଛନ୍ତି। ଆଇସିଏମ୍‌ଆର୍ ପକ୍ଷରୁ ୨୧ ହସ୍ପିଟାଲରେ ରୋଗୀଙ୍କୁ ପ୍ଲାଜ୍‌ମା ଥେରାପି ମାଧ୍ୟମରେ ପରୀକ୍ଷାମୂଳକ ଚିକିତ୍ସା କରାଯିବ। ମହାରାଷ୍ଟ୍ରର ୫, ଗୁଜରାଟର ୪, ରାଜସ୍ଥାନ, ତାମିଲନାଡୁ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶର ଦୁଇଟି ଲେଖାଏ ହସ୍ପିଟାଲ, ପଞ୍ଜାବ, କର୍ଣ୍ଣାଟକ, ତେଲଙ୍ଗାନା ଓ ଚଣ୍ଡିଗଡ଼ର ଗୋଟିଏ ଲେଖାଏ ହସ୍ପିଟାଲରେ ଏହି ପରୀକ୍ଷା କରାଯିବ। ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ରୋଗ ପ୍ରତିରୋଧକ ରକ୍ତରେ ଭୂତାଣୁ ଆକ୍ରାନ୍ତଙ୍କ ଚିକିତ୍ସା କରାଯିବ। ଏବେ ସୁଦ୍ଧା ମୋଟ ୧୭,୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସୁସ୍ଥ ହୋଇସାରିଥିବା ବେଳେ ପ୍ଲାଜ୍‌ମା ଥେରାପିକୁ ପରୀକ୍ଷାମୂଳକ ଭାବେ ଗ୍ରହଣ କରାଯିବ ବୋଲି ଦର୍ଶାଯାଇଛି।

# 'ଭାଇରସ୍ ସହ ରହିବା ଶିଖିବାକୁ ପଡ଼ିବ'

ନୂଆଦିଲ୍ଲୀ,୮।୫(ଆଇଏଏନ୍‌ଏସ୍): ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୫୬,୩୪୨ ଛୁଇଁବା ପରେ ଆମକୁ କରୋନା ଭାଇରସ୍ ସହ ରହିବା ଶିଖିବାକୁ ପଡ଼ିବ ଏବଂ ଏହା ଏକ ସହଜ ଯୁଦ୍ଧ ନୁହେଁ ବୋଲି ଶୁକ୍ରବାର କେନ୍ଦ୍ର ସରକାର ମାନିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଲବ ଅଗ୍ରୱାଲ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, କରୋନା ବିରୋଧରେ ଚାଲିଥିବା ଲଢ଼େଇ ଏକ କଠିନ ଯୁଦ୍ଧ। ଏଥିରେ ବିଜୟୀ ହେବାକୁ ହେଲେ ସମସ୍ତଙ୍କ ସହଯୋଗ ଜରୁରୀ। ତେବେ ଆମକୁ ଏହି ଘାତକ ଭୂତାଣୁ ସହ ରହିବା ପାଇଁ ଶିଖିବାକୁ ପଡ଼ିବ। ଏହାସହ ସାମାଜିକ ଦୂରତ୍ୱ ଅଭ୍ୟାସକୁ କାର୍ଯ୍ୟକାରୀ କରିବାରେ କେତେକ ବ୍ୟବହାରିକ ପରିବର୍ତ୍ତନ ମଧ୍ୟ ଦରକାର। ବିଗତ ୨୪ ଘଣ୍ଟା ମଧ୍ୟରେ ୩,୯୯୦ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ କରୋନା ୧୦୩ ଜଣଙ୍କ ଜୀବନ ନେଇଛି। ଏହି ପରିପ୍ରେକ୍ଷୀରେ ସେ ଉପରୋକ୍ତ ପରାମର୍ଶ ଦେଇଛନ୍ତି।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୧୯,୦୬୩ | ୧୪,୮୬୨ | ୩,୪୭୦ | ୭୩୧ |
| ତାମିଲନାଡୁ | ୬,୦୦୯ | ୪,୩୬୪ | ୧,୬୦୫ | ୪୦ |
| ଦିଲ୍ଲୀ | ୫,୯୮୦ | ୩,୯୮୩ | ୧,୯୩୧ | ୬୬ |
| ତେଲଙ୍ଗାନା | ୧,୧୩୨ | ୩୭୬ | ୭୨୭ | ୨୯ |
| କେରଳ | ୫୦୪ | ୧୬ | ୪୮୪ | ୪ |
| ଉତ୍ତରପ୍ରଦେଶ | ୩,୨୧୪ | ୧,୮୯୮ | ୧୨୫୦ | ୬୬ |
| ଆନ୍ଧ୍ରପ୍ରଦେଶ | ୧,୮୮୭ | ୧,୦୦୪ | ୮୪୨ | ୪୧ |
| ରାଜସ୍ଥାନ | ୩,୪୯୧ | ୧,୪୭୫ | ୧,୯୧୬ | ୧୦୦ |
| ମଧ୍ୟପ୍ରଦେଶ | ୩,୩୪୧ | ୧,୭୯୨ | ୧,୩୪୯ | ୨୦୦ |
| କର୍ଣ୍ଣାଟକ | ୭୫୩ | ୩୪୬ | ୩୭୬ | ୩୦ |
| ଗୁଜରାଟ | ୭,୪୦୩ | ୫,୦୮୨ | ୧,୮୭୨ | ୪୪୯ |
| ହରିୟାଣା | ୬୪୭ | ୩୬୦ | ୨୭୯ | ୮ |
| ଜମ୍ମୁ-କଶ୍ମୀର | ୮୨୩ | ୪୫୦ | ୩୬୪ | ୯ |
| ପଶ୍ଚିମବଙ୍ଗ | ୧,୬୭୮ | ୧,୧୯୫ | ୩୨୩ | ୧୬୦ |
| ପଞ୍ଜାବ | ୧,୭୩୧ | ୧,୫୫୦ | ୧୫୨ | ୨୯ |
| ଓଡ଼ିଶା | ୨୭୦ | ୨୦୫ | ୬୩ | ୨ |
| ବିହାର | ୫୭୪ | ୩୦୨ | ୨୬୭ | ୫ |
| ଉତ୍ତରାଖଣ୍ଡ | ୬୩ | ୧୭ | ୪୫ | ୧ |
| ଆସାମ | ୫୭ | ୨୦ | ୩୫ | ୨ |
| ଚଣ୍ଡିଗଡ଼ | ୧୪୬ | ୧୨୪ | ୨୧ | ୧ |
| ଲଦାଖ | ୪୨ | ୨୫ | ୧୭ | - |
| ହିମାଚଳ ପ୍ରଦେଶ | ୫୦ | ୧୦ | ୩୪ | ୩ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୫୯ | ୨୩ | ୩୬ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୯ | ୩ | ୬ | - |
| ଝାଡ଼ଖଣ୍ଡ | ୧୩୨ | ୮୮ | ୪୧ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୨୯ | ୨୭ | ୨ | - |
| ମୋଟ | ୫୯,୭୦୩ | ୩୯,୬୫୮ | ୧୭,୫୬୧ | ୧,୯୮୦ |

https://www.covid19india.org ତଥ୍ୟ ଅନୁଯାୟୀ(ଶୁକ୍ରବାର ରାତି ୧୦ଟା ସୁଦ୍ଧା)

# ମୃତଦେହ ପାଖରେ କରୋନା ରୋଗୀ



ମୁମ୍ବାଇ, ୮।୫: ପ୍ରାଣଘାତୀ କରୋନା ଲୋକଙ୍କ ନିଦ ହଜାଇ ଦେଇଛି। କରୋନା ନାଁ ଶୁଣୁ ଶୁଣୁ ଲୋକମାନେ ଆତଙ୍କିତ ହୋଇପଡୁଛନ୍ତି। ଭୂତାଣୁରୁ ବ୍ୟାପୁଥିବା ଏହି ରୋଗ ପ୍ରତି ଲୋକେ ସଚେତନ ହେବା ପରେ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ହେଲେ ମୁମ୍ବାଇର ସିଓନ୍ ହସ୍ପିଟାଲରେ ଏକ ମୃତଦେହ ପାଖରେ ଜଣେ କରୋନା ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଏମ୍‌ସିର କାର୍ଯ୍ୟଧାରା ଓ ହସ୍ପିଟାଲର ଦାୟିତ୍ୱହୀନତା ନେଇ ପ୍ରଶ୍ନ ଉଠିଛି।

କରେନାରେ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ମୃତଦେହରେ ଜରି ଘୋଡ଼ାଯାଇ ବନ୍ଧାଯାଇଥିବା ବେଳେ ନିକଟରେ ଜଣେ ଭୂତାଣୁ ଆକ୍ରାନ୍ତ ଶୋଇ ଚିକିତ୍ସିତ ହେଉଥିବା ଭିଡିଓରେ ଦେଖାଯାଇଛି। ଭୂତାଣୁ କାୟାବିସ୍ତାର କରିବାର ସବୁ ରାସ୍ତା ଏଠାରେ ଖୋଲିଦିଆଯାଇଥିବା ବେଳେ ଏଭଳି ଲଜ୍ଜାକର ଘଟଣାକୁ ଭାଜପା ନେତା ନୀତେଶ୍ ରାଣେ ସମାଲୋଚନା କରିଛନ୍ତି। ହସ୍ପିଟାଲ ପକ୍ଷରୁ ଦୋଷ ଘୋଡ଼ାଇବା ଲାଗି ବିଭିନ୍ନ ବିବୃତି ଦିଆଯାଇଛି।

# ଟ୍ରେନ୍ ବାତିଲ ପରେ ଦାଦନଙ୍କ ଭିଡ଼

- ଅନିଶ୍ଚିତତାରେ ଓଡ଼ିଶା ଶ୍ରମିକ
- ବିଭିନ୍ନ ସ୍ଥାନରେ ବିକ୍ଷୋଭ
- ସଂକ୍ରମଣ ବଢ଼ିବା ଆଶଙ୍କା



ସୁରଟ୍, ୮।୫: ଟ୍ରେନ୍ ବାତିଲ ପରେ ସୁରଟ୍ ସହରରେ ଦାଦନ ଶ୍ରମିକଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ସେଠାରେ ଥିବା କମ୍ପାନୀଗୁଡ଼ିକ ଲକ୍‌ଡାଉନ ଯୋଗୁ ବନ୍ଦ ହୋଇଯିବା ଫଳରେ ଭୋକ ଉପାସରେ ରହୁଥିବା ପୂର୍ବାଞ୍ଚଳ ରାଜ୍ୟର ଶ୍ରମିକମାନେ ଘରକୁ ଫେରିବାର ଆଶା ରଖିଥିଲେ। ହେଲେ ଓଡ଼ିଶା ସରକାରଙ୍କ ପକ୍ଷରୁ ୩ ଟ୍ରେନ ବାତିଲ କରାଯିବା ପରେ ଏବେ ରାଜରାସ୍ତାରେ ଏମାନେ ଘୂରିବୁଲୁଛନ୍ତି। ଫଳରେ କରୋନା ଭୂତାଣୁ ଅଧିକ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ଶୁକ୍ରବାର ସେମାନେ ଏହି ଟ୍ରେନରେ ଘରକୁ ଫେରିବାର ଥିଲା। ଟ୍ରେନ ବାତିଲ ପରେ ଭୋକର ଦାଉ ସହ ଘରକୁ ଫେରିବାର ବ୍ୟଗ୍ରତା ଏବେ ସେମାନଙ୍କୁ ଅଥୟ କରିଛି। କେତେକ ସ୍ଥାନରେ ଏହି ଶ୍ରମିକମାନେ ବିକ୍ଷୋଭ କରି ପୋଲିସ ସହ ହାତାହାତି ହୋଇଛନ୍ତି। ସେମାନଙ୍କ ଫେରିବା ଲାଗି କିଛି ବ୍ୟବସ୍ଥା ଗୁଜରାଟ ସରକାର କରିବା ଲାଗି ସେମାନେ ନେହୁରା ହେଉଛନ୍ତି। ପୋଲିସ ସେମାନଙ୍କୁ ବୁଝାଶୁଝା କରୁଥିଲେ ହେଁ ପରିସ୍ଥିତି ଅସମ୍ଭାଳ ରହିଛି। ବର୍ତ୍ତମାନ ସୁଦ୍ଧା ୧୮ ଶ୍ରମିକ ସ୍ପେଶାଲ ଟ୍ରେନ ସୁରଟରୁ କେତେକ ଶ୍ରମିକଙ୍କୁ ଧରି ଫେରିଛି। ଏହା ସହ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସରକାର ୩ ଟ୍ରେନ ବାତିଲ କରିଛନ୍ତି। ଏହି ଟ୍ରେନ୍‌ଗୁଡ଼ିକ ମେ ୮ରେ ଶ୍ରମିକଙ୍କୁ ନେଇ ଫେରିବାର ଥିଲା ବୋଲି ସୁରଟ ଜିଲାପାଳ ଧବଲ ପଟେଲ ପ୍ରକାଶ କରିଛନ୍ତି। କେବଳ କରୋନା ନେଗେଟିଭ ଥିବା ଲୋକଙ୍କୁ ଫେରିବା ଲାଗି ନିର୍ଦ୍ଦେଶ ରହିଛି। ଏବେ ଶ୍ରମିକମାନେ ଧୈର୍ଯ୍ୟଧରି ସମୟକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ରେଲୱେ ଅଧିକାରୀଙ୍କୁ ଶ୍ରମିକମାନେ ଯିବା ଲାଗି ହୋଇଥିବା ଟିକେଟ ଅର୍ଥ ଫେରସ୍ତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ମୁମ୍ବାଇ ଯାଇପାରେ କେନ୍ଦ୍ରୀୟ ବାହିନୀ

ମୁମ୍ବାଇ,୮।୫(ପି.ଟି.): ମୁମ୍ବାଇରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାବେଳେ ସୈନ୍ୟବାହିନୀକୁ ଡକାଯାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହାକୁ ଖଣ୍ଡନ କରିଛନ୍ତି। ମୁମ୍ବାଇକୁ ସେନା ହାତରେ ଟେକି ଦେବାର ପ୍ରଶ୍ନ ଉଠୁନାହିଁ। ପୋଲିସ ଦିନରାତି କାମ କରି କ୍ଳାନ୍ତ ହୋଇପଡିଲେଣି। ସେମାନଙ୍କୁ ବିଶ୍ରାମ ଦେବା ପାଇଁ ଆବଶ୍ୟକ ହେଲେ କେନ୍ଦ୍ରୀୟ ବାହିନୀକୁ ଅତିରିକ୍ତ ଭାବେ ନିୟୋଜିତ କରାଯାଇପାରେ ବୋଲି ସେ କହିଛନ୍ତି। ରାଜ୍ୟବାସୀ ଗୁଜବରେ ବିଶ୍ୱାସ ନ କରିବାକୁ ଉଦ୍ଧବ ଆହ୍ୱାନ ଦେଇଛନ୍ତି। ସଂକ୍ରମଣକୁ କାବୁ କରିବାରେ ରାଜ୍ୟ ବିଫଳ ହୋଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ମେ' ୧୭ ପରେ ଲକ୍‌ଡାଉନ ଅବଧି ବଢ଼ିପାରେ ବୋଲି ସେ ସୂଚନା ଦେଇଛନ୍ତି।

# ଅଗଷ୍ଟ ୩୧ ପୂର୍ବରୁ ବିଚାର ଶେଷ ନିର୍ଦ୍ଦେଶ

## ବାବ୍ରୀ ମସ୍‌ଜିଦ ମାମଲା



ନୂଆଦିଲ୍ଲୀ,୮।୫(ପି.ଟି.)

ବାବ୍ରୀ ମସ୍‌ଜିଦ ଭଙ୍ଗା ମାମଲାରେ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ, ଉମା ଭାରତୀ ଓ ଅନ୍ୟମାନଙ୍କ ବିରୋଧରେ ବିଚାର ଅଗଷ୍ଟ ୩୧ ସୁଦ୍ଧା ଶେଷ କରି ରାୟ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୯ ମାସ ମଧ୍ୟରେ ଅର୍ଥାତ୍ ଏପ୍ରିଲ ଶେଷ ସୁଦ୍ଧା ରାୟ ପ୍ରଦାନ ଲାଗି ଗତବର୍ଷ ଜୁଲାଇରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କରୋନା ସଂକ୍ରମଣ ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ ରହିଥିବାରୁ ଏହି ସମୟସୀମା ବୃଦ୍ଧି ଲାଗି ସିବିଆଇ ବିଚାରପତି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅଗଷ୍ଟ ୩୧ ପରେ ସମୟସୀମା ଆଉ ବଢ଼ାଯାଇପାରିବ ନାହିଁ। ତେଣୁ ଭିଡିଓ କନ୍‌ଫରେନ୍ସ ସୁବିଧାର ଉପଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ ସିବିଆଇ କୋର୍ଟକୁ କହିଛନ୍ତି।

ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଭାଜପା ଏମ୍‌ପି ବିନୟ କଟିଆର ଓ ସାଧ୍ୱୀ ଋତମ୍ଭରା। ଅନ୍ୟ ୩ ପ୍ରମୁଖ ଅଭିଯୁକ୍ତ ଗିରିରାଜ କିଶୋର, ବିଶ୍ୱହିନ୍ଦୁ ପରିଷଦ ନେତା ଅଶୋକ ସିଂଘଲ ଏବଂ ବିଷ୍ଣୁହରି ଡାଲମିଆଙ୍କର ପରଲୋକ ହୋଇଗଲାଣି। ଅଭିଯୁକ୍ତମାନଙ୍କ ବିରୋଧରେ ୨୦୧୭ ଏପ୍ରିଲ ୧୯ରେ ଚାର୍ଜଫ୍ରେମ୍ ହୋଇଥିଲା ଏବଂ ଦୁଇବର୍ଷ ମଧ୍ୟରେ ବିଚାର ଶେଷ କରିବାକୁ ସର୍ବୋଚ୍ଚ ଅଦାଲତ ସମୟସୀମା ଧାର୍ଯ୍ୟ କରିଥିଲେ।

# ମଦ ହୋମ୍ ଡେଲିଭରି ପାଇଁ ବିଚାର କର

## ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୮।୫(ପି.ଟି.)

ଲକ୍‌ଡାଉନ୍ ଯୋଗୁ ମଦ ବିକ୍ରି ବନ୍ଦ ଥିବାବେଳେ ଗତ ୪ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ସସର୍ତ୍ତ ଅନୁମତି ମିଳିଥିଲା। ଫଳରେ ୪୦ ଦିନ ଧରି ବିକ୍ରି ବନ୍ଦ ଥିବାରୁ ମଦ ଦୋକାନଗୁଡ଼ିକ ଆଗରେ ନାହିଁ ନ ଥିବା ଭିଡ଼ ଦେଖାଦେଇଛି। ସାମାଜିକ ଦୂରତ୍ୱ କଥାକୁ ଗ୍ରାହକମାନେ ଭୁଲିଯାଇଥିବାରୁ ସଂକ୍ରମଣ ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଅନ୍‌ଲାଇନ୍‌ରେ ମଦ ବିକ୍ରି ତଥା ହୋମ୍ ଡେଲିଭରି ପାଇଁ ରାଜ୍ୟ ସରକାରମାନେ ବିଚାର କରନ୍ତୁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି।

ଗ୍ରାହକଙ୍କୁ ସିଧାସଳଖ ମଦ ବିକ୍ରି ଯୋଗୁ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ହେଉଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମେ' ୧ ତାରିଖ ଗାଇଡ୍‌ଲାଇନ୍‌କୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଜଷ୍ଟିସ୍ ଅଶୋକ ଭୂଷଣ, ସଞ୍ଜୟ କିଷନ କୌଲ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପିଟିଶନର ଶୁଣାଣି କରିଥିଲେ। ଆବେଦନକାରୀ ଗୁରୁସ୍ୱାମୀ ନଟରାଜଙ୍କ ପକ୍ଷରୁ ଆଇନଜୀବୀ ସାଇ ଦୀପକ ଖଣ୍ଡପୀଠଙ୍କୁ କହିଥିଲେ, ଲକ୍‌ଡାଉନ ସମୟରେ ଦୋକାନରେ ମଦ ବିକ୍ରି କରା ନ ଯାଇ ଏହାର ହୋମ୍ ଡେଲିଭରି କିମ୍ବା ଅନ୍‌ଲାଇନ୍ ବିକ୍ରି ଲାଗି ରାଜ୍ୟ ସରକାରମାନେ ଅନୁମତି ଦେବାକୁ ନିର୍ଦ୍ଦେଶ ଦିଆଯାଉ। ସେ କହିଥିଲେ ଦେଶରେ ୭୦ ହଜାର ମଦ ଦୋକାନ ରହିଛି। ଗତ ୪ ଦିନରେ ୫ କୋଟିରୁ ଅଧିକ ଲୋକ ମଦ କିଣିଲେଣି। ତେବେ ମଦ ଦୋକାନ ଆଗରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଉ ନ ଥିବାରୁ କୋଭିଡ୍-୧୯ ସଂକ୍ରମଣ ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଏଭଳି ମଦ ବିକ୍ରି ହେଲେ ଦୀର୍ଘଦିନର ଲକ୍‌ଡାଉନ ଯୋଗୁ ଯେଉଁ ସୁଫଳ ମିଳିଥିଲା, ତାହା ବେକାର ହୋଇଯିବ ବୋଲି ଦୀପକ କହିଥିଲେ।

## ସଂକ୍ଷେପରେ

### ଗଞ୍ଜାମ: କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ୧୪୪ ଧାରା

ଛତ୍ରପୁର,୮।୫(ଡି.ଏନ୍.ଏ.): ସୁରଟ ଫେରନ୍ତାଙ୍କ ପାଇଁ ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ରାତି ସୁଦ୍ଧା ଜିଲାରେ ୭୧ ଜଣ ପଜିଟିଭ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ କେବଳ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ପ୍ରବାସୀଙ୍କଠାରେ ପଜିଟିଭ୍ ମିଳିଥିବା ଏବଂ କମ୍ୟୁନିଟି ସଂକ୍ରମିତ ହୋଇ ନ ଥିବାରୁ ବ୍ୟତିବ୍ୟସ୍ତ ନ ହେବାକୁ ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରୁ ଜିଲାର ସମସ୍ତ କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ଧାରା ୧୪୪ ଲାଗୁ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ବାରଣ ସତ୍ତ୍ୱେ ବିଭିନ୍ନ ସମୟରେ ପ୍ରବାସୀଙ୍କ ସମ୍ପର୍କୀୟମାନେ କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ଭିଡ଼ ଜମାଉଛନ୍ତି। ଏଥିରେ ସଂକ୍ରମଣ ବ୍ୟାପିବା ସମ୍ଭାବନା ରହୁଥିବାରୁ ୧୪୪ ଧାରା ଜାରି କରାଯାଇଛି।

### ଆଜି ଚୂଡ଼ାନ୍ତ ହେବ ମାଟ୍ରିକ ଖାତା ମୂଲ୍ୟାୟନ ତାରିଖ

ଭୁବନେଶ୍ୱର, ୭।୫(ବ୍ୟୁରୋ): ଶିକ୍ଷା କ୍ଷେତ୍ରକୁ କରୋନା ବ୍ୟାପକ ପ୍ରଭାବିତ କରିଛି। ଅଧିକାଂଶ ଶ୍ରେଣୀରେ ପରୀକ୍ଷା ଶେଷ ହୋଇ ନ ଥିବାବେଳେ ମାଟ୍ରିକ ଖାତା ମୂଲ୍ୟାୟନ ମଧ ହୋଇନାହିଁ। ତେବେ ମାଟ୍ରିକ ଖାତା ଦେଖା ନେଇ ଶନିବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ ଦାଶ କହିଛନ୍ତି ଯେ, ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ମାଟ୍ରିକ ଖାତା ମୂଲ୍ୟାୟନ ନେଇ ଚୂଡ଼ାନ୍ତ ତାରିଖ ସମ୍ପର୍କରେ ନିଷ୍ପତ୍ତି ହେବ। ଖାତା ଦେଖିବା ପାଇଁ କ'ଣ ସବୁ ନିୟମ ରହିବ, କେତେ ଶିକ୍ଷୟିତ୍ରୀ,ଶିକ୍ଷକ ଏଥିରେ ନିୟୋଜିତ ହେବେ ଏସବୁ ନେଇ ଆଲୋଚନା ହେବ ବୋଲି ସମୀର କହିଛନ୍ତି। ଏହାସହ ବାକି ରହିଥିବା ଯୁକ୍ତ୨ ପରୀକ୍ଷା ତାରିଖ ନେଇ ମଧ ନିଷ୍ପତ୍ତି ନିଆଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ଜଣାପଡ଼ିଛି।

### ବିରି, ମୁଗ, ଚିନାବାଦମ ବିକ୍ରି ଉପରୁ ମାର୍କେଟ ଫି' ଛାଡ଼

ଭୁବନେଶ୍ୱର, ୮।୫(ବ୍ୟୁରୋ): ୨୦୧୯-୨୦ ବର୍ଷରେ ସର୍ବନିମ୍ନ ସହାୟକ ମୂଲ୍ୟରେ ରାଜ୍ୟ ୧୬ ଜିଲାର ଚାଷୀଙ୍କଠାରୁ ବିରି, ମୁଗ, ଚିନାବାଦାମ, ସୂର୍ଯ୍ୟମୁଖୀ ମଞ୍ଜି ସଂଗ୍ରହ କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ବିରି, ମୁଗ ଓ ଚିନାବାଦାମ ବିକ୍ରି ଉପରେ ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି)ଦ୍ୱାରା ଆଦାୟ କରାଯାଉଥିବା ମାର୍କେଟ ଫି'କୁ ଛାଡ଼ କରାଯାଇଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଛାଡ଼ ମେ ୭ରୁ ଅଗଷ୍ଟ ୫ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

### ଆଦର୍ଶ ବିଦ୍ୟାଳୟର ୭୦% ପିଲାଙ୍କୁ ମିଳୁଛି ଅନ୍ଲାଇନ ଶିକ୍ଷା

ଭୁବନେଶ୍ୱର, ୮।୫(ବ୍ୟୁରୋ): ଶିକ୍ଷା କ୍ଷେତ୍ର ଉପରେ ଲକ୍ଡାଉନ୍ର ବ୍ୟାପକ ପ୍ରଭାବ ପଡିଛି। ଏପରି ସମୟରେ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ପିଲାମାନଙ୍କୁ ଅନ୍ଲାଇନ ଯୋଗେ ଅର୍ଥାତ୍ ଗୁଗଲ ମିଟ୍ ଆପ୍ ଏବଂ ହ୍ୱାଟ୍ସଆପ୍ ମାଧମରେ ଶିକ୍ଷାଦାନ ଓ ପରୀକ୍ଷା କରାଉଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ପିଲା ଘରେ ଅନ୍ଲାଇନ ମାଧମରେ ପଢ଼ିପାରୁଛନ୍ତି। ଆଦର୍ଶ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟର ଉପରିସ୍ଥ କର୍ମଚାରୀମାନେ ପ୍ରତ୍ୟେକ ଗୁରୁବାର ଏବଂ ଶୁକ୍ରବାର ନୋଡାଲ ପ୍ରିନ୍ସିପାଲଙ୍କ ସହ ଭିଡିଓ କଲ୍ ମାଧମରେ ଅନ୍ଲାଇନ ପାଠପଢ଼ାର ସମୀକ୍ଷା କରିବେ ମନ୍ତ୍ରୀ ଦାଶ କହିଛନ୍ତି।

# ଆରମ୍ଭ ହେଲା ରଥ ନିର୍ମାଣ

ପୁରୀ ଅଫିସ,୮।୫


ତାଳଧ୍ୱଜ ରଥର ମୁଖ୍ୟ ବିଶ୍ୱକର୍ମା ନଡ଼ିଆ ବାଡ଼େଇ କାଠ ଅନୁକୂଳ କରୁଛନ୍ତି।

- ଚଳଚଞ୍ଚଳ ରଥଖଳା
- ରୂପକାର ଓ କମାର ସେବକ କାମ ଆରମ୍ଭ କଲେ
- ଯନ୍ତାଗାଡ଼ ଖୋଲିଲେ ଭୋଇ ସେବକ

ମହାମାରୀ କରୋନା ପାଇଁ ରଥ ନିର୍ମାଣକୁ ନେଇ ଯେଉଁ ସଂଶୟ ସୃଷ୍ଟି ହୋଇଥିଲା ତାହା ଦୂର ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଛି ତିନିରଥ ନିର୍ମାଣ। ଏଥିଲାଗି ରଥଖଳା ଚଳଚଞ୍ଚଳ ହୋଇଉଠିଛି। ପ୍ରଥମ ଦିନରେ ମହାରଣା ସେବକ ତୁମ୍ବ କାମ ଆରମ୍ଭ କରିଥିବା ବେଳେ ରୂପକାର, କମାର ଏବଂ ଭୋଇ ସେବକ ବି ରଥଖଳାରେ ପ୍ରବେଶ କରିଛନ୍ତି। ବିଧି ମୁତାବକ ପର୍ଯ୍ୟାୟକ୍ରମେ ବିଭିନ୍ନ ସେବକ ରଥଖଳାକୁ ଆସି କାମ ଆରମ୍ଭ କରିଥାନ୍ତି। ମାତ୍ର ଏଥର ଲକ୍ଡାଉନ କଟକଣା ଯୋଗୁ ପ୍ରାୟ ୧୨ ଦିନ ଗଡ଼ିଯାଇଛି। ତେଣୁ ଶୁକ୍ରବାର ଗୋଟିଏ ଦିନରେ ବିଭିନ୍ନ ସେବକ ରଥ କାର୍ଯ୍ୟରେ ସାମିଲ ହୋଇଛନ୍ତି। ଧାର୍ଯ୍ୟ ସମୟରେ କିପରି ମହାପ୍ରଭୁଙ୍କ ତିନିରଥ ପ୍ରସ୍ତୁତ ହେବ ସେଥିପାଇଁ ସମସ୍ତେ ଲାଗିପଡ଼ିଛନ୍ତି। ସରକାରଙ୍କ ଦ୍ୱାରା ଜାରି କୋଭିଡ-୧୯ ଗାଇଡ୍ଲାଇନକୁ ମାନି ସେବକମାନେ କାମ କରୁଛନ୍ତି।

ମହାପ୍ରଭୁଙ୍କ ରଥ ନିର୍ମାଣକୁ ନେଇ ଦୀର୍ଘଦିନ ଧରି ଦ୍ୱନ୍ଦ୍ୱ ଲାଗି ରହିଥିଲା। ଗତ ମାସ ୨୬ତାରିଖ ପବିତ୍ର ଅକ୍ଷୟତୃତୀୟାରେ ଶ୍ରୀମନ୍ଦିର ଭିତରେ ରଥ ନିର୍ମାଣ ଅନୁକୂଳ ହୋଇଥିଲେ ମଧ କାମ ବନ୍ଦ ରହିଥିଲା। ଇତିମଧ୍ୟରେ ୧୨ଦିନ ବିତିଯାଇଥିବାରୁ ରଥ ନିର୍ମାଣ ହେବ କି ନାହିଁ ସେ ନେଇ ସମସ୍ତେ ସନ୍ଦେହରେ ପଡ଼ିଥିଲେ। ମାତ୍ର ଗୁରୁବାର କେନ୍ଦ୍ର ସରକାର ସର୍ତ୍ତମୂଳକ ଅନୁମତି ଦେବା ପରେ ରାତିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତିନି ରଥର ମୁଖ୍ୟ ମହାରଣା ଏବଂ ଅନ୍ୟମାନଙ୍କୁ ଡାକି ଆଲୋଚନା କରିଥିଲେ। ସେହି ନିଷ୍ପତ୍ତି ଅନୁଯାୟୀ, ଶୁକ୍ରବାର ସକାଳେ ରଥଖଳାରେ ପହଞ୍ଚିଥିଲେ ମହାରଣା ସେବକ। ସମସ୍ତେ ମୁହଁରେ ମାସ୍କ ବାନ୍ଧିଥିଲେ ଓ ସାନିଟାଇଜରରେ ହାତକୁ ବିଶୋଧନ କରିଥିଲେ। ରଥଖଳାକୁ ଧଳା କପଡ଼ା ଦ୍ୱାରା ଆବଦ୍ଧ କରାଯାଇଥିଲା। ମହାରଣା ସେବକ ନଡ଼ିଆ ବାଡ଼େଇ ଅନୁକୂଳ କରିବା ପରେ ବିଧିବଦ୍ଧ ଭାବେ ରଥ ନିର୍ମାଣ କାମ ଆରମ୍ଭ ହୋଇଥିଲା।

ତାଳଧ୍ୱଜ ରଥର ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର ଓ ଦର୍ପଦଳନ ରଥର ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ କାମ ଦ୍ରୁତଗତିରେ ଚାଲିଛି। ତିନି ବାଡ଼ର ତିନୋଟି ତୁମ୍ବ ପାଇଁ ପରମ୍ପରା ଅନୁଯାୟୀ ହାତ କରତରେ କାଠ ଚିରଟ କରାଯାଇଥିଲା। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ତୁମ୍ବ କାଠ ଚିରଟ କରାଯାଇଥିଲା। କୁଅଁର ଦ୍ୱାରା କାଠକୁ ଗୋଲେଇ କରି ବାରିସିରେ ତୁମ୍ବ (ଚକର ମଝି ଅଂଶ) କଟାଯାଇଥିଲା। ପ୍ରତି ଚକରେ ତୁମ୍ବ ରହିଥାଏ। ତୁମ୍ବ ନିର୍ମାଣ ସରିବା ପରେ ଅର ଲାଗିଥାଏ। ଅରରେ ପହି ଖଞ୍ଜା ହୋଇ ଚକ ନିର୍ମାଣ ହୋଇଥାଏ। ତୁମ୍ବ ମଝିରେ ଅଖ ପଶିବା ଲାଗି କଣା ରହିଥାଏ। ତିନିରଥ ପାଇଁ ମୋଟ ୪୨ଟି ତୁମ୍ବ ନିର୍ମାଣ କରାଯିବ। ନନ୍ଦିଘୋଷ ରଥ ପାଇଁ ୧୬ଟି, ତାଳଧ୍ୱଜ ୧୪ଟି ଓ ଦର୍ପଦଳନ ରଥ ପାଇଁ ୧୨ଟି ତୁମ୍ବ ତିଆରି ହେବ। ଅନ୍ୟପକ୍ଷରେ ମହାରଣା ସେବକ ୩ ଖଣ୍ଡ କାଠ ପୂଜାର୍ଚ୍ଚନା ସାରିବା ପରେ ଚଉପଟ କରି ରୂପକାର ସେବକଙ୍କୁ ପ୍ରଦାନ କରିଛନ୍ତି। ତିନିରଥର ମୁଖ୍ୟ ରୂପକାର ସେହି କାଠ ଉପରେ ମାହାର୍ଦ୍ଧ ମାଳ ରଖି କଣଗୁଜ ଅନୁକୂଳ କରିଛନ୍ତି। ରୂପକାରମାନେ କଣଗୁଜରେ ପାରମ୍ପରିକ ରୀତିରେ ସିଂହ ବିରାଳ ଖୋଦେଇ କରିଥିବା ଜଣାପଡ଼ିଛି। ସେହିପରି ଭୋଇ ସେବକ ଅନୁକୂଳ କରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖ ଯନ୍ତାଗାଡ଼ ଖୋଲିଛନ୍ତି। ଏଥିସହ ମହାରଣା ସେବକଙ୍କୁ କାଠ ଯୋଗାଇବାରେ ସହଯୋଗ କରୁଛନ୍ତି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ଦୋଳବେଦି କୋଣ ପରିସରସ୍ଥ କମାର ଚାଳିରେ କମାର ସେବକମାନେ ତାଙ୍କ କାମ ଅନୁକୂଳ କରିଛନ୍ତି। ପ୍ରଥମ ଦିନରେ ତିନିରଥ ଚକ ପାଇଁ ଅଳ୍ପ କିଛି ଅରକଣ୍ଟା ତିଆରି ହୋଇଛି ବୋଲି ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି।

# ସମସ୍ତ ସେବକଙ୍କ ହେବ କରୋନା ଟେଷ୍ଟ

ପୁରୀ ଅଫିସ, ୮।୫

- ୧୫୦ ଜଣ ଭକ୍ତ ନିବାସରେ ରହିବେ
- ବସ୍ରେ ରଥଖଳାକୁ ଆସିବେ

ମହାରଣା ସେବକଙ୍କ ସମେତ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମସ୍ତ ସେବକଙ୍କର କରୋନା ଟେଷ୍ଟ କରାଯିବ। ନିର୍ମାଣ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ଅଲଗା ରଖାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ରଥ ନିର୍ମାଣ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ସେ ନେଇ ନିୟୋଜିତ ସେବକମାନଙ୍କୁ ଡାକି ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରିଥିଲା। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବଳୱନ୍ତ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ସମଗ୍ର ବିଶ୍ୱରେ କରୋନା ଯେଉଁ ଆତଙ୍କ ସୃଷ୍ଟି କରିଛି ତାକୁ ଧ୍ୟାନରେ ରଖି ଆମକୁ ରଥ ନିର୍ମାଣ କରିବାକୁ ପଡ଼ିବ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରଥ ନିର୍ମାଣ ଲାଗି ଅନୁମତି ଦେଇଛନ୍ତି। ତେବେ ଆମ ସମ୍ମୁଖରେ ୨ଟି ବଡ଼ ଚ୍ୟାଲେଞ୍ଜ ରହିବ। ରଥ ନିର୍ମାଣର କିଛିଦିନ କମି ଯାଇଛି। ତେଣୁ ଠିକ୍ ସମୟରେ କିପରି ରଥ ନିର୍ମାଣ ଶେଷ କରାଯାଇପାରିବ ତାହା ପ୍ରଥମ ଚ୍ୟାଲେଞ୍ଜ ହେବ। ସେହିପରି କରୋନା ଭୂତାଣୁ ସଂକ୍ରମଣକୁ ଜଗି କାମ କରିବାକୁ ପଡ଼ିବ।

ମୁଖ୍ୟ ପ୍ରଶାସକ ଆହୁରି କହିଛନ୍ତି ଯେ ୨୦୦ ଫୁଟର ରଥଖଳାକୁ ସମ୍ପୂର୍ଣ୍ଣ ଭାବେ ଆବଦ୍ଧ କରାଯାଇ କାମ ଚାଲିବ। ଯେଉଁମାନେ କାମ କରୁଛନ୍ତି ସେମାନେ ଯେପରି ଅନ୍ୟମାନଙ୍କ ସଂସ୍ପର୍ଶରେ ନ ଆସିବେ ସେଥିଲାଗି ସେମାନଙ୍କୁ ଅଲଗା ରଖାଯିବ। ପ୍ରାୟ ୧୫୦ ମହାରଣା, ଭୋଇ ଆଦି ସେବକଙ୍କୁ ଦୁଇଟି ଭକ୍ତନିବାସରେ ରଖାଯିବା ବ୍ୟବସ୍ଥା ହୋଇଛି। ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯିବ। ଭକ୍ତ ନିବାସରୁ ସେମାନଙ୍କୁ ବସ୍ରେ ରଥଖଳାକୁ ଅଣାଯିବ। ଏହିସବୁ ପ୍ରସ୍ତାବ ସେମାନଙ୍କୁ ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ଟି ହେଲ୍ପ ଡେସ୍କ ଖୋଲାଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିସହ ସମସ୍ତ ସେବାୟତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ନିଯୋଗଗୁଡ଼ିକୁ କୁହାଯିବ। ଏହାଦ୍ୱାରା କାହାର କୋଭିଡ୍ ଚିନ୍ତା ନ ଥିବ ଏବଂ ସମସ୍ତ କାମ ତ୍ୱରାନ୍ୱିତ ହୋଇପାରିବ। ଏତଦ୍ବ୍ୟତୀତ ଭୋଇ, ମହାରଣାଙ୍କ ସମେତ ରଥ କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କୁ କୋଭିଡ୍ ଗାଇଡ୍ଲାଇନ ସମ୍ପର୍କରେ ସଚେତନ କରାଯିବ। ଅପରପକ୍ଷେ ରଥଖଳାକୁ ଗଣମାଧ୍ୟମ ପ୍ରତିନିଧି ନ ଯିବା ଲାଗି ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କୁ ରଥଖଳାର ଭିଡିଓ, ଫଟୋ ଆଦି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଶ୍ରମିକମାନେ ୧୨ ଘଣ୍ଟା କାର୍ଯ୍ୟ କରିପାରିବେ

ଭୁବନେଶ୍ୱର, ୮।୫(ବ୍ୟୁରୋ)

**ଶିଳ୍ପ ନିମନ୍ତେ କୋହଳ ହେଲା କଟକଣା**

- ୪ ଘଣ୍ଟାର ଓଭର ଟାଇମ୍ ପାରିଶ୍ରମିକ ମିଳିବ
- ସନ୍ଧ୍ୟା ୭ରୁ ସକାଳ ୬ ମହିଳା ଶ୍ରମିକଙ୍କୁ ମନା

ରାଜ୍ୟ ସରକାର ୨୦୨୦ ଏପ୍ରିଲ ୨୦ରେ ଶିଳ୍ପ ଓ ବାଣିଜ୍ୟିକ କାର୍ଯ୍ୟକଳାପ ପାଇଁ ଜାରି କରିଥିବା କଟକଣାକୁ କିଛି ମାତ୍ରାରେ କୋହଳ କରିଛନ୍ତି। ଶ୍ରମିକମାନେ ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରି ପାରିବେ। ଶ୍ରମିକମାନଙ୍କୁ କାରଖାନାରେ ଦୈନିକ ୧୨ ଘଣ୍ଟାରୁ ଅଧିକ କିମ୍ବା ସପ୍ତାହକୁ ୭୨ ଘଣ୍ଟାରୁ ଅଧିକ ସମୟ କାମରେ ନିୟୋଜିତ କରାଯାଇ ପାରିବ ନାହିଁ। କୌଣସି ଶ୍ରମିକ ଏକାଥରରେ ୬ଘଣ୍ଟାରୁ ଅଧିକ ସମୟ କାମ କରିବା ଉପରେ କଟକଣା ଜାରି କରାଯାଇଛି। ପ୍ରତି ୬ ଘଣ୍ଟାରେ ୩୦ ମିନିଟ ପାଇଁ ବିଶ୍ରାମ ଦେବାକୁ ପଡ଼ିବ। କାରଖାନା ଆଇନର ଧାରା ୫୪ ଅନୁଯାୟୀ ଜଣେ ଶ୍ରମିକ ସପ୍ତାହକୁ ୨୪ ଘଣ୍ଟାରୁ ଅଧିକ ସମୟ ଓଭର ଟାଇମ୍ କରି ପାରିବେ ନାହିଁ। ଶ୍ରମିକମାନଙ୍କୁ ଦୈନିକ ୪ ଘଣ୍ଟାର ଓଭର ଟାଇମ୍ ମଜୁରି ଦେବାକୁ ପଡ଼ିବ। କାରଖାନାରେ ୧୩ ଘଣ୍ଟାରୁ ଅଧିକ ସମୟ ରହି ହେବ ନାହିଁ। କୌଣସି ମହିଳା ଶ୍ରମିକଙ୍କୁ ସରକାରଙ୍କ ବିନାନୁମତିରେ ସନ୍ଧ୍ୟା ୭ଟାରୁ ସକାଳ ୬ଟା ଯାଏ କାର୍ଯ୍ୟରେ ଲଗାଯାଇ ପାରିବ ନାହିଁ। ଏହି ସମୟରେ କୋଭିଡ-୧୯ ସଂକ୍ରାନ୍ତ ଗାଇଡ୍ଲାଇନ୍କୁ କଡ଼ାକଡ଼ି ପାଳନ କରିବାକୁ ସରକାର ଶିଳ୍ପ ସଂସ୍ଥାଗୁଡିକୁ ପରାମର୍ଶ ଦେଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ସଚିବ ସଞ୍ଜୟ କୁମାର ସିଂ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

# ସରକାରଙ୍କ ନିଷ୍ପତ୍ତିକୁ ସିଆଇଟିୟୁର ବିରୋଧ

ଭୁବନେଶ୍ୱର,୮।୫(ବ୍ୟୁରୋ)

ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ କରିବା ସମୟ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି କରିଛନ୍ତି। ଆଇନ ଅନୁସାରେ ଶ୍ରମିକାମାନେ ଦିନକୁ ୮ ଘଣ୍ଟା କାର୍ଯ୍ୟ କରିବା ଆବଶ୍ୟକ। ମାତ୍ର ଏହି ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରିବା ଆଇନ ବିରୋଧୀ ଓ ଶ୍ରମିକ ବିରୋଧୀ ବୋଲି ସିଆଇଟିୟୁ ରାଜ୍ୟ କମିଟିର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ବିପଜ୍ଜନକ ବୋଲି ସେ କହିଛନ୍ତି। କରୋନା ଆକ୍ରାନ୍ତ ଲକ୍ଡାଉନ୍ ଯୋଗୁ ଦେଶର ଶ୍ରମଜୀବୀ ଲୋକମାନେ ଅଧିକ କ୍ଷତି ସହିଛନ୍ତି। ଓଡ଼ିଶାରେ ଶ୍ରମିକମାନଙ୍କୁ ଦୈନିକ ମଜୁରି କମ୍ ମିଳିବା ଓ ପର୍ଯ୍ୟାପ୍ତ କାମ ଅଭାବରୁ ଲକ୍ଷ ଲକ୍ଷ ଶ୍ରମିକ ରାଜ୍ୟ ବାହାରକୁ ଚାଲିଯିବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ନିଜ ପରିବାର ନିକଟକୁ ଫେରିବାକୁ ମଧ ଅନୁମତି ଦିଆଯାଉ ନାହିଁ। ଲକ୍ଡାଉନ୍ ସମୟରେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଛି। ରାଜ୍ୟ ସରକାରଙ୍କ ଏହି ଶ୍ରମିକ ବିରୋଧୀ ପଦକ୍ଷେପକୁ ପ୍ରତ୍ୟାହାର କରିବାକୁ ସିଆଇଟିୟୁ ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। ରାଜ୍ୟର ଶ୍ରମଜୀବୀ ଲୋକମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିବାକୁ ସିଆଇଟିୟୁ ଆହ୍ୱାନ ଦେଇଛି।

# ଅବହେଳା ପ୍ରତିବାଦରେ କୋଭିଡ୍ ଯୋଦ୍ଧାଙ୍କ ଧାରଣା

ବ୍ରହ୍ମପୁର ଅଫିସ,୮।୫

ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ଥିବା ଟାଟା କୋଭିଡ-୧୯ ହସ୍ପିଟାଲର ଡାକ୍ତରଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର କରୋନା ଆକ୍ରାନ୍ତଙ୍କ ଚିକିତ୍ସା ସାରି ଫେରିଥିବା ୬ ଡାକ୍ତରଙ୍କୁ କ୍ୱାରାଣ୍ଟାଇନ୍ରେ ରଖିବା ନିମନ୍ତେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏହା ପ୍ରତିବାଦରେ ସେମାନେ ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅଧକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏଥିରେ ଏମକେସିଜି ମେଡିକାଲ କଲେଜର ଛାତ୍ରୀଛାତ୍ର ମଧ ସାମିଲ ହୋଇଥିଲେ। ପ୍ରତ୍ୟକ୍ଷ ଭାବେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସୁଥିବା ଡାକ୍ତରଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। କୋଭିଡ-୧୯ ହସ୍ପିଟାଲର ନୋଡାଲ ଅଫିସର ଡା. ଉମାଶଙ୍କର ମିଶ୍ର ପହଞ୍ଚି ବୁଝାଶୁଝା କରିଥିଲେ। ତେବେ ପୂର୍ବରୁ ସ୍ଥିର କରାଯାଇଥିବା ହୋଟେଲରେ ଡାକ୍ତରମାନେ ରହିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଟାଟା କୋଭିଡ୍ ହସ୍ପିଟାଲର ଡାକ୍ତର ଦୁଇ ସପ୍ତାହ କାର୍ଯ୍ୟ କରି ସାରିବା ପରେ ସହରରେ ଥିବା ବାଲାଜୀ ଓ ନନ୍ଦନ ହୋଟେଲରେ ୧୪ ଦିନ କ୍ୱାରାଣ୍ଟାଇନ୍ରେ ରହି ପୁଣି କାର୍ଯ୍ୟରେ ଯୋଗ ଦେବେ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଶୁକ୍ରବାର ଜଣ ଡାକ୍ତର ସେମାନଙ୍କ କାର୍ଯ୍ୟ ସାରି ବାଲାଜୀ ହୋଟେଲକୁ ଯାଇଥିଲେ। ସେଠାରୁ ସେମାନଙ୍କୁ ଫେରାଇ ଦିଆଯାଇଥିଲା।

- ହୋଇ ନ ଥିଲା ଡାକ୍ତରଙ୍କ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା
- ପ୍ରତିଶ୍ରୁତି ପରେ ଧାରଣାରୁ ହଟିଲେ ଡାକ୍ତର, ଏମକେସିଜି ଛାତ୍ରୀଛାତ୍ର

ପରେ ସେମାନେ ନନ୍ଦନ ହୋଟେଲକୁ ଯାଇଥିଲେ ମଧ ରହିବାକୁ ଅନୁମତି ମିଳି ନ ଥିଲା। ଏହା ପ୍ରତିବାଦରେ ସମ୍ପୃକ୍ତ ଡାକ୍ତରମାନେ ଧାରଣା ଦେଇଥିଲେ। ଏମ୍କେସିଜି ମେଡିକାଲ କଲେଜ ଛାତ୍ରୀଛାତ୍ରମାନେ ସେମାନଙ୍କୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିଲେ। ଖବରପାଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବ୍ରହ୍ମପୁର ଏସ୍ପି ପିନାକ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଡାକ୍ତରମାନେ ପୂର୍ବ ନିର୍ଦ୍ଧାରିତ ବାଲାଜୀ ହୋଟେଲ ଓ ନନ୍ଦନ ହୋଟେଲରେ ରହିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।


ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ଡାକ୍ତର ଓ ଛାତ୍ରୀଛାତ୍ର।

# ଆଶ୍ୱସ୍ତି ଦେଇଛି ଏମ୍ଜିଏନ୍ଆର୍ଇଜିଏସ୍

ଭୁବନେଶ୍ୱର,୮।୫(ବ୍ୟୁରୋ)

ଲକ୍ଡାଉନ୍ ଯୋଗୁ କାମଧନ୍ଦା ନ ପାଇ ବେସାହାରା ହୋଇପଡ଼ିଥିବା ଶ୍ରମିକଙ୍କୁ ସାହାରା ଦେଇଛି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍ଜିଏନ୍ଆର୍ଇଜିଏସ୍)। ଦେଶର ଶ୍ରମିକ ଶ୍ରେଣୀର ଲୋକଙ୍କୁ ଅଧିକ ଆର୍ଥିକ ଲାଭ ସହିତ କର୍ମସଂସ୍ଥାନ ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏହି ଯୋଜନାରେ ଦୈନିକ ମଜୁରି ୨୦ ଟଙ୍କା ଲେଖାଏ ବୃଦ୍ଧି କରିଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଏହି ଟଙ୍କା ବୃଦ୍ଧି କରାଯାଇଥିଲା। ତେବେ ଏହାମଧ୍ୟରେ ସାରା ଦେଶରେ ଏହି ଯୋଜନା ଅଧୀନରେ ମୋଟ ୫ କୋଟି ୯୭ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ମଜୁରି ଓ ବିଭିନ୍ନ ସାମଗ୍ରୀ ବାବଦ ବକେୟା ଅର୍ଥ ଶ୍ରମିକଙ୍କୁ ପ୍ରଦାନ କରିବା ଲାଗି ବର୍ତ୍ତମାନସୁଦ୍ଧା ରାଜ୍ୟ ସରକାରଙ୍କୁ ୨୧,୦୩୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ ଇତିମଧ୍ୟରେ ଜବକାର୍ଡଧାରୀ ଶ୍ରମିକମାନେ ଏହି ଯୋଜନାରେ କାମ ପାଇଛନ୍ତି। ଲକ୍ଡାଉନ ସମୟରେ ସବୁ କାମଧନ୍ଦା ବନ୍ଦ ହୋଇଯାଇଥିବାବେଳେ ଗାଁ ପାଖରେ ଏମଜିଏନଆରଇଜିଏସ ଯୋଜନାରେ କାମ ମିଳିବା ଅନେକଙ୍କୁ ଆଶ୍ୱସ୍ତି କରିଛି।

# କରୋନା ଚିକିତ୍ସା ପଶ୍ଚିମ ଓଡ଼ିଶାର ସବୁ ଜିଲାରେ ହେଉ

ଭୁବନେଶ୍ୱର, ୮।୫(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା**

ବୁର୍ଲାର ଭିଏସ୍ଏସ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ କରୋନା ଚିକିତ୍ସା ଏବଂ ଟେଷ୍ଟିଂ କରାଯାଉଥିବା ବେଳେ ଅନ୍ୟ ସ୍ଥାନରେ ଏହାର ସୁବିଧା ବୃଦ୍ଧି କରିବା ସକାଶେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଶୁକ୍ରବାର ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସମ୍ବଲପୁର, ବରଗଡ଼, ନୂଆପଡ଼ା, ସୋନପୁର ଜିଲାରେ କୌଣସି ଜଣେ ହେଲେ କରୋନା ରୋଗୀ ଚିହ୍ନଟ ନ ହେବା ଖୁସିର ବିଷୟ। ହେଲେ ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ଦୁଇଜଣ ଲେଖା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ବଲାଙ୍ଗୀରଠାରେ କରୋନା ଟେଷ୍ଟିଂ ଏବଂ ଚିକିତ୍ସା ସେଣ୍ଟର କରାଯିବାକୁ ଘୋଷଣା କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି ଏବଂ ବଲାଙ୍ଗୀରରୁ ବାହାରିଥିବା କରୋନା ରୋଗୀଙ୍କୁ ଭୁବନେଶ୍ୱର ଏବଂ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଏହି ରୋଗୀଙ୍କୁ ଧରି ଯାଉଥିବା ଡ୍ରାଇଭରମାନେ ମଧ ରହିବା, ଖାଇବା ପାଇଁ ହଇରାଣ ହେଉଛନ୍ତି। ଏହାସହ ଡ୍ରାଇଭରମାନେ ଫେରିବା ପରେ ସେମାନଙ୍କୁ ଘରେ କ୍ୱାରାଣ୍ଟାଇନରେ ରହିବାକୁ ପଡୁଛି। ବର୍ତ୍ତମାନ ରାଜ୍ୟ ବାହାରେ କାମ କରିବାକୁ ଏବଂ ପାଠ ପଢିବା ପାଇଁ ଯାଇଥିବା ଛାତ୍ରୀଛାତ୍ର, ଶ୍ରମିକମାନେ ଫେରୁଛନ୍ତି। ଆହୁରି ଲକ୍ଷଲକ୍ଷ ଶ୍ରମିକ, ଛାତ୍ରୀଛାତ୍ର ଫେରିବାକୁ ସରକାରଙ୍କ ପୋର୍ଟାଲରେ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ବହୁ କରୋନା ରୋଗୀ ଚିହ୍ନଟ ହୋଇପାରନ୍ତି। ତେଣୁ ଚିହ୍ନଟ ହେବାକୁ ଥିବା କରୋନା ରୋଗୀଙ୍କୁ ଭିଏସ୍ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ସୁବିଧା ଯୋଗାଇବା ସାଙ୍ଗକୁ ଅନ୍ୟ ଜିଲାରେ ମଧ ଏହି ବ୍ୟବସ୍ଥା କରିବାକୁ ପ୍ରଦୀପ୍ତ ଚିଠିରେ ଅନୁରୋଧ କରିଛନ୍ତି।

# ଆମେରିକାରେ ଭାରତୀୟ ବାପଝିଅ ଡାକ୍ତରଙ୍କ ମୃତ୍ୟୁ

ନ୍ୟୁୟର୍କ,୮।୫



- କରୋନା ରୋଗୀଙ୍କୁ ଚିକିତ୍ସା କରି ଉଭୟେ ହୋଇଥିଲେ ସଂକ୍ରମିତ
- ପରିବାରର ଆଉ ୩ଜଣ ମଧ ଡାକ୍ତର

ଆମେରିକାର ନ୍ୟୁଜର୍ସିରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ ବାପଝିଅଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଡା. ସତ୍ୟେନ୍ଦ୍ର ଦେବ ଖାନ୍ନା(୭୮) ଏବଂ ତାଙ୍କ ଝିଅ ଡା. ପ୍ରିୟା ଖାନ୍ନା(୪୩)। ସତ୍ୟେନ୍ଦ୍ର ଦୀର୍ଘବର୍ଷ ଧରି ନ୍ୟୁଜର୍ସିର ବିଭିନ୍ନ ହସ୍ପିଟାଲର ଶଲ୍ୟ ବିଭାଗରେ ଡାକ୍ତର ଓ ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ପ୍ରିୟା ଉଭୟ ଇଣ୍ଟରନାଲ ମେଡିସିନ ଏବଂ ନେଫ୍ରୋଲୋଜିରେ କୃତିତ୍ୱ ହାସଲ କରିଛନ୍ତି। ସେ ନ୍ୟୁଜର୍ସିର ଆର୍ଡବ୍ଲୁଜେ ବର୍ନବସ୍ ହେଲ୍ଥ ସଂସ୍ଥା ଅଧୀନ ୟୁନିୟନ ହସ୍ପିଟାଲରେ ଚିଫ୍ ଅଫ୍ ରେସିଡେଣ୍ଟସ୍ ଭାବେ କାର୍ଯ୍ୟ କରୁଥିଲେ। କରୋନା ରୋଗୀଙ୍କ ଚିକିତ୍ସା କରି ସେମାନେ ମଧ ସଂକ୍ରମିତ ହୋଇଯାଇଥିଲେ। ସତ୍ୟେନ୍ଦ୍ର କ୍ଲାରା ମାସ୍ ମେଡିକାଲ ସେଣ୍ଟରରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି, ଯେଉଁଠି ସେ ୩୫ ବର୍ଷ ଧରି କାର୍ଯ୍ୟ କରିଥିଲେ। ଝିଅ ପ୍ରିୟା ତାଙ୍କର ସମସ୍ତ ମେଡିକାଲ ଟ୍ରେନିଂ ନ୍ୟୁଜର୍ସିରେ କରିବା ପରେ ସାଉଥ୍ ଜର୍ସିର କୁପର ହେଲ୍ଥ ସିଷ୍ଟମ୍ରେ ନେଫ୍ରୋଲୋଜିରେ ଫେଲୋଶିପ୍ କରିଥିଲେ। ବାପାଙ୍କ ଭଳି ପ୍ରିୟା ମଧ କ୍ଲାରା ମାସ୍ ମେଡିକାଲରେ କାର୍ଯ୍ୟ କରିଥିଲେ ଏବଂ ସେହି ମେଡିକାଲରେ ହିଁ ତାଙ୍କର ମୃତ୍ୟୁ ଘଟିଛି। କରୋନା ରୋଗୀଙ୍କ ସେବାରେ ନିଜ ଜୀବନ ହାରିଦେଇଥିବା ଏହି ବାପଝିଅଙ୍କ ସେଠାକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ନ୍ୟୁଜର୍ସି ଗଭର୍ନର ଫିଲ୍ ମର୍ଫି କହିଛନ୍ତି। ସେମାନଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ବୋଲି ମର୍ଫି କହିବା ସହ ଉଭୟଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ସତ୍ୟେନ୍ଦ୍ର ଜଣେ ଭଦ୍ର, ଯତ୍ନବାନ ଏବଂ ଅଗ୍ରଣୀ ଚିକିତ୍ସକ ଥିଲେ। ସେ ହେଉଛନ୍ତି ପ୍ରଥମ ସର୍ଜନ, ଯିଏକି ନ୍ୟୁଜର୍ସି ପ୍ରଦେଶରେ ଲାପ୍ରୋସ୍କୋପିକ୍ ସର୍ଜରୀ କରିଥିଲେ। ସହକର୍ମୀ ତାଙ୍କୁ ସବୁବେଳେ ମନେରଖିବେ ବୋଲି; ମର୍ଫି କହିଛନ୍ତି। ସେହିପରି ପ୍ରିୟା ୨ ଡାଏଲିସିସ୍ ସେଣ୍ଟରର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ସହ ପରପିଢ଼ିର ଡାକ୍ତରମାନଙ୍କୁ ଶିକ୍ଷାଦାନ କରି ବିଶେଷ ଗୌରବର ଅଧିକାରିଣୀ ହୋଇପାରିଛନ୍ତି ବୋଲି ମର୍ଫି କହିଛନ୍ତି। ସତ୍ୟେନ୍ଦ୍ରଙ୍କ ସ୍ତ୍ରୀ କୋମଲିଶ୍ ଖାନ୍ନା ଜଣେ ଶିଶୁରୋଗ ବିଶେଷଜ୍ଞ। ଏହି ଦମ୍ପତିଙ୍କର ଆଉ ଦୁଇ ଝିଅ ସୁଗନ୍ଧା ଖାନ୍ନା ଓ ଅନିଷା ଖାନ୍ନା ମଧ ଡାକ୍ତର। ସୁଗନ୍ଧା ଜଣେ ଜରୁରିକାଳୀନ ଚିକିତ୍ସାଧିକାରୀ ଥିବାବେଳେ ଅନିଷା ହେଉଛନ୍ତି ଶିଶୁରୋଗ ବିଶେଷଜ୍ଞ। ଏହି ଚିକିତ୍ସକ ପରିବାରର ଯନ୍ତ୍ରଣାକୁ ବ୍ୟକ୍ତ କରିହେବନି। ଏହି ପରିବାରକୁ ଯେତେ ସମବେଦନା ଜଣାଇଲେ ମଧ ତାହା କମ୍ ହେବ। କିନ୍ତୁ ସତ୍ୟେନ୍ଦ୍ର ଓ ପ୍ରିୟାଙ୍କ ସ୍ମୃତିରେ ଆମେ ଯଥାସମ୍ଭବ ଜୀବନରକ୍ଷା କରିବାକୁ ପ୍ରତିଶ୍ରୁତି ଦେଉଛି ବୋଲି ମର୍ଫି କହିଛନ୍ତି।

### ନ୍ୟୁଜର୍ସିରେ ପ୍ରାୟ ୯ ହଜାର ଲୋକଙ୍କ ମୃତ୍ୟୁ

କରୋନା ମହାମାରୀରେ ସର୍ବାଧିକ ପୀଡ଼ିତ ଦେଶ ହେଉଛି ଆମେରିକା। ଏଠାରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୮୦ ହଜାର ଛୁଇଁବାକୁ ବସିଲାଣି। ଆମେରିକାର ରାଜ୍ୟଗୁଡ଼ିକ ମଧ୍ୟରେ ନ୍ୟୁୟର୍କ ସଂକ୍ରମିତ ଓ ମୃତ୍ୟୁ କ୍ଷେତ୍ରରେ ଶୀର୍ଷରେ ରହିଛି। ଦ୍ୱିତୀୟ ସ୍ଥାନରେ ରହି ନ୍ୟୁଜର୍ସି। ନ୍ୟୁୟର୍କରେ ୩ ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ପ୍ରାୟ ସାଢ଼େ ୨୬ ହଜାର ଲୋକ ଆଖିବୁଜିଲେଣି। ସେହିପରି ନ୍ୟୁଜର୍ସିରେ ୧ ଲକ୍ଷ ୩୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ୯ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି।

**ଆଜିର ମନ୍ତବ୍ୟ**

କରୋନା ବିରୋଧରେ ଲଢ଼େଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସୀମିତ ରହିଲେ ଆମେ ହାରିଯିବା।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ଝିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ବେଳକୁ ଫାଲୁଆ ଗୁଣ୍ଡା**
**ପର ବେଳକୁ ଗୋବର ଲଣ୍ଡା।**

ନିଜେ ପୂରା ଆତ୍ମସାତ୍ କରିବାକୁ ତିଆର, ଅଥଚ ପର ଖାଇଲେ କେତେକଙ୍କ ଆଖିରେ ଯାଇ ନ ଥାଏ। ଆଜିର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ତତ୍ପର। ନିଜର କଥା ହେଲେ ସବୁ ଆବୋରି ବସନ୍ତି, ପରନ୍ତୁ ପର କଥା ହେଲେ ମୁହଁ ବୁଲାଇ ଦେଇଥାନ୍ତି। ପରର ସୁଖ ସୁବିଧାକୁ ଦୃଷ୍ଟି ଦେଇ ନ ଥାନ୍ତି କି ଦେଖି ସହି ପାରି ନ ଥାନ୍ତି। ସବୁ କିଛି ନିଜେ ହାତେଇ ନେବାକୁ ଚାହୁଁଥିବା ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଡ଼ ନୟନ ବଙ୍କା ଭୁରୁ**
**ତାଙ୍କୁ ଜାଣିବ ଠକଙ୍କ ଗୁରୁ ।**

ସାଧାରଣତଃ ଟେରା ଆଖିଥିବା ବ୍ୟକ୍ତି ଓ ଭୁରୁ ବଙ୍କା ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଅନ୍ୟକୁ ଠକିବାରେ ବେଶ୍ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍ସ ପବ୍ଲିଶର୍ସ

# ପୋଲିସଙ୍କୁ ମିଳିବ କରୋନା ସୁରକ୍ଷା ତାଲିମ

■ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଡିଜିପିଙ୍କ ଆଲୋଚନା
■ ସୀମା ତନଖି ବେଳେ ଏସ୍ଓପି କାର୍ଯ୍ୟକାରୀ ହେବ

**କଟକ ଅଫିସ୍, ୮।୫**

କରୋନା ଭୂତାଣୁର ଦ୍ରୁତ ସଂକ୍ରମଣ ଯୋଗୁ ରାଜ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଶୁକ୍ରବାର ରାଜ୍ୟର ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ସାମ୍ପ୍ରତିକ ପରିସ୍ଥିତି ନେଇ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ମତ ଦେବା ସହ ଅନ୍ୟମାନଙ୍କ ମତ ସଂଗ୍ରହ କରିଥିଲେ। କରୋନା ମୁକାବିଲାରେ ନିୟୋଜିତ ପୋଲିସ କର୍ମଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ଏ ନେଇ ରୋଡ୍ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ପୋଲିସ କର୍ମଚାରୀମାନେ କରୋନାରୁ କେମିତି ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସେମାନଙ୍କୁ ତାଲିମ୍ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି।

କରୋନା ପ୍ରଭାବିତ ଜିଲା ଏବଂ ସୀମା ତନଖି ଫାଟକ ଥିବା ଜିଲା ସମ୍ପର୍କରେ ପୃଥକ ଭାବେ ଆଲୋଚନା କରାଯାଇଥିଲା। ଉଭୟ ଜିଲାରେ କାର୍ଯ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ସୁରକ୍ଷା ସରଞ୍ଜାମ ଯଥା ଆଖି ପାଇଁ ଚଷମା, ମୁହଁ ଘୋଡ଼ାଇବା ପାଇଁ ମାସ୍କ ଓ ହାତ ପାଇଁ ଗ୍ଲୋଭ୍ସ ଆଦି ସରଞ୍ଜାମ ପ୍ରଦାନ କରାଯିବ। ସାମାଜିକ ଦୂରତାକୁ ସମସ୍ତେ ଗୁରୁତ୍ୱ ଦେବେ। ଅନାବଶ୍ୟକ ମିଳାମିଶାଠାରୁ ନିଜକୁ ଯଥା ସମ୍ଭବ ଦୂରେଇ ରହିବାକୁ ପୋଲିସ କର୍ମଚାରୀଙ୍କୁ ପରାମର୍ଶ ଦିଆଯିବ। କରୋନା ପ୍ରଭାବିତ ଜିଲାରେ ଆକସ୍ମିକ ପାଣ୍ଠି ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସୀମା ତନଖି ଫାଟକ ଥିବା ଜିଲାଗୁଡ଼ିକରେ ତନଖି ଫାଟକ ପାଇଁ ଧାର୍ଯ୍ୟ ମାନଦଣ୍ଡ (ଏସ୍ଓପି)କୁ କାର୍ଯ୍ୟକାରୀ କରାଯିବ। ପାଦଚଲା ଓ ସାଇକେଲରେ ଆତଯାତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ନୀତି ନିର୍ଦ୍ଧାରଣ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ରେଖା ଲୋହାନି, ଯତୀନ୍ଦ୍ର କୋଏଲ, ଏଆଇଜି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ପେଟ୍ରୋଲ ଉପରେ କେନ୍ଦ୍ର ଜିଜିଆ କର ଲଗାଇଛି: ସୁର

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୨୦ବର୍ଷ ତଳକୁ ଫେରି ଆସି ୨୦ ଡଲାରରେ ପହଞ୍ଚିଛି। ଏହାର ସୁବିଧା ଜନସାଧାରଣ ଉପଲବ୍ଧ ନ କରିପାରିବା ଦୁଃଖଦାୟକ ଏବଂ ଜନସ୍ୱାର୍ଥ ବିରୋଧୀ ଘଟଣା ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କରୋନାର ଭୟାବହ ପରିସ୍ଥିତି ସମୟରେ ଯେତେବେଳେ ଲୋକଙ୍କ ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡିଛି ସେତେବେଳେ ପେଟ୍ରୋଲ ଉପରେ ୧୦ ଟଙ୍କା ଓ ଡିଜେଲ ଉପରେ ୧୩ଟଙ୍କା ଏକ୍ସାଇଜ୍ ଟିକସ ଲଦି ଦେବା ନିର୍ଦ୍ଦୟ ନିଷ୍ପତ୍ତି। ୨୦୧୪ ପରେ ମୋଦି ସରକାର ୧୨ଥର ତୈଳ ଦର ବୃଦ୍ଧି କରି ଜନସାଧାରଣଙ୍କ ଉପରେ ଆର୍ଥିକ ବୋଝ ଲଦି ଦେଇଛନ୍ତି। ବର୍ତ୍ତମାନ ତୈଳ ଦର ବୃଦ୍ଧିକୁ ସାଧାରଣ ଲୋକେ ମୋଦି ଟ୍ୟାକ୍ସ, ଗବର ସିଂ ଟ୍ୟାକ୍ସ ବା ଜିଜିଆ କର ବୋଲି କହୁଛନ୍ତି। ଯେତେବେଳେ ଅଶୋଧିତ ତୈଳ ଦର ଅନ୍ତର୍ଜାତୀୟ ବଜାରରେ ୧୨୫ ଟଙ୍କା ଥିଲା ସେତେବେଳେ କେନ୍ଦ୍ରର ଉପା ସରକାର ୭୦ ଟଙ୍କାରେ ପେଟ୍ରୋଲ ଦେଉଥିଲା। ଏବେ ଅଶୋଧିତ ତୈଳ ଦର ୨୦ ଡଲାରକୁ ଖସି ଆସିଥିବା ବେଳେ ମୋଦି ସରକାର ପେଟ୍ରୋଲ ଓ ଡିଜେଲ ଦର ପାଖାପାଖି ୭୦ ଟଙ୍କା ରଖି ସାଧାରଣ ଜନତାଙ୍କ ତଣ୍ଟିଚିପି ଅର୍ଥ ଆଦାୟ କରୁଛନ୍ତି। ଉପା ସରକାର ସମୟରେ ସାମାନ୍ୟ ତୈଳ ଦର ବୃଦ୍ଧି ହେଲେ ଉଭୟ ଭାଜପା ଓ ବିଜେଡି ପ୍ରତିବାଦ କରି ରାସ୍ତାରେ ଗଡୁଥିଲେ। ଏବେ ଭାଜପା ସରକାର ବଢ଼ାଇ ଚାଲିଛି, ହେଲେ ବିଜେଡିର ମୁହଁ ବନ୍ଦ କାହିଁକି ବୋଲି ସୁରେଶ ପ୍ରଶ୍ନ କରିଛନ୍ତି।

## ରଥ ନିର୍ମାଣ ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ୍



**ପୁରୀ ଅଫିସ୍, ୮।୫**

ରଥ ନିର୍ମାଣ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ରଥ ନିର୍ମାଣକାରୀଙ୍କ ବ୍ୟତୀତ ରଥଖଳାକୁ ଯେପରି ଅନ୍ୟମାନେ ପ୍ରବେଶ କରି ନ ପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ରଥଖଳାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାରିକେଡରେ ଆବଦ୍ଧ କରାଯାଇଛି। ସେହିପରି ଧଳା କପଡ଼ା ମଧ୍ୟ ଆଚ୍ଛାଦିତ କରାଯାଇଛି, ଯେପରି ବଡ଼ଦାଣ୍ଡରେ ଯାଉଥିଲେ ବି ରଥଖଳା ଭିତରେ ହେଉଥିବା କାମ ଦେଖାଯିବ ନାହିଁ। ଅନ୍ୟପକ୍ଷରେ ଶ୍ୟାମକୁଞ୍ଜ ମଠ ଗଳିରୁ ରାଧାବଲ୍ଲଭ ମଠ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ବ୍ୟାରିକେଡ କରାଯାଇଛି। ଏହି ଅଞ୍ଚଳ ମଧ୍ୟରେ ବଡ଼ଦାଣ୍ଡକୁ ସଂଯୋଗ ଥିବା ଗଳି ରାସ୍ତା ପ୍ରବେଶ ପଥକୁ ମଧ୍ୟ ବନ୍ଦ କରିଦିଆଯିବ ବୋଲି ଜଣାପଡ଼ିଛି।

## ୯୦% ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ

**କରୋନା ମୁକାବିଲା**

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

କରୋନା ମୁକାବିଲା ଲାଗି ଡାକ୍ତର, ନର୍ସ, ବୈଷୟିକ ସହାୟକ ଏବଂ ଚିକିତ୍ସା ସହାୟକମାନଙ୍କୁ ତାଲିମ ଦିଆଯାଇଛି। ସେମାନେ ପୂର୍ଣ୍ଣ ଦକ୍ଷତା ସହ ଯେକୌଣସି ସମ୍ଭାବ୍ୟ ସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ଥିବା ସରକାର ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ତଥା କୋଭିଡ୍ ଦକ୍ଷତା ବିକାଶ କମିଟି ଅଧ୍ୟକ୍ଷ ଅନୁ ଗର୍ଗ ମାନବ ସମ୍ବଳ ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରିଛନ୍ତି। ଏବେ ସୁଦ୍ଧା ୮୦୨୩ ଡାକ୍ତର, ୮୨୯୬ ଷ୍ଟାଫ ନର୍ସ, ୪୧୦୫ ପରୀକ୍ଷାଗାର ବୈଷୟିକ ସହାୟକ ଓ ପାରା ମେଡିକାଲ ଷ୍ଟାଫ, ୪୧୧୪ ଆୟୁଷ ଡାକ୍ତର, ୪୯୦୫ ଆମ୍ବୁଲାନ୍ସ ଡ୍ରାଇଭର, ୧,୩୫,୮୨୦ ଏଏନ୍ଏମ୍/ଆଶା/ଅଙ୍ଗନୱାଡି କର୍ମୀ, ୭୨୩୬ ପରିମଳ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧାଭାବେ ତାଲିକାଭୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ଜଣଙ୍କୁ ତାଲିମ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ୭ମ, ୮ମ ଏବଂ ୯ମ ସେମିଷ୍ଟରର ୮୩୨୫ ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ (ସେମାନଙ୍କ ଇଚ୍ଛା ଅନୁଯାୟୀ) ତାଲିମ ଦିଆଯାଇଛି। ସେହିପରି ଘରୋଇ ହସ୍ପିଟାଲର ୧୦୮ ଡାକ୍ତର, ୬୪ ଷ୍ଟାଫ୍ ନର୍ସ ଏବଂ ୬୧ ଫାର୍ମାସିଷ୍ଟ ଏବଂ ଅସ୍ଥାୟୀ ମେଡିକାଲ କ୍ୟାମ୍ପର ୩୩,୯୦୦ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଯୁଦ୍ଧଠୁ କମ୍ ନୁହେଁ ...

ସେପରି ସମୟବଦ୍ଧ ଭାବେ କୌଣସି ଟିକା ଅଦ୍ୟାବଧି ବାହାରି ନାହିଁ। କେତେ ମାସ ବା କେତେ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ସମ୍ପୂର୍ଣ୍ଣ ସଫଳତା ମିଳିବ ତାହା କହିବା କଷ୍ଟକର। ଏହି ପ୍ରକ୍ରିୟା ସହ ଜଡ଼ିତ ବୈଜ୍ଞାନିକମାନେ ସତର୍କ କରାଇଦେଇଛନ୍ତି ଯେ, କରୋନା ଭାକ୍ସିନ ଚଳିତ ବର୍ଷ ଶେଷ ସୁଦ୍ଧା ଏକୁଟିଆ କୌଣସି ଦେଶ ଦ୍ୱାରା ବିକଶିତ ହେବ ବୋଲି କୁହାଯାଇ ପାରିବ ନାହିଁ। ତେଣୁ ସଫଳତା ସ୍ୱାଦ ଅପେକ୍ଷା ବିଫଳତାର ନୈରାଶ୍ୟ ଅଧିକ ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ କହିଥିଲେ, ତାଙ୍କ ଦେଶ ଉଭୟ ବ୍ରିଟେନ ଓ ଅଷ୍ଟ୍ରେଲିଆ ସହ ମିଶି ଭାକ୍ସିନ୍ ପ୍ରୋଜେକ୍ଟ ଉପରେ କାର୍ଯ୍ୟ କରୁଛି। କିଏ ଆଗେ ସଫଳ ହେବ ତାହା ବଡ଼ କଥା ନୁହେଁ। ଯଦି ଅନ୍ୟ କୌଣସି ରାଷ୍ଟ୍ର ପ୍ରଥମେ ସଫଳତା ହାସଲ କରେ ତେବେ ସେ ସମ୍ପୃକ୍ତ ଦେଶକୁ ସମ୍ମାନ ଜଣାଇବେ। କାରଣ ଭୂତାଣୁରୁ ମୁକ୍ତି ପାଇଁ ଭାକ୍ସିନ ଜରୁରୀ। ସେହିପରି ସ୍ୱାସ୍ଥ୍ୟ ସଚିବ ଆଲେକ୍ସ ଆଜାରଙ୍କ ମତରେ ଭାକ୍ସିନ ଯେଉଁ ଦେଶ ଉଦ୍ଭାବନ କରୁ ନା କାହିଁକି ଆମେରିକା ନିଜେ ଏହାର ଉତ୍ପାଦନ ଆରମ୍ଭ କରିବା ନେଇ ଆଶାବାଦୀ। ଏହି ପରିପ୍ରେକ୍ଷୀରେ ଜର୍ମାନୀର ଅଭିଯୋଗକୁ ମଧ୍ୟ ଶୁଣାଯିବା ଦରକାର। ବର୍ଲିନ ସରକାରଙ୍କ ଅଭିଯୋଗ ହେଉଛି, ଆମେରିକା 'ଆଧୁନିକ ଚୋରା ବ୍ୟବସାୟ'ରେ ଲିପ୍ତ। ଜର୍ମାନୀ ପାଇଁ ଉଦ୍ଦିଷ୍ଟ କେତେକ ସୁରକ୍ଷାତ୍ମକ ଉପକରଣ ଜାହାଜରେ ଆସୁଥିବାବେଳେ ଆମେରିକା ତାକୁ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିବାବେଳେ ୱାଶିଂଟନ ଏହାକୁ ଖଣ୍ଡନ କରିଛି। ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସ ମଙ୍ଗଳବାର କହିଥିଲେ, ତାଙ୍କ ଦେଶର ଭାକ୍ସିନ ପ୍ରୋଗ୍ରାମ ଆମେରିକୀୟଙ୍କ ପାଇଁ ଉଦ୍ଦିଷ୍ଟ। ଟ୍ରମ୍ପ ପ୍ରଶାସନ ଜାନୁୟାରୀ ସୁଦ୍ଧା ଲୋକଙ୍କୁ ୩୦୦ ନିୟୁତ ଡୋଜ୍ ଟିକା ଦେବା ପାଇଁ ଟାର୍ଗେଟ ରଖିଛି। ଅନ୍ୟପକ୍ଷରେ ଚାଇନାର ଗବେଷଣା ପ୍ରକ୍ରିୟା ଅଧିକ ଉନ୍ନତ। କରୋନା ଭାକ୍ସିନର ପ୍ରୟୋଗାତ୍ମକ ପରୀକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ୫୦୮ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ଚାଇନିଜ୍ ଏକାଡେମୀ ଅଫ୍ ମିଲିଟାରି ମେଡିକାଲ୍ ସାଇନ୍ସେସ୍ ଏହାକୁ ତିଆଞ୍ଜିନସ୍ଥିତ କାନ୍ସିନୋ ବାୟୋଲୋଜିକ୍ସ କମ୍ପାନୀ ସହ ମିଶି ବିକଶିତ କରୁଛି। ଏହି ପରୀକ୍ଷଣର ଫଳାଫଳ ଚଳିତମାସ ଆସିଯିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ରୁଷିଆ ପକ୍ଷରୁ ୪ ପ୍ରକାର ଭାକ୍ସିନ ଉଦ୍ଭାବନ ପାଇଁ ପ୍ରସ୍ତୁତି ଚାଲିଛି। ଏକଦା ସୋଭିଏଟ୍ ପାଇଁ ଜୈବିକ ଅସ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଥିବା ନୋଭୋସିବିର୍ସ୍କ ଭେକ୍ଟର ଲାବରେଟୋରି ମଧ୍ୟ ଏହି ମିଶନରେ ନିୟୋଜିତ ହୋଇଛି। କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ନିର୍ଭରଶୀଳ ନ ହୋଇ ନିଜ ଦ୍ୱାରା ପ୍ରସ୍ତୁତ ଟିକା ରୁଷିଆବାସୀଙ୍କୁ ଦେଇ ଆରୋଗ୍ୟ କରିବା ଏହାର ଲକ୍ଷ୍ୟ ବୋଲି ଜଣେ ଗବେଷକ କହିଛନ୍ତି। ଫ୍ରାନ୍ସ ଓ ଜର୍ମାନୀ ମଧ୍ୟ ନିଜ ନିଜ ଉପାୟରେ ଗବେଷଣା କ୍ଷେତ୍ରରେ ମନୋନିବେଶ କରିଛନ୍ତି। ଜର୍ମାନୀ ଚାନ୍ସଲର ଆଞ୍ଜେଲା ମର୍କେଲଙ୍କ ମତରେ ଏହି ମହାମାରୀ ସାରା ବିଶ୍ୱ ପାଇଁ ଏକ ଆହ୍ୱାନ ହୋଇଥିବାରୁ ଏଥିରୁ ମୁକ୍ତି ପାଇଁ ବୈଶ୍ୱିକ ସ୍ତରରେ ସମାଧାନ ଜରୁରୀ। ତେଣୁ ନୂଆ ଗବେଷଣା ପାଇଁ ଆମେ ପ୍ରସ୍ତୁତ। ତେବେ ଆରମ୍ଭରେ ଏକତା କଥା କହି ସଫଳତା ହାସଲ ପରେ କୌଣସି ଦେଶ ନିଜ ପ୍ରତିଶ୍ରୁତି ରକ୍ଷା କରି ନ ଥିବା ଅତୀତର ଅନୁଭୂତିରୁ ଜଣାପଡ଼େ। ୨୦୦୯ରେ ଏଚ୍୧ଏନ୍୧ ଫ୍ଲୁ ମହାମାରୀ ମାଡ଼ି ଚାଲିଥିବାବେଳେ ସରକାରମାନେ ପରସ୍ପର ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ମିଳିତ ଘୋଷଣାନାମା ଜାରି କରିଥିଲେ। ହେଲେ ସଫଳତା ମିଳିବା ପରେ ଶ୍ରେୟ ନେବା ପାଇଁ ଷଡ଼ଯନ୍ତ୍ରର କାଦୁଅଫିଙ୍ଗା ପର୍ବ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆମେରିକାର ମାନବହିତୈଷୀ ଶିଳ୍ପପତି ବିଲ୍ ଗେଟ୍ସଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ। ତାଙ୍କ ଭାଷାରେ କୋଭିଡ୍-୧୯ ଏକ ଯୁଦ୍ଧ ସଦୃଶ, ଯେଉଁଠି ଆମେ ସମସ୍ତେ ଗୋଟିଏ ପଟେ ଲଢୁଥିବାବେଳେ ଅନ୍ୟପଟେ ରହିଛି କେବଳ ଘାତକ ମହାମାରୀ।

### ପ୍ରବାସୀ ଶ୍ରମିକଙ୍କ ଉପରେ ...

ଲାଗି ସାରା ଦେଶ ଲକ୍ଡାଉନରେ ରହିଛି। ଫଳରେ ଦୀର୍ଘଦିନ ହେଲା କାମଧନ୍ଦା ନ ପାଇ ଭୋକ ଉପାସରେ ଥିବା ପ୍ରବାସୀ ଶ୍ରମିକମାନେ କୌଣସି ପ୍ରକାରେ ନିଜ ରାଜ୍ୟକୁ ଫେରିଯିବା ଲାଗି ବ୍ୟଗ୍ର ହୋଇପଡ଼ିଛନ୍ତି। ମଧ୍ୟପ୍ରଦେଶର ଉକ୍ତ ଶ୍ରମିକମାନେ ଜଲାନାର ଏକ ଇସ୍ପାତ କାରଖାନାରେ କାମ କରୁଥିଲେ। ଲକ୍ଡାଉନ ଯୋଗୁ କାରଖାନା ବନ୍ଦ ଥିବାରୁ ସେମାନେ ଟ୍ରେନ୍ରେ ମଧ୍ୟପ୍ରଦେଶ ଫେରିବା ପାଇଁ ଚାହୁଁଥିଲେ। ତେବେ ସେମାନେ ପାସ୍ ପାଇଁ ଆବେଦନ କରି ନ ଥିବାରୁ ପୋଲିସ ଯାଞ୍ଚରୁ ବର୍ତ୍ତିବା ପାଇଁ ରାସ୍ତାରେ ନ ଆସି ରେଳଲାଇନରେ ଆସୁଥିଲେ। ୪୦ କିଲୋମିଟର ଚାଲିବା ପରେ ହାଲିଆ ହୋଇ ସେମାନେ ସତାନା ନିକଟରେ ରେଳଲାଇନରେ ଶୋଇଯାଇଥିଲେ। ଭୋର ସମୟରେ ମନ୍ମାଡ୍ରୁ ନାଣ୍ଡେଡ୍ ଯାଉଥିବା ମାଲବାହୀ ଟ୍ରେନ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଟ୍ରାକ୍ ଉପରେ କେତେଜଣ ଶୋଇଥିବା ଅଳ୍ପ ଦୂରରୁ ଡ୍ରାଇଭର ଦେଖିପାରି ହର୍ନ ବଜାଇଥିଲେ। ସେତେବେଳକୁ ଟ୍ରେନ୍ଟି ସେମାନଙ୍କ ନିକଟତର ହୋଇଯାଇଥିବାରୁ ଦୁର୍ଘଟଣା ରୋକିବା ସମ୍ଭବ ହୋଇ ନ ଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଦୁଃଖପ୍ରକାଶ କରିଛନ୍ତି। ଦୁର୍ଘଟଣାର ସବିଶେଷ ତଦନ୍ତ ଲାଗି ରେଲୱେ ନିର୍ଦ୍ଦେଶ ଦେଇଛି। ରେଲୱେ ଦକ୍ଷିଣ କେନ୍ଦ୍ରୀୟ ସର୍କଲର ନିରାପତ୍ତା କମିଶନର ରାମ କ୍ରିପାଲ ଘଟଣାର ତଦନ୍ତ କରିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

୧୬ ଶ୍ରମିକଙ୍କ ମୃତ୍ୟୁରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋକବ୍ୟକ୍ତ କରିବା ସହିତ ପ୍ରତ୍ୟେକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ କଥା ହୋଇ ଘଟଣାର ତଦନ୍ତ କରିବା ସହ ରେଲୱେ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶରୁ ଅଫିସରମାନଙ୍କର ଏକ ଟିମ୍ ଆହତମାନଙ୍କ ଦେଖାଶୁଣା କରିବା ଲାଗି ଔରଙ୍ଗାବାଦ ଯାଇଛନ୍ତି। ଚୌହାନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍ରେଙ୍କ ସହ କଥା ହୋଇ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଦାଦନ ଶ୍ରମିକଙ୍କ ମୃତ୍ୟୁରେ ଠାକ୍ରେ ଶୋକବ୍ୟକ୍ତ କରିବା ସହ ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଦୁର୍ଘଟଣା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛନ୍ତି। ପ୍ରବାସୀ ଶ୍ରମିକମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଯାଉଛି, ସେଥିପାଇଁ ସରକାର ଲଜ୍ଜିତ ହେବା ଉଚିତ ବୋଲି ସେ କହିଛନ୍ତି। ଶ୍ରମିକମାନଙ୍କ ଫେରିବା ଲାଗି ସରକାରଙ୍କ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟି ନ ଥାନ୍ତା ବୋଲି କଂଗ୍ରେସ କହିଛି।

### ରାଜ୍ୟକୁ ଫେରିପାରିବେ ...

ଜାରି କରିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ କହିଥିଲେ, ଟ୍ରେନ୍ରେ ଚଢ଼ିବା ପୂର୍ବରୁ ସମସ୍ତ ପ୍ରବାସୀ ଶ୍ରମିକଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି। ଯେଉଁମାନଙ୍କଠାରେ କୋଭିଡ୍-୧୯ ଲକ୍ଷଣ ନାହିଁ ସେମାନଙ୍କୁ ଟ୍ରେନରେ ଫେରିବା ଲାଗି ଅନୁମତି ଦିଆଯାଉଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏପ୍ରିଲ୍ ୨୯ରେ ନିର୍ଦ୍ଦେଶ ଦେବା ସହ ଗାଇଡଲାଇନ୍ ଜାରି କରିଥିଲେ। ଶ୍ରମିକଙ୍କ ସୁରକ୍ଷା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଧ୍ୟାନ ଦେଇଥିବା ଉକ୍ତ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହୋଇଛି। ସରକାରଙ୍କ ଉକ୍ତ ନିର୍ଦ୍ଦେଶନାମା ହାଇକୋର୍ଟଙ୍କ ନଜରକୁ ଅଣାଯାଇ ନ ଥିବା କିମ୍ବା ଏହାକୁ ଚ୍ୟାଲେଞ୍ଜ କରାଯାଇ ନ ଥିବା ଜଣାପଡୁଛି ବୋଲି ଖଣ୍ଡପୀଠ କହିଛନ୍ତି। ସେଥିପାଇଁ ଓଡ଼ିଶା ହାଇକୋର୍ଟଙ୍କ ୭ ତାରିଖ ଅନ୍ତରୀଣ ରାୟ ଉପରେ ସ୍ଥଗିତାଦେଶ ଜାରି କରାଯାଉଛି। ଭାରତ ସରକାରଙ୍କ ଏପ୍ରିଲ ୨୯ ନିର୍ଦ୍ଦେଶନାମା ଓ ମେ' ୧ ତାରିଖ ଗାଇଡଲାଇନ ଅନୁଯାୟୀ ଅଟକି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇନେବାକୁ ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ଜବାବ ନ ଶୁଣି ଓଡ଼ିଶା ହାଇକୋର୍ଟ ରାୟ ପ୍ରଦାନ କରିଥିବା ପିଟିଶନରେ ଦର୍ଶାଯାଇଥିଲା। ଏଭଳି ରାୟ ଅନ୍ୟ ରାଜ୍ୟର ପ୍ରବାସୀ ଶ୍ରମିକମାନଙ୍କ ଉପରେ ବ୍ୟାପକ ପ୍ରଭାବ ପକାଇପାରେ। କେନ୍ଦ୍ର ଓ ରାଜ୍ୟ ସରକାର ନେଉଥିବା ମାନକ ସଞ୍ଚାଳନ ପ୍ରକ୍ରିୟା (ଏସ୍ଓପି) ପ୍ରତି ହାଇକୋର୍ଟ ନଜର ଦେଇନାହାନ୍ତି। ମହାମାରୀ ଲକ୍ଷଣ ଓ ଏହାକୁ ନେଇ ଉପୁଜିଥିବା ସ୍ଥିତିକୁ ସରକାର କିଭଳି ପରିଚାଳନା କରୁଛନ୍ତି ତାହା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇ ନ ଥିବା ପିଟିଶନରେ ଦର୍ଶାଯାଇଥିଲା। ସୂଚନାଯୋଗ୍ୟ, ବାହାର ରାଜ୍ୟରେ ଅଟକିଥିବା ଶ୍ରମିକଙ୍କୁ ଫେରାଇଆଣିବା ଲାଗି ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ଏବଂ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନର ଶୁଣାଣି ସ୍ଥଗିତ ରଖିବା ସହ କୋଭିଡ୍-୧୯ ପରୀକ୍ଷା ପରେ କେବଳ ନେଗେଟିଭ୍ ଥିବା ଶ୍ରମିକଙ୍କୁ ଫେରିବା ଲାଗି ଅନୁମତି ଦେବାକୁ ଅନ୍ତରୀଣ ରାୟରେ କହିଥିଲେ।

### ସଙ୍ଗରୋଧ ଗୃହରେ ଟଳି ପଡ଼ିଲେ...

ମୃତକଙ୍କ ସ୍ୱାବ୍ ସଂଗ୍ରହ କରି କୋଭିଡ୍-୧୯ ପରୀକ୍ଷା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି। ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କ କହିବା ଅନୁଯାୟୀ, ମୃତ୍ୟୁର କିଛି ସମୟ ପୂର୍ବରୁ ସେ ଫୋନରେ ତାଙ୍କ ସହ କଥା ହୋଇଥିଲେ। ଏହାର କିଛିସମୟ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ଖବର ଆସିଥିଲା। ତାଙ୍କୁ ଜ୍ୱର ହେଉଥିବାରୁ ପ୍ରଶାସନ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ସରପଞ୍ଚ ପ୍ରତିନିଧି ବସନ୍ତ ଜେନା ସୂଚନା ଦେଇଛନ୍ତି।

### ୨୮ ଦିନ ହେଲା ...

ଅନ୍ତେବାସୀ ଚାହିଁଲେ ସେଠାରେ କାମ କରିପାରିବେ। ଦୈନିକ ପାରିଶ୍ରମିକ ବାବଦରେ ୧୫୦ ଟଙ୍କା ମିଳିବ। ସେଠାରେ ସେମାନେ ବଗିଚା, ରଙ୍ଗ କାମ,ଶିବିର ପରିଷ୍କାର ପରିଚ୍ଛନ୍ନତା, କ୍ୟାମ୍ପର ଉନ୍ନତୀକରଣ, ଖେଳପଡିଆର ବିକାଶ, ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିପାରିବେ। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବା ପରେ ସେମାନଙ୍କୁ ସରକାର ପୂର୍ବରୁ ଘୋଷଣା କରିଥିବା ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସହିତ ୧୦ ଦିନର ଅତିରିକ୍ତ ମଜୁରି ପ୍ରଦାନ କରାଯିବ। ୨୧ ଦିନ ଗୋଟିଏ ଜାଗାରେ ରହୁଥିବାରୁ ବାହାର ରାଜ୍ୟ ଫେରନ୍ତା ଯେପରି ମାନସିକ ଦୁଶ୍ଚିନ୍ତାରେ ନ ରହିବେ ସେ ନେଇ ସରକାର ଏହି ବ୍ୟବସ୍ଥା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା କେ. ଶ୍ରୀନାଥ ରେଡ୍ଡୀ କ୍ୱାରାଣ୍ଟାଇନ୍ ଅବଧି ବୃଦ୍ଧି କରିବାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ବେଳେ ପରାମର୍ଶ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସକାଳୁ ସକାଳୁ ଭାଇ, ବନ୍ଧୁ, ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ । କୃତ୍ତିକା କ୍ରୀଡ଼ା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ସ୍ଥିର କରିଥିବା ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ତର୍କବିତର୍କ କାରଣରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡିବାର ଆଶଙ୍କା ରହିଛି। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି ।

**ମିଥୁନ**
ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ମୃଗଶିରା ନକ୍ଷତ୍ର ଆପଣଙ୍କ ସାହାଯ୍ୟରେ ସମ୍ପର୍କୀୟ ବ୍ୟକ୍ତିମାନଙ୍କ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ପାଖରେ ଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ କିନ୍ତୁ ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**
ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ । ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପୁଷ୍ୟା ନକ୍ଷତ୍ର ସକାଶେ ନିର୍ମାଣାରମ୍ଭ, ବ୍ୟବସାୟ, ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଜମିଜମା ସମ୍ପର୍କିତ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ**
ଚେଷ୍ଟା କରୁଥିବା କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗିରହିବ। ବନ୍ଧୁମାନଙ୍କ ସହ ଆଲୋଚନା ତଥା ପରିବହନ,ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**କନ୍ୟା**
ପ୍ରତ୍ୟେକ କାମ ସମସ୍ୟା ବିଜଡିତ ସାଙ୍ଗକୁ ବହୁତ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢିଯିବ। ବନ୍ଧୁଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ। ସାଧାରଣ କଥାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ମାନସିକ ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇପାରେ।

**ତୁଳା**
ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ, ଅବଶ୍ୟ ବିଭିନ୍ନ ସ୍ତରରୁ ଉପକୃତ ହେବେ । ବ୍ୟୟ ଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବଢ଼ି ଯାଇପାରେ।

**ବିଛା**
କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଜ୍ୟେଷ୍ଠା ନକ୍ଷତ୍ର ବିବାଦୀୟ ଘଟଣାରୁ ଦୂରେଇ ରହିବା ଭଲ ହେବ । ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ଦୀର୍ଘ ଦିନରୁ ପଡିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ**
ପୂର୍ବ ଶତ୍ରୁତାକୁ ନେଇ ମନଟା କେମିତି କେମିତି ଲାଗିବ ଏବଂ ବିଶେଷ ଭଲ ରହିବ ନାହିଁ । ଉତ୍ତରାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ କିନ୍ତୁ ଉପଭୋଗ୍ୟ ନ ହୋଇପାରେ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର**
ଶ୍ରବଣା ନକ୍ଷତ୍ର ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତିଟି କ୍ଷେତ୍ରରେ ଅପେକ୍ଷାକୃତ ଅସୁବିଧା ଭୋଗିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡି ହେବ ନାହିଁ । ସରକାରୀ ସୂତ୍ରରୁ ଅର୍ଥ, ଛୋଟ ବ୍ୟବସାୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦବିବାଦରେ ଆପୋସ ସମାଧାନ ଘଟିବ ଓ ଶତଭିଷା ବିଜୟୀ ହେବେ । ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ମୀନ**
ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ ନତୁବା ଅନୁତାପ କରିବାକୁ ପଡ଼ିବ । ସଭାସମିତି, କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା, ତୃତୀୟା ଶନିବାର, ମେ ୯ ତାରିଖ, ରାଣାପ୍ରତାପଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଜ୍ୟେଷ୍ଠା। ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୩୪ମି. ଗତେ ଘ.୦୧.୦୦ମି. ମଧ୍ୟେ, ରାତ୍ରି ଘ.୦୮.୨୨ମି. ଗତେ ଘ.୧୦.୩୬ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି.ଗତେ ଘ.୦୧.୩୪ମି. ମଧ୍ୟେ, ଘ.୦୨. ୧୮ମି. ଗତେ ଘ.୦୩.୪୭ମି.ମଧ୍ୟେ ଅମୃତବେଳା । ମାହେନ୍ଦ୍ରବେଳା ନାସ୍ତି। ସକାଳ ଘ.୦୮.୩୦ମି.ଗତେ ଘ.୧୦.୦୭ମି. ମଧ୍ୟେ ରାହୁକାଳ।

classified


real estate


to-let

**SALE**

3900SFT plot immediately sale Jharpada, Bhubaneswar, BDA Yellow Zone buyers directly. Contact- DEEPAK-9937329999. D-68077

1BHK Furnished AC House, near Lingaraj Temple, Bhubaneswar, 8,000/-, 9437388990. D-69404

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## କଟକ ଜିଲ୍ଲାର ସମସ୍ତ ମଦ ଦୋକାନ ସିଲ୍

**କଟକ ଅଫିସ, ୮।୫:** କଟକ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲାର ସମସ୍ତ ମଦ ଦୋକାନକୁ ସିଲ୍ କରିଛି ଅବକାରୀ ବିଭାଗ। କଟକକୁ ଗ୍ରୀନ ଜୋନ ଭାବେ ଘୋଷଣା କରାଯିବା ପରେ ଏଠାରେ ମଦ ଦୋକାନ ଖୋଲିବା ନେଇ ଗ୍ରୀନ ସିଗ୍‌ନାଲ ମିଳିଥିଲା। ତେବେ ଏହି ନିଷ୍ପତ୍ତି ନେଇ ରାଜ୍ୟ ସରକାର କୌଣସି ପରବର୍ତ୍ତୀ ଘୋଷଣା କରିନାହାନ୍ତି। ଫଳସ୍ୱରୂପ ଜିଲା ପ୍ରଶାସନ ପକ୍ଷରୁ ମଦ ଦୋକାନଗୁଡ଼ିକୁ ସିଲ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଗତ ୪ତାରିଖଠାରୁ ମଦ ଦୋକାନ ଖୋଲିବ ବୋଲି ଘୋଷଣା ହେବା ସତ୍ତ୍ୱେ କଟକ ଜିଲାରେ ଏହା ସମ୍ଭବ ହୋଇ ପାରି ନ ଥିଲା। ଗ୍ରୀନ ଜୋନଗୁଡ଼ିକରେ ମଦ ଦୋକାନ ଖୋଲାଯାଇପାରିବ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମଧ ଘୋଷଣା କରାଯାଇଥିଲା। ପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କେବଳ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଅନୁମତି ଦିଆଯାଇଥିଲା। ଜିଲାରେ ୫୦ଟି ଠିପି ଖୋଲା ବିଦେଶୀ ମଦ ଦୋକାନ ଥିବାବେଳେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ସଂଖ୍ୟା ୧୧୭। ଗ୍ରୀନ ଜୋନରେ ମଦ ଦୋକାନ ଖୋଲିବା ନେଇ ଘୋଷଣା ପରେ ବି ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଇତିମଧ୍ୟରେ ଲକଡାଉନକୁ ୪୮ ଦିନ ପୂରିଲାଣି। ମଦ ଦୋକାନ ନ ଖୋଲିବା ଯୋଗୁ ସହରରେ ଚୋରା ମଦ କାରବାର ବଢ଼ିଚାଲିଛି। ଦେଶୀ ମଦର ରପ୍ତାନୀ ମଧ ବୃଦ୍ଧି ପାଇଛି।

# ସ୍କୁଲ୍‌ରେ ଅଡ୍-ଇଭିନ ବ୍ୟବସ୍ଥା ପାଇଁ ଯୋଜନା

- ଗାଇଡଲାଇନ୍ ପ୍ରସ୍ତୁତ କରୁଛି ଏନ୍‌ସିଇଆର୍‌ଟି
- ମାନବ ସମ୍ବଳ ମନ୍ତ୍ରଣାଳୟ ଅନୁମତି ଦେଲେ କାର୍ଯ୍ୟକାରୀ ହେବ
- ଟିଭିରେ 'ଇଚ୍ କ୍ଲାସ୍, ୱାନ୍ ଚ୍ୟାନେଲ୍' ପ୍ରସାରଣ ହେବ

**ଭୁବନେଶ୍ୱର, ୮।୫(ବ୍ୟୁରୋ)**

କରୋନା ପାଇଁ ସାରା ଦେଶ ଏବେ ଲକ୍‌ଡାଉନ୍। ଦିନକୁ ଦିନ ସ୍ଥିତି ଜଟିଳ ହୋଇଚାଲିଥିବାବେଳେ ଇତିମଧ୍ୟରେ ଲକ୍‌ଡାଉନ୍ ଅବଧିକୁ ୩ଥର ବଢ଼ାଯାଇଛି। ଏପରି ସ୍ଥଳେ ପିଲାଙ୍କ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। ନୂଆ ଶିକ୍ଷାବର୍ଷ କେବେ ଆରମ୍ଭ ହେବ ଓ ଆଗକୁ ସ୍କୁଲ ଖୋଲିଲେ ଏତେ ମାତ୍ରାରେ ପିଲା କିପରି ସ୍କୁଲ ଯିବେ ତାହାକୁ ନେଇ ବିକଳ୍ପ ବ୍ୟବସ୍ଥା କରାଯାଉଛି। ନ୍ୟାଶନାଲ୍ କାଉନସିଲ୍ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନସିଇଆର୍‌ଟି) ସ୍କୁଲରେ ଅଡ୍-ଇଭିନ ବ୍ୟବସ୍ଥା ଲାଗୁ କରିବା ପାଇଁ ଯୋଜନା କରୁଛି। ଗୋଟିଏ ସପ୍ତାହରେ ଯୁଗ୍ମ ରୋଲ୍ ନମ୍ବର ଥିବା ଛାତ୍ରୀଛାତ୍ର ସ୍କୁଲ ଆସିବେ ଓ ପର ସପ୍ତାହରେ ଅଯୁଗ୍ମ ରୋଲ୍ ନମ୍ବର ଥିବା ଛାତ୍ରୀଛାତ୍ର ସ୍କୁଲ ଆସିବେ। ଏନେଇ ଖୁବ୍ ଶୀଘ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇ ମାନବ ସମ୍ବଳ ମନ୍ତ୍ରଣାଳୟକୁ ପଠାଯିବ। ସେଠାରୁ ଅନୁମତି ମିଳିବା ପରେ ସବୁ ରାଜ୍ୟକୁ ପଠାଯିବ। ଯଦି ରାଜ୍ୟ ସରକାର ଚାହିଁବେ ତେବେ ଏହାକୁ ସଂଶୋଧନ କରି ଲାଗୁ କରିପାରିବେ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ହୃଷୀକେଶ ସେନାପତି କହିଛନ୍ତି। ସାମାଜିକ ଦୂରତ୍ୱ ଏହି ବ୍ୟବସ୍ଥାର ମୂଳ ଆଧାର ରହିବ। ଯେବେବି ସ୍କୁଲ ଖୋଲିବ ପ୍ରଥମେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା ରଖାଯାଇଛି।

ଏହାଛଡ଼ା ଟିଭି ଚ୍ୟାନେଲଗୁଡ଼ିରେ ପ୍ରସାରଣ ପାଇଁ ସରକାର 'ଇଚ୍ କ୍ଲାସ୍, ୱାନ୍ ଚାନେଲ୍' କାର୍ଯ୍ୟକ୍ରମ ପ୍ରସାରଣ କରିବାକୁ ଯୋଜନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ଏନ୍‌ସିଇଆର୍‌ଟି 'ବିଷୟବସ୍ତୁ ଓ ଲାଇଭ୍ ଇଣ୍ଟରଆକ୍ସନ' ପାଠ୍ୟକ୍ରମ ମଧ ପ୍ରସ୍ତୁତ କରୁଛି। ଚୂଡ଼ାନ୍ତ ମାର୍ଗଦର୍ଶିକା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅନୁମୋଦନ କରିବ ବୋଲି ନିର୍ଦ୍ଦେଶକ ସେନାପତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣରେ କୌଣସି ମତେ ସାଲିସ ନ କରାଯିବା ପାଇଁ ଏହିସବୁ ବ୍ୟବସ୍ଥା କରିବାକୁ ଯୋଜନା କରାଯାଉଛି। ଯୁଗ୍ମ ଅଯୁଗ୍ମ ବ୍ୟବସ୍ଥା ସହ ସପ୍ତାହ ଅଦଳ ବଦଳ ବ୍ୟବସ୍ଥା ଉପରେ ମଧ ବିଚାର କରାଯାଉଛି। ଘରେ ରହୁଥିବା ଦିନ ଛାତ୍ରୀଛାତ୍ରମାନେ କ'ଣ କରିବେ ତାହା ମଧ ଏହି ମାର୍ଗଦର୍ଶିକାରୁ ଜଣାପଡ଼ିବ ବୋଲି ସେନାପତି ପ୍ରକାଶ କରିଛନ୍ତି।

## 'ମାଇକ୍ରୋସଫ୍ଟ ଟିମ୍'ରେ ପାଠପଢ଼ିବେ ସରକାରୀ ସ୍କୁଲ ଛାତ୍ରୀଛାତ୍ର

**ଭୁବନେଶ୍ୱର,୮।୫(ବ୍ୟୁରୋ)**

କୋଭିଡ୍-୧୯ ସଂକ୍ରମଣ ଯୋଗୁ ଦେଶ ସମେତ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ହ୍ୱାଟ୍‌ସଆପ୍ ଏବଂ ଡିଡି ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ 'ମଧୁ ଆପ୍' ଓ 'ଏଡୁସାଟ୍' ଦ୍ୱାରା ଶିକ୍ଷାଦାନ କରାଯାଉଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଅନ୍‌ଲାଇନ୍ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରିବା ପାଇଁ 'ମାଇକ୍ରୋସଫ୍ଟ-ଟିମ୍'ର ସାହାଯ୍ୟ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଟିମ୍ ମାଧ୍ୟମରେ ଖୋର୍ଦ୍ଧା ଜିଲାର ୧୦ଟି ବିଦ୍ୟାଳୟରେ ପରୀକ୍ଷାମୂଳକ ଭାବେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ କରାଯାଇଛି। ସେହିଭଳି ପ୍ରତି ସ୍କୁଲର ପ୍ରଧାନ ଶିକ୍ଷକ ଓ ୨ଜଣ ସହକାରୀ ଶିକ୍ଷକଙ୍କୁ ନେଇ ଏସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ୨୪ଟି ଜିଲାର ଜିଲାଶିକ୍ଷା ଅଧିକାରୀ ଏବଂ ଜିଲା ପ୍ରକଳ୍ପ ସଂଯୋଜକମାନଙ୍କୁ ୨ଦିନ ପୂର୍ବରୁ ପ୍ରଶିକ୍ଷଣ ଦିଆଯାଇଛି। ୨୪ ଜିଲାର ୧୦ଟି ଲେଖାଏ ମୋଟ ୨୪୦ ସ୍କୁଲରେ ଏହି 'ମାଇକ୍ରୋସଫ୍ଟ ଟିମ୍' ଦ୍ୱାରା ଶିକ୍ଷା ପ୍ରଦାନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବ୍ୟବସ୍ଥା କରାଯାଇଛି। ଗୋଟିଏ ସ୍କୁଲ ଅଧୀନରେ ୨୫୦ ଜଣ ଛାତ୍ରୀଛାତ୍ର ଏହି ସ୍ୱତନ୍ତ୍ର ସଫ୍ଟୱେର୍ ମାଧ୍ୟମରେ ପାଠ ପଢ଼ିପାରିବେ। ବେସରକାରୀ ଇଂଲିଶ ମିଡିୟମ୍ ସ୍କୁଲ୍ ସରକାରୀ ସ୍କୁଲ୍‌ରେ ମଧ ମାଇକ୍ରୋସଫ୍ଟ ଟିମ୍ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କ ସହିତ ସିଧାସଳଖ ଆଲୋଚନା ଓ ପର୍ଯ୍ୟାଲୋଚନା କରି ପାଠ ପଢ଼ିପାରିବେ। ଏହାସହ ଅନ୍ୟାନ୍ୟ ସ୍କୁଲ୍‌ରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ହ୍ୱାଟ୍ସଆପ୍ ମାଧ୍ୟମରେ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

## ୩ ଟ୍ୟାଙ୍କର ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ



ଶକ୍ତିସୁଗାର କମ୍ପାନୀ ମୁଖ୍ୟ ଫାଟକ ପାର୍କିଂ ଅଞ୍ଚଳରେ ଅଟକି ରହିଥିବା ଟ୍ୟାଙ୍କର ସହ ଘଟଣାସ୍ଥଳରେ ପଡିଥିବା ମୃତଦେହ।

**ଢେଙ୍କାନାଳ ଅଫିସ,୮।୫**

- ଶକ୍ତିସୁଗାର ମୁଖ୍ୟ ଫାଟକ ପାର୍କିଂସ୍ଥଳରେ ଅଘଟଣ
- ସ୍ପିରିଟ୍ ନେବାକୁ ଖୋର୍ଦ୍ଧା ମଦ କମ୍ପାନୀରୁ ଆସିଥିଲେ
- କରୋନା ଅପପ୍ରଚାର ହେବାରୁ କେହି ଛୁଇଁଲେନି ମୃତଦେହ

ଢେଙ୍କାନାଳ ଟାଉନ ଓ ସଦରଥାନା ସୀମା ହରିପୁର ଅଞ୍ଚଳର ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶକ୍ତିସୁଗାର କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖ ପାର୍କିଂସ୍ଥଳରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଅଘଟଣ। ସ୍ପିରିଟ୍ ନେବାକୁ ଖୋର୍ଦ୍ଧାର ଏକ ମଦ କମ୍ପାନୀରୁ ଆସିଥିବା ୩ଟି ଟ୍ୟାଙ୍କର ଚାଳକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ୩ ଚାଳକ ହେଲେ ବିହାର ଗୌରାଖାଲିସପୁର ଗ୍ରାମର ଗୁବେଲ ଭାରତୀ, ଦିଲୀପ ଭାରତୀ ଏବଂ ହରେରାମ ଭାରତୀ। ସେମାନେ ସମ୍ପର୍କରେ ୩ ଭାଇ। ଖବର ପାଇ ଟାଉନ ଓ ସଦର ଥାନା ପୋଲିସ, ଅବକାରୀ ବିଭାଗ, ଜିଲା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଫୁଡ୍ ପଏଜନିଂ କିମ୍ବା କୌଣସି ବିଷାକ୍ତ ଖାଦ୍ୟ ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ଚାଳକଙ୍କ ମୃତଦେହ କରୋନା ଅପପ୍ରଚାର ଯୋଗୁ ଦୀର୍ଘ ୧୨ ଘଣ୍ଟା ପଡ଼ିରହିବା ଚର୍ଚ୍ଚାର ବିଷୟ ହୋଇଛି।

ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ମନୋଜ ସେଠୀ କହିଛନ୍ତି, ସ୍ପିରିଟ୍ ନେବା ପାଇଁ ଖୋର୍ଦ୍ଧାର ମଦ କମ୍ପାନୀ କୌଣସି ଅନୁମତି ପାଇ ନ ଥିଲା। ଅଧିକ ତଦନ୍ତ ଜାରି ରହିଛି। ଏସ୍‌ପି ଜେମ୍‌ସ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ସହ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜିଲାପାଳ ଭୂମେଶଚନ୍ଦ୍ର ବେହେରା କହିଛନ୍ତି, ଦୀର୍ଘସମୟ ଧରି ମୃତଦେହ ଘଟଣାସ୍ଥଳରେ ପଡି ରହିଥିବା ଖବର ମିଳିବା ପରେ ତୁରନ୍ତ ତାହାକୁ ଉଠାଇ ବ୍ୟବଚ୍ଛେଦ କରାଇବାକୁ ଶକ୍ତିସୁଗାର କମ୍ପାନୀ ଓ ପୋଲିସ ପ୍ରଶାସନକୁ କୁହାଯାଇଥିଲା। ପ୍ରଶାସନ ପକ୍ଷରୁ ମଧ ତଦନ୍ତ କରାଯାଉଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।



କଟକସ୍ଥିତ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁମାନଙ୍କର ସୁରକ୍ଷା ପାଇଁ ଏକ ରାଜ୍ୟସ୍ତରୀୟ ପ୍ରଚାର ଅଭିଯାନର ଶୁଭାରମ୍ଭ ଅବସରରେ ଶୁକ୍ରବାର ପ୍ରାଧିକରଣର କାର୍ଯ୍ୟକାରୀ ଅଧକ୍ଷା ତଥା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ କୁମାରୀ ସଞ୍ଜୁ ପଣ୍ଡା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନକୁ ହାଇଜେନିକ୍ କିଟ୍ ପ୍ରଦାନ କରୁଛନ୍ତି।

## କରୋନା ସମ୍ପର୍କରେ ଶିଶୁଙ୍କୁ ସଚେତନ କରାଯିବ

**କଟକ ଅଫିସ୍,୮।୫**

ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁମାନଙ୍କର ସୁରକ୍ଷା ପାଇଁ ଏକ ରାଜ୍ୟ ସ୍ତରୀୟ ପ୍ରଚାର ଅଭିଯାନର ଶୁକ୍ରବାର ଶୁଭାରମ୍ଭ ହୋଇଛି। ପ୍ରାଧିକରଣର କାର୍ଯ୍ୟକାରୀ ଅଧକ୍ଷା ତଥା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ କୁମାରୀ ସଞ୍ଜୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ୨୭ଟିଜିଲାରେ ୧୦୧ଟିପଞ୍ଜୀକୃତ ଅନୁଦାନ ପ୍ରାପ୍ତ ଶିଶୁ ସୁରକ୍ଷା ସଂସ୍ଥାରେ ଥିବା ୩୩୨୨ ଶିଶୁଙ୍କୁ ହାଇଜେନିକ୍ କିଟ୍ ବିତରଣ କରାଯିବ। ଏହା ସହିତ କରୋନା ସମ୍ପର୍କରେ ସଚେତନ କରାଯିବ। ରାଜ୍ୟ ଆଇନସେବା ପ୍ରାଧିକରଣ, ୟୁନିସେଫ ଏବଂ ପାରାଦୀପ ଫସଫେଟ ଲିମିଟେଡର ମିଳିତ ଉଦ୍ୟମରେ ଏହି ସେବା ଯୋଗାଇ ଦିଆଯିବ। ଏହି ଅବସରରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ମିନାକ୍ଷୀ ଦାସ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପ ସଚିବ ଜ୍ୟୋତିରଞ୍ଜନ ଦାସ, ସହ ସଚିବ ରୁଦ୍ର ପ୍ରକାଶ ନାୟକ, ୟୁନିସେଫର ମୋନିକା ଓଲେଜକା ନିଏଲସେନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ନିଶ୍ଚିନ୍ତକୋଇଲି,୮।୫(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତରତ ଶାସନ ପଞ୍ଚାୟତର ୮୩ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ମିଶି ୬୦,୦୦୬ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ସ୍ଥାନୀୟ ତହସିଲଦାରଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଗଲାବେଳେ ଅଶୋକ ଓଝା, ଗିରିଶ ରଞ୍ଜନ ମହାପାତ୍ର ଓ ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଆବଶ୍ୟକ**

ଅତ୍ୟନ୍ତ ଲାଭଦାୟକ ସୁଯୋଗ!! ଏକ ଡିଜିଟାଲ ପେମେଣ୍ଟ କମ୍ପାନୀର ବିତରକ ହୋଇ ମାସିକ ଟ.୨୦,୦୦୦ରୁ ଟ.୨୫,୦୦୦ ପର୍ଯ୍ୟନ୍ତ ଆୟ କରିପାରିବେ।*

* ନ୍ୟୂନତମ ନିବେଶ।

କଲ୍ କରନ୍ତୁ ଅମିତ୍‌ଙ୍କୁ @ 9178020613

## ଧାନବସ୍ତା ପଡ଼ି ମା-ଝିଅ ମୃତ, ବାପା ଗୁରୁତର

**ବ୍ରହ୍ମଗିରି,୮।୫(ଡି.ଏନ.ଏ)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ହୁବାସାହି ଗ୍ରାମରେ ଗୁରୁବାର ରାତିରେ ଧାନବସ୍ତା ପଡ଼ିଯିବାରୁ ମା-ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ବାପା ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ସ୍ତ୍ରୀ ସସ୍ମିତା ଓ ତାଙ୍କ ଝିଅ(ସ୍ୱର୍ଣ୍ଣଲତା)। ସୂଚନାଯୋଗ୍ୟ, ଗୁରୁବାର ରାତିରେ ପୂର୍ଣ୍ଣଚନ୍ଦ୍ର ପରିବାର ସହ ଖାଇସାରି ଶୋଇଥିଲେ। ଶୋଇବା ଘରେ ଧାନବସ୍ତା ଥାକ ମରାହୋଇ ରଖାଯାଇଥିଲା। ଦୁର୍ଭାଗ୍ୟବଶତଃ ଉକ୍ତ ବସ୍ତାଗୁଡିକ ରାତି ଅଧରେ ପରିବାରର ସମସ୍ତ ସଦସ୍ୟ ଉପରେ ପଡ଼ିଯାଥିଲା। ସମସ୍ତେ ଧାନ ବସ୍ତା ତଳେ ଚାପି ହୋଇ ଚିତ୍କାର କରିଥିଲେ। ବହୁ ସମୟ ପରେ ରାତି ୩ଟାରେ ପଡୋଶୀ ଚିତ୍କାର ଶୁଣି ଉଦ୍ଧାର କରିବା ପାଇଁ ଯାଇଥିଲେ। ଅନ୍ୟମାନଙ୍କୁ ଡାକି ଘରର ମୁଖ୍ୟ ଗେଟ ଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ନିମନ୍ତେ ସେମାନଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ମା-ଝିଅଙ୍କୁ ମୃତ୍ୟୁ ଘୋଷଣା କରିଥିବା ସମୟରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବ୍ରହ୍ମଗିରି ପୋଲିସ ଘଟଣାର ତଦନ୍ତ କରୁଛି।

## ୧୦ ହଜାର ଟପିଲା 'ମୋ ପ୍ରତିଭା' ଆବେଦନ

**ଭୁବନେଶ୍ୱର,୮।୫(ବ୍ୟୁରୋ)**




ଲକ୍‌ଡାଉନ୍‌ରେ ଶିଶୁଙ୍କ ସୃଜନଶୀଳତାର ବିକାଶ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ୟୁନିସେଫ୍ ଦ୍ୱାରା ଆରମ୍ଭ ହୋଇଥିବା 'ମୋ ପ୍ରତିଭା' ଅନ୍‌ଲାଇନ୍ ପ୍ରତିଯୋଗିତା ଇତି ମଧ୍ୟରେ ୫ ସପ୍ତାହ ପୂରଣ କରିଛି। ଏହା ମଧ୍ୟରେ ବିଭାଗ ନିକଟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ପହଞ୍ଚିଛି। ପ୍ରବନ୍ଧ, କବିତା ଲିଖନ, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ପ୍ରତି ସପ୍ତାହରେ ଘୋଷଣା ହେଉଥିବାବେଳେ ଚଳିତ ସପ୍ତାହ ପାଇଁ ବିଜେତାଙ୍କ ନାମ ଘୋଷଣା ହୋଇଛି। ଶ୍ରେଷ୍ଠ ବିବେଚିତ ସୃଜନକଳାଗୁଡ଼ିକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡିଜିଟାଲ୍ ପ୍ରଦର୍ଶନୀର ଆୟୋଜନ କରାଯିବ। ଏହାବ୍ୟତୀତ ଲକ୍‌ଡାଉନ୍ ଅବଧି ସରିବାପରେ ଓଡ଼ିଶା ଲଳିତ କଳା ଏକାଡେମୀ ସହଯୋଗରେ ପ୍ରତ୍ୟକ୍ଷ ପ୍ରଦର୍ଶନୀ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯିବ। ଏଣିକି ପ୍ରତି ଶନିବାର ଦିନ 'ମୋ ପ୍ରତିଭା' ବିଜେତା ଓ ଅନ୍ୟ ପ୍ରତିଯୋଗୀଙ୍କ କୃତି ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ପ୍ରଦର୍ଶିତ ହେବ। ପିଲାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ବିଭିନ୍ନ ଟେଲିଭିଜନ ଚ୍ୟାନେଲ୍‌ରେ ମଧ ଏହା ପ୍ରଦର୍ଶନ କରାଯିବ, ଯେଉଁଥିରେ ପିଲାମାନେ ନିଜର ଅଭିଜ୍ଞତା ସମ୍ପର୍କରେ କହିବେ।

## ୟୁକ୍ରେନ୍‌ରେ ପଢୁଥିବା ଛାତ୍ରୀଛାତ୍ରଙ୍କ ବିମାନ ଖର୍ଚ୍ଚରେ ସବ୍‌ସିଡି ଦାବି

**ଭୁବନେଶ୍ୱର,୮।୫(ବ୍ୟୁରୋ)**

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ଲକ୍‌ଡାଉନ୍ ଯୋଗୁ ୟୁକ୍ରେନ୍‌ରେ ଫସିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ସେମାନଙ୍କ ମାତାପିତା। ପ୍ରତିବର୍ଷ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ମେଡିକାଲ ଶିକ୍ଷା ପାଇଁ ୟୁକ୍ରେନ୍ ଯାଉଥିବାବେଳେ ସେମାନେ ଏବେ ସେଠାରେ ଫସି ରହିଛନ୍ତି। ତେବେ ସେମାନଙ୍କୁ ଫେରାଇ ଆଣିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଥିଲେ ମଧ ବିମାନ ଖର୍ଚ୍ଚ ବହନ କରିବା ସବୁ ମାତାପିତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କୁହାଯାଇଛି। ଏଭଳିସ୍ଥଳେ ରାଜ୍ୟ ସରକାର ସବ୍‌ସିଡ଼ି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

**No: OJEE / 126** **Date: 08.05.2020**

**NOTICE REGARDING EXTENSION OF LAST DATE OF APPLICATION AND INVITING APPLICATION FOR B. TECH. COURSE UNDER OJEE - 2020**

In view of the 3rd phase lockdown declared by the Central Govt. to check the spread of **COVID -19 (Coronavirus)**, it is hereby announced **that the last date for submission of online application forms for all OJEE-2020 applications is extended up to 31.05.2020 and last date for fee payment up to 05.06.2020.**

The detailed schedule regarding revised dates of downloading of Admit Cards and of the Examination will be notified in due course of time, on assessment of the situation after **17.05.2020** only.

Thus, all concerned are advised not to be unduly worried, but to abide, for the time being, by all the preventive measures laid down, from time to time, by various Govt. Agencies to check the spread of Coronavirus, and visit the official websites of OJEE regularly for updated information.

**In view of the rescheduling of the academic session for 2020-21, it has been decided to conduct, as an integral part of OJEE – 2020, a special entrance examination for admission into 1st year B.Tech. courses of all Government and Private Engineering Colleges of Odisha against the vacancy seats left out after 1st phase OJEE counselling only for those students, who have not been able to appear in the JEE (Main) - 2020 examination due to some reason or other. The process of online application for this B. Tech. course will start from 12-05-2020 and the last date will be 31-05-2020. Fees can be paid till 05-06-2020. Detailed instructions and terms and conditions for online application will be like other forms as per the Information Brochure available in the website, i.e., www.ojee.nic.in. The syllabus for the examination will be as per the JEE (Main) - 2020.**

**Sd/-**
**CHAIRMAN, OJEE, Odisha**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**e-Procurement Notice -NIT No.12/OMC/CIVIL/2020**

1. Procurement Officer : CGM (Civil), OMC Ltd., Bhubaneswar
2. Name of the Work : Repair, renovation, paving & rewiring to Buildings.
3. Total No of works : 6 (Six) nos
4. Estimated Cost : 5.27 Lakh to 9.96 Lakh
5. Class of Contractor : PWD (D&C) Class & Electrical (MV/HT)
6. Time of Completion : 2 months to 4 months (As per DTCN)
7. Available of Bid document in Govt. portal from dt.15/05/2020 to dt. 26 /05/2020 up to 5.00 PM.
8. Last date of on-line submission of tender in the portal is dt.26/05/2020 up to 5.00 PM.
9. Date of opening of Technical Bid is is dt.27/05/2020 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in
The Odisha Mining Corporation Ltd. reserves the right to reject any or all tenders without assigning any reason thereof.

CGM (Civil)

**ଟାଟା ପାୱାର**
**ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍**
(କର୍ପୋରେଟ୍ କଂଟ୍ରାକ୍ଟସ ଡିପାର୍ଟମେଣ୍ଟ)
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍, ୨ୟମହଲା, ସହର ରିସିଭିଂ ଷ୍ଟେସନ
ସହର ଏୟାରପୋର୍ଟ ରୋଡ, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୫୯
CIN : L28920MH1919PLC000567

**ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି**

ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍ ଯୋଗ୍ୟ ଭେଣ୍ଡରଙ୍କଠାରୁ ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ନିମ୍ନଲିଖିତ ପ୍ୟାକେଜ୍ କରାଯିବା ନିମନ୍ତେ ଟେଣ୍ଡର (୨ ପାର୍ଟ ବିଡିଂ) ଆମନ୍ତ୍ରଣ କରୁଛି।

| ଟେଣ୍ଡର ଅନୁସନ୍ଧାନ ନଂ. | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ / ଇଏମ୍‌ଡି | ଟେଣ୍ଡର ଅଂଶଗ୍ରହଣ ଫି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ, ସମୟ |
|---|---|---|---|---|
| ଟିପିସି/ଇଏନ୍‌ଜିଜି/ ଇଏନକ୍ୟୁ/୦୦୭/୨୦-୨୧ | ଭୁବନେଶ୍ୱରଠାରେ କଲ୍‌ସେଂଟର ଅପରେସନ | ୫.୨୫ କୋଟି/ ୯.୮୯ ଲକ୍ଷ | ୫୦୦୦/- | ୨୨.୦୫.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି/ ଇଏନକ୍ୟୁ/୦୦୮/୨୦-୨୧ | ମୋବାଇଲ୍ ଏସ୍‌ଏମ୍‌ଏସ୍ ସେବା | ୦.୩୩ କୋଟି/ ୦.୮୧ ଲକ୍ଷ | ୫୦୦୦/- | ୨୨.୦୫.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି/ ଇଏନକ୍ୟୁ/୦୦୯/୨୦-୨୧ | ମିଟରବକ୍ସ ପାଇଁ ରେଟ୍‌କଂଟ୍ରାକ୍ଟ (ସିଙ୍ଗିଲ୍‌ଫେଜ୍ ଓ ପଲିଫେଜ୍‌ଟାଇପ୍) | ୧୨.୩୫ କୋଟି/ ୧୧.୨୫ ଲକ୍ଷ | ୫୦୦୦/- | ୨୨.୦୫.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି/ ଇଏନକ୍ୟୁ/୦୧୦/୨୦-୨୧ | ଏଲ୍‌ଟି ଡିଷ୍ଟ୍ରିବ୍ୟୁସନ ବକ୍ସ ପାଇଁ ରେଟ୍ କଂଟ୍ରାକ୍ଟ (ପଲିକାର୍ବୋନେଟ୍‌ଟାଇପ୍) | ୩.୨୦ କୋଟି/ ୪ ଲକ୍ଷ | ୫୦୦୦/- | ୨୨.୦୫.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି/ ଇଏନକ୍ୟୁ/୦୧୧/୨୦-୨୧ | ଲାଇନ କାର୍ଯ୍ୟ ପାଇଁ ରେଟ୍‌କଂଟ୍ରାକ୍ଟ | ୩.୧୬ କୋଟି/ ୬.୭୫ ଲକ୍ଷ | ୫୦୦୦/- | ୨୨.୦୫.୨୦୨୦, ୧୫୦୦ ଘ. |
| ଟିପିସି/ଇଏନ୍‌ଜିଜି/ ଇଏନକ୍ୟୁ/୦୧୨/୨୦-୨୧ | ୩୦୦ ଟି ଡେସ୍କଟପର ଯୋଗାଣ | ୧.୪୨ କୋଟି/ ୩.୫୫ ଲକ୍ଷ | ୫୦୦୦/- | ୨୨.୦୫.୨୦୨୦, ୧୫୦୦ ଘ. |

ସବିଶେଷ ଟେଣ୍ଡର ପାଇଁ, ଦୟାକରି https://www.tatapower.com ୱେବସାଇଟ୍‌ରେ ଟେଣ୍ଡର ସେକ୍ସନ୍‌କୁ ପରିଦର୍ଶନ କରନ୍ତୁ। ଆଗ୍ରହୀ ବିଡରମାନେ ଉପରୋକ୍ତ ପ୍ରକାରେ ଶେଷ ତାରିଖ ଓ ସମୟ ପୂର୍ବରୁ ଟେଣ୍ଡର ଅଂଶଗ୍ରହଣ ଫି ଓ ପ୍ରାଧିକରଣ ପତ୍ର ଦାଖଲ କରିବାକୁ ହେବ ଯାହାପରେ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମରୁ ଲିଙ୍କକୁ ପୁନଶ୍ଚ ଯୋଗାଯୋଗ ଓ ବିଡ୍ ଦାଖଲ କରିବା ପାଇଁ ସେୟାର କରାଯିବ। ଦୟାକରି ଧ୍ୟାନ ଦିଆଯିବା ଆବଶ୍ୟକ ଯେ ଟେଣ୍ଡର, ବିଡ୍ ଦାଖଲ, ବିଡ୍ ଦାଖଲ ତାରିଖ ସମ୍ପ୍ରସାରଣ ଇତ୍ୟାଦି ସମ୍ପର୍କିତ ଯୋଗାଯୋଗ କେବଳ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମ ଜରିଆରେ କରାଯିବ। ଆଉ ମଧ ପ୍ରଯୁଜ୍ୟ ଟେଣ୍ଡର ସମ୍ପର୍କିତ ସମସ୍ତ ଭବିଷ୍ୟତର ସଂଶୋଧନ ଯଦି କିଛି ଥାଏ ତାହାକୁ ୱେବସାଇଟ୍ https://www.tatapower.comର ଟେଣ୍ଡର ସେକ୍ସନ ଜରିଆରେ ସୂଚିତ କରାଯିବ।

**GANGADHAR MEHER UNIVERSITY, SAMBALPUR**
**SAMBALPUR-768004, ODISHA**
**ADVERTISEMENT FOR THE RECRUITMENT OF FACULTY**

**Gangadhar Meher University invites application from eligible Indian citizens for the following positions-**

1. Professor [Scale of pay : Rs.1,44,200-2,18,200]-**18 Posts**
2. Associate Professor [Scale of Pay: Rs.1,31,400 - 2,17,100] -**21 Posts**
3. Assistant Professor [Scale of pay: Rs.57,700 - Rs.1,82,400] - **19 Posts**

**General conditions:**

(i) The Advertisement is for Regular Positions.
(ii) There is an application fee of INR 2500.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1500.00. Those who have applied earlier for the Schools of Botany, Commerce, Economics, Hindi and Zoology against Advertisement No.002/REC/GMU/FAC; Sambalpur, dated 18.07.2019. Advertisement No. 003/REC/GMU/FAC; Sambalpur; dated 23.07.2019. Advertisement No.:004/REC/GMU/FAC; Sambalpur; dated 12.09.2019 and Advertisement No.: 005/REC/GMU/FAC; Sambalpur; dated 11.03.2020 need not pay any fee.
(iii) The link for the detailed advertisement and online application submission module is given herewith **https://recruitment.gmuniversity.ac.in**
(iv) The last date for submission of online applications complete in all respects is **29th May 2020 at 23.59**. The last date of receipt of print copy of the applications with all supporting documents is **03rd June 2020 at 17.00**. Online submission of application is mandatory.
(v) Application fee is non-refundable. Seven printed hard copies of the application form will be accepted, when sent through Speed Post/Registered Post/Courier only. The candidate must send one set of supporting documents to validate their data.

**Advt. No. 006/REC/GMU/FAC; Sambalpur; Dated: 08th May 2020.**
**Sd./- REGISTRAR**
**GANGADHAR MEHER UNIVERSITY, SAMBALPUR**

ଧରିତ୍ରୀ
DHARITRI
ଶନିବାର, ୯ ମେ, ୨୦୨୦

ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢ଼ତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ



# ଦାଗୀ ବାବୁଙ୍କୁ ଅଙ୍କୁଶ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦୁର୍ନୀତିଗ୍ରସ୍ତ ସମସ୍ତ ସେବା ଅଧିକାରୀଙ୍କୁ ସରକାରକୁ ନ ଫେରାଇବା ଲାଗି କେନ୍ଦ୍ର ସରକାର ନିୟମରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଯଦି ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ ଅଧିକାରୀମାନେ କୋର୍ଟ ଦ୍ୱାରା ଦୁର୍ନୀତି କିମ୍ବା ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବେ ତେବେ ସେମାନଙ୍କ ନିଲମ୍ବନ ଆଦେଶର ସମୀକ୍ଷା କରାଯିବା ଲାଗି ଅନୁମତି ଦିଆଯିବ ନାହିଁ ବୋଲି ନିଶ୍ଚିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍(ଇଣ୍ଡିଆନ ଫରେଷ୍ଟ ସର୍ଭିସ) ପାଇଁ ପ୍ରଯୁଜ୍ୟ ସର୍ବ ଭାରତୀୟ ସେବା( ଅନୁଶାସନ ଓ ଆବେଦନ) ନିୟମ, ୧୯୬୯ରେ ସଂଶୋଧନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଆଇପିଏସ୍ କ୍ୟାଡରକୁ ନିୟନ୍ତ୍ରଣ କରୁଥିବା ଗୃହବିଭାଗ, ଆଇଏଫ୍ଏସ୍‌ର କ୍ୟାଡରକୁ ନିୟନ୍ତ୍ରଣ କରୁଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମେତ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଏ ସଂକ୍ରାନ୍ତରେ ଡିଓପିଟି ଚିଠି ଲେଖିଛି। ନିୟମରେ ପ୍ରସ୍ତାବିତ ପରିବର୍ତ୍ତନ ପାଇଁ ସେମାନଙ୍କ ମତାମତ ଲୋଡ଼ାଯାଇଛି। ପ୍ରସ୍ତାବ ମୁତାବକ, ଯଦି ଅଧିକାରୀମାନେ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବେ ତେବେ ରିଭ୍ୟୁ କମିଟି( ସମୀକ୍ଷା ସମିତି)ରେ ଏହି ଦୁର୍ନୀତିଗ୍ରସ୍ତ ବା ଭ୍ରଷ୍ଟାଚାରୀ ଅଧିକାରୀମାନଙ୍କ ମମଲାର କୌଣସି ସମୀକ୍ଷା କରାଯିବ ନାହିଁ। ଅର୍ଥାତ୍ ଉପର କୋର୍ଟ କୌଣସି ନିର୍ଦ୍ଦେଶ ନ ଦେବା ଯାଏ ଏହି ବାବୁମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବିତ ହୋଇ ରହିବେ।

### ବିବାଦରେ ଇସ୍ତଫା

ଆଇଏଏସ୍ ଅଧିକାରୀ କାନନ/ କନ୍ନନ ଗୋପୀନାଥନ ଗତ ବର୍ଷ ଏକ ବିବାଦୀୟ ପରିସ୍ଥିତିରେ ଜମ୍ମୁ କଶ୍ମୀରରେ ଲାଗୁ କରାଯାଇଥିବା କଟକଣାକୁ ବିରୋଧ କରି ଇସ୍ତଫା ଦେଇଥିଲେ। ଏବେ କରୋନା ମହାମାରୀ ସମୟରେ କାର୍ଯ୍ୟରେ ଯୋଗଦେବା ଲାଗି ସରକାର ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ କାର୍ଯ୍ୟରେ ଯୋଗ ନ ଦେବାରୁ ତାଙ୍କ ବିରୋଧରେ ଏକ ଏଫ୍ଆଇଆର୍ ଦାୟର ହୋଇଛି। ହୁଏତ ଗତବର୍ଷ ଗୋପୀନାଥନ୍ ତାଙ୍କ କାଗଜପତ୍ର ଦାଖଲ କରିଥାଇପାରନ୍ତି, କିନ୍ତୁ ସରକାର ତାହାକୁ ୮ ମାସ ପରେ ବି ଗ୍ରହଣ କରିନାହାନ୍ତି। ଏଣୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାର ଏକ ଶାସକୀୟ ଚିଠି ଜାରି କରି ତାଙ୍କୁ ଚାକିରିରେ ପୁଣି ଯୋଗଦେବା ଲାଗି କହିଥିଲେ। ଯେତେବେଳେ ସେ ଇସ୍ତଫା ଦେଇଥିଲେ ସେତେବେଳେ ୨୦୧୨ ବ୍ୟାଚ୍‌ର କେରଳର ଏହି ଆଇଏଏସ୍ ଅଧିକାରୀ ଦାଦ୍ରା ନଗର ହାଭେଲିରେ ଶକ୍ତି ଓ ଅଣପାରମ୍ପରିକ ଉର୍ଜା ସଚିବ ଭାବେ ନିଯୁକ୍ତି ପାଇଥିଲେ। ଡାମନ, ଡିଉ ଓ ଦାଦ୍ରାନଗର ହାଭେଲି ପ୍ରଶାସନର ନିର୍ଦ୍ଦେଶକ୍ରମେ ଏହି ଚିଠି ପଠାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ,ତାଙ୍କ ଇସ୍ତଫା ଗ୍ରହଣ କରାଯିବା ପରେ ହିଁ ତାହା କାର୍ଯ୍ୟକାରୀ ହେବ ଏବଂ ସରକାରୀ ଚାକିରିଆ ତାଙ୍କ କାର୍ଯ୍ୟରୁ ମୁକ୍ତ ହେବେ। ଗୋପିନାଥନ୍ ସରକାରଙ୍କ ଏଭଳି ପଦକ୍ଷେପକୁ ଏକ ନିର୍ଯାତନା ବୋଲି କହିଛନ୍ତି। ସ୍ପଷ୍ଟଭାବେ ଜଣାପଡୁଛି, ସେ ଯେଉଁଭଳି ଭାବେ ଚାକିରିରୁ ଇସ୍ତଫା ଦେଇ ଦୂରେଇ ରହିଛନ୍ତି ତାହା ଦୀର୍ଘଦିନ ଧରି ଏକ ଗୋଳମାଳିଆ ଘଟଣା ହୋଇ ରହିବାର ସମ୍ଭାବନା ଦେଖାଦେଇଛି।

### ପିଏମ୍‌ଓରେ ନୂଆ ଢାଞ୍ଚା

କେନ୍ଦ୍ର ସରକାର ଏକ ବଡ଼ ଧରଣର ଅଦଳବଦଳ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ରୁ ତରୁଣ ବଜାଜ ଓ ଏ. କେ. ଶର୍ମାଙ୍କୁ ହଟାଇ ନେଇ ଅନ୍ୟ ଦାୟିତ୍ୱ ଦେବା ପରେ ପିଏମ୍‌ଓରେ ଶୀଘ୍ର ଆଉ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ନିଆଯାଇଛି। ୬ ଜଣ ଯୁଗ୍ମ ସଚିବଙ୍କୁ ୬ଟି ଭର୍ଟିକାଲ ସହ ଯୋଗାଯୋଗ ରଖି ପ୍ରମୁଖ ସଚିବ ପି.କେ.ମିଶ୍ର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ପ୍ରମୁଖ ପରାମର୍ଶଦାତା ପି. କେ. ସିହ୍ନା ଏବଂ ପରାମର୍ଶଦାତା ଭାସ୍କର କୁଲବେ ଓ ଅମରଜିତ ସହ୍ନାଙ୍କୁ ରିପୋର୍ଟ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅର୍ଥବ୍ୟବସ୍ଥା, ବିତ୍ତ,ଭିତ୍ତିଭୂମି, ମାନବ ସମ୍ବଳ, ଶାସନ,ବିଦେଶ ଏବଂ ସୁରକ୍ଷା, କୃଷି, ଗ୍ରାମାଞ୍ଚଳ, ସାମାଜିକ, ପ୍ରଶାସନ ଏବଂ ନିରୀକ୍ଷଣ ଆଦି ଭର୍ଟିକାଲ ରହିଛି । ପିଏମ୍ଓକୁ ଅଧିକ ସଂଗଠିତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଯେଉଁ ୬ ଜଣ ଯୁଗ୍ମ ସଚିବଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ସେମାନେ ହେଲେ ଗୋପାଲ ବାଗଲେ, ରୁଦ୍ର ଗୌରବ ଶ୍ରେଷ୍ଠ, ଅରବିନ୍ଦ ଶ୍ରୀବାସ୍ତବ, ଶ୍ରୀକର ପରଦେଶୀ, ହିରେନ ଜୋଷୀ ଏବଂ ରୋହିତ ଯାଦବ। ସେମାନଙ୍କ ଉପରେ ବି ବିଭିନ୍ନ ରାଜ୍ୟର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପଦାନୁକ୍ରମ ମୁତାବକ,ନିର୍ଦ୍ଦେଶକ ସ୍ତରର ଅଧିକାରୀମାନେ ଯୁଗ୍ମ ସଚିବଙ୍କୁ ରିର୍ପୋଟ କରିବାକୁ ପଡେ। ଏହା ବଦଳରେ ସେମାନେ ବରିଷ୍ଠ ଅଧିକାରୀ ଯଥା ପ୍ରମୁଖ ସଚିବ,ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ପିଏମ୍‌ଓରେ ଥିବା ଅନ୍ୟ ପରାମର୍ଶଦାତାଙ୍କୁ ରିପୋର୍ଟ କରିଥାନ୍ତି। ଏବେ ପିଏମ୍‌ଓରେ ଥିବା ୬ ଜଣ ଯୁଗ୍ମ ସଚିବଙ୍କ ମଧ୍ୟରେ ରହିଛନ୍ତି ଦୁଇଜଣ ଆଇଏଫ୍ଏସ୍ ଅଧିକାରୀ ଓ ୪ ଜଣ ଆଇଏଏସ୍ ଅଧିକାରୀ।

Email: dilipcherian@gmail.com

# ସୂଚକାଙ୍କକୁ ପ୍ରତ୍ୟାଖ୍ୟାନର କାରଣ



ଏ. ସୂର୍ଯ୍ୟ ପ୍ରକାଶ

ଯେଉଁ ଭାରତର ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷତା ସ୍ୱର୍ଣ୍ଣାକ୍ଷରରେ ଖୋଦିତ ହୋଇଛି, ଯାହାର ରାଷ୍ଟ୍ର ଧର୍ମ ବୋଲି କୌଣସି ନିର୍ଦ୍ଦିଷ୍ଟ ଧର୍ମ ନାହିଁ ଏବଂ ସମାନାଧିକାରବାଦର ଶ୍ରେଷ୍ଠ ପରମ୍ପରା ଆଧାରରେ ଯେଉଁ ଦେଶର ରାଷ୍ଟ୍ର ମୁଖ୍ୟଙ୍କୁ ନିର୍ବାଚିତ କରାଯାଇଥାଏ, ସେହି ଭାରତରେ ବଂଶବାଦୀ ରାଜତନ୍ତ୍ର ଚର୍ଚ୍ଚ ସହ ଓତପ୍ରୋତ ଭାବେ ଜଡ଼ିତ ହେବା ଓ ଲିଙ୍ଗଗତ ଅସମାନତା କ୍ଷେତ୍ରରେ ପଛୁଆ ପଡ଼ିବ କିପରି? ଅଧିକନ୍ତୁ, ଧର୍ମ ଆଧାରିତ ଶାସନତନ୍ତ୍ର ଏବଂ ଧର୍ମ ଭିତ୍ତିକ ରାଷ୍ଟ୍ର ଯାହାଙ୍କୁ କି ଗଣତନ୍ତ୍ର ବୋଲି ବର୍ଗୀକୃତ କରାଯାଇପାରିବ ନାହିଁ, ସେହିସବୁ ରାଷ୍ଟ୍ରରେ କିଭଳି ଗଣମାଧ୍ୟମ ସ୍ୱାଧୀନତା କ୍ଷେତ୍ରରେ ଭାରତ ଭଳି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ତୁଳନାରେ ଉତ୍ତମ ରହିପାରିଲା? ଯେତେବେଳେ ଜଣେ ଆର୍‌ଏସ୍ଏଫ୍‌ର ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ ଉପରେ ଦୃଷ୍ଟିପାତ କରିବ ତା' ମନରେ ଏଭଳି ପ୍ରଶ୍ନ ସ୍ୱାଭାବିକ ଭାବେ ଉଙ୍କିମାରିବ।

ଆର୍‌ଏସ୍ଏଫ୍ ୱେବ୍‌ସାଇଟ ଦାବି କରେ ଯେ ଗୋଟିଏ ରାଷ୍ଟ୍ରର ଗଣମାଧ୍ୟମ ସ୍ୱାଧୀନତା ଛଅଟି ବର୍ଗକୁ ନେଇ ବିବେଚନା କରାଯାଇଥାଏ। ବିବିଧତାବାଦର ଏହା ଗୋଟିଏ ପ୍ରମୁଖ ସାଧନ ଏବଂ କେଉଁ ମାତ୍ରାରେ ଗଣମାଧ୍ୟମରେ ଜନସାଧାରଣଙ୍କ ମତାମତକୁ ପ୍ରତିନିଧିତ୍ୱ କରିଥାଏ ତାହା ବିଚାରକୁ ନିଆଯାଇଥାଏ। ଯଦି ତାହା ହୋଇଥାନ୍ତା, ଆର୍‌ଏସ୍ଏଫ୍ ଆମଠାରୁ ଏହି ବିଶ୍ୱାସ ଚାହୁଁଛି ଯେ ଧର୍ମ ଆଧାରିତ ରାଷ୍ଟ୍ର ଏବଂ ଇସଲାମିକ ରାଷ୍ଟ୍ରଗୁଡ଼ିକରେ ଗଣମାଧ୍ୟମରେ ଅଧିକ ମାତ୍ରାରେ ବିବିଧତା ଭରି ରହିଛି। ଏହାଛଡ଼ା ଯେଉଁସବୁ ରାଷ୍ଟ୍ରରେ ଅଣ–ମୁସଲମାନଙ୍କୁ ନାଗରିକତ୍ୱ ଗ୍ରହଣ ପାଇଁ ସୁଯୋଗ ଦିଆ ନ ଯାଉଛି ସେଠାରେ ଭାରତଠାରୁ ଅଧିକ ବିବିଧତା ଭରି ରହିଛି ଏବଂ ସେମାନେ ବିଶ୍ୱର ସବୁଠାରୁ ବିବିଧତାରେ ପରିପୂର୍ଣ୍ଣ ସମାଜ!

ଦ୍ୱିତୀୟ କଷଟି ହେଲା ଗଣମାଧ୍ୟମ ସ୍ୱାଧୀନତା– ରାଜନୀତି, ସରକାର, ଧର୍ମୀୟ କ୍ଷମତା ଓ ପ୍ରଭାବରୁ ମୁକ୍ତ ରହି ଗଣମାଧ୍ୟମ କିଭଳି ଭାବେ କାର୍ଯ୍ୟ କରୁଛି ତାହାର ମାତ୍ରା ମାପିବା। ଆମେ ଯଦି ଆର୍‌ଏସ୍ଏଫ୍ ସୂଚାକାଙ୍କ ଦୃଷ୍ଟିରୁ ବିଚାର କରିବା ତେବେ ଗଣମାଧ୍ୟମ ଉପରେ 'ଧର୍ମୀୟ ଶକ୍ତି ଏବଂ ପ୍ରଭାବ' ଆର୍ଜେଣ୍ଟିନା, ମାଲଟା, ଡେନ୍‌ମାର୍କ ଆଦି ଦେଶ, ଯେଉଁଠାରେ କି ଚର୍ଚ୍ଚ ସହିତ ରାଷ୍ଟ୍ର ଅବିଚ୍ଛେଦ୍ୟ ଭାବେ ଜଡ଼ିତ ତଥା ମାଳଦ୍ୱୀପ, ଓମାନ ସୁଲତାନେଟ, କୋମୋରୋସ ଇତ୍ୟାଦି ଦେଶ ଯେଉଁଠାରେ ରାଷ୍ଟ୍ର ସହ ଇସଲାମ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ, ସେମାନଙ୍କର ଧର୍ମନିରପେକ୍ଷତା ଗଣତାନ୍ତ୍ରିକ ରାଷ୍ଟ୍ର ଭାରତଠାରୁ ଢେର କମ୍ ବୋଲି ଯେ କେହି ବିଶ୍ୱାସ କରିବେ!

ତୃତୀୟ ପ୍ରସଙ୍ଗଟି ହେଲା ଏହା ଯେ ''ଗଣମାଧ୍ୟମ ପରିବେଶ ଏବଂ ଆତ୍ମ–ସଂଯମତା''। ଉଦାରବାଦୀ ରାଷ୍ଟ୍ର ଭାରତ ଗତ କିଛି ଦଶନ୍ଧି ଧରି ଗଣମାଧ୍ୟମ ବିସ୍ଫୋରଣ ଅନୁଭବ କରିଆସୁଛି। କେବଳ ସେତିକି ନୁହେଁ, ଦେଶରେ ଏବେ ମୋଟ ପ୍ରକାଶନର ପ୍ରିଣ୍ଟ ଅର୍ଡର ଏକ ଡଜନରୁ ଅଧିକ ଭାଷାରେ ୪୩୦ ନିୟୁତକୁ ଟପିଛି ଏବଂ ଦେଶ ୮୦୦ରୁ ଅଧିକ ଟେଲିଭିଜନ ଚାନେଲର ଅଧିକାରୀ ହୋଇପାରିଛି ବୋଲି ଦାବିକରେ। ସେଥିମଧ୍ୟରୁ ଏକ ଚତୁର୍ଥାଂଶ କେବଳ ଖବର ଓ କରେଣ୍ଟ ଆଫେୟାର୍ସ ସମ୍ପର୍କିତ। ତେଣୁ ଉତ୍ତରଦାତାମାନେ କେଉଁଭଳି ପରିବେଶରେ ଏତେସଂଖ୍ୟକ ଖବରଦାତା କାର୍ଯ୍ୟ କରୁଛନ୍ତି ତାହାକୁ ଭଲଭାବେ ବିଶ୍ଳେଷଣ କରିବା ଉଚିତ। ଏଭଳି ଗଣମାଧ୍ୟମ ବିବିଧତା ଥିବା ଅନ୍ୟ କୌଣସି ରାଷ୍ଟ୍ର ଦାବି କରିପାରିବ କି? ଯେତେବେଳେ ଆମେ ଆତ୍ମସଂଯମ କଥା ବିଚାର କରୁ, ମୁଁ ଆଶା କରୁଛି ଆର୍‌ଏସ୍ଏଫ୍ ନିଶ୍ଚିତ ଭାବେ ଇସଲାମୀୟ ରାଷ୍ଟ୍ର ଏବଂ ଧର୍ମ ଆଧାରରେ ପରିଚାଳିତ ରାଷ୍ଟ୍ରଗୁଡ଼ିକ ଏଭଳି ସର୍ତ୍ତାବଳୀ ପୂରଣ କରିପାରୁ ନ ଥିବା କଥା ସମ୍ପର୍କରେ ଅବଗତ ଥିବେ। ମୁଁ ଆଶା କରୁଛି ଯେ ସେମାନଙ୍କର ଆତ୍ମସଂଯମ ସମ୍ପର୍କରେ କିଛି ନା କିଛି ଧାରଣା ଅବଶ୍ୟ

## ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ–୨

ଥିବ ଯେ ବ୍ରିଟେନ ବନାମ ମହାରାଣୀଙ୍କ ସମ୍ପର୍କ ଏବଂ ବେଲଜିୟମ, ନେଦରଲାଣ୍ଡସ, ନରୱେ, ଡେନମାର୍କ ଆଦି ରାଷ୍ଟ୍ର ସେମାନଙ୍କର ରାଜତନ୍ତ୍ରକୁ କିଭଳି ଭାବେ ସମ୍ମାନ ଦିଅନ୍ତି। ଆତ୍ମସଂଯମ ବିବିଧତା ଦିଗରେ ଏକ ପ୍ରତିବନ୍ଧକ। ଏଭଳି ବିବିଧତା ଭାରତ ଭଳି ଏକ ଚଳଚଞ୍ଚଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ହିଁ ଦେଖିବାକୁ ମିଳିଥାଏ।

'ବିଧାନ ପାଳିକା' ଭଳି ବ୍ୟବସ୍ଥା ଯାହାକି ଗଣମାଧ୍ୟମକୁ ନିୟନ୍ତ୍ରିତ କରିଥାଏ ତାହା ଭାରତ ସମ୍ବିଧାନରୁ ହିଁ ଆରମ୍ଭ ହୋଇଛି ଏବଂ ସଂସଦରେ ଏ ସମ୍ପର୍କରେ ଅନେକ ନିୟମ ପ୍ରଣୀତ ହୋଇଛି। ଗଣମାଧ୍ୟମକୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯାଇଛି, ଯଦ୍ୱାରା ତାହା ମୁକ୍ତ ଓ ଭୟଶୂନ୍ୟ ଭାବେ କାର୍ଯ୍ୟ କରିପାରିବ।

ପାରଦର୍ଶିତା ହେଉଛି ଆଉ ଗୋଟିଏ ସର୍ତ୍ତ ଯାହା ଉପରେ ଭାରତର କାର୍ଯ୍ୟାବଳୀ ବେଶ୍ ଉନ୍ନତମାନର। ଭାରତୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ବିବିଧ ରାଜନୈତିକ ମତ ସଦାସର୍ବଦା ପ୍ରକାଶ ପାଇଥାଏ, ଯେମିତି ଆମେରିକା ଓ ବିଶ୍ୱର ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଘଟିଥାଏ। ଭାରତରେ କୌଣସି ଗଣମାଧ୍ୟମ ସଂସ୍ଥା ତା'ର ନିଜସ୍ୱ ମତକୁ ସଙ୍କୁଚିତ ହେଉଛି ବୋଲି କେବେ ଅନୁଭବ କରି ନ ଥାଏ। ସେସବୁକୁ ଗଣମାଧ୍ୟମର ଇନ୍ଦ୍ରଧନୁର ରଙ୍ଗଭରା ଫୁଲତୋଡ଼ା ଭାବେ ଯେକେହି ଲକ୍ଷ୍ୟ କରିପାରିବେ। ସେଥିରେ ସାମ୍ୟବାଦ, ସମାଜବାଦ, କେନ୍ଦ୍ରପନ୍ଥୀ, ଦକ୍ଷିଣପନ୍ଥୀ ମତାମତ ଆଦି ପ୍ରତିଫଳିତ ହୋଇଥାଏ। ଯେଉଁମାନେ ଏଥିରେ ପାରଦର୍ଶିତାର ଅଭାବ ରହିଛି ବୋଲି ପ୍ରତିବାଦ କରନ୍ତି, ସେମାନଙ୍କ ସମ୍ପର୍କରେ କୁହାଯାଇପାରେ ଯେ ସେମାନେ ଓଲଟା ଗୋଡ଼ରେ ଜୋତା ପିନ୍ଧିଛନ୍ତି। ଅତୀତରେ ଗଣମାଧ୍ୟମ ଅସ୍ୱଚ୍ଛ ଥିଲା ଏବଂ ତାହା ମାତ୍ରାଧିକ ଭାବେ ବାମ ଚିନ୍ତାଧାରା ଆଡ଼କୁ ଢଳିଥିଲା। ଏବେ ତାହା ସଂଶୋଧିତ ହୋଇସାରିଛି, କାରଣ ଅଧୁନା ସବୁ ପ୍ରକାର ମତାମତ ଗଣମାଧ୍ୟମରେ ପ୍ରତିଫଳିତ ହୋଇପାରୁଛି। ବସ୍ତୁତଃ ଏଭଳି ବିବିଧତା ହିଁ ସୂଚନା ଓ ମତର ଅବାଧ ସ୍ରୋତକୁ ସୁନିଶ୍ଚିତ କରିପାରିଛି। ଏ କଥା ମଧ୍ୟ କୁହାଯାଇପାରେ ଯେ ବିରୋଧାଭାସର ଭୟ ବିନା ଏଭଳି ବିବିଧତା କୌଣସି ସ୍ଥାନରେ ଉପଲବ୍ଧ ନୁହେଁ। ସମସ୍ତଙ୍କ ପାଇଁ ଅବାଧ ସ୍ୱାୟତ୍ତତାର ସୁଯୋଗ ପ୍ରଦାନ କରିଥିବା ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହା ଥିବା ଲକ୍ଷ୍ୟ କରାଯାଇପାରିବ। ସେଠାରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ରାଜନେତାଙ୍କ ବିରୋଧରେ ଅତି କଠୋର ଶବ୍ଦମାନ ପ୍ରୟୋଗ କରାଯାଇପାରୁଛି। ଆପଣମାନେ ଯଦି 'ପାରଦର୍ଶିତା' ଆଡ଼କୁ ଭଲଭାବେ ଦୃଷ୍ଟିପାତ କରିବେ, ତେବେ ଏହି ପ୍ଲାଟଫର୍ମରେ ପର୍ଯ୍ୟାପ୍ତ ମାତ୍ରାରେ ଆପଣମାନଙ୍କୁ ଏଭଳି ଦୃଷ୍ଟାନ୍ତ ମିଳିବ। କିନ୍ତୁ ଆପଣମାନେ ଯଦି ଶାଳୀନତା ଦିଗକୁ ଚାହିଁବେ, ତାହା ସେଠାରେ କଦାପି ମିଳିବ ନାହିଁ।

ଶେଷରେ ଏହି ସୂଚକାଙ୍କ ସମ୍ବଳର ସମାନତାକୁ ପରଖିଛି, ଯାହାକି ଖବର ଏବଂ ସୂଚନା ସୃଷ୍ଟି କରିଥାଏ। ଭାରତ ଏବେ ପ୍ରଯୁକ୍ତି ଦୃଷ୍ଟିରୁ ଏକ ଅଗ୍ରଣୀ ରାଷ୍ଟ୍ର ହୋଇସାରିଛି ଏବଂ ଏଠାରେ ସବୁପ୍ରକାର ଅତ୍ୟାଧୁନିକ ସମ୍ବଳ ଉପଲବ୍ଧ, ଯେଉଁମାନେ ତାହା ଆଶା କରନ୍ତି। ସେହିଭଳି ଏହାର ସୂଚନା ପ୍ରଯୁକ୍ତିର ନେତୃତ୍ୱ ସାମର୍ଥ୍ୟ ଯୋଗୁ ଭାରତୀୟ ଗଣମାଧ୍ୟମ କମ୍ପାନୀଗୁଡ଼ିକ ବିଶାଳ ସାମାଜିକ ଗଣମାଧ୍ୟମର ପ୍ଲାଟଫର୍ମ ନିର୍ମାଣ କରୁଛନ୍ତି, ଯଦ୍ୱାରା ସେମାନେ ସେମାନଙ୍କର ବ୍ୟବସାୟକୁ ଏକ ନୂତନ ପ୍ଲାଟଫର୍ମ ପ୍ରଦାନ କରିପାରିବେ।

ଏସବୁ ବ୍ୟତୀତ, ଆର୍‌ଏସ୍ଏଫ୍ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅତିମାତ୍ରାରେ ପ୍ରଶ୍ନ ଉଦ୍ରେକକାରୀ। ପ୍ରତ୍ୟେକ ରାଷ୍ଟ୍ର ପାଇଁ ଏହି ସଂସ୍ଥା ସେମାନେ ନିୟୋଜିତ କରିଥିବା ଖବରଦାତାଙ୍କ ନାମ ପ୍ରକାଶ କରିବା ଉଚିତ, ଉତ୍ତରଦାତାଙ୍କ ତାଲିକା ସହ ସେମାନଙ୍କର ସାମାଜିକ, ରାଜନୈତିକ, ଆର୍ଥିକ ପୃଷ୍ଠଭୂମି ତଥା ନିବାସସ୍ଥଳୀ ସମ୍ପର୍କରେ ମଧ୍ୟ ସୂଚନା ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବା ବାଞ୍ଛନୀୟ। ଯଦି ନମୁନା ବିଶ୍ୱାସଯୋଗ୍ୟ ନହୁଏ, ତେବେ ସେଥିରୁ ଯେଉଁ ସିଦ୍ଧାନ୍ତ ବାହାରିବ ତାହା ମଧ୍ୟ ସନ୍ଦେହାଚ୍ଛନ୍ନ ହେବ। ଏଥିରେ ମଧ୍ୟ ଆହୁରି ଅନେକ ପ୍ରକାର ଦୁର୍ବଳତା ରହିଛି– ଏହି ସଂସ୍ଥାର ଯେଉଁ ମୂଳ ଟିମ୍ ପ୍ୟାରିସରେ ଅବସ୍ଥାପିତ ସେମାନେ ଏପରି ପ୍ରଶ୍ନାବଳୀ ନିର୍ଦ୍ଧାରଣ କରିଥାନ୍ତି ଏବଂ ପ୍ରତ୍ୟେକ ଉତ୍ତରକୁ ସେମାନେ କି ପ୍ରକାର ମାନ୍ୟତା ପ୍ରଦାନ କରନ୍ତି– ତାହା ଏକ ସନ୍ତୋଷଜନକ ସ୍ଥିତି ନୁହେଁ। ଆର୍‌ଏସ୍ଏଫ୍ କୁତ୍ରାପି ଗଣମାଧ୍ୟମର ସ୍ୱାଧୀନତାର କୌଣସି ସଂଜ୍ଞା ନିରୂପଣ କରିନାହିଁ। ବରଂ ଗଣମାଧ୍ୟମ ସ୍ୱାଧୀନତା, ସୂଚନା ପରିପ୍ରକାଶର ସ୍ୱାଧୀନତା ଆଦି ଶବ୍ଦକୁ ଅତି ଢିଲା ଭାବେ ବ୍ୟବହାର କରିଛି ଏବଂ ଶେଷତଃ ଏହି ପ୍ରଶ୍ନାବଳୀ ଏତେ ଦୀର୍ଘ ଓ ବ୍ୟାପକ ଯେ ଶେଷ ପର୍ଯ୍ୟନ୍ତ ତାହାର ଉତ୍ତର ଦେବାକୁ ଯେକୌଣସି ଉତ୍ତରଦାତା କ୍ଳାନ୍ତ ଅନୁଭବ କରିବା ସୁନିଶ୍ଚିତ।

ଏହି ସୂଚକାଙ୍କ ଉପରେ ଦୃଷ୍ଟିପାତ କରି ଏବଂ ଯେଉଁଭଳି ଭାବେ ଏହା କାର୍ଯ୍ୟକାରୀ କରାଯାଇଛି, ସେଥିରୁ ଏହା ସ୍ପଷ୍ଟ ଭାବେ କୁହାଯାଇପାରେ ଯେ ଆର୍‌ଏସ୍ଏଫ୍‌ର ସବୁଠାରୁ ବଡ଼ ତ୍ରୁଟି ହେଲା ଏହା ଗଣତନ୍ତ୍ରର ମୌଳିକ ନୀତିକୁ ସମ୍ପୂର୍ଣ୍ଣ ଭାବେ ଅସମ୍ମାନ ପ୍ରଦର୍ଶନ କରିଛି। ଏପରି ଲାଗେ ଯେପରି ଅଗଣତାନ୍ତ୍ରିକ ପରିବେଶରେ ମଧ୍ୟ ଗଣମାଧ୍ୟମ ସ୍ୱାଧୀନତା ତିଷ୍ଠି ରହିପାରେ ବୋଲି ପ୍ରମାଣ କରିବାକୁ ସେମାନେ ଚାହିଁଛନ୍ତି। କେବଳ ସେହି କାରଣରୁ, ଏହାର ଉପସଂହାରକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରାଯିବା ଆବଶ୍ୟକ।

ଶେଷରେ ଏହା କୁହାଯାଇପାରେ ଯେ ଆର୍‌ଏସ୍ଏଫ୍‌ର କାର୍ଯ୍ୟାବଳୀ କେବଳ ବ୍ୟକ୍ତିକୈନ୍ଦ୍ରିକ, ନିରପେକ୍ଷତାହୀନ ଏବଂ ଅସ୍ୱଚ୍ଛ। ସେଥିପାଇଁ ଏହାର ଉପସଂହାରକୁ ଚାଲେଞ୍ଜ କରାଯିବା ଉଚିତ। ଆର୍‌ଏସ୍ଏଫ୍ ଭାରତ ସମ୍ବିଧାନକୁ ଭଲ ଭାବେ ଅଧ୍ୟୟନ କରିବା ଆବଶ୍ୟକ ଏବଂ ତାହାକୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ସମ୍ବିଧାନ ସହ ତୁଳନା କରିବା ଉଚିତ। ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖିପାରିଥିବା ଆମର ବିଶାଳ ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଦୃଷ୍ଟିପାତ କରିବା ବାଞ୍ଛନୀୟ। ପ୍ରଥମେ ଏହି ସୂଚକାଙ୍କ ଗଣତନ୍ତ୍ରର ସଂଜ୍ଞା ନିରୂପଣ କରି ତାହା ପରେ ଏଭଳି ବୈଶ୍ୱିକ ସୂଚକାଙ୍କ ପାଇଁ ମନ ବଳାଇବା ଉଚିତ ହୋଇଥାନ୍ତା। ଅନ୍ୟ ଭାଷାରେ କହିଲେ, ଏହି ରିପୋର୍ଟକୁ କେବଳ ଡ୍ରଇଂବୋର୍ଡ ଭିତରେ ହିଁ ସାଇତି ରଖାଯିବା ଦରକାର।

ବିଶେଷଜ୍ଞ, ଗଣତାନ୍ତ୍ରିକ ଅଧ୍ୟୟନ

# କରୋନା ସଂକ୍ରମଣ ଓ ଶିଶୁଙ୍କ ସୁରକ୍ଷା



ଶୁଭନାରାୟଣ ଶତପଥୀ

ସାରା ପୃଥିବୀରେ କରୋନାଜନିତ ଭୟଙ୍କର ପ୍ରଭାବ ଦେଖିବାକୁ ମିଳୁଛି। କରୋନାକୁ ନେଇ ଜନସାଧାରଣଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ସେଥିରୁ ଶିଶୁମାନେ କେମିତି ବାଦ୍ ପଡିବେ। ଶିଶୁମାନଙ୍କ ମଧ୍ୟରେ କରୋନା ସଂକ୍ରମଣ ଆଶଙ୍କାରେ ପିତାମାତାମାନେ ଭୟଭିତ ହେଉଛନ୍ତି। ଶିଶୁମାନଙ୍କୁ ଛାଡି ପିତାମାତା, ଅଭିଭାବକର ସଂଜ୍ଞା ମୂଲ୍ୟହୀନ। ସାଧାରଣତଃ ଶିଶୁ ଏସବୁ କିଛି ବୁଝେନା। ସେ କରୋନାକୁ ଜାଣେନା କି ତା'ର ଭୟାବହତାକୁ ଉପଲବ୍ଧି କରେନା। ସେ କେବଳ ଜାଣେ ତା'ର ସୁରକ୍ଷାର ବଳୟ ପିତାମାତାଙ୍କୁ ଓ ଉପଲବ୍ଧି କରେ ପରିବାରର ସ୍ନେହସରାଗ, ଶ୍ରଦ୍ଧାବୋଳା ବନ୍ଧନକୁ। କିଛି ଚପଳମତି ଶିଶୁମାନେ ଲକ୍‌ଡାଉନ୍ କରୋନାକୁ ଗୋଟିଏ ରୋଗ ବୋଲି ଭାବୁଥିବାବେଳେ ଓ ଲକ୍‌ଡାଉନ୍‌କୁ ଏକ ପର୍ବ ବୋଲି ଭାବନ୍ତି। କାରଣ ବିଦ୍ୟାଳୟ ଛୁଟି ହେବା ଓ ପରିବାର ସହ ସମୟ ବିତାଇବାର କ୍ଷଣ ସେମାନଙ୍କୁ ଦିଏ ଅପାର ଆନନ୍ଦ। ସେ ଚାହାନ୍ତି ଏମିତି ଲକ୍‌ଡାଉନ୍ ଲାଗିରହୁ ଓ ବିଦ୍ୟାଳୟ ବନ୍ଦ ଥାଉ। ଏହା କବଳ ସେମାନଙ୍କର ଚପଳତା ଓ ଅପରିପକ୍ୱତା ଛଡା ଅନ୍ୟ କିଛି ନୁହେଁ।

ଅପରପକ୍ଷରେ କିଛି ଅଭିଭାବକ କୁହନ୍ତି ଶିଶୁମାନେ ଦିନସାରା ଘରେ ରହିବା ମୁଣ୍ଡବିନ୍ଧାର କାରଣ। ପିଲାଏ ଘରେ ରହିଲେ ପିତାମାତା, ପରିବାର ଲୋକେ ଟେନ୍‌ସନ, ସେପଟେ ପାଠପଢା ପଛେଇଯିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ବି ଟେନ୍‌ସନ। ସବୁଠୁ ବଳିଯାଉଛି ବସ୍ତି, ଗଳିରେ ରହୁଥିବା ପିଲାଙ୍କ ଅବସ୍ଥା। ପିତାମାତା ବା ଅଭିଭାବକଙ୍କ ମାର୍ଗଦର୍ଶନର ଅଭାବରୁ ପିଲାଙ୍କ ମାନସିକ ଅବସାଦ ବଢୁଛି। ବିରକ୍ତି, ଚିଡ଼ିଚିଡାପଣ ନ ଦେଖାଇ ଧୀର, ଧୈର୍ଯ୍ୟ, ସମ୍ବେଦନଶୀଳତାର ସହ ପରିବାରରେ ଶିଶୁମାନଙ୍କୁ ଲାଳନପାଳନ କରିବା ଉଚିତ। ସରକାର ସବୁବର୍ଗର ଲୋକ, ଶିଶୁଙ୍କୁ ସୁରକ୍ଷା ସେବା ଯୋଗାଉଥିଲେ ହେଁ ଲକ୍‌ଡାଉନ୍, ରୋଜଗାର ବନ୍ଦ, ଜୀବନର ମାନ୍ଦାବସ୍ଥାକୁ ନେଇ ଅଧୈର୍ଯ୍ୟ ଓ ଚିନ୍ତିତ ହୋଇପଡୁଥିବା ଅଭିଭାବକ ଓ ଏହାର ଫାଇଦା ହାସଲ ପାଇଁ ଚେଷ୍ଟା କରୁଥିବା ଦଲାଲଙ୍କ ପ୍ରଭାବରେ ଶିଶୁଚାଲାଣ, ବିକ୍ରି, ବାଲ୍ୟ ବିବାହ, ଅପପୁଷ୍ଟି ଆଦି ଦୁର୍ଯୋଗକୁ ଏଡାଇ ଦିଆଯାଇ ନ ପାରେ। ଯଦିଓ ଏପରି ଘଟଣା ଏପର୍ଯ୍ୟନ୍ତ ସାମ୍ନାକୁ ଖୁବ୍ କମ୍ ଆସୁଛି ତଥାପି ଏ ଦୀର୍ଘ ଲଢେଇ ଅବଧି ମଧ୍ୟରେ ଏହାର ସଂଖ୍ୟାତ୍ମକ ବୃଦ୍ଧିକୁ ଅଣଦେଖା କରାଯାଇ ନ ପାରେ।

ତେବେ ଘରେ ଲକ୍‌ଡାଉନ୍‌ର ସମୟକୁ ସଦ୍‌ବିନିଯୋଗ ପାଇଁ ସଚେତନତା, ତତ୍ପରତା, ପ୍ରତିଯୋଗିତା, ମନୋରଞ୍ଜନର ପ୍ରତିବଦ୍ଧତା ସହ ସବୁ ପ୍ରକାର ସୃଷ୍ଟି କରାଯାଉଥିଲେ ହେଁ ପାରିବାରିକ ଅଶିକ୍ଷା, ଅଜ୍ଞତା, ମନୋମାଳିନ୍ୟ, ଗରିବୀ ଆଦି କାରଣ ଏସବୁର ସଫଳତା ପାଇଁ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ଚାଇନାର ପ୍ରାୟ ଦୁଇହଜାର ଶିଶୁଙ୍କୁ ନେଇ କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଯେ, କରୋନାର ଲକ୍ଷଣ ଶିଶୁମାନଙ୍କଠାରେ ଖୁବ୍ କମ୍ ପରିଲକ୍ଷିତ ହେଉଥିବା ବେଳେ ମଧ୍ୟ ସଂକ୍ରମଣର ଭୟ ବେଶି ରହିଛି। ଏଣୁ ଶିଶୁମାନଙ୍କ ଗତିବିଧି, ଚାଲିଚଳନ, ଖେଳିବା, ଅନ୍ୟମାନଙ୍କ ସହ ମିଶିବା ଆଦି ପ୍ରତି ଅଭିଭାବକମାନେ ବେଶ୍ ସଚେତନ ହେବାର ଆବଶ୍ୟକତା ରହିଛି। ଘରେ ଥିବା ଜେଜେବାପା, ଜେଜେମା'ଙ୍କ ସହ ଶିଶୁମାନଙ୍କର ସମ୍ପର୍କ, ମିଳାମିଶା ଅଧିକ। ଭାରତରେ ପାରିବାରିକ ବନ୍ଧନ ଏତେ ଦୃଢ ଯେ, ପରିବାର ସଦସ୍ୟଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷାକରିବା କାଠିକର ପାଠ। ସେହିପରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ପୋଲିସ ଆଦି କରୋନା ଯୋଦ୍ଧାମାନେ ପରିବାରରେ ପିତାମାତା, ଅଭିଭାବକର ଭୂମିକା ବି ନିର୍ବାହ କରନ୍ତି। ସେମାନେ ନିଜକୁ ନିଜର ଶିଶୁମାନଙ୍କ ଠାରୁ ଦୂରେଇ ରଖୁଛନ୍ତି। ଏହା ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ବିଷୟ। ଏଘଟଣା ଭାବାବେଗକୁ ଆଘାତ ପହଞ୍ଚାଉଥିଲେ ମଧ୍ୟ ଶିଶୁଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନେ କାର୍ଯ୍ୟକରୁଛନ୍ତି। ଏପରିସ୍ଥଳେ ପଡୋଶୀ ଓ ଘରମାଲିକମାନଙ୍କର ମାନବିକତା ଓ ସହଯୋଗ ଏକାନ୍ତ କାମ୍ୟ। ଏହାଛଡା ବାହାର ରାଜ୍ୟରୁ ଆସି ଏଠାରେ ଶ୍ରମିକ ବୃତ୍ତିରେ ନିୟୋଜିତ ଥିବା ପିତାମାତାମାନେ ସେମାନଙ୍କ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପ୍ରତି ବିଶେଷ ଯତ୍ନବାନ ହେବା ଆବଶ୍ୟକ। ସେହିପରି ଦାଦନ, ଯାଯାବର ଗୋଷ୍ଠୀଙ୍କ ପାଖରେ ଥିବା ଶିଶୁମାନଙ୍କର ଲାଳନପାଳନ, ସର୍ବବିଧ ବିକାଶର ଧ୍ୟାନ ଦେଇ ଥଇଥାନ କରୁଛନ୍ତି ସରକାର। ପ୍ରତିବଦଳରେ ସେହି ପିତାମାତା ମଧ୍ୟ ସଚେତନ ହୋଇ ନିଜ ଶିଶୁମାନଙ୍କର ଅଧିକାର, ସୁରକ୍ଷା ପାଇଁ ଯତ୍ନବାନ ହେବା ଜରୁରୀ। ଏ ସମୟକୁ ଏକ ସୁଯୋଗ ଓ ଆଶୀର୍ବାଦ ରୂପେ ଗ୍ରହଣକରି ଶିଶୁମାନଙ୍କ ସହ ବିତାଇଲେ ସେମାନଙ୍କର ଶାରୀରିକ, ମାନସିକ ବିକାଶକୁ ପରିପୁଷ୍ଟ କରିହେବ। ନଚେତ୍ ଶିଶୁ ଚୋରି, ଅପପୁଷ୍ଟି, ସଂକ୍ରମଣର ଆଶଙ୍କା ବେଶି ଦେଖାଦେବ। ସେହିପରି ଅନେକ ଶିଶୁ ଯତ୍ନ ଅନୁଷ୍ଠାନରେ ମଧ୍ୟ ରହୁଛନ୍ତି। ସେମାନଙ୍କର ଉପଯୁକ୍ତ ସେବା ଯତ୍ନ ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ଦ୍ୱାରା ନିଆଯାଉଛି। ଦେଖାଯାଉଛି ଏସବୁ ଅନୁଷ୍ଠାନ ସଂକ୍ରମଣ ପ୍ରତି ବେଶ୍ ସତର୍କତା ଅବଲମ୍ବନ କରିବା ସହ ସାମାଜିକ ଦୂରତ୍ୱ, ସ୍ୱଚ୍ଛତା ରକ୍ଷା କରୁଛନ୍ତି। ଶିଶୁମାନଙ୍କ ହାତଧୁଆ, ବ୍ୟକ୍ତିଗତ ପରିଚ୍ଛନ୍ନତା, ଅଭ୍ୟାସ ଆହୁରି ଦୃଢ ହେବାରେ ଲାଗିଛି। ଭବିଷ୍ୟତ ପାଇଁ ଏହା ଏକ ଉତ୍ତମ ଲକ୍ଷଣ। ପରିବାରରେ ଥିବା ଶିଶୁମାନଙ୍କ ମଧ୍ୟରେ ଏପରି ଅଭ୍ୟାସ ବୃଦ୍ଧି କରିବା ଉଚିତ। ଦାନ, ଦେଖା, ଦୟା ଆଦିର ଆଳ ନେଇ ଏପରି ଅନୁଷ୍ଠାନଗୁଡିକ ପାଖକୁ କୌଣସି ବ୍ୟକ୍ତି ଏପରି କି ପିତାମାତା ବାରମ୍ବାର ଯିବାଆସିବା କରିବା ଉଚିତ ନୁହେଁ, ଯାହା ସେଠାରେ ସଂକ୍ରମଣର ସୁରକ୍ଷା ବଳୟକୁ ଦୁର୍ବଳ କରିବ। ଶିଶୁମାନଙ୍କ ଭିତରେ ସୃଜନଶୀଳତାର ପରିପ୍ରକାଶ ଘଟାଇବା ତଥା ସମୟର ସଦ୍‌ବିନିଯୋଗ ପାଇଁ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା ମୋ ପ୍ରତିଭା ଭଳି ଅନେକ କାର୍ଯ୍ୟକ୍ରମ ବେଶ୍ ପ୍ରଶଂସନୀୟ ଓ ଆଦୃତ ହୋଇଛି। ବର୍ତ୍ତମାନ ଶିକ୍ଷା, ସୃଜନଶୀଳତା, ସଚେତନତା, କର୍ମଶାଳା ସବୁ ଅନ୍‌ଲାଇନ ଓ ଇଲେକ୍ଟ୍ରୋନିକ୍ସ ପଦ୍ଧତି ଦ୍ୱାରା ସଂପାଦିତ ହେଉଥିବାରୁ ଶିଶୁମାନଙ୍କ ଭିତରେ ସୂଚନା ପ୍ରଯୁକ୍ତି ବିଦ୍ୟାଜନିତ ଜ୍ଞାନ ବୃଦ୍ଧି ହେବାରେ ସହାୟକ ହେବ।

ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, ସେବା ପ୍ରଦାନକାରୀ ସମସ୍ତ କର୍ମକର୍ତ୍ତା ତତ୍ପର ହୋଇ ଶିଶୁମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରି କାର୍ଯ୍ୟ କଲେ ଭିନ୍ନ ଭିନ୍ନ ସ୍ଥିତିରେ ଥିବା ଶିଶୁମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା କରାଯାଇପାରିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ–୯୪୩୮୪୩୨୦୨୩

## ଏଇ ଭାରତରେ

ଲକ୍‌ଡାଉନ୍ ସମୟରେ ଜଣେ ଅଟୋଚାଳକଙ୍କ ବଦାନ୍ୟତା ଏବେ ଚର୍ଚ୍ଚାରେ ରହିଛି। ମହାରାଷ୍ଟ୍ର ଠାଣେର ପୁରୁଷୋତ୍ତମ ଗୁପ୍ତା ସହରରେ ରହୁଥିବା ଅଟୋଚାଳକ ତଥା ନିର୍ମାଣ ଶ୍ରମିକମାନଙ୍କୁ ମାଗଣାରେ ରାଶନ ବାଣ୍ଟୁଛନ୍ତି। ଅଟୋଚାଳକମାନେ ରୋଜଗାର ହରାଇଥିବାରୁ ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ ବୋଲି କୁହନ୍ତି ଗୁପ୍ତା। ବସ୍ତି ବାସିନ୍ଦାଙ୍କୁ ସେ ଅଧିକ ରାଶନ କିଟ୍ ଦେଉଛନ୍ତି। ସେ 'ସଦ୍‌ଭାବନା ହର–ବାହାର ଫାଉଣ୍ଡେଶନ' ଏନ୍‌ଜିଓର ସଦସ୍ୟ ରହିଛନ୍ତି। ଏହି ଏନ୍‌ଜିଓର ଅଫିସିଆଲ ଫେସ୍‌ବୁକ ପେଜ୍‌ରେ ଲୋକମାନଙ୍କୁ ଦାନ କରିବା ପାଇଁ ଅନୁରୋଧ କରିବା ପରେ ଲୋକମାନେ ତାଙ୍କୁ ଅର୍ଥ ଦାନ କରୁଛନ୍ତି। ଏହି ଟଙ୍କାରେ ସେ ରାଶନ ସାମଗ୍ରୀ କିଣୁଛନ୍ତି। ପ୍ରତ୍ୟେକ କିଟ୍‌ରେ ସେ ୪୬୦ ଟଙ୍କା ମୂଲ୍ୟର ଚାଉଳ, ଡାଲି, ଅଟା ଓ ତେଲ ଦେଉଛନ୍ତି। ରାଶନ କିଟ୍ ପ୍ରସ୍ତୁତ କରିବାରେ ସେ ତାଙ୍କ ପରିବାର ସଦସ୍ୟଙ୍କୁ ଲଗାଇଛନ୍ତି। ସେମାନେ ସାମାଜିକ ଦୂରତ୍ୱ ପାଳନ କରି କିଟ୍ ପ୍ୟାକ କରୁଛନ୍ତି। ଗୁପ୍ତା ଅଟୋରେ କିଟ୍ ନେଇ ଗରିବ ଲୋକଙ୍କ ଘରେ ପହଞ୍ଚାଇ ଦେଉଛନ୍ତି। ଏବେସୁଦ୍ଧା ସେ ୧୫୦ରୁ ଊର୍ଦ୍ଧ୍ୱ ରାଶନ କିଟ୍ ବାଣ୍ଟି ସାରିଲେଣି। ଠାଣେରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମଧ୍ୟ ଗୁପ୍ତା ସାମିଲ ହୋଇ ବହୁ ଆଖିଦୃଶିଆ କାର୍ଯ୍ୟ କରିଆସୁଛନ୍ତି।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି!
(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ମେ ୧୯୯୫

- ଫିଲିପାଇନ୍ସରେ ସାଧାରଣ ନିର୍ବାଚନ ବେଳେ ହିଂସାକାଣ୍ଡ ଘଟି ୨୧ ସାଧାରଣ ନାଗରିକ ମୃତ।
- ଶ୍ରୀଲଙ୍କା ଦ୍ୱୀପାଞ୍ଚଳରେ ଏଲ୍‌ଟିଟିଇ ଉଗ୍ରବାଦୀମାନଙ୍କ ଆକ୍ରମଣରେ ୧୨ ସିଂହଳୀ କମାଣ୍ଡୋ ନିହତ।
- ମ୍ୟାନ୍‌ମାରର ଗଣତନ୍ତ୍ରବାଦୀ ନେତ୍ରୀ ତଥା ନୋବେଲ ବିଜୟିନୀ ଅଙ୍ଗ୍ ସ୍ୟାନ୍ ସ୍ୟୁ କିଙ୍କୁ ଆନ୍ତର୍ଜାତିକ ବୁଝାମଣା ପାଇଁ ୧୯୯୩ ମସିହା ସକାଶେ ନେହେରୁ ପୁରସ୍କାର ପ୍ରଦାନ।
- ସିଙ୍ଗାପୁରରେ ବାଂଲାଦେଶୀ ଗରିବ ମହିଳାମାନଙ୍କୁ ଚାକରାଣୀ ଭାବେ ନିଯୁକ୍ତି ମିଳିବା ନେଇ ଏକ ବୁଝାମଣା ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | 3 | A | | | 8 | | | | 5 | B |
| 1 | | | | | 9 | | 8 | 3 | 7 | | 2 | | | |
| | | | D | 2 | | | | E | 4 | C | 6 | 0 | 8 | |
| | | | | | E | 0 | | | | | 5 | D | | |
| | E | | | 7 | | | | D | | 1 | | 3 | | 2 |
| | | | | C | 0 | | D | 2 | | | | | | |
| | D | 3 | | 1 | | | E | B | | | | 8 | | |
| | | | | | | 6 | | 8 | | A | E | | | 4 |
| | 7 | 8 | E | 9 | | | | 0 | | 2 | | | C | 5 |
| | | | B | | | | | | C | 9 | 7 | | | |
| | | | | | 4 | | 7 | | | | | | 9 | C |
| | | A | 9 | | | | 4 | | E | 7 | | | | |
| | | | | B | | | 1 | C | | | 0 | A | | |
| | | | C | 8 | | | | | 9 | | | B | 6 | 7 |
| 5 | | | | | | B | 0 | | | | 1 | | 3 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 8 | 7 | 5 | 6 | B | 9 | D | C | 1 | 3 | 2 | 4 | 0 |
| 4 | 5 | C | 2 | 0 | 3 | 7 | 1 | A | 6 | 8 | B | D | E | 9 |
| 1 | B | 9 | D | E | 8 | 6 | 0 | 3 | 2 | 4 | A | 5 | C | 7 |
| 3 | 7 | D | 9 | A | 4 | 2 | C | 8 | 0 | 5 | E | B | 6 | 1 |
| 6 | 0 | 2 | C | B | 1 | 4 | E | 5 | 7 | D | 9 | 8 | A | 3 |
| 5 | 8 | 4 | E | 6 | C | 1 | D | 9 | A | 3 | 2 | 0 | 7 | B |
| 0 | C | 7 | 4 | 8 | 2 | E | 3 | 6 | D | B | 5 | 9 | 1 | A |
| A | D | E | B | 7 | 5 | 0 | 4 | 2 | 9 | C | 1 | 3 | 8 | 6 |
| B | 9 | 1 | 0 | 3 | D | 8 | A | C | 4 | 7 | 6 | E | 2 | 5 |
| 2 | 6 | 3 | A | 1 | 9 | 5 | 7 | B | E | 0 | 8 | 4 | D | C |
| 8 | 2 | A | 1 | 9 | 7 | 3 | B | E | 5 | 6 | D | C | 0 | 4 |
| D | 1 | 5 | 8 | C | 0 | 9 | 2 | 4 | 3 | A | 7 | 6 | B | E |
| 7 | 3 | B | 6 | 4 | E | C | 5 | 1 | 8 | 2 | 0 | A | 9 | D |
| 9 | 4 | 6 | 5 | D | B | A | 8 | 0 | 1 | E | C | 7 | 3 | 2 |
| C | E | 0 | 3 | 2 | A | D | 6 | 7 | B | 9 | 4 | 1 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱତନ୍ତ୍ର ଶିକ୍ଷା ଚ୍ୟାନେଲ୍ ପ୍ରତିଷ୍ଠା ହେଉ

ମହାଶୟ,

ଲକ୍‌ଡାଉନ୍ ଯୋଗୁ ଦେଶରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିବାରୁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ତରଫରୁ ଅନ୍‌ଲାଇନ୍‌ରେ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଛି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେବଳ ଧନୀ ତଥା ସ୍ୱଚ୍ଛଳ ବର୍ଗଙ୍କ ପାଇଁ ସମ୍ଭବ। ମାତ୍ର ଗରିବ ତଥା ନିମ୍ନ ବର୍ଗଙ୍କ ପାଇଁ ଏହା ଆଦୌ ସମ୍ଭବ ନୁହେଁ। ଯଦିଓ ଓଡ଼ିଶା ସରକାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଡିଡି ଓଡ଼ିଆରେ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିଛନ୍ତି କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ ଏହି ଲକ୍‌ଡାଉନ୍‌ରେ ଯୁବ ବର୍ଗର ଏବଂ ସବୁ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାକୁ ହେଲେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ତରଫରୁ ଟେଲିଭିଜନରେ କୌଣସି ଏକ ସ୍ୱତନ୍ତ୍ର ଚ୍ୟାନେଲ ପ୍ରତିଷ୍ଠା କରିବା ଆବଶ୍ୟକ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### କେହି ସଚେତନ ନୁହନ୍ତି

ରାସ୍ତାରେ ରମ୍ବଲର୍ସ କେଉଁ ସୁରକ୍ଷା ନିୟମରେ ଅଛି। ଦୁର୍ଘଟଣା କାହିଁକି ହେଉଛି। ସବୁ ଜଣାଥିଲେ ମଧ୍ୟ ରମ୍ବଲର୍ସ ତିଆରି କରାଯାଉଛ। ଯିଏ ୨ ଚକିଆରେ ସବୁଦିନେ ସେହି ରାସ୍ତାରେ ଯାଉଛନ୍ତି ସେମାନେ ଖୁବଶୀଘ୍ର ସ୍ପଣ୍ଡିଲାଇଟିସରେ ଆକ୍ରାନ୍ତ ହେବ। କେହି ଜଣେ ହେଲେ ସୁରକ୍ଷା ସମ୍ବନ୍ଧରେ ସଚେତନ ନୁହନ୍ତି। ଅନ୍ୟପକ୍ଷରେ ୨୦ ଫୁଟ ଉଚ୍ଚରେ ୧୧ କେଭି ତାର ଗଲେ ଦୁର୍ଘଟଣା ହେବ ନାହିଁ। ଗ୍ରାମ ଭିତର ରାସ୍ତାରେ ଯେଉଁ ୧୧ କେଭି ତାର ଯାଇଛି ତା' ତଳେ ଗାର୍ଡିଂ ଦିଆଯାଉ, ତାର ଖସିଲେ ବି ବିପଦ ରହିବନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବନ୍ଦ ହେଲା ନାବାଳିକା ବିବାହ

**ନୟାଗଡ଼ ଅଫିସ,୮।୫:** ବିବାହ ବେଦିରୁ ବରକନ୍ୟାଙ୍କୁ ପୋଲିସ ଉଠାଇନେବା ପରେ ଶୁକ୍ରବାର ନାବାଳିକା ବିବାହ ବନ୍ଦ ହୋଇଛି। ନାବଳିକାଙ୍କୁ ସିଡବ୍ଲୁସିରେ ହାଜର କରାଯାଇ ୱାନ ଷ୍ଟପ ସେଣ୍ଟର ସଖୀରେ ରଖାଯାଇଛି। ପୁଅକୁ ଲେଖାପଢ଼ା କରାଯାଇ ଛଡ଼ାଯାଇଛି। ଥାନାରେ ମକଦ୍ଦମା କରିବାକୁ କାଗଜାତ୍ ପ୍ରସ୍ତୁତ କରାଯାଉଥିବା କୁହାଯାଇଛି। ନୟାଗଡ ଜିଲା ଫତେଗଡ଼ ଅଞ୍ଚଳର ୧୭ ବର୍ଷୀୟା ନାବାଳିକାଙ୍କୁ ଭାପୁର ବ୍ଲକ ମର୍ଦ୍ଦାବାଡ଼ି ଗୋହିରାପଦା ଗାଁର ବଳରାମ ଦାଶ (୨୯) ବିବାହ ପାଇଁ ପ୍ରସ୍ତୁତ ହେଉଥିଲେ। ବଳରାମ ଜଣେ ଟ୍ରାକ୍ଟର ଡ୍ରାଇଭର। ଜାମୁସାହି ଭୁଆସୁଣି ମନ୍ଦିରରେ ଭୋଜି ଭାତ ଚାଲିଥିଲା। ବିବାହ ପାଇଁ ବରକନ୍ୟା ବେଦିକୁ ଯିବା ବେଳେ ଚାଇଲ୍ଡ ଲାଇନ ସଦସ୍ୟ ଚନ୍ଦ୍ର ଶେଖର ବେହେରା ଓ ସ୍ୱେଚ୍ଛାସେବୀ ସ୍ୱର୍ଣ୍ଣଲତା ସାହୁ, ନାବାଳିକା ନିରୋଧ ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ଫତେଗଡ ଥାନା ଏସ୍ଆଇ ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ଚଢ଼ାଉ କରିଥିଲେ।

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ପାରାଦୀପ,୮।୫(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ-୭୧/୨୦)ରୁଜୁ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଅଭିଯୁକ୍ତ ହେଲେ ଏହି ଥାନା ଚାନ୍ଦିନୀ ଗ୍ରାମର ହରିପଦ ମଣ୍ଡଳ। ଗତ ବୁଧବାର ଅପରାହ୍ନରେ ନାବାଳିକା ତାଙ୍କ ବତକ ଆଣିବାକୁ ପାଖ ପୋଖରୀକୁ ଯାଇଥିଲେ। ହରିପଦ ନାବାଳିକାଙ୍କୁ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ମାତ୍ର ନାବାଳିକାଙ୍କ ମା'ସେଠାରେ ପହଞ୍ଚିଯିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ବନ୍ଦ ହେଲା ପାରାଦୀପ କାର୍ବନ କାରଖାନା

- ସାମାଜିକ ଦୂରତା ନିୟମ ଉଲ୍ଲଂଘନ ହେଉଥିଲା
- ୩୦ ପ୍ରତିଶତରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିଲେ
- ଗୁରୁବାର ଜଣେ କାର୍ଯ୍ୟରତ ଶ୍ରମିକ ଗୁରୁତର ହୋଇଥିଲେ

**ପାରାଦୀପ,୮।୫(ସ୍ୱ.ପ୍ର.)**

କରୋନା କଟକଣା ବେଳେ ସାମାଜିକ ଦୂରତା ବଜାୟ ରଖିବାରେ ବିଫଳ ହେବାରୁ ଶୁକ୍ରବାର ପାରାଦୀପ କାର୍ବନ କାରଖାନାକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟାଦେଶ ପର୍ଯ୍ୟନ୍ତ ଉକ୍ତ କାରଖାନା ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସାମାଜିକ ଦୂରତା ପ୍ରସଙ୍ଗ କୁହାଯାଉଥିଲେ ହେଁ ବାସ୍ତବରେ କାରଖାନାରେ ଦୁର୍ଘଟଣା ପାଇଁ ଏପରି କରାଯାଇଛି ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

ଏହି କାରଖାନା ଗତ ମାସ ୨୪ତାରିଖରୁ ଚାଲୁ ହୋଇଥିଲା। ସମୁଦାୟ ଶ୍ରମିକଙ୍କ ମଧ୍ୟରୁ ୩୦ ପ୍ରତିଶତ ଅର୍ଥାତ ୩୯ ଜଣଙ୍କୁ ନେଇ କାମ କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଶତାଧିକ ଶ୍ରମିକ ନିୟୋଜିତ କରି ଉତ୍ପାଦନ ଚଳାଇଥିଲେ। ଗୁରୁବାର ଅପରାହ୍ନରେ କାରଖାନା ଚାଲିଥିବାବେଳେ ଜଣେ ଶ୍ରମିକ ୩୦ ଫୁଟ ଉଚ୍ଚତାରୁ ଖସି ପଡି ଗୁରୁତର ହୋଇଥିଲେ। ସମ୍ପୃକ୍ତ ଶ୍ରମିକ ହେଲେ କୁଜଙ୍ଗ ଥାନା ଅଧୀନ ବୋଲାଙ୍ଗ ଗ୍ରାମର ମନୋରଞ୍ଜନ ବିଶ୍ୱାଳ(୪୦)। ଦୁର୍ଘଟଣାରେ ତାଙ୍କର ମୁଣ୍ଡ, ଆଖି ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ମେଡିକାଲ ନେବାରେ ବିଳମ୍ବ ହେବା ଓ ଶ୍ରମିକଙ୍କ ସୁରକ୍ଷା ନିରାପତ୍ତା ସାମଗ୍ରୀ ନ ଥିବା ଅଭିଯୋଗ କରି ଅନ୍ୟ ଶ୍ରମିକମାନେ କାମ ବନ୍ଦ କରି ବିକ୍ଷୋଭ କରିଥିଲେ। ପରେ ଗୁରୁତର ଶ୍ରମିକଙ୍କୁ ଏକ କାର ଯୋଗେ ପ୍ରଥମେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ପଠାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଏହି ଘଟଣା ପ୍ରଘଟ ହେବାପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଧୀର ଶୁକ୍ରବାର କାରାଖାନା ପରିସରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ କାରଖାନା କର୍ତ୍ତୃପକ୍ଷ ସାମାଜିକ ଦୂରତା ନିୟମ ଉଲଂଘନ କରୁଥିବା ଦେଖିବାକୁ ପାଇଥିଲେ। ସେହିପରି ୩୦ପ୍ରତିଶତରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିବା ମଧ୍ୟ ଅତିରିକ୍ତ ଜିଲାପାଳ ଦେଖିଥିଲେ। ଏସବୁ କାରଣରୁ କାରଖାନାକୁ ବନ୍ଦ କରାଗଲା ବୋଲି ଅତିରିକ୍ତ ଜିଲାପାଳ ଧୀର ଘୋଷଣା କରିଥିଲେ। ଅପରପକ୍ଷେ କାରଖାନା ଓ ବାଷ୍ପିତ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ ଶୁକ୍ରବାର ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରିଥିବା ସୂଚନା ଦେଇଛନ୍ତି। ଏବେ ଅନ୍ୟ ସମସ୍ତ କାରଖାନାର ୩୦ ପ୍ରତିଶତ ମାନବସମ୍ବଳ ଓ ସାମାଜିକ ଦୂରତା ସମ୍ପର୍କରେ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି। କାରଖାନା ବନ୍ଦ ପ୍ରସଙ୍ଗରେ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ତରେଇ କହିଛନ୍ତି, ଶ୍ରମିକମାନେ କଟକଣା ସମୟରେ କାମ ନ ପାଇ ହଇରାଣ ହେଉଥିଲେ। ସେଥିପାଇଁ ସେମାନେ ସ୍ୱଇଚ୍ଛାରେ କାମ କରୁଥିଲେ। ତେବେ ଦୁର୍ଘଟଣା ଘଟିବାରୁ ପ୍ରଶାସନ ପକ୍ଷରୁ କାରାଖାନା ବନ୍ଦ କରାଯାଇଛି। ଅନ୍ୟ ଏକ ଖବର ଅନୁସାରେ କାର୍ବନ କାରଖାନା ପାଖରେ ଥିବା ଆଉ ଏକ କାରଖାନାରେ ଶତପ୍ରତିଶତ ଶ୍ରମିକ କାମକରୁଥିବା ଶୁକ୍ରବାର ଯାଞ୍ଚ ବେଳେ ଧରାପଡିଛି। କିନ୍ତୁ ତାହାକୁ ବନ୍ଦ କରାଯାଇ ନ ଥିବା ଜଣାପଡ଼ିଛି।



କାର୍ବନ କାରଖାନା

# ବିଜୁ ଯୁବବାହିନୀ କୋଭିଡ୍ ଯୁଦ୍ଧରେ ସାମିଲ ହୁଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୮।୫(ବ୍ୟୁରୋ)**

କରୋନା (କୋଭିଡ୍-୧୯) ମହାମାରୀ କବଳରେ ପଡି ସମଗ୍ର ବିଶ୍ୱ ହନ୍ତସନ୍ତ ହେଉଛି। ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏକ ପତ୍ର ଲେଖି କହିଛନ୍ତି ଯେ ବିଗତ ଦିନଗୁଡିକରେ ଯୁବବାହିନୀ ସ୍ୱେଚ୍ଛାସେବୀମାନଙ୍କର ଉଚ୍ଚକୋଟୀର ସେବା ଯୋଗୁ ସେବା କ୍ଷେତ୍ରରେ ଏକ ନୂତନ ଅଭ୍ୟୁଦୟ ଘଟିଛି। ଏହାଦ୍ୱାର ବିଜୁ ଯୁବ ବାହିନୀ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ଭୟଙ୍କର ସାମୁଦ୍ରିକ ଝଡ଼ ତିତ୍‌ଲି ଓ ଫନୀ ସମୟରେ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ଏବେ କରୋନା ସଙ୍କଟ ସମୟରେ ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରଙ୍କୁ ସ୍ୱେଚ୍ଛାକୃତ ସହଯୋଗ ଦେବା ପାଇଁ ସ୍ୱେଚ୍ଛାସେବୀମାନେ https://covidsangramee.odisha.gov.in ୱେବସାଇଟରେ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ବିଜୁ ଯୁବବାହିନୀ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଛନ୍ତି। ପଞ୍ଜୀକରଣ କରିଥିବା ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୱେବ ଆଧାରିତ ତାଲିମ ପ୍ରଦାନ କରାଯିବ। ଏକାଥରକେ ୫୦୦ ସଦସ୍ୟଙ୍କୁ କୋଭିଡ୍ ବିପର୍ଯ୍ୟୟ ପରିଚାଳନା ବିଷୟରେ ତାଲିମ ଦିଆଯିବ। ୬୦ରୁ ୯୦ ମିନିଟ ଧରି ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟାରେ ସାମିଲ ହେବାକୁ କୁହାଯାଇଛି।

# ଅନିୟମିତତା: ଠିକାସଂସ୍ଥାକୁ ଜବାବ ତଲବ

**ଓଏମ୍‌ବିଏଡିସି ପାଣ୍ଠିରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ**

- ୬୦ ପରିବର୍ତ୍ତେ ଯୋଗାଇଛି ୪୭ କର୍ମଚାରୀ
- ଦରମା ପ୍ରଦାନରେ ଚୁକ୍ତି ଉଲ୍ଲଂଘନ

**ଯାଜପୁର ଅଫିସ,୮।୫**

ଯାଜପୁର ସମେତ ରାଜ୍ୟର ୮ ଜିଲାରେ ଓଡ଼ିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଯୋଜନାରେ ଚାଲିଛି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ। ଏଥିପାଇଁ ୮୬୯ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସରକାର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍ଏସ୍) ବିଭାଗକୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ହେଲେ ଯନ୍ତ୍ରୀ ଓ କର୍ମଚାରୀ ଅଭାବ ରହିଛି। ତେଣୁ ଠିକା ସଂସ୍ଥା କଳିଙ୍ଗ ୱାରିୟର୍ସ ସିକ୍ୟୁରିଟି ସର୍ଭିସ(କେଡବ୍ଲ୍ୟୁଏସ୍ଏସ୍)କୁ ୨ ବର୍ଷ (୧।୧୨।୨୦୧୮ରୁ ୩୦।୧୧।୨୦୨୦) ପାଇଁ କର୍ମଚାରୀ ଯୋଗାଇଦେବାକୁ ଆରଡବ୍ଲ୍ୟୁଏସ୍ଏସ୍ ଦାୟିତ୍ୱ ଦେଇଛି। କିନ୍ତୁ ଏହି କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ଚୁକ୍ତିକୁ କାହିଁକି ରଦ୍ଦ କରି ଦିଆ ନ ଯିବ ସେନେଇ କେଡବ୍ଲ୍ୟୁଏସ୍ଏସ୍‌ର ନିର୍ଦ୍ଦେଶକଙ୍କୁ ଆରଡବ୍ଲ୍ୟୁଏସ୍ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଶୁକ୍ରବାର ଜବାବ ତଲବ କରିଛନ୍ତି।

ଖଣି ସମ୍ପଦ ବ୍ୟବହାର ହେଉଥିବା ଅଞ୍ଚଳରେ ଲୋକମାନଙ୍କ ବିକାଶ ଉପରେ ଓଏମ୍‌ବିଏଡିସି ପାଣ୍ଠି ବିନିଯୋଗ ହେଉଛି। କିନ୍ତୁ ଖଣି ଖନନ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଲୋକମାନେ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହିକ୍ରମରେ ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ଓଏମ୍‌ବିଏଡିସି ପାଣ୍ଠିରେ ପ୍ରାୟ ୮୦ କୋଟି ଟଙ୍କାରେ ସୁକିନ୍ଦା ଖଣିଅଞ୍ଚଳରେ ଏକ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଚାଲିଛି। ଏଥିପାଇଁ କେଡବ୍ଲ୍ୟୁଏସ୍ଏସ୍ ୪ ଜଣ କର୍ମଚାରୀଙ୍କୁ ଯୋଗାଇଛି। ଚୁକ୍ତି ମୁତାବକ ସମୁଦାୟ ୮ ଜିଲା ପାଇଁ ୬୦ ଜଣ କର୍ମଚାରୀ ଯଥା ପ୍ରୋଜେକ୍ଟ ଇଞ୍ଜିନିୟର, ପ୍ରୋଜେକ୍ଟ ଆସିଷ୍ଟାଣ୍ଟ(ଟେକ୍ନିକାଲ), ପ୍ରୋକ୍ୟୁରମେଣ୍ଟ କମ୍ ଫାଇନାନ୍ସ ଏକ୍ଜିକ୍ୟୁଟିଭ୍ ଓ ଏମ୍ଆଇଏସ୍ ଏକ୍ଜିକ୍ୟୁଟିଭ ଯୋଗାଇ ଦେବାକୁ ଚୁକ୍ତି ହୋଇଥିଲା। କିନ୍ତୁ କେଡବ୍ଲ୍ୟୁଏସ୍ଏସ୍ ୪୭ଜଣ କର୍ମଚାରୀଙ୍କୁ ଯୋଗାଇଛି। ଏହାସହିତ ପ୍ରୋଜେକ୍ଟ ଇଞ୍ଜିନିୟର ସୁମନ୍ତ ମହାପାତ୍ର, ଏମ୍ଆଇଏସ୍ ଏକ୍ଜିକ୍ୟୁଟିଭ ମିତାଲି ମିଶ୍ରଙ୍କ ଅଭିଯୋଗ ଅନୁସାରେ କେଡବ୍ଲ୍ୟୁଏସ୍ଏସ୍ ନିୟମିତ ଭାବେ ଦରମା ଦେଉନାହିଁ। ବିଲ୍ ସହ ଇପିଏଫ୍, ଜିଏସ୍‌ଟି ଆଦି ଠିକ୍ ସମୟରେ ଦାଖଲ କରାଯାଉନାହିଁ। ଚୁକ୍ତିନାମା ଅନୁସାରେ କର୍ମଚାରୀଙ୍କ ଦରମା ଇଲେକ୍ଟ୍ରୋନିକ୍ସ ମନି ଟ୍ରାନ୍ସଫରରେ ହେବା କଥା। ଏଥିରେ ଚେକ୍ କିମ୍ବା କ୍ୟାଶ୍ ପେମେଣ୍ଟକୁ କଡ଼ାକଡ଼ି ଭାବେ ମନା କରାଯାଇଛି। କିନ୍ତୁ କେଡବ୍ଲ୍ୟୁଏସ୍ଏସ୍ କେତେଜଣ କର୍ମଚାରୀଙ୍କୁ ଚେକ୍ ଜରିଆରେ ଦରମା ଦେଉଛି। ଏହିସବୁ ଅନିୟମିତତା ପାଇଁ କେଡବ୍ଲ୍ୟୁଏସ୍ଏସ୍ ନିର୍ଦ୍ଦେଶକଙ୍କୁ ଆସନ୍ତା ୧୫ ତାରିଖ ସୁଦ୍ଧା କାରଣ ଦର୍ଶାଇବାକୁ ଆରଡବ୍ଲ୍ୟୁଏସ୍ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ନିର୍ଦ୍ଦେଶ ଜାରି କରିଛନ୍ତି।

### ବାଟ ଭୁଲିଥିବା ମା' ଓ ଶିଶୁ ଉଦ୍ଧାର

**ଚଣ୍ଡିଖୋଲ, ୮।୫ (ଡି.ଏନ୍.ଏ.):** ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଥାନା କଡ଼ାଇଛକରେ ବାଟ ଭୁଲିଥିବା ଜଣେ ମହିଳା ଓ ଏକ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବଡଚଣା ଅଞ୍ଚଳର ସାମାଜିକ କର୍ମୀ କିଶୋର ବାରିକ ସମ୍ପୃକ୍ତ ମହିଳା ଓ ଶିଶୁଙ୍କୁ ରାଜପଥ କଡ଼ରେ ଦେଖି ଖାଦ୍ୟ ଦେବା ସହ ସେମାନଙ୍କ ଘର ଭଦ୍ରକ ଜିଲା ବନ୍ତ ଅଞ୍ଚଳରେ ପଚାରି ବୁଝିଥିଲେ। ଏ ବିଷୟରେ ବଡ଼ଚଣା ଥାନାରେ ଜଣାଇବା ପରେ ଥାନାଧିକାରୀ ପ୍ରିୟବ୍ରତ ରାଉତ ସେମାନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ପରେ ସେମାନଙ୍କୁ ଘରକୁ ପଠାଇଥିଲେ।

# କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮



ପଟ୍ଟାମୁଣ୍ଡାଇ ସଙ୍ଗରୋଧ କେନ୍ଦ୍ରରେ ପୋଲିସ ଓ ପ୍ରଶାସନିକ ଅଧିକାରୀ।

**କେନ୍ଦ୍ରାପଡ଼ା ଅଫିସ/ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.), ୮।୫**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ସଙ୍ଗରୋଧ କେନ୍ଦ୍ରରୁ ୫ ଜଣ କରୋନା ଆକ୍ରାନ୍ତ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ କଟକ କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ଜିଲାରେ ୩ ଜଣ ଚିହ୍ନଟ ହୋଇଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଗତ ୩ ତାରିଖରେ ପଟ୍ଟାମୁଣ୍ଡାଇ, ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୫୮ ଜଣ ଏକ ବସ୍‌ରେ ସୁରଟରୁ ଫେରିଥିଲେ। ସେମାନଙ୍କୁ ଉକ୍ତ ବ୍ଲକର ସଙ୍ଗରୋଧ କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ରଖାଯାଇଛି। ଏହି ସୁରଟ ଫେରନ୍ତାଙ୍କ ମଧ୍ୟରୁ ୩୮ ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିବା ବେଳେ ସାନଜରିଆ ସଙ୍ଗରୋଧ କେନ୍ଦ୍ରର ୫ ଜଣ କରୋନା ଅକ୍ରାନ୍ତ ବୋଲି ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଆକ୍ରାନ୍ତମାନେ ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଗୋଷ୍ଠୀ ସଂକ୍ରମଣ ଭୟ ନାହିଁ। ଏଥିପାଇଁ କଣ୍ଟେନ୍‌ମେଣ୍ଟ ଜୋନର ଆବଶ୍ୟକତା ନାହିଁ। ଗତ ରାତିରୁ ଏହି କେନ୍ଦ୍ରକୁ ବିଶୋଧନ କରାଯାଉଛି। ଏଥିସହ ପ୍ରବାସୀଙ୍କ ସ୍ୱାବ୍ ଟେଷ୍ଟ ପାଇଁ ନମୁନା ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ନିକଟ ସମ୍ପର୍କୀୟ ଓ ସ୍ଥାନୀୟ ଅଧିବାସୀଙ୍କୁ ଜିଲାସ୍ଥିତ ସଙ୍ଗରୋଧ କେନ୍ଦ୍ର ନିକଟକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଜିଲାରେ ଆଳି ବ୍ଲକର ଦୁଇଜଣ ଓ ରାଜନଗର ବ୍ଲକର ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିଲେ। ଏହି ଦୁଇ ବ୍ଲକର ଜଣେ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନେ ସମସ୍ତେ କୋଲକାତାରୁ ଫେରିଥିଲେ।

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ମୋବାଇଲ ଏଟିଏମ୍ ବ୍ୟବସ୍ଥା

**ଯାଜପୁର ଟାଉନ୍, ୮।୫ (ଡି.ଏନ୍.ଏ.)**

ଯାଜପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ବେଳେ ବିଭିନ୍ନ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଜିଲାରେ ୧୯ଟି କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଥିବା ବେଳେ ସେଥିରୁ ବ୍ରହ୍ମବରଦା ଓ ସାନତ୍ରିଲୋଚନପୁର ଅଞ୍ଚଳରୁ କଣ୍ଟେନ୍‌ମେଣ୍ଟ ହଟେଇ ଦିଆଯାଇଛି। ଅନ୍ୟ ୧୭ଟି ଅଞ୍ଚଳରେ କଣ୍ଟେନ୍‌ମେଣ୍ଟ କଟକଣା ବଳବତ୍ତର ରହିଛି। ଉକ୍ତ ଅଞ୍ଚଳରେ ଲୋକମାନଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦିଆଯିବା ସକାଶେ ଆକ୍ସିସ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଏଟିଏମ୍ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଅପରାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲାପାଳ ରଞ୍ଜନ କୁମାର ଦାସ ଉକ୍ତ ମୋବାଇଲ ଏଟିଏମ୍ ଭ୍ୟାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ମିହିର ପ୍ରସାଦ ମହାନ୍ତି, ଉପ-ଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଡେପୁଟି କଲେକ୍ଟର କୁଳମଣି ନାୟକ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା, ଆକ୍ସିସ ବ୍ୟାଙ୍କ ମ୍ୟାନେଜର ଅପୂର୍ବ ରଞ୍ଜନ ମହାପାତ୍ର, ସରକାରୀ ସମ୍ପର୍କ ପ୍ରବନ୍ଧକ ସନ୍ଦୀପ ମହାନ୍ତି, ସେଲସ୍ ମ୍ୟାନେଜର ସୁଶାନ୍ତ ସାମଲ ଓ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
O/O THE EXECUTIVE ENGINEER,
ANGUL IRRIGATION DIVISION, ANGUL
E mail Id – eeangulirrigation@gmail.com, Phone No.- 06764-236343
'e' Procurement Notice – EE-AID-2-2020-21

No.: A-07: The Executive Engineer, Angul Irrigation Division, Angul on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | |
|---|---|---|
| 1 | Total No. of Works | 30 ( Thirty ) Nos. Civil works |
| 2 | Estimated Cost put to tender | Approximately Rs. 9.85 Lakh to Rs. 23.05 Lakh |
| 3 | Tender Paper Cost | Rs.6,000/- (Non Refundable) |
| 4 | Class of Contractor | 'D' & 'C' and 'C' & 'B' equivalent Grade / Class |
| 5 | Period of Completion | 60 days |
| 6 | Availability of Bid Documents and receipt of bid through online | From 10.00 A.M of 12.05.2020 to 5.00 P.M of 21.05.2020 in the website (www.tendersodisha.gov.in) |
| 7 | Date, time & place for opening of online tenders | 26.05.2020 after 10.00 A.M and onwards in the O/o the EE, Angul Irrigation Division, Angul |
| 8 | Date, time & Place for finalization of tender through transparent lottery system if required | 06.06.2020 at 8.00 A.M and onwards in the O/o the EE, Angul Irrigation Division, Angul |
| 9 | Digital Signature Certificate | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | Executive Engineer, Angul Irrigation Division, Angul, At/PO:- Angul, Dist:- Angul, Odisha. Ph. No. 06764-236343, Fax: 06764-236152, e-mail Address: eeangulirrigation@ gmail.com |

Further details can be seen from the e-procurement portal of Government of Odisha at (www.tendersodisha.gov.in).
Executive Engineer, Angul Irrigation Division, Angul
OIPR-32049/11/0001/2021

BERHAMPUR MUNICIPAL CORPORATION, GANJAM
INVITATIONS FOR BIDS (IFB)
L. No.: 5218/X-E-3-7/2019 Date: 30.04.2020
No.: C-03 Invitation for Bids
Bid Identification No. BMC (BAM) 220/2019-20

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A" | |
| 2 | Nature of Work | Civil Works |
| 3 | No. of Works | 01 No. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | EMD | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State of owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs of Dt.07.05.2020 to 17.00 hrs. of 20.05.2020 |
| 8 | Date & Time of Opening of the Bids | 11.30 hrs. onwards on Dt.21.05.2020 |
| 9 | Mode of Submission of Tender | Tender should submitted Online in www.tendersorissa.gov.in |
| | The bidders have to participate on ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation
Berhampur, Odisha
OIPR-13035/11/0001/2021

Your classified advertisement published in Dharitri will be listed free in Dharitri online edition : www.dharitri.com

ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର

ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର ଅନ୍ତର୍ଗତ ସମସ୍ତ ପଞ୍ଜିକୃତ କରିଥିବା ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ଖରିଫ୍ ବର୍ଷ ୨୦୧୯-୨୦ ରବି ଋତୁ ପାଇଁ ଆସନ୍ତା ତା୧୧।୦୫।୨୦୨୦ଠାରୁ ଧନକଉଡ଼ା ବ୍ଲକ ଅନ୍ତର୍ଗତ ଆକଟାପାଲି, ଶାସନ, ରେମେଡ, ଚାଉଁରପୁର, ଶଙ୍କରମା, ତାଲବ, କରଡୋଲା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆମଲିପାଲି, ମାନେଶ୍ୱର ବ୍ଲକ ଅନ୍ତର୍ଗତ ଠେମେରା, ଧମା, ନୂଆମୁରା, ମାନେଶ୍ୱର, ପରମାଣପୁର, ବରଗାଁ, ବଡେମୁରା, ସାହାସପୁର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବଦୁଆପାଲି, ଯୁଯୋମୁରା, ବ୍ଲକ ଅନ୍ତର୍ଗତ ବାହାମ, ଝାଙ୍କରପାଲି, ଘେନୁପାଲି, ଯୁଯୋମୁରା ଓ ରେଙ୍ଗାଲି ବ୍ଲକ ଅନ୍ତର୍ଗତ କତରବଗା, ଟାମରକେଲା, ଲଇଡ଼ା ଓ ସେଙ୍ଗାଲି ଇତ୍ୟାଦି ସମବାୟ ସମିତିଗୁଡ଼ିକ ଅଧୀନରେ ଥିବା ବଜାର ପ୍ରାଙ୍ଗଣ ତଥା କ୍ରୟ କେନ୍ଦ୍ରରେ ଚାଷୀଭାଇ/ଭଉଣୀମାନେ ତାଙ୍କର ଉତ୍ପାଦିତ ଧାନକୁ ବିକ୍ରୟ ଯୋଗ୍ୟ ଶୁଖିଲା ଓ ପରିଷ୍କାର (F.A.Q.) ମାନର ଧାନକୁ ପ୍ରତ୍ୟେକ ଦିନ ସକାଳ ଘ.୭.୦୦ଟାରୁ ଅପରାହ୍ନ ୧.୦୦ଘଟିକା ମଧ୍ୟରେ ବିକ୍ରୟ କରିପାରିବେ।
ଏତଦ୍‌ବ୍ୟତୀତ ପଞ୍ଜିକୃତ କରିଥିବା ଚାଷୀ ଭାଇ ଭଉଣୀମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟୋକନ ମାଧ୍ୟମରେ ସମ୍ପୃକ୍ତ ବଜାର ପ୍ରାଙ୍ଗଣ ତଥା କ୍ରୟକେନ୍ଦ୍ରମାନଙ୍କରେ ବିକ୍ରୟ କରିବାକୁ ଅନୁରୋଧ।
ଚାଷୀ ଭାଇ ଭଉଣୀମାନଙ୍କୁ ବିଶେଷ ଅନୁରୋଧ ସରକାରଙ୍କ ନିର୍ଦ୍ଦେଶ ମୁତାବକ କରୋନା (COVID-19) ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ଧାନକ୍ରୟ କେନ୍ଦ୍ର ତଥା ବଜାର ପ୍ରାଙ୍ଗଣମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ସଙ୍ଗେ ସଙ୍ଗେ ମୁହଁକୁ ମାସ୍କ, ରୁମାଲ କିମ୍ବା ଗାମୁଛା ଦ୍ୱାରା ଆଚ୍ଛାଦିତ କରିବା ପାଇଁ ସବିନୟ ଅନୁରୋଧ।

ସରକାରଙ୍କ ସର୍ବନିମ୍ନ ଧାନର ସହାୟକ ମୂଲ୍ୟ

| | ଧାନର କିସମ | କ୍ୱିଣ୍ଟାଲ ପ୍ରତି ଦର (F.A.Q.) |
|---|---|---|
| ୧. | ସାଧାରଣ ଧାନ | ଟ.୧୮୧୫.୦୦ଙ୍କା |
| ୨. | 'କ' ଶ୍ରେଣୀ ଧାନ | ଟ.୧୮୩୫.୦୦ଙ୍କା |

ସୌଜନ୍ୟ
ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର

Odisha State Health & Family Welfare Society, Dept. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District- Khordha (Odisha)
Phone/Fax: 0674-2392480/79
CANCELLATION NOTICE
Advt.No.11/2020 Date:09.05.2020
Ref.: Advt. No.37/17 Dt.17.09.2017
No.E-01:- The advertisement for the position of Public Health Manager- Urban Health made vide Advt. No.37/17 dt.17.09.2017 published in "The Dharitri" (all Odisha editions), "The Samaja" (all Odisha editions) & "The New Indian Express" (Odisha edition only) is hereby cancelled due to administrative reasons.
Sd./-Mission Director
NHM, Odisha
OIPR-10084/11/0004/2021

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
BURLA IRRIGATION DIVISION, BURLA
PHONE NO.: 0663-2430445
E-mail id - sambalpurirrigation@rediffmail.com
'e' Tender Call Notice No.BID -01/2020-21 (Online)
No.A-09:-

| | | |
|---|---|---|
| 1 | Nature of works | Renovation of HR, Fall, Outlets & Construction of Guard Wall with bed lining |
| 2 | Nos. of works | 13 (Thirteen) Nos. |
| 3 | Estimated cost | Rs.6.22 Lakhs to 16.36 Lakhs Approximately. |
| 4. | Period of completion | As per D.T.C.N. |
| 5. | Date and Time of availability of Bid Document in the Portal | Dt.12.05.2020 at 11.00 A.M. to Dt.21.05.2020 upto 5.30 P.M. |
| 6 | Last date /Time for receipt of bids in the Portal | Dt.21.05.2020 upto 5.30 P.M. |
| 7 | Date of opening of bid | Dt.22.05.2020 at 11.00 A.M. |
| 8 | Name and address of the Office Inviting Bid | Executive Engineer, Burla Irrigation Division, Burla, At/PO- Burla-768017 Dist.- Sambalpur, E-mail Id: Sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.
Sd./- Executive Engineer, Burla Irrigation Division, Burla
OIPR-32129/11/0001/2021

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, PH./FAX: 0680-2291905, 2291904
Advt.No.02/2020-21 NOTICE INVITING TENDER
Sealed tenders are invited from VEHICLE OWNERS/TRAVEL AGENCIES for Engagement of One No. hired Non-A/C Bolero (9 Seater/7seater) or equivalent required for the field & office works of SDO, Line Sub-Division, Bhanjanagar on monthly basis with daily hiring rate along with copies of required documents of the Vehicle, GST registration no. & copy of valid PAN of the owner. The said vehicles should not be more than 3 years old from the date of initial Registration, Commencement of Sale of Tender Paper : From Dated 11.05.2020 to Dated 04.06.2020 up to 4:00 PM. (GST Registration No, is to be produced at the time of purchase of Tender Specification). Last Date of Submission of Tender Paper : Dated 05.06.2020 up to 02.00PM Date of Opening of Tender Paper : Dated 05.06.2020 at 3.00 PM. Cost of Tender Paper : Rs.4,000 + GST @12% = Rs.4,480/- for each LOT, For details please visit our website www.optcl.co.in. Corrigendum if any will be published in the website only
General Manager (Elect.)

ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ
ବିଜ୍ଞାପନ ନମ୍ବର-୨୫୯ ତାରିଖ ୮।୦୫।୨୦
ଢେଙ୍କାନାଳ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ତା୨୮।୦୪।୨୦୨୦ରିଖ ନିଷ୍ପତ୍ତି ଅନୁଯାୟୀ ଆମ୍ଭେ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇଅଛୁ ଯେ, ବିଭିନ୍ନ ଡାଲିଜାତୀୟ ଓ ତୈଳବୀଜ ଶସ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ଢେଙ୍କାନାଳ ରାଜସ୍ୱ ଉପଖଣ୍ଡ ଅନ୍ତର୍ଗତ କାଙ୍କଡପାଳ, କରମୁଳ, ବିଧାରପୁର ଓ ଷଡ଼ଙ୍ଗୀ ସେବା ସମବାୟ ସମିତି ଲିଃରେ ମଣ୍ଡି ଖୋଲାଯାଇ ନାଫେଡ ଦ୍ୱାରା ସ୍ଥିରୀକୃତ ରବିଜାତୀୟ ଶସ୍ୟ ଚାଷୀମାନଙ୍କଠାରୁ କ୍ରୟ କରାଯିବ । ଇଚ୍ଛୁକ ଚାଷୀଭାଇ ଓ ଭଉଣୀମାନେ ଏଥିପାଇଁ ଉପରୋକ୍ତ ସେବା ସମବାୟ ସମିତି ଲିଃରେ ଖୁବ୍‌ଶୀଘ୍ର ସେମାନଙ୍କ ନାମ ପଞ୍ଜୀକୃତ କରି ଧାର୍ଯ୍ୟ ଦିବସରେ ସେମାନଙ୍କର ଶସ୍ୟ ବିକ୍ରି କରିପାରିବେ ।
କ୍ୱି.ପ୍ର. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଶସ୍ୟଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ ବର୍ଷ (୨୦୧୯-୨୦) ପାଇଁ

| | | | |
|---|---|---|---|
| ମୁଗ-ଟ୭୦୫୦/- | ବିରି-ଟ୫୭୦୦/- | ଚିନାବାଦାମ-ଟ୫୦୯୦/- | ସୂର୍ଯ୍ୟମୁଖୀ-ଟ୫୬୫୦/- |

ବିକ୍ରିବଟା ପାଇଁ ଉଦ୍ଦିଷ୍ଟ ଶସ୍ୟଗୁଡିକର ଗୁଣ ଓ ମାନ ସହିତ ଅନ୍ୟାନ୍ୟ ବିବରଣୀ ପାଇଁ ଉପର ଲିଖିତ ସେବା ସମବାୟ ସମିତିର ସମ୍ପାଦକମାନଙ୍କ ସହ ଚାଷୀମାନେ ଯୋଗାଯୋଗ କରିପାରିବେ ।
ସ୍ୱା./- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ

OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LIMITED, NUAPADA
PHONE: 9437132441, 9658244270
www.nuapada.nic.in (website of the District)
Tender No.1495 Dated 6.5.2020
District Manager, Odisha State Civil Supplies Corporation Ltd., Nuapada invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Handling Contractor (Labour Works) for Handling of Food grains (Rice, Wheat) at the RRCs inthe district of the State of Odisha |
| 2 | Availability of bid document in the portal | From 11.05.2020 |
| 3 | Last date / Time for receipt of bids in the portal | 27.05.2020 at 5.00 P.M. |
| 4 | Date/Time of opening of technical bid | 28.05.2020 at 11.00 A.M. |
| 5 | Name and address of the Officer Inviting Tender | The District Manager OSCSC Ltd., Nuapada |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website www.nuapada.nic.in Amendments/corrigendum/cancellation/retenders etc. if any shall be published only in the above websites.
Sd./- CSO-cum-District Manager
OSCSC Ltd., Nuapada

## ସଂକ୍ଷେପରେ

### ଶ୍ରୀକାକୁଳମରୁ ଚାଲିଚାଲି ମାଲୁଦରେ ପହଞ୍ଚିଲେ ୫ ପ୍ରବାସୀ ଓଡ଼ିଆ

**କୃଷ୍ଣପ୍ରସାଦ,୮।୫(ଡି.ଏନ୍.ଏ.):** କରୋନା ଲାଗି ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ବାହାର ରାଜ୍ୟରେ ଫସିଥିବା ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ଲାଗି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଅପରେଶନ ଶୁଭଯାତ୍ରା। ମାତ୍ର କେତେକ ପ୍ରବାସୀ ସାଇକେଲ ଓ ଚାଲିଚାଲି ଆସୁଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମରୁ ୫ଜଣ ଯୁବକ ଚାଲିଚାଲି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚାୟତରେ ଶୁକ୍ରବାର ପହଞ୍ଚିଛନ୍ତି। ସେମାନେ ଗତ ୬ତାରିଖରୁ ଶ୍ରୀକାକୁଳମରୁ ବାହାରିଥିଲେ। ପୋଲିସ ସମସ୍ତ ଯୁବକଙ୍କୁ ଅଟକାଇବା ସହ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇଛି। ଅନ୍ୟପକ୍ଷରେ କୃଷ୍ଣପ୍ରସାଦ ଅଞ୍ଚଳର ୪୧ଜଣ ପ୍ରବାସୀଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିବା ଜଣାପଡିଛି।

### ସର୍ବୋଦୟ ସେବକ ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ପରଲୋକ

**କଟକ ଅଫିସ,୮।୫:** ସର୍ବୋଦୟ ସେବକ ତଥା ଗାନ୍ଧୀବାଦୀ ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ଗୁରୁବାର ବିଳମ୍ବିତ ରାତିରେ ଝାଞ୍ଜିରୀମଙ୍ଗଳାସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଭାଇ ପ୍ରକାଶ ଚନ୍ଦ୍ର ମିଶ୍ର, ରୂପକ ମିଶ୍ରଙ୍କ ସମେତ ପରିବାରବର୍ଗ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ନୃସିଂହ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ତଥା କଟକ ମହାନଗର ନିଗମର ପୂର୍ବତନ କାଉନସିଲର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପୁଅ ଥିଲେ। ୧୯୭୫ ମସିହା ଜରୁରୀକାଳୀନ ସମୟରେ ଜୟ ପ୍ରକାଶଙ୍କ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନରେ ସେ ସକ୍ରିୟ ଭାବେ ଯୋଗଦେଇଥିଲେ। ଶ୍ରମିକ ନେତା ତୁଷାର ମହାପାତ୍ର, ରମାକାନ୍ତ ମହାପାତ୍ର, ସର୍ବୋଦୟ ସେବକ ବୈଷ୍ଣବ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବକେୟା ଟଙ୍କା ମାଗିବାରୁ ଟ୍ରାକ୍ଟର ଚାଳକଙ୍କୁ ଆକ୍ରମଣ

**ଖୋର୍ଦ୍ଧା ଅଫିସ,୮।୫:** ବକେୟା ଟଙ୍କା ମାଗିବାରୁ ଶୁକ୍ରବାର ଜଣେ ଟ୍ରାକ୍ଟର ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡ଼ିହ ଗ୍ରାମର ରମେଶ ଜଗଦେବ(୪୨)। ତାଙ୍କୁ ଗୁରୁତର ଅବସ୍ଥାରେ ରମେଶ ଜଗଦେବଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ରମେଶଙ୍କ ଏକ ଟ୍ରାକ୍ଟର ରହିଛି। ଗତ କିଛି ଦିନ ତଳେ ସେ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଟ୍ରାକ୍ଟରରେ କୌଣସି ମାଲ ପରିବହନ କରିଥିଲେ। ପରିବହନ ବାବଦ ବକେୟା ଟଙ୍କା ମାଗିବାକୁ ଯାଇଥିଲେ। ତେବେ ସମ୍ପୃକ୍ତ ବ୍ୟକ୍ତି ରମେଶଙ୍କୁ ଟଙ୍କା ଦେବା ପରିବର୍ତ୍ତେ ଗାଳିଗୁଲଜ କରିଥିଲେ। ଏହା ପରେ ବାପା ଓ ଦୁଇ ପୁଅ ମିଶି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରମେଶ ସେଠାରୁ ଖସି ଯିବାକୁ ଉଦ୍ୟମ କରିବା ବେଳେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଖବରପାଇ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

### ୫ ହଜାର ପୋଲିସ କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ

**ଭୁବନେଶ୍ୱର,୮।୫ (ବ୍ୟୁରୋ):** ମୁମ୍ବାଇରେ ୨୫୦ ପୋଲିସ କରୋନା ଭୂତାଣୁ ସଂକ୍ରମଣରେ ଆକ୍ରାନ୍ତ ହୋଇଥିବା ଖବର ଆସିବା ପରେ କମିଶନରେଟ ପୋଲିସରେ ଛନକା ପଶିଛି। ତେଣୁ କମିଶନରେଟ ପୋଲିସର ପ୍ରାୟ ୫ ହଜାର ପୋଲିସ କର୍ମଚାରୀଙ୍କ କରୋନା ପରୀକ୍ଷା କରାଯାଇଛି। କିନ୍ତୁ କାହାରି ବି ପଜେଟିଭ୍ ଆସି ନ ଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପ୍ରତି ଥାନାକୁ ବଡି ସ୍କ୍ରିନିଂ ମେଶିନ୍ ଦିଆଯାଇଛି। କର୍ମଚାରୀଙ୍କ ସ୍କ୍ରିନିଂ କରାଯାଉଛି। ଯେଉଁ ପୋଲିସ କର୍ମଚାରୀଙ୍କ କରୋନା ଲକ୍ଷଣ ଆସୁଛି ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଉଛି। ୫୦ବର୍ଷରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀଙ୍କୁ ବାହାର ଡ୍ୟୁଟି ପରିବର୍ତ୍ତେ ଥାନାରେ କାର୍ଯ୍ୟ କରିବାକୁ କୁହାଯାଇଛି। ପୋଲିସ ବାରାକରେ ସାମାଜିକ ଦୂରତ୍ୱ ଉପରେ ଧ୍ୟାନ ଦିଆଯାଇଛି। ବାରାକରେ ଏକାଧିକ ସିପାହୀଙ୍କୁ ବାଣୀବିହାର ହଷ୍ଟେଲକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ ମାସ୍କ, ସାନିଟାଇଜର ବ୍ୟବହାର କରିବାକୁ କୁହାଯାଇଛି। ରିଜର୍ଭରେ ରହୁଥିବା ପୋଲିସ କର୍ମଚାରୀଙ୍କ ସ୍କ୍ରିନିଂ ମଧ୍ୟ କରାଯାଉଛି।

# ଅନ୍‌ଲାଇନ୍‌ରେ ପାନ୍ଥନିବାସ ଖାଦ୍ୟ

- ‘ପସନ୍ଦ ଆପଣଙ୍କର, ରୋଷେଇ ଆମର’ କାର୍ଯ୍ୟକ୍ରମ ଶୁଭାରମ୍ଭ
- ଜୋମାଟୋ, ସ୍ୱିଗି ସହ ଯୋଡ଼ିହେଲା ଓଟିଡିସି
- ପ୍ରଥମ ପର୍ଯ୍ୟାୟରେ ସାମିଲ ହେଲା ୪ ପାନ୍ଥନିବାସ

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଏଣିକି ଅନ୍‌ଲାଇନ୍‌ରେ ମିଳିବ ପାନ୍ଥନିବାସର ସୁସ୍ୱାଦୁ ଖାଦ୍ୟ। ଘରେ ବସି ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇହେବ। ଘରଠାରୁ ଦୂରରେ ଏକାକୀ ରହୁଥିଲେ ବି ଘର ଭଳି ଖାଦ୍ୟ ହାତପାଆନ୍ତାରେ ମିଳିବ। ତାହା ପୁଣି ବିନା କୌଣସି ଝିନ୍‌ଝଟରେ। ଡାଲ୍‌ମା, ସନ୍ତୁଳା, ମାଛ ବେସର ସହ ପିଠା, ମିଠା ମଧ୍ୟ ଅର୍ଡର କରିହେବ। ଏଥିଲାଗି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ‘ଜୋମାଟୋ’ ଏବଂ ‘ସ୍ୱିଗି’ ମାଧ୍ୟମରେ ଆରମ୍ଭ ହୋଇଛି ହୋମ୍ ଡେଲିଭରି ବ୍ୟବସ୍ଥା। ଲକ୍‌ଡାଉନ୍ ସମୟରେ ଘରେ ଘରେ ସୁସ୍ୱାଦୁ ଖାଦ୍ୟ ପହଞ୍ଚାଇବା ପାଇଁ ଶୁକ୍ରବାର ପାନ୍ଥନିବାସରେ ‘ପସନ୍ଦ ଆପଣଙ୍କର, ରୋଷେଇ ଆମର’ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି।

ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପରାମର୍ଶକ୍ରମେ ଓଟିଡିସି ଦୁଇ ପ୍ରମୁଖ ଅନ୍‌ଲାଇନ ଫୁଡ୍ ଡେଲିଭରି ସଂସ୍ଥା ‘ଜୋମାଟୋ’ ଓ ‘ସ୍ୱିଗି’ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏବଂ ପରିଚାଳନା ନିର୍ଦ୍ଦେଶକ ହେମକାନ୍ତ ସାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାନ୍ଥନିବାସରେ ବୁଝାମଣାପତ୍ର ସ୍ୱାକ୍ଷର ସହ ନୂଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ନିଗମ ଦ୍ୱାରା ପରିଚାଳିତ ୪ ପାନ୍ଥନିବାସ ଭୁବନେଶ୍ୱର, କଟକ, ପୁରୀ ଓ ରାଉରକେଲା ସହରବାସୀଙ୍କୁ ଜୋମାଟୋ ଓ ସ୍ୱିଗିରେ ଡୋର୍ ଟୁ ଡୋର୍ ଅର୍ଡର ଅନୁଯାୟୀ ଖାଦ୍ୟ




ଯୋଗାଇ ଦେବ। ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ପୋଡ଼ପିଠା ଓ ଅନ୍ୟାନ୍ୟ ସବୁ ପ୍ରକାର ପିଠା ମଧ୍ୟ ଏବେ ଅନ୍‌ଲାଇନରେ ଅର୍ଡର କରିହେବ। ଏହାବ୍ୟତୀତ ଅନ୍ୟାନ୍ୟ ଦେଶୀ, ବିଦେଶୀ ଖାଦ୍ୟ ମଧ୍ୟ ରହିବ। ଆଗାମୀ ଦିନରେ ରାଜ୍ୟର ଅନ୍ୟ ପାନ୍ଥନିବାସଗୁଡ଼ିକରେ ଏହି ସେବା ଯୋଗାଇ ଦିଆଯିବ। ଏଥିପାଇଁ ଆଉକିଛି ପ୍ରମୁଖ ଅନ୍‌ଲାଇନ ଫୁଡ୍ ଡେଲିଭରି ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ ବୋଲି ଅଧ୍ୟକ୍ଷା ମିଶ୍ର କହିଛନ୍ତି।

କୋଭିଡ୍-୧୯ ପ୍ରଭାବ ଯୋଗୁ ସାରା ରାଜ୍ୟ ଏବେ ଲକ୍‌ଡାଉନରେ ଥିବାବେଳେ ହୋଟେଲ୍, ରେଷ୍ଟୁରାଣ୍ଟ, ମଲ୍ ସବୁକିଛି ବନ୍ଦ ରହିଛି। ଏଭଳି ସମୟରେ ଘରଠାରୁ ଦୂରରେ ଏକାକୀ ରହୁଥିବା ବ୍ୟାଚ୍‌ଲର, କର୍ମଜୀବୀ ଓ ଛାତ୍ରୀଛାତ୍ରମାନେ ଖାଦ୍ୟପେୟ ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ତେବେ ଏଭଳି ସମୟରେ ଲୋକଙ୍କ ନିକଟରେ ଘର ତିଆରି ଭଳି ଖାଦ୍ୟ ପହଞ୍ଚାଇବାକୁ ଓଟିଡିସି ପକ୍ଷରୁ ଏହି ପ୍ରୟାସ ଆରମ୍ଭ କରାଯାଇଛି। ସମସ୍ତ ପ୍ରକାର ଆମିଷ ଓ ନିରାମିଷ ବ୍ୟଞ୍ଜନକୁ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନତାର ସହ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ପ୍ରସ୍ତୁତ ହେଉଛି। ଏହାକୁ ଲୋକଙ୍କ ଘରେ ସୁଲଭ ମୂଲ୍ୟରେ ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ସୁକିନ୍ଦା ଛାତ୍ରୀ ହତ୍ୟା ଘଟଣାର ତଦନ୍ତ ଦାବି

**ଡିଜିପିଙ୍କୁ ଦାବିପତ୍ର, ସୋସିଆଲ ମିଡିଆରେ ପ୍ରତିବାଦ**

**କଟକ ଅଫିସ୍,୮।୫**

ଯାଜପୁର ଜିଲା ସୁକିନ୍ଦାର ନବମ ଶ୍ରେଣୀ ଛାତ୍ରୀ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ସମସ୍ତ ହତ୍ୟାକାରୀଙ୍କୁ ଗିରଫ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର୍ ଧରିଛି। ଛାତ୍ର ସଂଗଠନ ଏଆଇଡିଏସ୍‌ଓ ଏବଂ ମହିଳା ସଂଗଠନ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ଓଡିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ମହିଳା ନିଜନିଜ ଘରେ ଥାଇ ହାତଲେଖା ପୋଷ୍ଟର ଧରି ସାମାଜିକ ଗଣମାଧ୍ୟମ ଜରିଆରେ ପୋଲିସର କାର୍ଯ୍ୟଧାରାର ତୀବ୍ର ବିରୋଧ ଓ ପ୍ରତିବାଦ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଥିଲେ। ପରେ ତାଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଗଣବଳାତ୍କାର ପରେ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ତେବେ ଏଭଳି ଏକ ଲୋମଟାଙ୍କୁରା ଘଟଣାରେ ବର୍ତ୍ତମାନ ସୁଦ୍ଧା କେହି ଗିରଫ ହୋଇ ନ ଥିବାରୁ ସଂଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏଆଇଡିଏସ୍‌ଓର ଜିଲା ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ଶିବାନୀ ସାହୁ, ସରୋଜ ମାନସିଂ ଏବଂ ମହିଳା ସାଂସ୍କୃତିକ ସଂଗଠନର ସ୍ୱାଧୀନୀ ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ହସ ଫୁଟାଇଲେ ଜଗନ୍ନାଥ ହସ୍ପିଟାଲ ଡାକ୍ତର

**ଭୁବନେଶ୍ୱର,୮।୫(ବ୍ୟୁରୋ)**

ଲକ୍‌ଡାଉନ ସମୟରେ ସବୁ କିଛି ବନ୍ଦ ଥିବାବେଳେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟରୁ ଓହରି ଯାଇନାହାନ୍ତି। ନିଜର ଜୀବନକୁ ବାଜି ଲଗାଇ ଚିକିତ୍ସା ସେବା ଯୋଗାଇବା ସହ ଅନେକଙ୍କ ମୁହଁରେ ହସ ଫୁଟାଉଛନ୍ତି। ଏହି କ୍ରମରେ ଭୁବନେଶ୍ୱର ଶହୀଦନଗରସ୍ଥିତ ଜଗନ୍ନାଥ ହସ୍ପିଟାଲର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଜଣେ ମହିଳା ଡାକ୍ତରଙ୍କ ଅସ୍ତ୍ରୋପଚାର କରି ତାଙ୍କୁ ଏକ ଶିଶୁକନ୍ୟା ଭେଟି ଦେଇଛନ୍ତି। ମିଳିଥିବା ସୂଚନାନୁସାରେ ମହିଳା ଡାକ୍ତର ରୋନାଲୀ ତ୍ରିପାଠୀ ପ୍ରସବଜନିତ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଗତ ୩୦ ତାରିଖରେ ଜଗନ୍ନାଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ମାଧ୍ୟମରେ ରୋନାଲୀଙ୍କ ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ଡାକ୍ତର ସଂଘମିତ୍ରା ଶତପଥୀ ଏବଂ ସହକର୍ମୀ ଏହି ଅସ୍ତ୍ରୋପଚାର କରିଥିବାରୁ ଡାକ୍ତର ରୋନାଲୀ ସେମାନଙ୍କୁ ଧନ୍ୟବାଦ ଦେବା ସହ ଏଭଳି ଏକ ସଙ୍କଟଜନକ ସମୟରେ ହସ୍ପିଟାଲର ସେବାକୁ ପ୍ରଶଂସା କରିଛନ୍ତି।




ରେଡ୍ ଜୋନ୍‌ରେ ଥିବା ରାଜଧାନୀରେ କଡ଼ା କଟକଣା ଲାଗୁ ସତ୍ତ୍ୱେ ଶୁକ୍ରବାର ନିଜେ ପୋଲିସ ଓ ସାଧାରଣ ଲୋକ ନିୟମ ନ ମାନି ବାଇକ୍‌ରେ ଦୁଇଜଣ ଲେଖାଏ ବସି ଯାତାୟାତ କରୁଛନ୍ତି।

# କର୍କଟ ରୋଗୀଙ୍କ କରାଯାଉନି ଅପରେଶନ

## ୩ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୮।୫ (ବ୍ୟୁରୋ)**

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ରୋଗୀଙ୍କ କରୋନା ପରୀକ୍ଷା ହୋଇ ନ ଥିବାରୁ ଅପରେଶନ କରାଯାଉନାହିଁ। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେଉଛି। ଏନେଇ ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହେବା ପରେ ଏହାକୁ କମିଶନ ଗୁରୁତର ସହ ନେଇଛନ୍ତି। କମିଶନ ଶୁକ୍ରବାର ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ତଦନ୍ତ ଦାଇତ୍ୱ ଦେଇଛନ୍ତି। ଏହି ତଦନ୍ତରେ ସହଯୋଗ କରିବାକୁ ଆଚାର୍ଯ୍ୟ ହରିହର ନିର୍ଦ୍ଦେଶକଙ୍କୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଡିଏମ୍‌ଇଟି,ଏସ୍‌ସିବିର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ୩ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କୁହାଯାଇଛି। ସୂଚନାଥାଉ କି, ଏହି କର୍କଟ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ରୋଗୀଙ୍କ କରୋନା ପରୀକ୍ଷା ହୋଇ ନ ଥିବା କହି କର୍ତ୍ତୃପକ୍ଷ ଅପରେଶନ କରୁନାହାନ୍ତି। ଏ ନେଇ ଯାଜପୁରର ଜଣେ ବ୍ୟକ୍ତି ଓଡ଼ିଶା ମାନବ ଅଧିକାର କମିଶନ ସଦସ୍ୟ ଜଷ୍ଟିସ ବିମଳ ପ୍ରସାଦ ଦାଶଙ୍କୁ ଫୋନ୍ କରି ଜଣାଇଥିଲେ। ଏହି ମାମଲାକୁ କମିଶନ ଗୁରୁତର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ‘ସହଯୋଗ କରୁନାହାନ୍ତି ବୋଲଗଡ଼ ବିଡିଓ’

- ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ଜନପ୍ରତିନିଧି ଆଣିଲେ ଅଭିଯୋଗ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପତ୍ର ପ୍ରଦାନ
- ମୋ ବିରୋଧରେ ଷଡ଼ଯନ୍ତ୍ର ହେଉଛି: ବିଡିଓ

**ଖୋର୍ଦ୍ଧା ଅଫିସ, ୮।୫**

ଖୋର୍ଦ୍ଧା ଜିଲା ବୋଲଗଡ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ଓ ଅସହଯୋଗ ମନୋଭାବ ଆଦି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ତେବେ ସମସ୍ତ ଅଭିଯୋଗକୁ ବିଡିଓ ତ୍ରିପାଠୀ ଖଣ୍ଡନ କରିବା ସହ ଷଡ଼ଯନ୍ତ୍ରର ଶିକାର ହୋଇଥିବା କହିଛନ୍ତି।

ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲାପରିଷଦ ସଦସ୍ୟ, ସମିତି ସଭ୍ୟାସଭ୍ୟ ଏବଂ ସରପଞ୍ଚମାନଙ୍କ ଦସ୍ତଖତ ସମ୍ବଳିତ ଏହି ଅଭିଯୋଗପତ୍ରରେ ଉଲ୍ଲେଖ ହୋଇଛି ଯେ, ବିଡିଓ ନିଜ କାର୍ଯ୍ୟରେ ଅବହେଳା କରୁଛନ୍ତି। କୌଣସି ଜନପ୍ରତିନିଧିଙ୍କୁ ସହଯୋଗ କରୁନାହାନ୍ତି। ଅଧିକାଂଶ ସମୟ ଅଫିସ୍‌ରେ ଅନୁପସ୍ଥିତ ରହୁଛନ୍ତି। ସରକାରଙ୍କ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରୁଛନ୍ତି। କୌଣସି କାର୍ଯ୍ୟ ପାଇଁ ଯୋଗାଯୋଗ କରିବା ବେଳେ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସାଧାରଣ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣୁନାହାନ୍ତି। ବିଡିଓଙ୍କ ଏଭଳି ମନୋଭାବ ଯୋଗୁ ବୋଲଗଡ ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ବିଡିଓ ତ୍ରିପାଠୀ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଥିବା ଚର୍ଚ୍ଚା ହେଉଛି। ବୋଲଗଡ଼ ବ୍ଲକରେ ଶାସକ ଦଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଯୋଗୁ ବିଡିଓଙ୍କୁ ବଳି ପକାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ଶୁଣିବାକୁ ମିଳୁଛି। ଦଳରେ ରହିଥିବାରୁ ବାଧ୍ୟ ହୋଇ ବିଡିଓଙ୍କ ବିରୋଧରେ ପ୍ରସ୍ତୁତ ଅଭିଯୋଗ ପତ୍ରରେ ଦସ୍ତଖତ ଦେଇଥିବା କେତେଜଣ ଲୋକପ୍ରତିନିଧି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏ ନେଇ ବିଡିଓ ତ୍ରିପାଠୀ କହିଛନ୍ତି, ମୁଁ ଏଠାରେ ଯୋଗ ଦେବାଠାରୁ କେବେ ସରକାରୀ କାର୍ଯ୍ୟରେ ଅବହେଳା କରିନାହିଁ। ବ୍ଲକ ଅଫିସ୍ ଓପନ ବାର୍ ସାଜିଛି। ମୁଁ ଏହାକୁ ବିରୋଧ କରିବାରୁ ସେମାନଙ୍କ ରୋଷର ଶିକାର ହୋଇଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୁଁ ଏବେ କୋଭିଡ ୧୯ ସଂକ୍ରମଣ ନିୟନ୍ତ୍ରଣ ଲାଗି କାର୍ଯ୍ୟରେ ବ୍ୟସ୍ତ ରହୁଛି। ବିଡିଓ ଭାବେ ମୋ’ ଉପରେ ଯଥେଷ୍ଟ ଦାୟିତ୍ୱ ରହିଛି। ଅସ୍ଥାୟୀ ମେଡିକାଲ କେନ୍ଦ୍ର ପରିଦର୍ଶନ, ପ୍ରବାସୀ ଓଡ଼ିଆଙ୍କ ସମସ୍ତ ବ୍ୟବସ୍ଥା ବୁଝିବା ଆଦି କାର୍ଯ୍ୟରେ ଦୈନିକ ବିଭିନ୍ନ ପଞ୍ଚାୟତ ବୁଲିବାକୁ ପଡୁଛି। ଏଥିସହିତ ପ୍ରତ୍ୟେକ ଦିନ ଅପଡେଟ୍ ରିପୋର୍ଟ କରିବାକୁ ପଡୁଛି। ମୁଁ ଅନୁପସ୍ଥିତ ରହିବା ପ୍ରଶ୍ନ ଉଠୁନି। ମୁଁ ସମସ୍ତ ଅଭିଯୋଗର ସାମ୍ନା କରିବାକୁ ପ୍ରସ୍ତୁତ ଅଛି। ଏହାର ନିରପେକ୍ଷ ତଦନ୍ତ କରାଯାଉ। ତଦନ୍ତ ପ୍ରକ୍ରିୟାରେ ମୁଁ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ବିଡିଓ ପ୍ରକାଶ କରିଛନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା କହିଛନ୍ତି, ବିଡିଓ କୌଣସି ସରକାରୀ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ପୁଞ୍ଜୀଭୂତ ଅସନ୍ତୋଷ କାରଣରୁ ଲୋକପ୍ରତିନିଧିମାନେ ତାଙ୍କ ବିରୋଧରେ ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ବ୍ଲକ ଅଫିସ୍ ପରିସରରେ ମଦ୍ୟପାନ ଅଭିଯୋଗକୁ ବେହେରା ଖଣ୍ଡନ କରିଛନ୍ତି।

# କରୋନାରୁ ଆରୋଗ୍ୟ ପାଇଁ ଆୟୁର୍ବେଦ ଔଷଧ ବ୍ୟବହାରକୁ ସ୍ୱାଗତ

**କଟକ ଅଫିସ୍,୮।୫**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନ, କେନ୍ଦ୍ର ଆୟୁଷ ବିଭାଗ ମନ୍ତ୍ରୀ ଶ୍ରୀପଦ ନାୟକ ଏବଂ ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ ରାଜେଶ କୋଟେଚାଙ୍କ ଘୋଷଣା ଅନୁଯାୟୀ କରୋନାରୁ ଆରୋଗ୍ୟ ପାଇଁ କେତେକ ଆୟୁର୍ବେଦିକ ଔଷଧକୁ ପରୀକ୍ଷାମୂଳକ ବ୍ୟବହାର କରାଯାଇଛି। କ୍ୱାରାଣ୍ଟାଇନରେ ଥିବା କିମ୍ବା ହାଇରିସ୍କ ଅଞ୍ଚଳରେ କାର୍ଯ୍ୟରତ ବ୍ୟକ୍ତି ଓ ସ୍ୱାସ୍ଥ୍ୟକର୍ମୀଙ୍କଠାରେ ଏସବୁର କ୍ଲିନିକାଲ୍ ପରୀକ୍ଷା କରାଯାଇଛି। ଆୟୁର୍ବେଦର ଅଶ୍ୱଗନ୍ଧା, ଜଷ୍ଟିମଧୁ, ଗୁଡୁଚି, ପିପ୍ପଳି ଓ ଆୟୁଷ-୬୪ ଭଳି କେତେକ ଔଷଧର ପରୀକ୍ଷା କରାଯିବା ନେଇ ହୋଇଥିବା ବଡ଼ ନିଷ୍ପତ୍ତିକୁ ଓଡିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଆୟୁର୍ବେଦରେ ଡିଲିଟ୍ ପ୍ରାପ୍ତ ଗବେଷକ ଡାକ୍ତର ଦୀନବନ୍ଧୁ ମହାରଣା ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଅଶ୍ୱଗନ୍ଧା ବ୍ୟାକ୍ଟେରିଆ ସଂକ୍ରମଣକୁ ପ୍ରତିହତ କରିବା ସହିତ ରୋଗ ପ୍ରତିଷେଧକ ଶକ୍ତି ବଢାଇଥାଏ । ଏହା ଏକ ଶକ୍ତିବର୍ଦ୍ଧକ ଔଷଧ ଭାବରେ ପରିଚିତ। ସେହିଭଳି ଜଷ୍ଟିମଧୁ ବଦହଜମି, ପେଟ ଯନ୍ତ୍ରଣା, ଛାତି ଜଳାପୋଡା ଓ ପାଚନ ସମ୍ବନ୍ଧୀୟ ରୋଗ ପାଇଁ ଉପଯୋଗୀ ହୋଇଥାଏ। ଗୁଡୁଚି, ପିପ୍ପଳି ଜ୍ୱର, ଗ୍ୟାସ୍, କୋଷ୍ଠକାଠିନ୍ୟ, କଫ, ପୁରାତନ ଥଣ୍ଡା, ଡାଇବେଟିସ୍, ଆଖି, କାନ ଓ ନାକ ରୋଗ ଏବଂ ଅର୍ଶ ରୋଗ ପାଇଁ ଉପାଦେୟ ହେଉଥିବାରୁ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ, ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମଆର)ର ମିଳିତ ନିଷ୍ପତ୍ତିକୁ ଡାକ୍ତର ମହାରଣା ପ୍ରଶଂସା କରିଛନ୍ତି।

# ତଦନ୍ତ ହାତକୁ ନେଲା ଆଇୟୁସିଏଡବ୍ଲ୍ୟୁ ସେଲ୍

**ଏସ୍‌ଆଇଙ୍କ ନାମରେ ବଳାତ୍କାର ମାମଲା**

**ଫେରାର ରାକେଶଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍**

**ଭୁବନେଶ୍ୱର,୮।୫ (ବ୍ୟୁରୋ)**

କ୍ୟାପିଟାଲ ଥାନାର ଏସ୍‌ଆଇ ରାକେଶ ସାମଲଙ୍କ ନାମରେ ଆସିଥିବା ବଳାତ୍କାର ମାମଲାର ତଦନ୍ତ କରିବ ଡିସିପି ଅଫିସରେ ଥିବା ଆଇୟୁସିଏଡବ୍ଲ୍ୟୁ(ଇନଭେଷ୍ଟିଗେଟିଭ ୟୁନିଟ୍ସ ଫର୍ କ୍ରାଇମ ଆଗେନେଷ୍ଟ ୱିମେନ)ସେଲ। ଏହି ସେଲର ତଦନ୍ତ ଅଧିକାରୀ ସୁଜାତା ଜେନାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏହି ମାମଲାକୁ ବ୍ୟକ୍ତିଗତ ଭାବେ ତଦାରଖ କରୁଛନ୍ତି ଡିସିପି ଅନୁପ କୁମାର ସାହୁ। ଶୁକ୍ରବାର ଆଇୟୁସିଏଡବ୍ଲ୍ୟୁର ତଦନ୍ତ ଅଧିକାରୀ ମହିଳା ଥାନାକୁ ଯାଇ ଏହି ମାମଲାର କାଗଜପତ୍ର ନେଇଥିଲେ। ଏପରିକି ଯୁବତୀଙ୍କର ଶୁକ୍ରବାର ବୟାନ ରେକର୍ଡ କରାଯାଇଥାନ୍ତା। ହେଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସେ ସୁସ୍ଥ ହେବା ପରେ ତାଙ୍କର ସିଆର୍‌ପିସି ୧୬୧ ବୟାନ ରେକର୍ଡ କରାଯିବା ସହ ଡାକ୍ତରୀ ମାଇନା କରାଯିବ। ଏହାପରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ମାମଲା ତଦନ୍ତ କରାଯିବ ବୋଲି ଡିସିପି କହିଛନ୍ତି। ଆହୁରି ସେ କହିଛନ୍ତି, କ୍ୟାପିଟାଲ ଥାନାର ଅନ୍ୟ ଜଣେ ଏସ୍‌ଆଇ ଅଶିତ ବଳବନ୍ତରାୟଙ୍କ ଗାଡି ଚୋରି ରାକେଟର ଲିଙ୍କ୍ ଥିବା ଯେଉଁ ଅଭିଯୋଗ ଆସୁଛି ତାହାର ମଧ୍ୟ ନିରପେକ୍ଷ ତଦନ୍ତ କରାଯିବ। ତଦନ୍ତରେ ଯଦି ତାଙ୍କର ଭୂମିକା ଆସେ ତେବେ ତାଙ୍କୁ ମଧ୍ୟ ନିଲମ୍ବିତ କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

ଅନ୍ୟପଟରେ ମାମଲାର ଜଟିଳତାକୁ ଦେଖି ଅଭିଯୁକ୍ତ ଏସ୍‌ଆଇ ରାକେଶ ସାମଲ କାହାକୁ କିଛି ନ ଜଣାଇ ଦୁଇ ମାସ ହେବ ଫେରାର ରହିଛନ୍ତି। ତେଣୁ ତାଙ୍କୁ ଗିରଫ କରିବା ପାଇଁ ଏକ୍ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ରାଜଧାନୀ ସମେତ ଅନ୍ୟ ସ୍ଥାନରେ ଚଢ଼ାଉ କରିବେ। ଅନ୍ୟପଟେ ପୀଡ଼ିତା ଜଣଙ୍କ ଅଭିଯୋଗ କରିଛନ୍ତି ଯେ, ଦୁଇ ମାସର ଘଟଣା ହୋଇଥିବା ବେଳେ କ୍ୟାପିଟାଲ ଥାନାଧିକାରୀ ଏବଂ ମହିଳା ଥାନାଧିକାରୀ ମାମଲାକୁ ଚାପିବାକୁ ଉଦ୍ୟମ କରିଥିଲେ। ମୋତେ ବାରମ୍ବାର ଥାନାକୁ ଦୌଡ଼ାଇଥିଲେ। ଫଳରେ ବାଧ୍ୟ ହୋଇ ମୁଁ ଗଣମାଧ୍ୟମ ନିକଟକୁ ଯିବା ପରେ ମାମଲାକୁ ସିପି ଗୁରୁତର ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମା’ଙ୍କ ପାଇଁ ୪୫୩ କି.ମି. ଯାତ୍ରା

**କରୋନାର କରୁଣ ଚିତ୍ର**

**କଟକ ଅଫିସ,୮।୫**

ଲକଡାଉନରେ ଅସ୍ତବ୍ୟସ୍ତ ହୋଇଗଲାଣି ଜୀବନ। ମଣିଷ ଏବେ ବନ୍ଦୀ ପ୍ରାୟ। କେଉଁ ଆଡେ ଯାଇପାରୁନି କି କାହା ସୁଖଦୁଃଖରେ ଭାଗିଦାରି ହୋଇପାରୁନି। ଦିନକୁ ଦିନ ଭିନ୍ନ ଭିନ୍ନ ଚିତ୍ର ନଜରକୁ ଆସୁଛି, ଯାହା ଅତ୍ୟନ୍ତ କରୁଣ ଓ ହୃଦୟ ବିଦାରକ। ଖୋର୍ଦ୍ଧାରୁ ସାଇକେଲ ଯୋଗେ ପଶ୍ଚିମବଙ୍ଗ ଫେରିବାକୁ ବାହାରିଛନ୍ତି ମେଦିନିପୁର ଅଞ୍ଚଳର ଦୁଇ ଭାଇ। ପଶ୍ଚିମବଙ୍ଗକୁ ଏଠାରୁ ଦୂରତା ୪୫୩ କିଲୋମିଟର। ମା’ଙ୍କ ଦେହ ବହୁତ ଖରାପ। ମା’ ଫୋନରେ ବାରମ୍ବାର ଡାକୁଛନ୍ତି। ଯାହା ହେଲେ ବି ଫେରିବାକୁ ପଡ଼ିବ। ପକେଟରେ ଅଛି ମାତ୍ର ୨୫୦ ଟଙ୍କା। ଭଗବାନଙ୍କୁ ଭରସା କରି ଘରମୁହାଁ ଏହି ପଶ୍ଚିମବଙ୍ଗ ଭ୍ରାତା ଦ୍ୱୟଙ୍କୁ ଶୁକ୍ରବାର କଟକ ଗୋପାଳପୁର ବ୍ରିଜ ନିକଟରେ ଭେଟିଥିଲେ ଆମ ପ୍ରତିନିଧି। ଲକ୍‌ଡାଉନ ସମୟରେ ଭୋଗିଥିବା କଷ୍ଟ ବଖାଣିଥିଲେ ବଡ଼ଭାଇ ଜାଭେଦ ହାସିମ।

ସେ କହିଥିଲେ, ୩ବର୍ଷ ତଳେ ଦୁଇଭାଇ କାମ କରିବାକୁ ଓଡ଼ିଶା ଆସିଥିଲୁ। ପ୍ରଥମେ କିଛି ବର୍ଷ ଆମେ




ବାଲେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଦିନମଜୁରିଆ ଭାବେ କାମ କରିଥିଲୁ। ହେଲେ ପାରିଶ୍ରମିକ ଯାହା ମିଳୁଥିଲା, ସେଥିରୁ ନିଜ ଖର୍ଚ୍ଚ ଉଠାଇ ପରିବାର ପାଇଁ ସଞ୍ଚି ପାରୁ ନ ଥିଲୁ। ତେଣୁ ଖୋର୍ଦ୍ଧାର ଏକ ଟାଇଲ୍ କମ୍ପାନୀରେ କାମ କରିବାକୁ ଚାଲି ଆସିଲୁ। ଏଠାରେ ଗତ ବର୍ଷ ଠାରୁ କାମ କରୁଛୁ। କିଛି ମାସ ତଳେ ଘରକୁ ଯାଇ ସଞ୍ଚିଥିବା ସମସ୍ତ ଟଙ୍କା ଦେଇ ଆସିଥିଲୁ। ଏଠାକୁ ଫେରିବା ପରେ ୧୦ ଦିନ କାମ ନ କରୁଣୁ ଲକଡାଉନ ହୋଇଗଲା। କିଛି ଦିନ ପରେ ସବୁ କିଛି ଠିକ ହୋଇଯିବ ବୋଲି ଭାବି ଭଡ଼ାଘରେ ପଡ଼ି ରହିଥିଲୁ। ହେଲେ ଦିନକୁ ଦିନ ପରିସ୍ଥିତି ଜଟିଳ ହେଲା। ଯାହା ଟଙ୍କା ଥିଲା, ସେଥିରେ ଯେମିତି ସେମିତି ତେଲ, ଲୁଣ କିଣି ଚଳିଯାଉଥିଲୁ। ମାତ୍ର ଗତ ୨୦ ଦିନ ହେବ ପେଟ ପୁରାଇ ଖାଇନୁ କି ରାତିରେ ଠିକରେ ଶୋଇ ପାରିନୁ। ସବୁଦିନ ସକାଳ ହେଲେ କ’ଣ ଖାଇବୁ ତାହା ଆମକୁ ଚିନ୍ତାରେ ପକାଉଥିଲା। ଯଦି କେହି କିଛି ଦେଉଥିଲେ ତାହାଲେ ପେଟକୁ ଦାନା ମିଳୁଥିଲା। ଗତ ୭ଦିନ ହେବ ମା’ଙ୍କ ଦେହ ଖରାପ ବୋଲି ଘରୁ ଫୋନ ଆସିଥିଲା। ଏଣୁ ଖୋର୍ଦ୍ଧାର ଏକ ଥାନାରୁ ପାସ୍ ଆଣି ଦୁଇଟି ସାଇକେଲ ଧରି ଆମେ ପଶ୍ଚିମବଙ୍ଗ ଫେରୁଛୁ। ଉଭୟ ଏକସଙ୍ଗେ ଖୋର୍ଦ୍ଧାରୁ ବାହାରିଥିଲେ ସୁଦ୍ଧା ସେ କଟକରେ ପହଞ୍ଚି ସାରିଥିବାବେଳେ ସାନଭାଇ ବହୁତ ପଛରେ ରହିଯାଇଛନ୍ତି ବୋଲି ଜାଭେଦ କହିଥିଲେ। ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବାବେଳେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ମଧ୍ୟ ଘରକୁ ଯିବା ଲାଗି ବ୍ୟବସ୍ଥା କରାଯାଇନାହିଁ ବୋଲି ଜାଭେଦ କ୍ଷୋଭର ସହ ପ୍ରକାଶ କରିଥିଲେ।

# କାୟା ମେଲାଉଛି କରୋନା

ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ/ବାରିପଦା ଅଫିସ/କେନ୍ଦୁଝର, ୮।୫(ସ୍ୱ.ପ୍ର.)

ଉତ୍ତର ଓଡ଼ିଶାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଜିଲାରେ କରୋନା ଭୂତାଣୁ ତାର କାୟା ମେଲାଇ ଚାଲିଛି। ଅଧିକାଂଶ ସଂକ୍ରମିତଙ୍କ ଲିଙ୍କ୍ ପଶ୍ଚିମବଙ୍ଗ ଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ କେତେକ ସୁସ୍ଥ ହୋଇଥିଲେ ମଧ୍ୟ ବାଲେଶ୍ୱର ଓ ଭଦ୍ରକ ଜିଲା ଏବେ ବି ରେଡ୍‌ଜୋନ୍‌ରେ ରହିଛି।

ମାର୍ଚ୍ଚ ୩୧ରେ ଉତ୍ତର ଓଡ଼ିଶାର ପ୍ରଥମ ଜିଲା ଭାବେ ଭଦ୍ରକରେ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଭଦ୍ରକ ପୌରାଞ୍ଚଳ ଅଧୀନ ପୁରୁଣାବଜାର(କଣ୍ଡାବଣିଆ) ଅଞ୍ଚଳର ଏହି ସଂକ୍ରମିତ ଯୁବକଜଣକ ଦୁବାଇରୁ ଘରକୁ ଫେରିଥିଲେ। ସେ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକରଣ କରି ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ସରକାରୀ ସ୍ତରରେ କରୋନା ପଜିଟିଭ ଘୋଷଣା ପରେ ସେହି ରାତିରେ ହିଁ ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହାର ଠିକ୍ ଦୁଇଦିନ ପରେ ଅର୍ଥାତ୍ ଏପ୍ରିଲ ୨ରେ ୨ ଜଣ ଦିଲ୍ଲୀ ନିଜାମୁଦ୍ଦିନ ଫେରନ୍ତା କରୋନା ଆକ୍ରାନ୍ତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଭଳି ଜିଲାରେ ଏବେ ରୋଗୀ ସଂଖ୍ୟା ୨୪ ଛୁଇଁଲାଣି। ଏଥିମଧ୍ୟରୁ ଭଦ୍ରକର ୩ ଜଣ, ଧାମନଗର ବ୍ଲକରୁ ୪, ଭଣ୍ଡାରିପୋଖରୀରୁ ୨, ତିହିଡ଼ିରୁ ୨, ବନ୍ତରୁ ୧, ବାସୁଦେବପୁର ବ୍ଲକ୍‌ରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଚାନ୍ଦବାଲି ବ୍ଲକକୁ କରୋନା ଛୁଇଁ ପାରିନାହିଁ। ପ୍ରଥମ ୩ ରୋଗୀଙ୍କୁ ଛାଡି ଦେଲେ ଅନ୍ୟ ୨୧ଜଣଙ୍କ ପଶ୍ଚିମବଙ୍ଗ ଓ ସୁରଟ ଲିଙ୍କ୍ ରହିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ସଂକ୍ରମିତଙ୍କ ମଧ୍ୟରେ ୧୨ଜଣ ପର୍ଯ୍ୟାୟକ୍ରମେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମୋଟ ୧୨ଟି ପଞ୍ଚାୟତରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ବେଳେ ୩୨ଟି ପଞ୍ଚାୟତକୁ ସର୍ଭେଲାନ୍ସ ଜୋନ୍ ଭାବେ ଚିହ୍ନଟ କରାଯାଇଛି।

ସେହିପରି ବାଲେଶ୍ୱର ଜିଲାରେ ଗତ ଏପ୍ରିଲ ୧୮ ରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ନେଳିଆବାଗ୍‌ର ଜଣେ ୫୮ ବର୍ଷୀୟ ବ୍ୟକ୍ତି ଚିହ୍ନଟ ହେବା ପରେ ସୁପରସ୍ପ୍ରେଡ଼ର ଭାବେ ସେ ୧୨ଜଣଙ୍କୁ ସଂକ୍ରମିତ କରିଥିବା କୁହାଯାଇଥିଲା। ପରେ ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ରିଗିଡ଼ି ଗ୍ରାମରେ ଜଣେ ୨ ବର୍ଷୀୟ ଶିଶୁକନ୍ୟା ଓ ବାଲେଶ୍ୱର ରେଲୱେ କଲୋନୀରେ ଜଣେ ରେଳ କର୍ମଚାରୀ ସଂକ୍ରମିତ ହୋଇଥିବା ଏକାଦିନେ ଜଣାପଡିଥିଲା। ଏହାପରେ ପଶ୍ଚିମବଙ୍ଗ ଫେରନ୍ତା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥା ପାଲଟିଯାଇଥିଲେ। ଏପ୍ରିଲ ୨୭ରେ ବାହାନଗା ବ୍ଲକ ବିଷ୍ଣୁପୁରରେ ଜଣେ, ସୋର ମ୍ୟୁନିସିପାଲିଟି ଅଞ୍ଚଳରୁ ୨ଜଣ, ଖଇରା ବ୍ଲକରୁ ୩ଜଣ, ସିମୁଳିଆ ବ୍ଲକର ଜଣେ, ବସ୍ତା ବ୍ଲକର ୨ ଜଣ, ସଦର ବ୍ଲକରୁ ଜଣେ ଚିହ୍ନଟ ହୋଇଥିଲେ। ଏସମସ୍ତଙ୍କର ପଶ୍ଚିମବଙ୍ଗ ଲିଙ୍କ୍ ଥିବା ଜଣାପଡିଥିଲା। ମେ' ୭ରେ ଔପଦା ବ୍ଲକର ୨ଜଣ ଯୁବକ କରୋନା ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏମାନଙ୍କର ସୁରଟ ଲିଙ୍କ୍ ରହିଥିବା ସ୍ପଷ୍ଟ ହୋଇଛି। ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୫ଜଣ ସୁସ୍ଥ ହୋଇଛନ୍ତି।

କେନ୍ଦୁଝର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨ରେ ସୀମିତ ରହିଛି। ଏପ୍ରିଲ ୨୯ରେ ଆନନ୍ଦପୁର ବ୍ଲକ୍ ପଞ୍ଚୁପଲ୍ଲୀ ପଞ୍ଚାୟତର ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ମେ' ୩ ରେ ହାଟଡିହୀ ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତରେ ଦ୍ୱିତୀୟ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଉଭୟଙ୍କ ପଶ୍ଚିମବଙ୍ଗ ଲିଙ୍କ୍ ଥିବା ଜଣାପଡିଥିଲା। ଉଭୟ କୋଲକାତାରୁ ଫେରି ହୋମ କ୍ୱାରାଣ୍ଟାଇନରେ ରହିଥିଲେ।

ବହୁଦିନ ପରେ ମୟୂରଭଞ୍ଜ ଜିଲା ସଂକ୍ରମିତ ତାଲିକାରେ ଯୋଡ଼ି ହୋଇଛି। ଚଳିତମାସ ୭ ରେ ଜିଲାର କପ୍ତିପଦା ବ୍ଲକ ଅଞ୍ଚଳର ୪ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲା ଗ୍ରୀନ୍‌ଜୋନରୁ ଅରେଞ୍ଜ ଜୋନକୁ ପରିବର୍ତ୍ତିତ ହୋଇଛି। ସମସ୍ତଙ୍କର ସୁରଟ୍ ଲିଙ୍କ ରହିଥିବା ଜଣାପଡ଼ିଛି।

**ଛୁଇଁନି କରୋନା**

| | |
|---|---|
| **ବାଲେଶ୍ୱର ୪ ବ୍ଲକ** | ଭୋଗରାଇ, ଜଳେଶ୍ୱର, ରେମୁଣା, ବାଲିଆପାଳ |
| **ଭଦ୍ରକ ୧ ବ୍ଲକ** | ଚାନ୍ଦବାଲି |
| **କେନ୍ଦୁଝର** | ଆନନ୍ଦପୁର,ହାଟଡିହୀ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକ |
| **ମୟୂରଭଞ୍ଜ** | କପ୍ତିପଦାକୁ ବାଦ୍ ଦେଲେ ଅନ୍ୟ ସବୁ ବ୍ଲକ |

**ସଂକ୍ରମିତଙ୍କ ସଂଖ୍ୟା**



ବାଲେଶ୍ୱର-୨୭
ଭଦ୍ରକ- ୨୪
ମୟୂରଭଞ୍ଜ- ୪
କେନ୍ଦୁଝର-୨

**ଉତ୍ତର ଓଡ଼ିଶା**

- ନେଳିଆବାଗ୍‌ର ସୁପରସ୍ପ୍ରେଡ଼ର ୧୨ ଜଣଙ୍କୁ କଲେ ସଂକ୍ରମିତ
- ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲାର ଅଧିକାଂଶ ଆକ୍ରାନ୍ତଙ୍କ କୋଲକାତା ଲିଙ୍କ୍
- ମୟୂରଭଞ୍ଜକୁ କରୋନା ଆଣିଲେ ସୁରଟ ଫେରନ୍ତା

## ସଂକ୍ଷେପରେ

### ଗୋଟାଇଲା ବେଳେ ଫୁଟିଲା ଗୋଳା ବୃଦ୍ଧ ଗୁରୁତର

ବାହାନଗା, ୮।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବରିପଦା ପଞ୍ଚାୟତର ଅଟାସପୁର ସମୁଦ୍ରକୂଳ ବାଲିରୁ ଏକ ଅଫୁଟା ଗୋଳାକୁ ଗୋଟାଇ ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅଟାସପୁର ଗ୍ରାମର ରବୀନ୍ଦ୍ର ମଲିକ(୬୫) ଶୁକ୍ରବାର ଗ୍ରାମର ଅନ୍ୟ ୩ଜଣ ଲୋକଙ୍କ ସହିତ ଗୋଳା ଗୋଟାଇବାକୁ ଅଟାସପୁର କୂଳରେ ଥିବା ପ୍ରତିରକ୍ଷା ବିଭାଗର ଫାୟାରିଂ ରୁମ୍ ନିକଟକୁ ଯାଇଥିଲେ। ଡିଆରଡିଓ(ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା ) ଦ୍ୱାରା ଗୋଳା ପରୀକ୍ଷା ସମୟରେ ଗୋଳାଗୁଡିକୁ ବାଲିରେ ପଡି ଫୁଟିଥାଏ। ଏହାପରେ ସେମାନେ ଦୌଡି ଯାଇ ଗୋଳା ଗୋଟାଉଥିବା ବେଳେ ଏକ ଅଫୁଟା ଗୋଳା ଫୁଟିବା ସହିତ ତାହା ଛିଟିକି ଆସି ରବୀନ୍ଦ୍ରଙ୍କ ଜଂଘ ଓ ଅଣ୍ଟାରେ ବାଜିଥିଲା। ସେ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ଅନ୍ୟ ଲୋକମାନେ ତାଙ୍କୁ ସଙ୍ଗେ ସଙ୍ଗେ ସେଠାରୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ସୁରଟରୁ ଟ୍ରେନ୍‌ରେ ଆସିଲେ ପ୍ରବାସୀ ଓଡ଼ିଆ

ଛତ୍ରପୁର,୮।୫(ଡି.ଏନ.ଏ.)-ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ଆସିଥିବା ଆଉ ୨ଟି ଟ୍ରେନ ଶୁକ୍ରବାର ରାତି ୯ଟା ସୁଦ୍ଧା ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଛି। କିଛି ଘଣ୍ଟା ପରେ ଆଉ ଗୋଟିଏ ଟ୍ରେନ ଆସି ପହଞ୍ଚିବ ବୋଲି ସୂଚନା ମିଳିଛି। ଗଞ୍ଜାମ ଜିଲାରେ ଏବେ ସୁରଟ ଫେରନ୍ତା କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପ୍ରବାସୀଙ୍କ ଆଗମନକୁ ନେଇ ଚିନ୍ତା ବଢୁଛି। ଟ୍ରେନ୍‌ଗୁଡିକରେ ଅଧିକାଂଶ ଗଞ୍ଜାମ ଜିଲାର ଲୋକ ଆସୁଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବାକୁ ନେଇ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଥିବା ବେଳେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ ସୃଷ୍ଟି ହେଉଛି। ସୁରଟରୁ ଆସିଥିବା ଏକ ଟ୍ରେନ୍ ଶୁକ୍ରବାର ଅପରାହ୍ନ ୪ଟା ୫୩ ମିନିଟ୍‌ରେ ଜଗନ୍ନାଥପୁର ଜଙ୍କଶନ ଷ୍ଟେଶନରେ ପହଞ୍ଚିଥିଲା । ସେଥିରେ ୮ ଜିଲାର ୧୩୯୬ ଜଣ ପ୍ରବାସୀ ଓଡିଆ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୩୨୪ ଜଣ ଗଞ୍ଜାମ ଜିଲାର ରହିଥିବା ମିଳିଥିବା ସୂଚନାରୁ ଜଣାପଡିଛି । ସେହିପରି ଉକ୍ତ ଟ୍ରେନ୍‌ରେ ନୟାଗଡ ଜିଲାର ୨୦ ଜଣ, ବାଲେଶ୍ୱର ଜିଲାର ୩ ଜଣ, ଖୋର୍ଦ୍ଧା ଜିଲାର ୨ଜଣ, କେନ୍ଦୁଝର ଜିଲାର ୮, ଭଦ୍ରକ ଜିଲାର ଜଣେ, ମୟୁରଭଞ୍ଜ ଜିଲାର ୧୪ ଓ କନ୍ଧମାଳ ଜିଲାର ୨୪ ଆସିଥିଲେ । ସେହିପରି ରାତି ୮ଟା ୫୦ ମିନିଟରେ ଆସି ପହଞ୍ଚିଥିବା ଟ୍ରେନରେ ୧୧୮୬ ଜଣ ପ୍ରବାସୀ ଓଡ଼ିଆ ଆସିଥିବା ବେଳେ ସେମାନଙ୍କୁ ମଧ୍ୟରୁ ୧୧୧୭ ଜଣ ଗଞ୍ଜାମ ଜିଲାର। ସମସ୍ତଙ୍କ ଥର୍ମାଲ ସ୍କିନିଂ ପରେ ନିଜ ନିଜ ଜିଲାକୁ ସ୍ୱତନ୍ତ୍ର ବସ ଯୋଗେ ନିଆଯାଇଛି।

## ପ୍ରବାସୀ ଓଡ଼ିଆଙ୍କୁ ନେଇ ବାଣତୁମ୍ବରେ ଉତ୍ତେଜନା

ଭଞ୍ଜନଗର,୮।୫(ଡି.ଏନ.ଏ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ବାଣତୁମ୍ବ ଗ୍ରାମକୁ ଶୁକ୍ରବାର ପୂର୍ବାହ୍ନରେ ୩ ଜଣ ପ୍ରବାସୀ ଓଡ଼ିଆ ଆସିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ସେମାନେ ସୁରଟରୁ ଫେରିଥିବା ସନ୍ଦେହ କରି ଗାଁରେ ପ୍ରବେଶ କରାଇ ଦେଇ ନ ଥିଲେ। ଏହାକୁ ନେଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା। ଖବରପାଇ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବେଲଗୁଣ୍ଠା ଫାଣ୍ଡି ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ୩ ଜଣଙ୍କୁ ତନରଡ଼ା କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ଏହି ୩ ଜଣ ମାର୍ଚ୍ଚ ୧୫ ତାରିଖରୁ ସୁରଟରୁ ଆସି କେନ୍ଦ୍ରାପଡ଼ାରେ ସେମାନଙ୍କ ସମ୍ପର୍କୀୟଙ୍କ ଘରେ ଥିଲେ। ଶୁକ୍ରବାର ସେମାନେ ଗ୍ରାମକୁ ଫେରିବା ପରେ ବିବାଦ ଦେଖାଦେଇଥିବା ବେଲଗୁଣ୍ଠା ପୋଲିସ ସୂଚନା ଦେଇଛି।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS2020027, ତା.05.05.2020ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ପ୍ରସ୍ତାବିତ ମଞ୍ଚେଶ୍ୱର କୋଚିଙ୍ଗ୍ କମ୍ପ୍ଲେକ୍ସଠାରୁ ଭୁବନେଶ୍ୱର ନ୍ୟୁ ଷ୍ଟେସନର ଭବିଷ୍ୟତ (Future) ଲାଇନ୍ ନଂ.-1 ସହିତ କନେକ୍ଟିଭିଟି ଏବଂ ସନ୍ଧିଙ୍ଗ୍ ନେକ୍ ସମ୍ବନ୍ଧୀୟ ଭୁବନେଶ୍ୱର ନ୍ୟୁ ଷ୍ଟେସନ ଠାରେ ଫୁଟ୍ ଓଭର ବ୍ରିଜ୍ (FOB) ର ସଂପ୍ରସାରଣ, ଗୁମଟିଗୁଡ଼ିକର ବିଦ୍ୟୁତୀକରଣକୁ ମିଶାଇ ମେଜର (Major) ବ୍ରିଜ୍ ନଂ. 564 ଏବଂ 567 ର ସମ୍ପାଦନ ସହିତ ଛୋଟ ବ୍ରିଜ୍, ଫର୍ମେସନ (Formation)ରେ ମାଟି କାମ, ବାଲାଷ୍ଟ ଯୋଗାଣ, P.Way ଲିଙ୍କିଙ୍ଗ୍ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2798.28 ଲକ୍ଷ, EMD (ଟଙ୍କାରେ) : 15,49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.06.2020 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-8/CD/20-21

## ମାଛ ଗାଳିସି ତଳୁ ବାହାରିଲା ୩୦ଗ୍ରାମ ବ୍ରାଉନ୍‌ସୁଗାର

ଜଳେଶ୍ୱର, ୮।୫(ସ୍ୱ.ପ୍ର.)

**ପରିବା, ମାଛ ବିକ୍ରି ଆଳରେ ନିଶା କାରବାର**

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ରୋକିବାରେ ପ୍ରଶାସନ ବ୍ୟସ୍ତ ଥିବା ବେଳେ ନିଶା ବ୍ୟବସାୟୀମାନେ ଏହାର ସୁଯୋଗ ନେଇ କାରବାର ଚଳାଇଛନ୍ତି। ସେମାନେ ପରିବା ଓ ମାଛ ବିକ୍ରି କରିବା ଆଳରେ ପୁଡିଆ କରି ବ୍ରାଉନ୍‌ସୁଗାର କାରବାର ନଜରକୁ ଆସିଛି। ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଉପାନ୍ତ ଗ୍ରାମ ଗୋବରଘଟା ନିକଟ ରାସ୍ତାରେ ଶୁକ୍ରବାର ଗ୍ରାମବାସୀ ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି ।

ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଅଞ୍ଚଳର ସେକ୍ ମୁନା (୪୮) ଏକ ବ୍ୟାଗରେ ପରିବା ଓ ମାଛ ଧରି ଗାଁକୁ ଗାଁ ବୁଲୁଥିଲେ। ଗୋବରଘଟା ନିକଟ ଡାକ୍ତରଖାନା ରାସ୍ତାରେ ସେ ଗଲା ବେଳେ ଗାଁମୁଣ୍ଡରେ ଜଗିଥିବା ଯୁବକମାନେ ସନ୍ଦେହରେ ତାଙ୍କୁ ପଚରାଉଚୁରା କରିଥିଲେ। ସେକ୍ ମୁନାଙ୍କ ବ୍ୟାଗ୍ ଯାଞ୍ଚ କଲା ବେଳେ ଏକ ମାଛର ଗାଲିସି ତଳୁ ୩ଟି ପୁଡ଼ିଆ ବ୍ରାଉନସୁଗାର ମିଳିଥିଲା। ଏହି ପୁଡ଼ିଆରେ ୧୦ଗ୍ରାମ ଲେଖାଏଁ ୩୦ଗ୍ରାମ ବ୍ରାଉନ୍‌ସୁଗାର ଥିବା ଯୁବକମାନେ ଜାଣିବାକୁ ପାଇଥିଲେ। ସେମାନେ ଏ ସମ୍ପର୍କରେ ଜଳେଶ୍ୱରର ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଆନୁମାନିକ ମୂଲ୍ୟ ୩୦ଲକ୍ଷ ହେବ। ଏସ୍‌ଡିପିଓ କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ୩ଟି ବ୍ରାଉନ୍‌ସୁଗର ପୁଡ଼ିଆ ଜବତ କରିବା ସହ ମୁନାଙ୍କୁ ଅଟକ ରଖି ପଚରାଉଚୁରା କରିଛନ୍ତି। କେବଳ ଜଣେ ଯୁବକ ନୁହେଁ, ଉପାନ୍ତ ଅଞ୍ଚଳର ବହୁ ଯୁବକ ଗ୍ରାମାଞ୍ଚଳକୁ ନିଶା ଦ୍ରବ୍ୟ ଯୋଗାଇବା ଲାଗି ଏପରି ନୂଆ ନୂଆ ଉପାୟ ଅବଲମ୍ବନ କରୁଥିବା ଜଣାପଡିଛି।

## ବସ୍‌ରେ ପଶ୍ଚିମବଙ୍ଗ ଗଲେ ୩୮ ଶ୍ରମିକ

ବ୍ରହ୍ମପୁର ଅଫିସ,୮।୫

ଲକ୍‌ଡାଉନ୍ ପରେ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ରହିଯାଇଥିବା ୩୮ ଜଣ ଶ୍ରମିକଙ୍କୁ ଶୁକ୍ରବାର ରାତିରେ ଏକ ବସ୍ ଯୋଗେ ପଶ୍ଚିମବଙ୍ଗ ପଠାଯାଇଛି। ବିଏମ୍‌ସି ଓ ପୋଲିସ ପ୍ରଶାସନର ସହଯୋଗରେ ଏକ ବସ୍ ଏମାନଙ୍କୁ ନେଇ ପଶ୍ଚିମବଙ୍ଗ ମାଲଦା ଅଭିମୁଖେ ବାହାରିଥିଲା। ବିଏମ୍‌ସିର ଏନ୍‌ୟୁଏଲ୍‌ଏମ୍‌ର ମ୍ୟାନେଜର ନାସିର ଅଲ୍ଲୀ, ରାଜୀବ ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସଦ ପତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ସୂଚନା ପ୍ରକାରେ, ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନରେ କେରଳରୁ ଆସି ୨୮ ଜଣ ଶ୍ରମିକ ବ୍ରହ୍ମପୁରରେ ଅଟକି ରହିଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ବିହାରର ଥିବା ବେଳେ ଅନ୍ୟ ୨୬ ଜଣ ପଶ୍ଚିମବଙ୍ଗ ମାଲଦା ଅଞ୍ଚଳର। ସେମାନଙ୍କୁ ବିଏମସିର ଆଶ୍ରୟ କେନ୍ଦ୍ରରେ କ୍ୱାରାଣ୍ଟାଇନରେ ରଖାଯାଇ ଖାଇବା ପିଇବା ବ୍ୟବସ୍ଥା କରାଯାଇଥିଲା। କ୍ୱାରାଣ୍ଟାଇନ ଅବଧି ସରିଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇ ପ୍ରାୟ ଦେଢମାସ ପରେ ବସ୍ ଯୋଗେ ଘର ଅଭିମୁଖେ ପଠାଯାଇଛି। ଏଥିସହ ସହରର ବିଭିନ୍ନ ସ୍ଥାନରେ ଅଟକିଥିବା ଅନ୍ୟ ୧୦ ଜଣଙ୍କୁ ମଧ୍ୟ ଉକ୍ତ ବସ୍ ଯୋଗେ ପଠାଯାଇଥିବା ସୂଚନା ମିଳିଛି।

## ମିଳିନି ପରିଚୟ, ପୋଲିସର ଛାନ୍‌ଭିନ୍

**ରାସ୍ତା କଡ଼ରେ ଜଣଙ୍କୁ ଜାଳିଦେବା ଘଟଣା**

ଗୋପାଳପୁର,୮।୫

ଦିଗପହଣ୍ଡି ଓ ଗୋଳନ୍ଥରା ଥାନା ସୀମାବର୍ତ୍ତୀ ଝାଡ଼ବାଙ୍କ କଲଭର୍ଟ ନିକଟରେ ବୁଧବାର ରାତିରେ ଜଣଙ୍କୁ ଦୁର୍ବୃତ୍ତ ଟାୟାର ଓ କାଠରେ ପୋଡି ଦେଇଥିଲେ। ଶୁକ୍ରବାର ସକାଳେ ଗୋଳନ୍ଥରା ପୋଲିସ ସିଂହଳା ସରପଞ୍ଚଙ୍କ ଅଭିଯୋଗକ୍ରମେ ନଂ.୧୨୮/୨୦ରେ ହତ୍ୟା ମାମଲା ରୁଜୁ କରିଛି। ବ୍ରହ୍ମପୁର ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ମିଶ୍ର, ସଦର ଏସଡିପିଓ ଜୟନ୍ତ କୁମାର ମହାପାତ୍ର, ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। କଲଭର୍ଟ ଭିତରେ ବାଉଁଶ ଖଣ୍ଡରେ ଶଯ୍ୟା ରହିଥିବା ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଟିମ ମୃତଦେହ ପୋଡା ଯାଇଥିବା ସ୍ଥାନରୁ ପାଉଁଶ, ଦରପୋଡା ହାଡ, ମାଂସ, ଖପୁରୀ ସହ ପୋଡ଼ିଯାଇଥିବା ପାଉଁଜି, ଚୁଡ଼ି ଜବତ କରି ବ୍ରହ୍ମପୁରସ୍ଥିତ ଫରେନସିକ୍ ଲାବ୍‌କୁ ପଠାଇଛି। ପାଉଁଜି ଓ ଚୁଡି ମିଳିବାରୁ ମୃତକ ଜଣକ ମହିଳା ବୋଲି ସ୍ପଷ୍ଟ ହୋଇଛି। ବୁଧବାର ମଧରାତ୍ରରେ ଜନୈକା ମହିଳାଙ୍କ ଚିତ୍କାର ଶୁଣିବାକୁ ମିଳିଥିଲା ବୋଲି ସ୍ଥାନୀୟ ଲୋକେ ପୋଲିସକୁ କହିଛନ୍ତି।

ଏନେଇ ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କ ସହ ଯୋଗାଯୋଗବେଳେ ବର୍ତ୍ତମାନ ସୁଦ୍ଧା ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ହାଡ଼ ଓ ମାଂସର ଡିଏନ୍‌ଏ ଟେଷ୍ଟ ପାଇଁ ପଠାଯିବ। ଥାନାରେ ହତ୍ୟା ମାମଲା ରୁଜୁ କରାଯାଇଥିବାବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲୁ ରହିଛି ବୋଲି ସେ ସୂଚନା ଦେଇଥିଲେ।



କଲଭର୍ଟ ଭିତରେ ଥିବା ବାଉଁଶ ଖଣ୍ଡର ଶଯ୍ୟା।

## ନିଆଁ ଲାଗି ଯୁବତୀ ଗୁରୁତର

ଭଞ୍ଜନଗର୮।୫(ଡି.ଏନ.ଏ.)

ଭଞ୍ଜନଗର ଥାନା ଲଣ୍ଡେଇସାହି ୟୁନିଟ-୧ ଗଳିରେ ରହୁଥିବା ଶୁଭସ୍ମିତା ରାୟଗୁରୁ (୨୦) ଶୁକ୍ରବାର ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ମେଡିକାଲ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୁବତୀଙ୍କ ଶରୀରର ପ୍ରାୟ ୮୫ ପ୍ରତିଶତ ପୋଡ଼ିଯାଇଛି। ନିଆଁ କିପରି ଲାଗିଲା ସେନେଇ ଠିକ୍ ଜଣାପଡ଼ିନାହିଁ।

## କ୍ୱାରାଣ୍ଟାଇନ୍ ସେଣ୍ଟରରେ ସୁରଟ ଫେରନ୍ତାଙ୍କୁ ବିରୋଧ

ଛତ୍ରପୁର,୮।୫(ଡି.ଏନ୍.ଏ.)

**ଟେକାପଥର ଫିଙ୍ଗିଲେ, ପୋଲିସର ଲାଠିଚାଳନା**

ଛତ୍ରପୁର ବ୍ଲକ ଆର୍ଯ୍ୟପଲି ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ସୁରଟ ଫେରନ୍ତାଙ୍କୁ ରଖିବାକୁ ନେଇ ଗୁରୁବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୁରଟ ଫେରନ୍ତାଙ୍କୁ ନେଇ ଯାଇଥିବା ପୋଲିସ ଉପରକୁ କେତେଜଣ ଲୋକ ଟେକାପଥର, କାଚ ବୋତଲ ଫିଙ୍ଗିଥିଲେ। ତେଣୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ଲାଠିଚାଳନା କରାଯାଇଥିଲା। ରାତି ପ୍ରାୟ ୨ଟା ପରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରଶାସନ ବାଧ୍ୟ ହୋଇ ଯେଉଁ ବସ୍‌ରେ ସୁରଟ ଫେରନ୍ତାଙ୍କୁ ନେଇଥିଲା, ସେହି ବସ୍‌ରେ ସେମାନଙ୍କୁ ଫେରାଇ ଆଣିଥିଲା। ତେବେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ୧୧ ଜଣଙ୍କୁ ସୁନ୍ଦରପୁର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିବା ବିଡିଓ ଅମ୍ବିକା ପ୍ରସାଦ ଦାଶ କହିଛନ୍ତି। ଅନ୍ୟପକ୍ଷରେ ବସ୍‌ରେ କେତେଜଣ ଥିଲେ ସେ ସମ୍ପର୍କରେ ସୂଚନା ନ ଥିବା କହିଥିଲେ। ସୂଚନାଯୋଗ୍ୟ, ଗୁରୁବାର ରାତିରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସାନ ଆର୍ଯ୍ୟପଲି କ୍ୱାରାଣ୍ଟାଇନ ସେଣ୍ଟରକୁ ଏକ ବସ ଯୋଗେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ୧୧ଜଣଙ୍କ ସମେତ ୩୨ ଜଣ ସୁରଟ ଫେରନ୍ତାଙ୍କୁ ନିଆଯାଇଥିଲା। ଏହି ଖବର ଜଣାପଡ଼ିବା ପରେ କେତେଜଣ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କେବଳ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ୧୧ ଜଣଙ୍କୁ ଏଠାରେ ରଖାଯିବ ବୋଲି ପୋଲିସ ଓ ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଇଥିଲେ ଲୋକେ ନ ଶୁଣି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ତେଣୁ ବାଧ୍ୟ ହୋଇ ଆର୍ଯ୍ୟପଲ୍ଲୀର ୧୧ ଜଣଙ୍କୁ ସୁନ୍ଦରପୁରରେ ରଖାଯାଇଥିବା ବେଳେ ଅନ୍ୟ ପ୍ରବାସୀମାନଙ୍କୁ ନିଜ ନିଜ ବ୍ଲକର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯାଇଛି।



ଲୋକେ ବିରୋଧ କରୁଛନ୍ତି।

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Galaxy Tower**
Company Pvt. Ltd.
କଂମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp:
9479667248

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**OFFICE OF THE EXECUTIVE ENGINEER**
Chikiti Irrigation Division, Berhampur, Ganjam
e-mail address: eechidbam@gmail.com, Ph: 0680-2281909
No.: A
**e – Procurement Notice No.- EE-CHID-01/ 2020-21**

| | | | |
|---|---|---|---|
| 1. | Name of the Work | : | System Improvement and Flood Control Works |
| 2. | No. of Works | : | 25 Nos. (Twenty five) only |
| 3. | Estimated Cost | : | Rs. 6.90 lakh to Rs. 26.93 lakh |
| 4. | Period of Completion | : | 03 Calendar months to 04 (Four) Calendar months |
| 5. | Date and time of availability of bid documents in the portal | : | From 11.05.2020, 10.00 A.M. to 20.05.2020, 05.30 P.M. |
| 6. | Last date / time of receipt of bid documents in Portal | : | 20.05.2020 upto 05.30 P.M. |
| 7. | Date and Place of Opening | : | On 21.05.2020 at 11.00 AM in the Office of the Executive Engineer, Chikiti Irrigation Division, Berhampur |
| 8. | Name and Address of the officer inviting tender | : | The Executive Engineer, Chikiti Irrigation Division, Berhampur |

Bidders are to participate in Online bidding only. Further details can be seen from the Govt. Website **www.tendersodissa.gov.in**. Any addendum/ corrigendum/cancellation of the tender can be seen in the said website only.

Executive Engineer
Chikiti Irrigation Division, Berhampur
OIPR-32115/11/0001/2021

**GOVT. OF ODISHA** No. A-06
**OFFICE OF THE EXECUTIVE ENGINEER,**
**BALASORE IRRIGATION DIVISION, BALASORE**
Phone No. 06782-262307, Email-eebalasore-cicwr.od@nic.in
**'e'-procurement Notice No. EEBID-02/2020-21**

| | | | |
|---|---|---|---|
| 1. | Name of work | : | "Immediate restoration and protection to the river banks and Saline embankments and Flood fighting works". Details can be seen in the DTCN of the respective works. |
| 2. | Total No. of Works | : | 19 (Nineteen) nos. of works. |
| 3. | Estimated cost put to Tender (Rs. in Lakhs) | : | Varies from Rs.2.10 lakhs to Rs.4.72 lakhs (Excluding G.S.T). Details can be seen in the DTCN of the respective works. |
| 4. | Cost of Bid Documents | : | The bidder shall transfer the required cost of Bid documents (online). Details can be seen in DTCN. |
| | Bid Security @1% of the estimated cost put to tender | : | The bidder shall transfer the required amount of Bid security (online). Details can be seen in DTCN. |
| 5. | Period of Completion | : | Details can be seen in DTCN. |
| 6. | Other details as follows | : | |
| (i) | Procurement Officer | : | **Executive Engineer, Balasore Irrigation Division, Balasore.** |
| (ii) | Availability of Tender online for bidding | : | **11.05.2020 from 10.00 A.M. to 20.05.2020 up to 5.30 P.M.** |
| (iii) | Date of opening of bid (Technical & Financial) through Online. | : | **On 21.05.2020 at 11.00 A.M.** in the Office of the Executive Engineer, Balasore Irrigation Division, Balasore. |
| (iv) | Decision to conduct Lottery | : | **If required the transparent lottery shall be conducted on 26.05.2020 at 09.00 A.M. in the Office Chamber of the Executive Engineer, Balasore Irrigation Division, Balasore.** |

Further details can be seen from the Govt. website **www.tendersodisha.gov.in**.
**Executive Engineer, Balasore Irrigation Division, Balasore**
OIPR-32110/11/0002/2021



ଦିଲ୍ଲୀ ପୋଲିସର ଆଣ୍ଟି ଟେରର ୟୁନିଟ୍ ସ୍ପେଶାଲର ହେଡ୍ କନ୍‌ଷ୍ଟେବଲ ଅରୁଣ ଦେବତିଆ କରୋନା ପଜିଟିଭ୍ ହୋଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ବେଳେ ଘରକୁ ଫେରିଛନ୍ତି। ଘରକୁ ଫେରିବା ସମୟରେ ଅରୁଣଙ୍କୁ ପଡ଼ୋଶୀମାନେ ଫୁଲ ବର୍ଷା କରିବା ସହ ତାଳି ମାରି ସ୍ୱାଗତ କରିଥିଲେ। ଲୋକଙ୍କ ମନରେ ତାଙ୍କ ପାଇଁ ଏଭଳି ସମ୍ମାନ ଓ ଭଲପାଇବା ଦେଖି ଅରୁଣ ଖୁସି ହେବା ସହ ହାତଯୋଡ଼ି ସେମାନଙ୍କୁ ଅଭିବାଦନ ଜଣାଇଥିଲେ।

# ପାଇପ୍‌ରେ କ୍ଷୀର ଯୋଗାଣ

## ସାମାଜିକ ଦୂରତ୍ୱ ରକ୍ଷା



**ନୂଆଦିଲ୍ଲୀ:** କରୋନା ପାଇଁ ଏବେ ସମସ୍ତେ ସାମାଜିକ ଦୂରତା ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ବେଳେବେଳେ କେତେଜଣ ଏଭଳି ଉପାୟ ଅବଲମ୍ବନ କରିଥାନ୍ତି, ଯେଉଁଥିପାଇଁ ସବୁଆଡ଼େ ଚର୍ଚ୍ଚାର କାରଣ ପାଲଟିଥାନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଦିଲ୍ଲୀରେ। ସମସ୍ତଙ୍କ ଘର ଘର ବୁଲି କ୍ଷୀର ଦେବା ପାଇଁ ଜଣେ ବ୍ୟକ୍ତି ଏଭଳି ଏକ ଉପାୟ ବ୍ୟବସ୍ଥା କରିଛନ୍ତି, ଯାହାଫଳରେ କାହାକୁ ହେଲେ ବି ଛୁଇଁବାକୁ ପଡ଼ିବ ନାହିଁ କି ପାଖକୁ ଆସିବାକୁ ପଡ଼ିବ ନାହିଁ। ସାମାଜିକ ଦୂରତା ରକ୍ଷା କରିବା ସହ ସେ ସମସ୍ତଙ୍କ ପାଖରେ କ୍ଷୀର ପହଞ୍ଚାଇ ପାରିବେ।

ଏହି କ୍ଷୀର ବିକାଳି ତାଙ୍କ ବାଇକ୍‌ରେ ଏକ ପାଇପ୍ ଲଗାଇ ତା' ସହିତ ଏକ କାହାଳୀ ସଂଯୁକ୍ତ କରି ଦେଇଛନ୍ତି। ତେଣୁ ଆବଶ୍ୟକ ଅନୁସାରେ କ୍ଷୀର ଦେବାପାଇଁ ସେ କାହାଳୀରେ ଢାଳିବା ମାତ୍ରେ ତାହା ପାଇପ୍ ଦେଇ କିଛି ଦୂରରେ ବାହାରି ଥାଏ। ତେଣୁ ସେଠାରୁ ସହଜରେ କ୍ଷୀର ସଂଗ୍ରହ କରି ଲୋକମାନେ ନେଇଥାନ୍ତି। ଏଭଳି ବ୍ୟବସ୍ଥା ସହିତ କ୍ଷୀର ବିକାଳି ମାସ୍କ ଓ ଗ୍ଲୋଭ୍‌ସ ବି ପିନ୍ଧିଛନ୍ତି। ସାମାଜିକ ଦୂରତ୍ୱ ନିମନ୍ତେ କ୍ଷୀର ବିକାଳିଙ୍କ ଏଭଳି ଏକ ଟେକ୍‌ନିକ୍ ସମସ୍ତଙ୍କୁ ଭଲ ଲାଗୁଛି ଓ ଏଭଳି ସତର୍କତା ନିମନ୍ତେ ସମସ୍ତେ ତାଙ୍କୁ ପ୍ରଶଂସା ବି କରୁଛନ୍ତି। ଏଭଳି ଏକ ଶୈଳୀରେ କ୍ଷୀର ବିକୁଥିବା ବ୍ୟକ୍ତିଙ୍କ ଫଟୋ ଓ ଭିଡିଓକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି ଆଇଏଏସ୍ ଅଫିସର ନୀତିନ୍ ସଙ୍ଗୱାନ୍। ଏହି ଫଟୋଟି ସୋସିଆଲ୍ ମିଡିଆରେ ପୋଷ୍ଟ ହେବାର ମାତ୍ର ଦିନକ ପରେ ଶହ ଶହ ଲୋକ ଲାଇକ୍ ସହ ପ୍ରଶଂସା କରିଛନ୍ତି। ଆଇଏଏସ୍ ଅଫିସର ଜଣକ ମଧ୍ୟ ଏଭଳି ଚିନ୍ତାଧାରାକୁ ପ୍ରଶଂସା କରିଛନ୍ତି।

# ମଦ କିଣୁଛନ୍ତି ରକୁଲ

ଭିଡିଓ ଭାଇରାଲ



ରକୁଲ ପ୍ରୀତ ସିଂ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂ ଲକ୍‌ଡାଉନ୍ ବେଳେ ମଦ ଦୋକାନରୁ ମଦ କିଣୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମୁହଁରେ ମାସ୍କ ପିନ୍ଧିବା ସହ ସେ ଦୋକାନରୁ କିଣି ଜିନିଷ କିଣି ନିଜ ଗାଡ଼ି ଆଡ଼କୁ ଆସୁଥିବାର ଦୃଶ୍ୟ ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓକୁ ବଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ କମାଲ ଆର୍ ଖାନ୍ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ରକୁଲ ମଦଦୋକାନରୁ ମଦ କିଣୁଛ କି ? ବୋଲି ଟୁଇଟର ଯୋଗେ କମାଲ ପ୍ରଶ୍ନ ମଧ୍ୟ କରିଥିଲେ। ରିଟୁଇଟ୍ କରି ରକୁଲ ଉତ୍ତର ଦେଇଥିଲେ ଯେ, ଔଷଧ ଦୋକାନରେ ମଦ ମିଳୁଥିବା କଥା ମୁଁ ଜାଣି ନ ଥିଲି। ତାଙ୍କର ଏଭଳି ବ୍ୟଙ୍ଗାତ୍ମକ ଉତ୍ତର ଦର୍ଶାଇଥିଲା ଯେ, ମଦ କିଣିବାକୁ ସେ ଯାଇ ନ ଥିଲେ ବରଂ ଔଷଧ ଦୋକାନରୁ କିଛି ଔଷଧ ସେ କିଣି ଗାଡ଼ିକୁ ଫେରୁଥିଲେ। ଭାଇରାଲ ହୋଇଥିବା ଭିଡିଓରେ କିଛି ସତ୍ୟତା ନାହିଁ। ପ୍ରକାଶଥାଉ କି, କମାଲ ଅନେକ କନ୍ନଡ ଫିଲ୍ମରେ ଅଭିନୟ କରିଛନ୍ତି। ପରେ ଫିଲ୍ମ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ରକୁଲ ମଧ୍ୟ ଏକାଧିକ ତାମିଲ ଓ ତେଲୁଗୁ ଫିଲ୍ମରେ ଅଭିନୟ କରିଛନ୍ତି। ପରେ ସେ ବଲିଉଡ୍‌ରେ ନିଜ ଦବ୍‌ଦବା ଜାହିର କରିବାରେ ସଫଳ ହୋଇଛନ୍ତି।

# ମଦ ପାଇଁ ଲାଇନ୍‌ରେ ହେଲ୍‌ମେଟ୍, ବୋତଲ

**ନୂଆଦିଲ୍ଲୀ:** କରୋନା ମହାମାରୀ ସହ ମୁକାବିଲା ପାଇଁ ଦେଶରେ ଲକ୍‌ଡାଉନ ୩.୦ ଜାରି ରହିଛି। ତୃତୀୟ ପର୍ଯ୍ୟାୟର ଏହି ଲକ୍‌ଡାଉନରେ ସରକାର କେତେକ କଟକଣାକୁ କୋହଳ କରିଛନ୍ତି। ସେଥିମଧ୍ୟରୁ ମଦ ଦୋକାନ ଖୋଲିବା ଅନ୍ୟତମ। ଏହି କଟକଣା କୋହଳ ହେବା ପରେ ପ୍ରଥମ ଦିନରେ ମଦ ଦୋକାନ ସମ୍ମୁଖରେ ଅସଂଖ୍ୟ ଲୋକଙ୍କ ଭିଡ଼ ଜମିଥିଲା। ଆଉ ଏହି ସମୟରେ ଲୋକମାନେ ସାମାଜିକ ଦୂରତ୍ୱକୁ ଏକପ୍ରକାର ମଜାକ୍ ବନେଇ ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ସାମାଜିକ ଦୂରତ୍ୱକୁ ରକ୍ଷାକରିବା ପାଇଁ ଦିଲ୍ଲୀରେ ଏକ ନିଆରା ଦୃଶ୍ୟ ନଜର ଆସିଛି। ମଦ କିଣିବା ପାଇଁ ଲୋକମାନେ ନିଜେ ଛିଡା ନ ହୋଇ ଦୋକାନ ସମ୍ମୁଖରେ ଟଣାଯାଇଥିବା ବୃତ୍ତ ଭିତରେ ସେମାନଙ୍କ ସାମଗ୍ରୀକୁ ରଖୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ଲୋକମାନେ ମଦଦୋକାନ ସମ୍ମୁଖରେ ହେଲମେଟ୍, ବୋତଲ, ଜୋତା ଓ ଅନ୍ୟ ସାମଗ୍ରୀକୁ ଲାଇନ୍‌ରେ ରଖିଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଅପରପକ୍ଷେ ମଦବିକ୍ରି ପାଇଁ ଦିଲ୍ଲୀ ସରକାର ଏବେ ଇ-ଟୋକନର ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ମଦ ଦୋକାନରେ ଲାଗୁଥିବା ଭିଡ଼ ଏବଂ ସୁରକ୍ଷା ଦୃଷ୍ଟିରୁ ସରକାର ଏଭଳି ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଯାହାଦ୍ୱାରା ଦୋକାନରେ ନିୟମ ଅନୁସାରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇପାରିବ। ଏଥିପାଇଁ ସରକାର ଏକ ୱେବ ଲିଙ୍କ୍ ଜାରି କରିଛନ୍ତି। ଏହି ଲିଙ୍କ୍‌କୁ କ୍ଲିକ୍‌କରି ଲୋକମାନେ ନିଜର ସମସ୍ତ ତଥ୍ୟ ଦେଇ ମଦ କିଣିବାର ସମୟ ଧାର୍ଯ୍ୟ କରିବେ। ଏହାପରେ ସେମାନଙ୍କୁ ମୋବାଇଲ୍‌ରେ ଏକ ଇ-କୁପନ ସୂଚନା ଦିଆଯିବ।



# ଝିଅର ନାଁ 'କରୋନା



## ଲକ୍‌ଡାଉନରେ ମା' ହେଲେ ଏମ୍‌ପି

**ହୁଗଳି:** କରୋନା ଭାଇରସ୍ ଏବେ ସାରା ବିଶ୍ୱକୁ ଚିନ୍ତାରେ ପକାଇଥିବା ବେଳେ ଇତିମଧ୍ୟରେ କେତେଜଣ ଦମ୍ପତି ତାଙ୍କ ନବଜାତକଙ୍କ ନାଁ ଭାଇରସ୍‌ର ନାଁ ଅନୁସାରେ ରଖୁଥିବା ଦେଖାଯାଇଛି। ଏଥିରେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ(ଟିଏମ୍‌ସି)ଏମ୍‌ପି ଅପରୂପା ପୋଦ୍ଦାରଙ୍କ ନାଁ ଯୋଡ଼ି ହୋଇଯାଇଛି। ଗୁରୁବାର ସେ ଜନ୍ମ ଦେଇଥିବା କନ୍ୟା ସନ୍ତାନର ନାମ ରଖିଛନ୍ତି 'କରୋନା'। ଏମ୍‌ପିଙ୍କ ସ୍ୱାମୀ ମହମ୍ମଦ ସକିର ଅଲି କହିଛନ୍ତି, ସେ ତାଙ୍କ ଜନ୍ମିତ କନ୍ୟା ଓ ଅନ୍ୟମାନଙ୍କୁ ଭବିଷ୍ୟତରେ ମନେପକାଇ ଦେବାକୁ ଚାହିଁଛନ୍ତି ଯେ କେଉଁ କଠିନ ପରିସ୍ଥିତିରେ ତାଙ୍କ ଝିଅ 'କରୋନା'ର ଜନ୍ମ ହୋଇଥିଲା। କେମିତି କରୋନା ମାହାମାରୀ ବ୍ୟାପିଥିବା ବେଳେ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପଟେ ଅପରୂପା କହିଛନ୍ତି, କରୋନା ଏବେ ସାରା ବିଶ୍ୱରେ ତାଣ୍ଡବ ରଚିଚାଲିଛି ହେଲେ ଏହାକୁ ନ ଡରି ଆମେ ଏହା ସହ ଲଢ଼ିବା ଦରକାର। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ହୁଗଳି ଜିଲା ଆରମବାଗ ଆସନରୁ ଏମ୍‌ପି ଥିବା ଅପରୂପା ଗୁରୁବାର ଏକ ଘରୋଇ ନର୍ସିଂ ହୋମ୍‌ରେ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ଏହା ପୂର୍ବରୁ ତାଙ୍କର ଏକ ୬ ବର୍ଷର ପୁତ୍ର ରହିଛି। ୨୦୦୭ରେ ତାଙ୍କର ବିବାହ ହୋଇଥିଲା।

# ୩ ଫୁଟ ବରକୁ ୪ ଫୁଟିଆ କନ୍ୟା

**ମୁମ୍ବାଇ:** କରୋନା ଭାଇରସ୍ ପାଇଁ ସାରା ଦେଶରେ ଜାରି ରହିଛି ଲକ୍‌ଡାଉନ। ଏହି ସମୟରେ ପୂର୍ବନିର୍ଦ୍ଧାରିତ ତାରିଖ ଅନୁଯାୟୀ ଲୋକେ ବିବାହ ଭଳି କାର୍ଯ୍ୟ ସମ୍ପାଦନ କରି ନ ପାରି ଏହାକୁ ଘୁଞ୍ଚାଇ ଦେଉଥିବା ଦେଖାଯାଇଛି। ହେଲେ ମହାରାଷ୍ଟ୍ରରେ ଏମିତି ଏକ ବିବାହ ଅନୁଷ୍ଠିତ ହୋଇଛି ଯାହା ଆସିଛି ଚର୍ଚ୍ଚାକୁ। ବିବାହ କରିଥିବା ବରଙ୍କ ବୟସ ୨୯ ବର୍ଷ ହୋଇଥିବା ବେଳେ କନ୍ୟାଙ୍କ ବୟସ ଥିଲା ୧୯। ହେଲେ କନ୍ୟାଙ୍କ ଉଚ୍ଚତା ୪ ଫୁଟ ଥିବାବେଳେ ବରଙ୍କ ଉଚ୍ଚତା ୩ ଫୁଟ ହୋଇଥିବାରୁ ଏହା ଚର୍ଚ୍ଚାକୁ ଆସିଛି। ସୂଚନା ଅନୁସାରେ ମହାରାଷ୍ଟ୍ର ଭୁଲେ ଜିଲାର ଶିରପୁର ତହସିଲରେ ଗତ ବୁଧବାର ଏହି ବିବାହ ଅନୁଷ୍ଠିତ ହୋଇଥିଲା। ଏହି ବିବାହ ୨୯ ବର୍ଷୀୟ ଝାମରୁ ରାଜେନ୍ଦ୍ର କୋଲି ଓ ୧୯ ବର୍ଷୀୟା ନୟନାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଭୟଙ୍କ ବିବାହ ପୂର୍ବରୁ ସ୍ଥିର ହୋଇଥିବା ବେଳେ କରୋନା ସଂକ୍ରମଣ ଯୋଗୁ ଏହା ବିଳମ୍ବରେ କରାଯାଇଥିବା କହିଛନ୍ତି ତାଙ୍କ ପରିବାର ଲୋକେ। ଏହି ବିବାହରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବା ସହ ପ୍ରାୟତଃ କୌଣସି ବନ୍ଧୁ ବାନ୍ଧବ ଯୋଗ ଦେଇ ନ ଥିବା କୁହାଯାଏ।



# ଅଧିକ ଚାପରେ ଏବର ମଧ୍ୟବୟସ୍କ

**ନ୍ୟୁୟର୍କ:** ୧୯୯୦ ଅପେକ୍ଷା ବର୍ତ୍ତମାନର ମଧ୍ୟ ବୟସ୍କମାନେ ଅଧିକ ଚାପରେ ରହୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏପରିକି କୋଭିଡ୍-୧୯ ଆରମ୍ଭ ହେବା ପୂର୍ବରୁ ଏଭଳି ସ୍ଥିତି ଦେଖାଦେଇଆସିଛି। ପେନ୍ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନ ବେଳେ ସବୁ ବର୍ଗକୁ ବିଚାରକୁ ନିଆଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ୧୯୯୦ ତୁଳନାରେ ୨୦୧୦ରେ ଲୋକଙ୍କ ଉପରେ ସାମାନ୍ୟ ଚାପ ବୃଦ୍ଧି ପାଇଛି। କିନ୍ତୁ ଗବେଷକମାନେ ଯେତେବେଳେ ବୟସକୁ ୪୫ରୁ ୬୪ ମଧ୍ୟରେ ସୀମିତ ରଖିଦେଲେ, ସେତେବେଳେ ସେମାନଙ୍କ ଚାପର ସ୍ତର ବହୁଗୁଣିତ ହୋଇଯାଇଥିଲା। ଗବେଷକ ଡାଭିଡ୍ ଏମ୍. ଆଲ୍‌ମୈଡା ଜାଣିବାକୁ ପାଇଥିଲେ ଯେ, ୧୯୯୦ ଅପେକ୍ଷା ୨୦୧୦ରେ ଲୋକେ ୧୯ ପ୍ରତିଶତ ଅଧିକ ଅବସାଦରେ ରହୁଛନ୍ତି। ଅର୍ଥାତ୍ ବର୍ଷକୁ ଏମାନେ ୬୪ରୁ ଊର୍ଦ୍ଧ୍ୱ ଦିନ ଅଧିକ ଚାପରେ ରହିଥାଆନ୍ତି।

'ଆମେରିକାନ୍ ସାଇକୋଲୋଜିଷ୍ଟ'ରେ ଏ ସଂକ୍ରାନ୍ତ ଲେଖା ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ରିସର୍ଚ୍ଚ ଟିମ୍ ୧୯୯୫ରେ ୧,୪୯୯ ବୟସ୍କ ଓ ୨୦୧୨ରେ ୭୮୨ ଜଣ ବିଭିନ୍ନ ବୟସ୍କଙ୍କୁ ନେଇ ଅଧ୍ୟୟନ କରିଥିଲେ। ଏ ସମସ୍ତଙ୍କର ଦୈନିକ ୮ ଦିନ ଯାଏ ସାକ୍ଷାତ୍‌କାର ନିଆଯାଇଥିଲା। ଏଥିରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ବିଗତ ୨୪ ଘଣ୍ଟାର ଚାପଗ୍ରସ୍ତ ଅଭିଜ୍ଞତା ବଖାଣିବାକୁ କୁହାଯାଉଥିଲା। ପରିବାର କିମ୍ବା ସାଙ୍ଗସାଥୀଙ୍କ ମଧ୍ୟରେ ଉଚ୍ଚବାଚ କିମ୍ବା ଘରେ ବା କାର୍ଯ୍ୟସ୍ଥଳୀରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା । ସେଥିରୁ ଲୋକଙ୍କ ଚାପଗ୍ରସ୍ତ ଜୀବନକୁ ବୁଝିବା ସମ୍ଭବ ହୋଇଥିଲା ବୋଲି ଆଲମୈଡା କହିଛନ୍ତି। ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରିବା ପରେ ଗବେଷକମାନେ ଜାଣିପାରିଥିଲେ ଯେ, ୧୯୯୦ ଅପେକ୍ଷା ୨୦୧୦ରେ ସେମାନଙ୍କ ଚାପ ବହୁମାତ୍ରରେ ବଢ଼ିଚାଲିଥିଲା। ତେବେ କେତେକ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୨୭ ପ୍ରତିଶତ ଆର୍ଥିକ ଅବସ୍ଥା ଖରାପ ଥିବା ନେଇ ଚିନ୍ତିତ ହୋଇପଡୁଥିବା କହିଥିବା ବେଳେ ୧୭ ପ୍ରତିଶତ ସେମାନଙ୍କ ଭବିଷ୍ୟତ ଯୋଜନାକୁ ଚାପ ଘୋର ପ୍ରଭାବିତ କରିବ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ।

ଆଲମୈଡା ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ, ଗତ ୯୦ ଦଶକ ଅପେକ୍ଷା ବର୍ତ୍ତମାନ ଲୋକଙ୍କ ଚାପ ପରିମାଣ ବୃଦ୍ଧି ପାଇଥିଲେ ହେଁ ବିଶେଷକରି ବିଭିନ୍ନ ବର୍ଗଙ୍କ ବୟସ ମୁଖ୍ୟତଃ ପ୍ରଭାବିତ କରିଥିଲା। ଆମେ ଭାବୁଥିଲୁ ଯେ, ଯୁବବର୍ଗଙ୍କ ପାଇଁ ଅର୍ଥନୈତିକ ଅସ୍ଥିରତା ଯୋଗୁ ଜୀବନ ଅଧିକ ଚାପଗ୍ରସ୍ତ ହେଉଛି। କିନ୍ତୁ ତାହା ଭାବିବା ଠିକ୍ ନ ଥିଲା ବୋଲି ସେ କହିଥିଲେ। କିନ୍ତୁ ମଧ୍ୟବୟସ୍କମାନେ ସବୁଠାରୁ ଅଧିକ ଚାପଗ୍ରସ୍ତ ଅଛନ୍ତି। କାରଣ ସେମାନଙ୍କ ପିଲାମାନେ ଅସ୍ଥିର ନିଯୁକ୍ତି ବଜାରରେ ଘଣ୍ଟି ହେଉଥିବା ବେଳେ ନିଜ ମାତାପିତାଙ୍କ ଦାୟିତ୍ୱ ନେଇ ଚିନ୍ତିତ ଥାଆନ୍ତି। ଏହି ବୟସର ବ୍ୟକ୍ତି ଏଭଳି ପିଢ଼ିଗତ ସମସ୍ୟା ବୁଝିବାକୁ ଯାଇ ଚାପରେ ଚିପୁଡ଼ି ହୋଇଯାଇଥାଆନ୍ତି ବୋଲି ଆଲମୈଡା କହିଛନ୍ତି।



# ଦୀପିକାଙ୍କ ସହ ପୁଣି ନଜର ଆସିବେ ରଣବୀର



**ମୁମ୍ବାଇ:** ବଲିଉଡ୍ ନାୟକ ରଣବୀର କପୁର ପୁଣିଥରେ ତାଙ୍କ ଏକ୍ସ ଗର୍ଲ ଫ୍ରେଣ୍ଡଙ୍କ ସଙ୍ଗେ ସ୍କ୍ରିନ୍ ଶେୟାର କରିବେ ବୋଲି ଶୁଣିବାକୁ ମିଳିଛି। ହେଲେ କ୍ୟାଟ୍ରିନା ନୁହେଁ ବରଂ ଦୀପିକାଙ୍କ ସହ ରଣବୀର ନଜର ଆସିବେ ବୋଲି କୁହାଯାଉଛି। ମିଳିଥିବା ଖବରରୁ ଜଣାପଡିଛି ରଣବୀର ସଞ୍ଜୟ ଲୀଲା ଭଂସାଲିଙ୍କ ଫିଲ୍ମ 'ବୈଜୁ ବାୱରା' ଫିଲ୍ମରେ ସାଇନ୍ କରିପାରନ୍ତି। ଆଉ ଏଥିରେ ତାଙ୍କ ଅପୋଜିଟରେ ନାୟିକା ଦୀପିକାଙ୍କୁ ଦେଖିବାକୁ ମିଳବ। ଯଦିଓ ଏହା ଅଫିସିୟାଲି କୁହାଯାଇନାହିଁ ତେବେ ବିଶେଷ ସୂତ୍ରରୁ ଏହା ଜଣାପଡିଛି। ତେବେ ଲକ୍‌ଡାଉନ ଶେଷହେଲେ ଉଭୟ ଏହି ଫିଲ୍ମରେ ସାଇନ୍ କରିବାକୁ ମନା କରି ନ ପାରନ୍ତି ବୋଲି ଅନୁମାନ କରାଯାଇଛି। ପୂର୍ବରୁ ଦୀପିକା-ରଣବୀରଙ୍କ ଯୋଡ଼ିଙ୍କୁ ଦର୍ଶକେ ବେଶ୍ ପସନ୍ଦ କରିଥିବା ବେଳେ ଏମାନଙ୍କ ଅଭିନୀତ ଫିଲ୍ମ ହିଟ୍ ମଧ୍ୟ ହୋଇଛି।

# ଭ୍ରୂଲତା ପାଇଁ ପାଲଟିଲେ ଷ୍ଟାର

**ନୂଆଦିଲ୍ଲୀ:** ସୌନ୍ଦର୍ଯ୍ୟ ବଢାଇବା ପାଇଁ ମହିଳାମାନେ ସେମାନଙ୍କ ଭ୍ରୂଲତାକୁ ସ୍ୱତନ୍ତ୍ରଭାବରେ ସଜାଇଥାନ୍ତି। ଏହି ଭ୍ରୂଲତା ପାଇଁ ଏବେ ସୋସିଆଲ୍ ମିଡିଆରେ ସେନସେସନ୍ ପାଲଟିଛନ୍ତି ଆଞ୍ଜେଲିକା ପ୍ରୋଟୋଡ୍ୟାକୋନୋଭା। ବିରାଟ ଭ୍ରୂଲତା ପେଣ୍ଟିଂ ନିମନ୍ତେ ଆଞ୍ଜେଲିକାଙ୍କ ଇନ୍‌ଷ୍ଟାଗ୍ରାମରେ ଲକ୍ଷ ଲକ୍ଷ ଫଲୋଅର୍ ଅଛନ୍ତି। ଋଷିଆର ୟାକୁତ୍‌ସ ଅଞ୍ଚଳର ଏହି ଯୁବତୀ ଜଣକ ଏକ ବିଶେଷ ଘଟଣା ପରେ ନିଜ ଭ୍ରୂଲତାକୁ ଏଭଳି ଢଙ୍ଗରେ ସଜାଇବା ଆରମ୍ଭ କରିଥିଲେ। ସେ ଥରେ ବସ୍‌ରେ ଯାଉଥିବା ବେଳେ ଜଣେ ବନ୍ଧୁ ତାଙ୍କର ଏକ ଫଟୋଉଠାଇ ତାକୁ ଅନ୍‌ଲାଇନ୍ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ତାଙ୍କ ଭ୍ରୂଲତାକୁ ଟିକେ ଅଧିକ କରି ଦେଖାଇଥିଲେ। କିଛିଦିନ ପରେ ସେ ଫ୍ୟାଶନ୍ ବ୍ଲଗରରେ ପରିଚିତି ହାସଲ କରିବାକୁ ଲାଗିଲେ। ଏହାପରେ ସେ ତାଙ୍କ ଭ୍ରୂଲତାକୁ ଅଧିକ ଆକାର ଦେଇ ଫଟୋ ପୋଷ୍ଟ କରିବାକୁ ଲାଗିଲେ ଏବଂ ଖୁବ୍ କମ୍ ଦିନରେ ସେ ଷ୍ଟାର ପାଲଟିଗଲେ। ଏବେ ତାଙ୍କର ଲୋକପ୍ରିୟତା ଏତେ ଅଧିକ ଯେ, ଋଷିଆର ବିଭିନ୍ନ ବିଜ୍ଞାପନ କମ୍ପାନୀ ତାଙ୍କୁ ସୁଯୋଗ ଦେବା ପାଇଁ ଅଫର ଦେଉଛନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁସାରେ ଯୁବତୀ ଜଣକ ଏକ ଭିଡିଓ ଗେମ୍ ଆନ୍‌ଗ୍ରି ବାର୍ଡ ଦେଖିବା ପରେ ଏଭଳି ଭ୍ରୂଲତା ପ୍ରତି ଆକୃଷ୍ଟ ହୋଇଥିଲେ। ତେବେ ଆଞ୍ଜେଲିନା କହନ୍ତି ଯେ, ପ୍ରଥମେ ତାଙ୍କର ଏଭଳି ଭ୍ରୂଲତା ଥିବା ଫଟୋ ଯେତେବେଳେ ସୋସିଆଲ୍ ମିଡିଆରେ ଆସିଥିଲା ସେ ବହୁତ ଲଜ୍ଜା ଅନୁଭବ କରିଥିଲେ। କିନ୍ତୁ ପରେ ତାଙ୍କ ପ୍ରତି ଲୋକ ଆକର୍ଷିତ ହେଉଥିବା ଅନୁଭବ କରିଥିଲେ। ସେତେବେଳେ ନିଜ ଭ୍ରୂଲତାକୁ ଏଭଳି କରି ଇନ୍‌ଷ୍ଟାଗ୍ରାମ୍‌ରେ ସେ ଷ୍ଟାର୍ ପାଲଟି ଯାଇଥିଲେ।



ଗିନିଜ୍ ୱାର୍ଲ୍ଡ ରେକର୍ଡ

## କ୍ୟାନ୍‌କୁ ମୁହଁରେ ରଖି ରେକର୍ଡ

ପିଲାମାନେ ତୁମେ ଦେଖିଥିବ କି କ୍ୟାନ୍‌ରେ ଥିବା ପାନୀୟକୁ ସମସ୍ତେ ଗ୍ଲାସରେ ଢାଳି ପିଇଥାନ୍ତି। କିନ୍ତୁ କ୍ୟାନକୁ ମୁହଁରେ ରଖି କେହି କେବେ ଗ୍ଲାସରେ ରଖିବା ଦେଖିଛ କି ! ହେଲେ ଏମିତି ଏକ ଅସମ୍ଭବ କାମ କରି ଗିନିଜ୍ ରେକର୍ଡ କରିପାରିଛନ୍ତି ଜାପାନର ସୁନିଚି କାନ୍ନୋ। ଏକ ସମୟରେ ସେ ତାଙ୍କ ମୁହଁରେ ଅନେକଗୁଡ଼ିଏ କ୍ୟାନ ରଖି ଏହି ରେକର୍ଡ କରିଛନ୍ତି। ସାଧାରଣତଃ ସମସ୍ତେ କ୍ୟାନ୍‌ରୁ ପାନୀୟ ବାହାର କରି ସେଥିରୁ ପବନ ବାହାର କରି ତାକୁ ମୁହଁରେ ଲଗାଇ ପାରିଥାନ୍ତି। କିନ୍ତୁ ସୁନିଚି ପାନୀୟ ଥିବା ଅବସ୍ଥାରେ ବି କ୍ୟାନ୍‌କୁ ମୁହଁରେ ଲଗାଇ ପାରନ୍ତି। ଛୋଟବେଳରୁ ସେ ଖୁସିରେ ଏମିତି କାମ କରୁଥିଲେ।



ତାଙ୍କର କପାଳ ବହୁତ ବଡ଼ ଥିବାରୁ ଅନେକ ସମୟରେ ସେ ଏପରିଭାବେ କ୍ୟାନ୍‌କୁ ଖଞ୍ଜି ମଜା କରିଥାନ୍ତି। କିନ୍ତୁ ବଡ଼ ହେବା ପରେ ତାଙ୍କର ଏହି କ୍ଷମତା ତାଙ୍କୁ ରେକର୍ଡ କରିବାରେ ସାହାଯ୍ୟ କରିଥିଲା। କେହିଜଣେ ମୁହଁରେ ୮ଟି କ୍ୟାନ୍ ଏକ ସମୟରେ ରଖି ରେକର୍ଡ କରିଥିବା ସେ ଜାଣିବାକୁ ପାଇବା ପରେ ନିଜେ ତା'ଠାରୁ ଅଧିକ କ୍ୟାନ୍ ଖଞ୍ଜିବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ଏହା ପରେ ସେ ତାଙ୍କର ଏହି କଳାକୁ ଭିଡିଓ କରି ଶେୟାର କରିବା ପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଗିନିଜ୍ ରେକର୍ଡରେ ନିଜ ନାଁ ସାମିଲ୍ କରିପାରିଛନ୍ତି।

# ବାପା କଥାକୁ କାଟିଲେ ପୁଅ

**ପ୍ର. ରମେଶଚନ୍ଦ୍ର ପରିଡ଼ା**

ସାଧାରଣତଃ ବାପାଙ୍କୁ ଆମେ ପ୍ରଥମ ଶିକ୍ଷକ ରୂପେ ମାନ୍ୟତା ଦେଉ। କାରଣ ଆମର ହେତୁ ହେବା ପରେ ତାଙ୍କରିଠାରୁ ହିଁ ଆମେ ଶିଖିବା ଆରମ୍ଭ କରୁ। ତେଣୁ ତାଙ୍କ କଥା ଆମପାଇଁ ଶିରୋଧାର୍ଯ୍ୟ ହୋଇଯାଏ। ହେଲେ ବିଜ୍ଞାନ ମତରେ ଏହା ସବୁବେଳେ ସମ୍ଭବ ନୁହେଁ। କାରଣ ବାପାଙ୍କ ଧାରଣା ଅଧିକ ପୁରୁଣାକାଳିଆ। ଏଣୁ ପୁଅ ତାକୁ ବଦଳାଇ ନୂଆ କଥା କହିବାରେ ବାଧା ନାହିଁ। ବରଂ ଏଥିପାଇଁ ତାକୁ ସ୍ୱାଗତ କରାଯାଏ। ଅନେକ ସମୟରେ ତାହା ବିଜ୍ଞାନକୁ ନୂଆ ଦିଗ ଦେଖାଇଥାଏ। ଏହାର ଏକ ଜଣାଶୁଣା ଉଦାହରଣ ହେଲେ ପ୍ରସିଦ୍ଧ ଇଂଲିଶ ବୈଜ୍ଞାନିକ ଜେ.ଜେ. ଟଂପସନ୍ ଏବଂ ତାଙ୍କ ସୁପୁତ୍ର ସାର୍ ଜର୍ଜ ଟଂପସନ୍। ଆଗରୁ ମନେକରାଯାଉଥିଲା ପ୍ରତ୍ୟେକ ଜିନିଷ ପରମାଣୁରେ ଗଢ଼ା। ବୈଜ୍ଞାନିକ ଜନ୍ ଡାଲ୍‌ଟନ୍ ଏହାକୁ ନେଇ ମତବାଦଟିଏ ତିଆରି କରିଥିଲେ। ତଦନୁଯାୟୀ, ଏହି ପରମାଣୁଗୁଡ଼ିକ ହେଲେ ବସ୍ତୁର ସର୍ବଶେଷ କଣିକା। ତାକୁ ବିଭାଜିତ କରି ଅଧିକ କିଛି ଛୋଟ କଣିକା ତିଆରି କରାଯାଇପାରିବ ନାହିଁ। ହେଲେ ଏହି ମତବାଦକୁ ବଦଳାଇ ଦେଲେ ଜେ.ଜେ. ଟଂପସନ୍। ୧୮୯୬ ମସିହାରେ ସେ ପରୀକ୍ଷା କରି ଦେଖାଇ ଦେଲେ ଯେ ପରମାଣୁରେ ବିଯୁକ୍ତ ଚାର୍ଜଧାରୀ ସୂକ୍ଷ୍ମ କଣିକାମାନ ରହିଛି। ପରେ ଏହାକୁ କୁହାଗଲା ଇଲେକ୍‌ଟ୍ରନ୍। ପରମାଣୁର ଚାର୍ଜ ନ ଥାଏ। ଏଣୁ ସେଥିରେ ବିଯୁକ୍ତ ଚାର୍ଜଧାରୀ କଣିକା ଆବିଷ୍କାର ହେବାରୁ ତହିଁରେ ଯୁକ୍ତ ଚାର୍ଜଧାରୀ କଣିକା ଥିବା କଥା ବୈଜ୍ଞାନିକମାନଙ୍କ ମୁଣ୍ଡକୁ ଜୁଟିଲା। ଫଳରେ ପ୍ରୋଟନ୍ ଆବିଷ୍କାର ହେଲା ଏବଂ ତା'ପରେ ଚାର୍ଜରହିତ କଣିକା ନିଉଟ୍ରନ୍। ଏହି ତିନୋଟି ମୌଳିକ କଣିକାରେ ସବୁ ପରମାଣୁ ଗଢା ବୋଲି ବୈଜ୍ଞାନିକମାନେ କହିଲେ। ଇଲେକ୍‌ଟ୍ରନର ଆବିଷ୍କାର ପାଇଁ ୧୯୦୬ ମସିହାରେ ଜେ.ଜେ. ଟଂପସନ୍‌ଙ୍କୁ ନୋବେଲ୍ ପୁରସ୍କାର ମିଳିଲା।



ଜେ.ଜେ. ଟଂପସନ

ଏହାପରେ ବୈଜ୍ଞାନିକମାନେ ଇଲେକ୍‌ଟ୍ରନ୍ ଉପରେ ଆହୁରି ଅଧିକ ଗବେଷଣା ଚଳାଇଥିଲେ। ଫଳରେ ଜଣାପଡ଼ିଲା ଯେ, ଏହା କଣିକା ହେବା ସଙ୍ଗେ ସଙ୍ଗେ ତରଙ୍ଗ ଭଳି ମଧ୍ୟ ଆଚରଣ ଦେଖାଇପାରେ। ଏହି ଦୁଇ ପ୍ରକାରର ଗୁଣ ଆଲୋକଠାରେ ମଧ୍ୟ ରହିଛି। ତାହା ଉଭୟ ତରଙ୍ଗ ଏବଂ କଣିକା ଭଳି କାମ କରିପାରେ। ଯେଉଁମାନେ ଇଲେକ୍‌ଟ୍ରନ୍‌ର ଏହି ଦୁଇ ପ୍ରକାରର ଗୁଣ ଥିବାର ପ୍ରମାଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେମାନେ ହେଲେ ଏଲ୍.ଡି. ବ୍ରୋଗଲେ, ଚସ୍କାଡିଂ ଗର୍ଜ, ଜର୍ଜ ଟଂପସନ୍ ପ୍ରମୁଖ। ଏଥିପାଇଁ ଜର୍ଜଙ୍କୁ ୧୯୩୭ ମସିହାରେ ନୋବେଲ ପୁରସ୍କାର ମିଳିଥିଲା।

ଅତଏବ ଇଲେକଟ୍ରନ୍‌କୁ କଣିକା ବୋଲି ପ୍ରମାଣ କରି ବାପା ଏବଂ ଏହାର ତରଙ୍ଗ ଗୁଣ ଅଛି ବୋଲି ପ୍ରମାଣ କରି ପୁଅ ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର ହାସଲ କଲେ। ଅନ୍ୟ ଭାଷାରେ କହିବାକୁ ଗଲେ ବାପାଙ୍କ କଥାକୁ କାଟିଲେ ପୁଅ। ତେବେ ଏହା ଫଳରେ ଲାଭବାନ୍ ହେଲା ବିଜ୍ଞାନ।

*-ଉଷା ନିବାସ, ଖଣ୍ଡଗିରି, ଭୁବନେଶ୍ୱର,*
*ମୋ : ୯୯୩୭୯୮୫୭୬୭*

## ଆଇନା





## କବିତା

### ମାଆ ପରି କିଏ ହେବ

**– ମାଧବୀଲତା ଦେଈ**

'ମାଆ' ବୋଲି ଯେଉଁ ଦୁଇଟି ଅକ୍ଷର
ସବୁଠୁ ଅତି ନିଜର,
ବିଧାତାର ସେଇ ଅଭିନବ ସୃଷ୍ଟି
ସତେ କି ଅମିୟ ଝର।
ନଅ ମାସ ସହି ଗରଭ ବେଦନା
ସନ୍ତାନେ ଦିଏ ଜନମ,
ବକ୍ଷରୁ ନିଗାଡ଼ି ଅମୃତର ଝର
ରଖଇ ତା'ର ଜୀବନ।
ପିଲା ନ ଖାଇଲେ ମାଆକୁ ରୁଚେନା
ସବୁ ଲାଗେ ବିଷ ପରି,
ପିଲାଟି କାନ୍ଦିଲେ ମା'ର ଆଖିରୁ
ଆପେ ଲୁହ ଯାଏ ଝରି।
ରୋଗରେ ପଡ଼ିଲେ ଜଗି ରହିଥାଏ
ରାତ୍ରି ଉଜାଗର ହୋଇ,
ଦେବତା ମନ୍ଦିରେ ଘିଅ ଦୀପ ଜାଳେ
ସନ୍ତାନ ମଙ୍ଗଳ ପାଇଁ।
ହାତେ ଧରି ହାତ ଚାଲିବା ଶିଖାଏ
ଖଡ଼ିରେ ଘୋଷାଏ ପାଠ,
ମାତା ଆଦ୍ୟଗୁରୁ ଆଶିଷେ ସନ୍ତାନ
ହୁଅଇ ଉତ୍ତମ ଚାଟ।



ହେଉ ତା' ସନ୍ତାନ ଯେତେ ଅସୁନ୍ଦର
ମାଆର ସେ ଗଣ୍ଠିଧନ,
ତା' ଆଖିରେ ସିଏ ଅନିନ୍ଦ୍ୟ ସୁନ୍ଦର
ସତେ ପୂନେଇଁର ଜହ୍ନ।
ସନ୍ତାନଟି ତା'ର ଥାଉ ଅବା ପାଶେ
ଅବା ଥାଉ ଦୂର ଦେଶେ,
ମାଆର ପଣତ ସାତଘେରା ହୋଇ
ଘୂରେ ତା'ର ଚଉପାଶେ।
ଦୁନିଆରେ ନାହିଁ ଏପରି ଦରବ
ମାଆର ତୁଳନା ପାଇଁ,
ସବୁ ଉପମାରୁ ଉର୍ଦ୍ଧ୍ୱରେ ସିଏ
ବିକଳ୍ପ ଯାହାର ନାହିଁ।
ହେ ସନ୍ତାନଗଣ ମାଆକୁ ଭୁଲନା
ହୁଅ ପୁଅ ଅବା ଝିଅ,
କରୁଣାମୟୀ ସେ ଜନନୀ ତୁମର
ତାହାରି ଆଶିଷ ନିଅ।

*– ପ୍ରଧାନ ଶିକ୍ଷୟିତ୍ରୀ, କନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ନିମାପଡ଼ା, ପୁରୀ*

### ଅକ୍ଷର ଶିକ୍ଷା

**– ବୈଶାଗୁ ମହାକୁଡ଼**

ଅକ୍ଷର ଶିଖ ପିଲାଏ ଏ, ବି, ସି, ଡି
ସାର୍ ଗାଳିଦେଲେ ନ ଯାଅ ବିଗିଡ଼ି।
ଦ୍ୱିତୀୟରେ ଆସେ ଇ, ଏଫ୍, ଜି, ଏଚ୍,
କ୍ରିକେଟ୍ ବଲ୍‌କୁ ଧରିନିଅ କେଚ୍।
ତୃତୀୟ ପାହାଚେ ଆଇ, ଜେ, କେ, ଏଲ୍,
ଡୋର୍ ଖୋଲିବା ପାଇଁ ବଜାଅ ବେଲ୍।
ଚତୁର୍ଥେ ଆସଇ ଏମ୍, ଏନ୍, ଓ, ପି,
ଅଜାଙ୍କ ଗପ ଶୁଣ ହସି ହସିକି।
ପଞ୍ଚମ ଧାଡ଼ିଟି କ୍ୟୁ, ଆର୍, ଏସ୍, ଟି,
ମାସକରେ ଥରେ କାଟିବ ଚୁଟି।
ଷଷ୍ଠ ଧାଡ଼ିରେ ୟୁ, ଭି, ଡବ୍ଲ୍ୟୁ, ଏକ୍ସ,
ଫଟୋ ଉଠିବ ଦେଖାଅ ତୁମ ଫେସ୍।
ଶେଷ ଅକ୍ଷର ଯୋଡ଼ିକ ୱାଇ, ଜେଡ୍,
କାଉ ରାବ ଶୁଣି ଛାଡ଼ିଦିଅ ବେଡ୍।

*– ଇଂଲିଶ ଶିକ୍ଷକ, ହଂସପାଳ, ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲ, ଖୋର୍ଦ୍ଧା*

## ଟଗଲା ଭୀମୁ





## କହିଲ ଦେଖି

ବେସନରେ ଲୁଣ ଲଙ୍କା ପିଆଜ
ଛାଣିଲେ ଗରମେ ଲାଗେ ମଉଜ
ଖରା ହୋଇଥିଲେ ଶୀତ ସଞ୍ଜରେ
ଗରାଖ ଜମନ୍ତି ଗାଡ଼ି ପାଖରେ
ଧନିଆ ପତର ଲଙ୍କାକୁ ଛାଣି
ଦେଲେ ନିଅନ୍ତି ଗରାଖ କିଣି।
ଉତ୍ତର : **ପକୁଡ଼ି**

ଗୁଡ଼ ବା ଚିନିରେ ଦ୍ରବଣ କରି
ଚାଉଳ ଚୂନାକୁ ମିଶାଇ ସାରି
ଗରମ ଗରମ ତେଲରେ ଛାଣି
ଥଣ୍ଡାରେ ଚାଖିଲେ ପାରିବ ଜାଣି



ମିଠା ପିଠା ସାର କହନ୍ତି ସର୍ବେ
ଓଡ଼ିଆ ସରବେ କହନ୍ତି ଗର୍ବେ।
ଉତ୍ତର : **ଆରିସା ପିଠା।**

**–ରମାକାନ୍ତ ପୁରୋହିତ**
ନିରାକାରପୁର, ଖୋର୍ଦ୍ଧା

## ଖିଲିଖିଲି ହସ

ରେଜାଲ୍ଟ ବାହାରିବା ପରେ ମାର୍କଶିଟ୍ ଧରି ମୁନି କାନ୍ଦୁଥିଲା। ତାକୁ ଦେଖି ସୋନୁ ପଚାରିଲା, ଆରେ ମୁନି, ତୁ ଏମିତି କାନ୍ଦୁଛୁ କାହିଁକି ? ତୁ ପରୀକ୍ଷାରେ ପାସ୍ କରିଛୁ, ଖୁସି ହେବା କଥା। ମୁନି କହିଲା, 'ମୋର ମାର୍କ କମିଯାଇଛି। ଏଥର ମୁଁ ୮୦ ପର୍ସେଣ୍ଟ ମାର୍କ ରଖିଛି।' ଏହା ଶୁଣିବା ପରେ ସୋନୁ କହିଲା, ଆରେ, ତୁ ଗୋଟିଏ ବୋକା ପିଲା। ତୋର ଯେତିକି ପର୍ସେଣ୍ଟ ମାର୍କ ଅଛି ସେଥିରେ ଦୁଇ ଜଣ ପିଲା ପାସ୍ କରିପାରିବେ !

*–ସୁଜିତ ସାହୁ, ବଲାଙ୍ଗୀର*

ଥରେ ଗୋପାଳ ବାପା ତାକୁ ପଚାରିଲେ, 'ଆରେ ତୁ ଗୋଟିଏ ପ୍ରଶ୍ନର ଉତ୍ତର ଦେଇପାରିବୁ। ଗୋପାଳ କହିଲା, ହଁ, ବାପା, ମୋତେ ପଚାରୁ ନାହାନ୍ତି ? ତା' ବାପା ପଚାରିଲେ, 'ସ୍ୱର ଏବଂ ବ୍ୟଞ୍ଜନ ଭିତରେ ପାର୍ଥକ୍ୟ କ'ଣ କହିଲୁ ?' ଗୋପାଳ ଉତ୍ତର ଦେଲା, ବାପା, ଏହାର ଉତ୍ତର ଅତି ସହଜ। ସ୍ୱର ମୁହଁରୁ ବାହାରିଥାଏ, ହେଲେ ବ୍ୟଞ୍ଜନ ମୁହଁ ଭିତର ଦେଇ ପେଟକୁ ଯାଇଥାଏ।'

*–ଅନିଲ ନାୟକ, କେନ୍ଦ୍ରାପଡ଼ା*

ଗପ

## ପାପବୋଝ

ଏକଦା ଦୁର୍ଦ୍ଦାନ୍ତ ଡାକୁ ଦୁର୍ଜନ ସିଂହର ନାଆଁ ଶୁଣିଲେ ରାଜସ୍ଥାନ ପାହାଡି ଇଲାକାର ଲୋକେ ଭୟରେ ଗୋଟାପଣେ ଥରି ଉଠୁଥିଲେ । ଚାରିଆଡେ ଖାଲି କୋକୁଆ ଭୟ ଓ ଅଜଣା ଆତଙ୍କର ବାତାବରଣ । ଦିନେ ସେ ପାହାଡିଆ ଅଞ୍ଚଳରେ ଜନୈକ ଜୈନ୍ୟମୁନି ପହଞ୍ଚିଲେ ଧର୍ମର ପ୍ରଚାର-ପ୍ରସାର ପାଇଁ। ସଦାଚାର ଓ ଅହିଂସାର ମହତ୍ତ୍ୱ ସମ୍ପର୍କରେ ସେ ଲୋକମାନଙ୍କୁ ପ୍ରବଚନ ଦେବା ସମୟରେ ଦୁର୍ଜନ ସିଂହ ଆସି ସେଠାରେ ପହଞ୍ଚିଗଲା । ଏକ ଲୟରେ ମୁନିଙ୍କୁ ଅନେଇ ରହିଲା । କାନ ପାତି ଶୁଣିଲା ମୁନିଙ୍କ ପ୍ରବଚନ। ମନରେ ତା'ର ସୃଷ୍ଟିହେଲା ଭାବାନ୍ତର । ବିଚାରିଲା -ମୁଁ ତ ଘୋର ପାପ କର୍ମରେ ଜୀବନ ବିତଉଛି । ରାତିସାରା ଉଜାଗରରେ ଛଟପଟ । ଆଖି କି ତା'ର ଜମା ନିଦ ଆସିଲାନି । ବଡି ସକାଳୁ ଉଠିପଡି ଏକମୁହାଁ ହୋଇ ଧପାଲିଲା ମୁନିଙ୍କ ଆଶ୍ରମ ଆଡେ। ତାଙ୍କ ଗୋଡତଳେ ପଡି ପଚାରିଲା, ''ମହାରାଜ ! ଏ ସଂସାରରେ ମୁଁ ସୁଖଶାନ୍ତି ପାଇବି କେମିତି ଦୟାପୂର୍ବକ ମତେ ବତାଇଦିଅନ୍ତୁ। ଲାଗୁଛି ମୁଁ ପାପବୋଝରେ ନଇଁଯାଇଛି ।''

ଦୁର୍ଦ୍ଧର୍ଷ ଡାକୁ ଦୁର୍ଜନ ସିଂହ ମନରେ ପରିବର୍ତ୍ତନର କମ୍ପନକୁ ଶୁଣିପାରି ମୁନି କହିଲେ-ଚାଲ ମୋ ସାଙ୍ଗରେ, ପାହାଡ ଉପରେ ବୁଲିବା। ମୁନିଙ୍କ ସାଙ୍ଗରେ ଯିବାକୁ ହରବର ହୋଇ ଅଣ୍ଟାଭିଡିଲା ଡାକୁ ଦୁର୍ଜନ ସିଂହ । ଯା ପରେ ପାଖରେ ପଡିଥିବା ବଡ ବଡ ତିନୋଟି ପଥର ଖଣ୍ଡ ଆଡେ ଇଶାରା ଦେଇ ମୁନି ଦୁର୍ଜନ ସିଂହକୁ କହିଲେ-'ବତ୍ସ ! ହେଇଟି ଦେଖ, ଏଇ ପଥର ତିନି ଖଣ୍ଡକୁ। ଏ ତିନୋଟିଯାକ ପଥର ମୁଣ୍ଡରେ ଲଦି ପାହାଡ ଉପରକୁ ଚଢିଚାଲ।' ବଡ ବଡ ପଥର ତିନୋଟି ଥିଲା ଖୁବ୍ ଓଜନିଆ। ବହୁତ କଷ୍ଟେମଷ୍ଟେ କିଛି ବାଟ ପାହାଡ ଚଢିଲା ପରେ ଦୁର୍ଜନ ସିଂହ କହିଲା -'ମହାରାଜ! ଆଉ ପାରୁନି,ଏ ପଥର ତିନିଟା ବହୁତ ଭାରି । ଯାକୁ ବୋହି ମୁଁ ଆଉ ଉପରକୁ ଚଢିପାରିବିନି ।' ସେଠୁ ମୁନି କହିଲେ- 'ଆଚ୍ଛା ଠିକ ଅଛି, ତୁମେ ଗୋଟିଏ କାମ କର । ତିନୋଟି ପଥର ମଧ୍ୟରୁ ଗୋଟିକୁ ତଳେ ପକାଇଦିଅ ।' ମୁନିଙ୍କ ଆଦେଶ ମାନି ଦୁର୍ଜନ ପଥର ଖଣ୍ଡିଏ ମୁଣ୍ଡରୁ ଖସାଇଦେଲା । ଆଉ ପଥର ଦୁଇଖଣ୍ଡକୁ ବୋହି କିଛି ଦୂର ଚାଲିଲା ପରେ ଦୁର୍ଜନ ହାଲିଆ ହୋଇ କହିଲା- 'ମହାରାଜ ! ଏତେ ଓଜନିଆ ପଥର ଦି' ଖଣ୍ଡ ବୋହି ଚାଲିଲେ ମତେ ଭାରି ହାଲିଆ ଲାଗୁଚି ।' ତହୁଁ ମହାରାଜ କହିଲେ- 'ହଉ ହେଲା, ତୁମେ ଏଥର ଦ୍ୱିତୀୟ ପଥରଟି ମୁଣ୍ଡରୁ ଉତ୍ତାରିଦିଅ ।' ଏବେ ଦୁର୍ଜନ ମୁଣ୍ଡରେ ଆଉ ରହିଲା ବାକି ଗୋଟେ ବଡ ପଥର । କିଛି ବାଟ ପାହାଡ ଚଢିଚି କି ନାହିଁ ଦୁର୍ଜନ ସିଂହ କହିଲା-'ମୁନୀବର ! ଏ ପଥରଟି ଯୋଗୁଁ ମୁଁ ବିଚରା ଭାରି କଷ୍ଟ ଭୋଗୁଚି ।' ସେଇଠୁ ମୁନ କହିଲେ-'ତେବେ ସେଟାକୁ ବି ତୁମେ ମୁଣ୍ଡରୁ କାଢିଦିଅ ।' ଏଥର ଭାରମୁକ୍ତ ହୋଇ ଦୁର୍ଜନ ବଡ ଆନନ୍ଦରେ ମୁନିଙ୍କ ସାଙ୍ଗରେ ପାହାଡ ଚଢିବାକୁ ଲାଗିଲା । ସେଇଠି ପହଞ୍ଚିଗଲା ପରେ ମୁନି ତାକୁ ବୁଝାଇଲେ-''ଦେଖ ଦୁର୍ଜନ ! ଯେମିତି ପଥର ବୋଝ ପାହାଡ ଉପରେ ପହଞ୍ଚିବାରେ ବାଧା ଦେଇଥିଲା ଠିକ ସେମିତି ପାପ କ୍ଷେତ୍ରରେ। ପାପବୋଝ ଶାନ୍ତି ପଥରେ ବାଧକ ସାଜେ । ଯେପର୍ଯ୍ୟନ୍ତ ତୁମେ ଗୋଟି ଗୋଟି କରି ଲୋଭ, ମୋହ, କ୍ରୋଧ ଓ ହିଂସା ଆଦି ଦୁର୍ଗୁଣକୁ ମନରୁ ତ୍ୟାଗ ନ କର ସେଯାଏ ତୁମେ କେବେ ବି ଶାନ୍ତିର ଗନ୍ତବ୍ୟସ୍ଥଳେ ପହଞ୍ଚିପାରିବ ନାହିଁ ।'' ମୁନିଙ୍କର ଏହି ମରମଭେଦୀ କଥା ପଦକ ଦୁର୍ଜନଙ୍କ ଆଖି ଫିଟାଇଦେଲା। ସେଦିନୁ ସେ ଶାନ୍ତିର ମାର୍ଗକୁ ଆଦରି ନେଇଥିଲା ।



**– ନଗେନ୍ଦ୍ର ନାଥ ପଟ୍ଟନାୟକ**
*୯୯୯-ଏ, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି ଭୁବନେଶ୍ୱର*

## ତୁମ ତୂଳୀରୁ



**ମନସ୍ୱିନୀ ସାହୁ,**
କ୍ଲାସ୍-୧୦,କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ









**ତ୍ରିନାଥ ନନ୍ଦୀ,** କ୍ଲାସ୍-୮,
ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ,
ଜଳେଶ୍ୱର,ବାଲେଶ୍ୱର



**ଆୟୁଷ ପୃଷ୍ଟି,**
କ୍ଲାସ୍-୫, ସିଆରିଆ ଉପ୍ରା ବିଦ୍ୟାଳୟ, ଢେଙ୍କାନାଳ



## ମହୋବୋଧି ସୋସାଇଟି ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

କାକଟପୁର,୮।୫(ଡି.ଏନ.ଏ): କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦରପୁର ଅଧୀନ ଭଣ୍ଡିସାହି ଓ ମୁତୁଣିଆଁ ଗ୍ରାମରେ ବେଙ୍ଗାଲୁରୁ ମହୋବୋଧି ସୋସାଇଟି ପକ୍ଷରୁ ଗରିବଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସ୍ଥାନୀୟ ସ୍ବେଚ୍ଛାସେବୀ ସଂଗଠନ ସଂକଳ୍ପ ସମ୍ପାଦକ ମଳୟ ପରିଡ଼ାଙ୍କ ନେତୃତ୍ୱରେ ଭଣ୍ଡସାହି ଗ୍ରାମର ୨ଟି ୱାର୍ଡ ଓ ମୁତୁଣିଆଁ ଗ୍ରାମର ୫ଟି ୱାର୍ଡର ମଧ୍ୟରେ ଥିବା ଅସହାୟ, ବିଧବା, ଦିବ୍ୟାଙ୍ଗ, ହରିଜନ ବର୍ଗର ୨୨୫ ପରିବାରକୁ ଅଟା, ସୁଜି, ଚିନି, ଡାଲି, ଲୁଣ, ସୋୟାବିନ, ମାସ୍କ ଓ ସାବୁନ ବଣ୍ଟନ କରାଯିବା ସହ କରୋନା ସଚେତନ ମଧ କରାଯାଇଥିଲା।

**ସଂକ୍ଷେପରେ**

## ୬ ଗ୍ରାମ୍ ବ୍ରାଉନ ସୁଗାର ଜବତ: ୩ ଗିରଫ

ପୁରୀ ଅଫିସ, ୮।୫: କରୋନା ମୁକାବିଲା ପାଇଁ ବର୍ତ୍ତମାନ ଲକ୍‌ଡାଉନ ଚାଲିଛି। ଏଭଳି ସମୟରେ ବେଆଇନ ନିଶା କାରବାର ବଢ଼ୁଛି। ବାସେଲି ସାହି ଥାନା ପୋଲିସ ୬ ଗ୍ରାମ୍ ବ୍ରାଉନସୁଗାର ଓ ଏକ ସ୍କୁଟି ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନପୁରର ବାନାମ୍ବର ବେହେରା(୪୨), ଗୋଖାସାହିର ଗୁରୁଦତ୍ତ ଭୋଇ(୨୦) ଏବଂ ସାକ୍ଷୀଗୋପାଳ ଜୟପୁରର ସଦାଶିବ ବାରିକ (୨୪)। ଏମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଥାନା ଆଇଆଇସି ଜୀବନାନନ୍ଦ ଜେନାଙ୍କ ସୂଚନା ମୁତାବକ, ଗୁରୁବାର ସକାଳେ ପୋଲିସ ମଙ୍ଗଳାଘାଟ ଛକଠାରେ ବାଇକ୍ ଚେକିଂ କରୁଥିଲା। ଏହି ସମୟରେ ଗୋଟିଏ ସ୍କୁଟିରେ ୩ଜଣ ବସି ଆସୁଥିଲେ। ପୋଲିସ ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରୁଥିବାବେଳେ ଦ୍ରୁତଗତିରେ ରାସ୍ତାକଡ଼ ଦେଇ ବାଇପାସ୍ ରୋଡରେ ଷ୍ଟର୍ଲିଂ ଆଡ଼କୁ ଯାଉଥିଲେ। ପୋଲିସ ଗୋଡ଼ାଇ ଗୋଡ଼ାଇ ସେମାନଙ୍କୁ ଶାହା କଲେଜ ସମ୍ମୁଖରେ ଧରିଥିଲା। ଯାଞ୍ଚ ବେଳେ ସ୍କୁଟି ଡିକିରୁ ୬ ଗ୍ରାମ୍ ବ୍ରାଉନସୁଗାର ମିଳିଥିଲା। ଏ ନେଇ ବାସେଲି ସାହି ଥାନାରେ ଏକ ମାମଲା (ନଂ. ୧୩୭/୨୦) ରୁଜୁ ହୋଇଛି।

## ତେଇଶିପୁରରେ ଖୋଲିଲା ମୁଗ ମଣ୍ଡି

ପିପିଲି,୮।୫(ସ୍ୱ.ପ୍ର.): ପିପିଲି ବ୍ଲକ ତେଇଶିପୁର ସମବାୟ ସମିତି ପରିସରରେ ଶୁକ୍ରବାର ପ୍ରଥମ କରି ସରକାରୀ ମୁଗ ମଣ୍ଡି ଉଦଘାଟିତ ହୋଇଯାଇଛି। ସହକାରୀ ଉପ ସମବାୟ ନିବନ୍ଧକ ପ୍ରକାଶ ଚନ୍ଦ୍ର ସେଠୀ, ପିପିଲି ଆମ୍ବା ଅଧ୍ୟକ୍ଷ ଧରଣୀଧର ସାହୁ, ପିପିଲି ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ଦାସ, ମାର୍କଫେଡର ଅଧିକାରୀ ଦୁର୍ଗା ଚରଣ ଛୋଟରାୟ, ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ହିସାବ ନିରୀକ୍ଷକ ଜଗତ ଜ୍ୟୋତି ସାହୁ ଓ ତେଇଶିପୁର ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ଓ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ ଭୁବନେଶ୍ୱର(ମାର୍କଫେଡ), ଜାତୀୟ କୃଷି ବିପଣନ ସଂଘ( ନାର୍ଫେଡ)ଙ୍କର ମିଳିତ ସହଯୋଗରେ ଏହି ମଣ୍ଡି ଖୋଲିଛି। ଚାଷୀ ମୁଗ, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଆଦି ବିକ୍ରି କରିପାରିବେ। ପ୍ରଥମ ଦିନରେ ୧୦ଜଣ ଚାଷୀଙ୍କଠାରୁ ୧୫ କୁଇଣ୍ଟାଲ ମୁଗ କିଣାଯାଇଛି। ଏହା ୯୦ ଦିନ ପର୍ଯ୍ୟନ୍ତ ଖୋଲା ଯିବ।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ

କଟକ ଅଫିସ୍,୮।୫: କରୋନା ମୁକାବିଲା ଲାଗି ମକରବାଗ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୫ହଜାର ଟଙ୍କା ଦାନ କରାଯାଇଛି। ଶୁକ୍ରବାର ଜିଲାପାଳ ଭବାନୀ ଶଙ୍କର ଚୟନୀକୁ ଭେଟି ଉକ୍ତ ଅର୍ଥରାଶିର ଏକ ଚେକ ଅନୁଷ୍ଠାନ ପକ୍ଷରୁ ଦିଆଯାଇଛି। ଏହି ଚେକ୍ ପ୍ରଦାନ ବେଳେ ଅନୁଷ୍ଠାନର ସଭାପତି ଏ.ଜେ ସ୍ମିଥ, ଉପସଭାପତି ସୁରେନ୍ଦ୍ର ନାଏକ, ସମ୍ପାଦକ ତପନ କୁମାର ଦାଶ, ଯୁଗ୍ମ ସମ୍ପାଦକ ସୁଯୋଗ୍ୟ ମହାନ୍ତି, ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ

ନିମାପଡ଼ା,୮।୫(ଡି.ଏନ୍.ଏ.): କରୋନା ମୁକାବିଲା ପାଇଁ ଶୁକ୍ରବାର ନିମାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଓ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ୪ ଲକ୍ଷ ୨ଶହ ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପ୍ରଦାନ କରିଛନ୍ତି। ଏହି ଚେକ୍ ପ୍ରଦାନ ବେଳେ ବିଡିଓ ମନୋଜ କୁମାର ବେହେରା, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ, ଶିକ୍ଷକ ସଂଘ ସଭାପତି ଗଙ୍ଗାଧର ପତି ଓ ସମ୍ପାଦକ ମହେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମବାୟ ସମିତି ସମୂହ ପୁରୀ ଉପନିବନ୍ଧକ(ଡିଆରସିଏସ୍) ପ୍ରଶାନ୍ତ କୁମାର ଦାଶ ୨୫ହଜାର ଟଙ୍କା ଦାନ କରିଛନ୍ତି। ନିମାପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ସମସ୍ତ ଅଙ୍ଗନୱାଡି କର୍ମୀ ୪୦ହଜାର ୧ଶହ ଟଙ୍କା, ଶଗଡ଼ା ମହିଳା ମହାସଂଘ ପକ୍ଷରୁ ୨୦ହଜାର ୩୭୦ଟଙ୍କା, ଅନ୍ତୁଆର ମହିଳା ମହାସଂଘ ପକ୍ଷରୁ ୧୦ହଜାର ଟଙ୍କା, ମା' ଲକ୍ଷ୍ମୀ ମହିଳା ଏସ୍ଏଚ୍‌ଜି ଗ୍ରୁପ ପକ୍ଷରୁ ୨ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି।

# କମ୍ ଦରରେ ଧାନ ନେଲେ ବେପାରୀ

ବ୍ରହ୍ମଗିରି,୮।୫(ଡି.ଏନ.ଏ)

ବ୍ରହ୍ମଗିରି ଅଞ୍ଚଳରେ ବର୍ତ୍ତମାନ ରବି ଋତୁର ଧାନ ଅମଳ ସରିଲାଣି। ଏହି ଧାନକୁ ଚାଷୀଙ୍କଠାରୁ ସରକାର ମଣ୍ଡି ସହାୟତାରେ ଧାନ କଣିବା ପାଇଁ ଚଳିତମାସ ୮ତାରିଖ ଘୋଷଣା କରିଥିଲେ। କିନ୍ତୁ ସରକାର ଦେଇଥିବା ଟାର୍ଗେଟ ଅନୁଯାୟୀ ସୋସାଇଟି ଧାନ କିଣିବାକୁ ଭୟ କରିବାରୁ ଶୁକ୍ରବାର ମଣ୍ଡି ଖୋଲାଯାଇପାରିଲା ନାହିଁ। ଏପଟେ ଚାଷୀ ଅମଳ କରି ରଖିଥିବା ଧାନକୁ ସଂରକ୍ଷଣ କରିବା କଷ୍ଟକର ହୋଇଥିବାରୁ ବାଧ୍ୟହୋଇ ବାହାର ବେପାରୀଙ୍କୁ କମ ଦରରେ ବିକ୍ରି କରୁଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକରେ ସମ୍ମିଳିତ ନିମାପଡ଼ା ସେବା ସମବାୟ ସମିତି ଅଧୀନରେ ୧୬ଟି



ସୋସାଇଟି ରହିଛି। କାଳିକାବାଡି ସେବା ସମବାୟ ସମିତିରୁ ମିଳିଥିବା ତଥ୍ୟ ଅନୁଯାୟୀ ଉକ୍ତ ସୋସାଇଟିରେ ୩୧୫ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଶୁକ୍ରବାର ଦିନ ଧାନ ବିକ୍ରି କରିବା ପାଇଁ ୩୦ଜଣ ଚାଷୀଙ୍କୁ ସୂଚନା ଦିଆଯାଇଅଛି। ଏପଟେ ସୋସାଇଟି ସମ୍ପାଦକଙ୍କୁ ୩୦ ଜଣ ଚାଷୀଙ୍କ ଠାରୁ ୩୫୬ କୁଇଣ୍ଟାଲ ଧାନ କଣିବା ପାଇଁ ନିର୍ଦ୍ଦେଶ ରହିଛି। ଗୋଟିଏପଟେ ସରକାର ଚାଷୀଙ୍କୁ ୨୫ରୁ ଅଧିକ କୁଇଣ୍ଟାଇ ବିକ୍ରି ପାଇଁ ମେସେଜ ଦେଇଥିବାବେଳେ ଅନ୍ୟପଟେ ଡିଲରମାନଙ୍କୁ ମାତ୍ର ୩୫୬ କୁଇଣ୍ଟାଲ ରଖିବାକୁ କୁହାଯାଇଛି। ସରକାରଙ୍କ ଏଭଳି ଦୋମୁହାଁ କଥା

**ଖୋଲିଲାନି ମଣ୍ଡି**

ଯୋଗୁ ଅନେକ ଡିଲରମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ଯଦି ସୋସାଇଟି ଅଳ୍ପ ଚାଷୀଙ୍କଠାରୁ ଧାନ କିଣିଲେ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଯିବ। ଏହି ଭୟରେ ସମ୍ପାଦକମାନେ କୌଣସି ମଣ୍ଡି ଖୋଲି ନ ଥିଲେ। ଫଳରେ କେତେକ ସୋସାଇଟିରେ ଚାଷୀମାନେ ପାଟିତୁଣ୍ଡ କରିଥିଲେ। ଏ ନେଇ ପୁରୀ ଜିଲା ସିଏସଓ ତୁଷାରକାନ୍ତ ଦେଓ କୁହନ୍ତି, ଜିଲାକୁ ଧାନ କିଣିବା ପାଇଁ କମ୍ ଟାର୍ଗେଟ ଆସିଛି । ଫଳରେ ସୋସାଇଟି ସମ୍ପାଦକମାନେ ମଣ୍ଡି ଖୋଲିବାକୁ ଭୟ କରୁଛନ୍ତି। ଟାର୍ଗେଟ ବଢାଇବାକୁ ମୁଁ ଉପସ୍ଥିତ ଅଧିକାରୀଙ୍କ ଅବଗତ କରାଇବି। ଏହାସହ ସମସ୍ତ ଚାଷୀମାନଙ୍କଠାରୁ ସୁଚାରୁରୂପେ ଧାନ କିଣାଯିବ।



ପୁରୀ ରଥଖଳାରେ ଶୁକ୍ରବାର କରତି ସେବକଙ୍କ ଦ୍ୱାରା ରଥକାଠ ଚିରଟ କରାଯାଉଛି।

# ୪୫ ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି ୨୨୭ ନଂ.ସଂକ୍ରମିତ ଯୁବକ

ନିଶ୍ଚିନ୍ତକୋଇଲି, ୮।୫(ସ୍ୱ.ପ୍ର.)

ଭୁବନେଶ୍ୱରସ୍ଥିତ ଭିଏସ୍ଏସ୍ ନଗରରୁ ଚିହ୍ନଟ ହୋଇଥିବା ୨୨୭ ନଂ କରୋନା ପଜିଟିଭ୍ ଯୁବକଙ୍କ ଗାଁ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର କଟିକଟା ପଞ୍ଚାୟତରେ ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେ ପ୍ରାୟ ଏକ ମାସ ପଞ୍ଚାୟତରେ ରହିବା ପରେ କିଛି ଦିନ ପୂର୍ବେ ଭୁବନେଶ୍ୱର ଫେରିଥିଲେ। ଏନେଇ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ତାଙ୍କ ସଂସ୍ପର୍ଶରେ ଥିବା ୪୫ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯିବ ବୋଲି ମେଡିକାଲ ଅଫିସର ଅମିତ ଜେନା ପ୍ରକାଶ କରିଛନ୍ତି। ଏଥିସହ ସିଧା ସଳଖ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରଖିବା ପାଇଁ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣ ଆଶଙ୍କାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ସେଠାରେ କେବଳ ଜରୁରିକାଳୀନ ସେବା ଯୋଗାଇ ଦିଆଯାଉଛି। ଅପରପକ୍ଷରେ କରୋନା ସଂକ୍ରମିତ ୩୪ ବର୍ଷିୟ ଯୁବକ ଜଣକ ତରତ ହାଟକୁ ଆସିଥିବାରୁ ଏହାକୁ ବନ୍ଦ କରିବା ପାଇଁ ତହସିଲଦାର ଜିତେନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାବ୍ ରିପୋର୍ଟ ଆସିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ବିଡିଓ କର୍ଣ୍ଣଦେବ ସମାଦ୍ଧାର କହିଛନ୍ତି।

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ଦାବି

ନରାଜ,୮।୫ (ଡି.ଏନ୍.ଏ.)

କଟକ ଜିଲା ବାରଙ୍ଗ ବ୍ଲକର ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ଦାବି କରି ଶୁକ୍ରବାର କଂଗ୍ରେସ ଦଳ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏନେଇ ପୂର୍ବାହ୍ନରେ ଜାତୀୟ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟିଥିଲେ। ଦଳର ଦାବିଗୁଡିକ ମଧ୍ୟରେ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା, ଇନଭର୍ଟର କିମ୍ବା ଜେନେରେଟର, ପିଇବା ପାଣି, ଖାଦ୍ୟର ମାନ ପରୀକ୍ଷଣ ଓ ପୋଲିସ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବାରଙ୍ଗ ବ୍ଲକ କଂଗ୍ରେସ ଶାଖା ସଭାପତି ମଣ୍ଟୁ ମାଝି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବେହେରା ଓ ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସହାୟତା ଦାବି କଲେ ରିକ୍ସାଚାଳକ




ପୁରୀ ରେଳ ଷ୍ଟେଶନ ସମ୍ମୁଖରେ ରିକ୍ସାଚାଳକମାନଙ୍କର ଧାରଣା।

ପୁରୀ ଅଫିସ, ୮।୫

କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଯୋଗୁ ସମସ୍ତେ ପ୍ରଭାବିତ ହୋଇଛନ୍ତି। ପୁରୀ ରେଳଷ୍ଟେଶନ ସମ୍ମୁଖରେ ରହି ପର୍ଯ୍ୟଟକଙ୍କୁ ବିଭିନ୍ନ ସ୍ଥାନକୁ ନେଉଥିବା ରିକ୍ସାଚାଳକମାନେ ଏବେ ଅଧିକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ରିକ୍ସାଚାଳକ ସଂଘ ଜିଲା ପ୍ରଶାସନ ନିକଟରେ ଦାବି କରିଛି। ଏ ନେଇ ଶୁକ୍ରବାର ରିକ୍ସାଚାଳକମାନେ ଷ୍ଟେଶନ ସମ୍ମୁଖରେ ସାମାଜିକ ଦୂରତା ରଖି ନୀରବ ପ୍ରତିବାଦ କରିଥିଲେ। ବର୍ତ୍ତମାନ ଦେଶରେ ଯେଉଁପରି ଭାବେ କରୋନା କାୟା ବିସ୍ତାର କରିବାରେ ଲାଗିଛି ଦୁଇତିନି ମାସ ରେଳ ଚଳାଚଳ ବନ୍ଦ ରହିବା ସମ୍ଭାବନା ଦେଖାଦେଇଛି। ସେହିପରି ପୁରୀକୁ କେବେ ପର୍ଯ୍ୟଟକ ଆସିବେ ତାହା କହିହେଉ ନାହିଁ। ରିକ୍ସାଚାଳକମାନେ ଏବେ ହାତବାନ୍ଧି ବସିଥିବା ବେଳେ ଆଗକୁ କେବେ ସ୍ଥିତି ସୁଧୁରିବ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଅନେକଙ୍କ ପରିବାରରେ ଠିକ୍ ଭାବେ ଚୁଲି ଜଳୁନାହିଁ। ଆଗକୁ ସେମାନେ କ'ଣ କରିବେ ତାକୁ ନେଇ ମାନସିକ ଦୁଃଶ୍ଚିନ୍ତାରେ ରହିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସହାୟତା ପ୍ରଦାନ କରାଯାଉ ବୋଲି ରେଳ ଷ୍ଟେଶନ ରିକ୍ସାଚାଳକ ସଂଘ ସଭାପତି ଶ୍ରୀକାନ୍ତ ପରିଜା, ଶ୍ରମିକ ନେତା ଭୀମସେନ ସ୍ୱାଇଁ, ବସନ୍ତ ରାଉତ, ମାମିନା ରେଡ୍ଡୀ କହିଛନ୍ତି।

# ବାଉଁଶବାଡ଼ିରେ ଷ୍ଟ୍ରିଟଲାଇଟ୍

ଚୌଦ୍ୱାର,୮।୫(ଡି.ଏନ୍.ଏ):ଚୌଦ୍ୱାର ପୌରପାଳିକାର ୧୭ନଂ ୱାର୍ଡ ନୂଆସାହିରେ ବାସ କରୁଥିବା ଲୋକେ ଅବହେଳିତ ଅବସ୍ଥାରେ ରହୁଛନ୍ତି। ସାହିରେ ଲାଇଟ ନ ଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାର ଘୋଟି ଆସୁଛି ଉକ୍ତ ପଛୁଆବର୍ଗ ବସ୍ତିରେ। ପୌରପାଳିକା ତରଫରୁ ଲାଗିଥିବା ୩ଟି ଷ୍ଟ୍ରିଟ୍ ଲାଇଟ ୬ ମାସ ହେବ ଅଚଳ ହୋଇପଡିଛି। ଗୋଟିଏ ସ୍ଥାନରେ ଷ୍ଟ୍ରିଟ ଲାଇଟ କମ ସମୟ ଜଳୁଥିବାବେଳେ ତାହା ବି ଏକ ବାଉଁଶ ବାଡ଼ିରେ ଭରସାରେ ଲଟକିଛି। ପବନ ଅଧିକ ହେଲେ ଲାଇଟ୍‌ଟି ଭାଙ୍ଗିଯିବାର ସମ୍ଭାବନା ରହିଛି। ଏହି ସମସ୍ୟା ବହୁଦିନ ଲାଗିଥିବାରୁ ବାସ କରୁଥିବା ୧୫୦ରୁ ଊର୍ଦ୍ଧ୍ୱ ପରିବାର ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରିକି ସନ୍ଧ୍ୟା ହେଲେ ସରୀସୃପ ବିଚରଣ କରିବା ଓ ଅସରାଏ ବର୍ଷା ପବନ ହେଲେ ଗଛ ଡାଳ ଭାଙ୍ଗି



ରାସ୍ତା ଉପରେ ପଡୁଥିବାରୁ ଅନ୍ଧକାର ହେତୁ ଦୁର୍ଘଟଣା ଘଟୁଛି। ଏ ନେଇ ବସ୍ତିବାସିନ୍ଦାଙ୍କ ତରଫରୁ ବହୁବାର ଉକ୍ତ ୱାର୍ଡର ପୂର୍ବତନ କାଉନସିଲର ତଥା ପୌରପାଳିକାର ବିଦ୍ୟୁତ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳି ନ ଥିବା ବସ୍ତିର ମାଧବ ନାଏକ, ବ୍ରଜ ଗୋଚ୍ଛାୟତ, ରାହୁଲ ନାଏକ, ସନା ନାଏକ, ଧରମା ନାଏକ କହିଛନ୍ତି। ତୁରନ୍ତ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପବିତ୍ର ବେହେରା କୁହନ୍ତି ମୋ ପାଖରେ କୌଣସି ଅଭିଯୋଗ ନ ଥିଲା, ତଥାପି ତୁରନ୍ତ ଏହାର ସମାଧାନ କରିବି ବୋଲି କହିଛନ୍ତି।

## ଯମ ରୂପରେ ଅଭୟଙ୍କ କରୋନା ସଚେତନତା

ଖୁଣ୍ଟୁଣୀ,୮।୫(ଡି.ଏନ.ଏ): ସାରା ବିଶ୍ୱ ଏବେ କରୋନା କବଳରେ କବଳିତ। ଏହାକୁ ମୁକାବିଲା କରିବା ପାଇଁ ଲକଡାଉନ ହିଁ ଏକମାତ୍ର ସରକାର ଘୋଷଣା କରିଛନ୍ତି। ରାଜ୍ୟରେ ମଧ ମହାମାରୀ କରୋନା କାୟା ବିସ୍ତାର କରୁଥିବାବେଳେ ସରକାର ପକ୍ଷରୁ ଜୋରଦାର ସଚେତନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆଠଗଡ଼ର ଯୁବ ସଂଗଠକ ଅଭୟ କୁମାର ବାରିକ ଯମ ବେଶ ପଡ଼ି ଲୋକଙ୍କୁ ଘରରୁ ନ ବାହାରିବା ପାଇଁ କହୁଛନ୍ତି। ଅଭୟ ଏକ କରୋନା ସଚେତନ ରଥରେ ଖୁଣ୍ଟୁଣୀ ଓ କୁମାରପୁରଠାରେ ଗ୍ରାମ, ବଜାର ବୁଲି ନିଜସ୍ୱ ସ୍ୱରଚିତ କବିତା ଗାଇ ଲୋକଙ୍କୁ ଭୟ ନ କରିବା ପାଇଁ କହୁଛନ୍ତି। କେତେକ ସାହିରେ ମାସ୍କ ପିନ୍ଧି ନ ଥିବା ଲୋକଙ୍କୁ ମାସ୍କ ଦେବା ସହ ଦିନମଜୁରିଆଙ୍କୁ ଖାଦ୍ୟ ମଧ ପ୍ରଦାନ କରିଛନ୍ତି। ଅଭୟଙ୍କ ସହ ପ୍ରଭାତ ଜେନା, ହେମନ୍ତ ନାୟକ, ସରୋଜ ଦାସ, ତାପସ ରାଉତ ପ୍ରମୁଖ ଯୋଗଦେଇ ଓଡ଼ିଶା ଜିତିବ, କରୋନା ହାରିବ ସ୍ଲୋଗାନ ଦେଇ ସଚେତନ କରୁଛନ୍ତି।



କରୋନା ସଚେତନତା ରଥ ସହ ଅଭୟ ଯମ ରୂପରେ ଲୋକଙ୍କୁ ସଚେତନ କରୁଛନ୍ତି।

## ସରୁନି ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି, ୮।୫(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଗୁରୁବାର ସୁଦ୍ଧା ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି। ବ୍ଲକର ୨୦ ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଛି। ଅନ୍ୟ ୨୧ ପଞ୍ଚାୟତରେ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। କିଛି ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ପାଇଁ ଗୃହ ପ୍ରସ୍ତୁତ କରାଯାଉଥିବା ବେଳେ କିଛି ସ୍ଥାନରେ ଶଯ୍ୟା ଓ ଆନୁଷଙ୍ଗିକ ଜିନିଷପତ୍ର ନାହିଁ। ଅନ୍ୟ କିଛି ସ୍ଥାନରେ ଗାଧୁଆ ଘର,ଶୌଚାଳୟ ଓ ଆଲୋକୀକରଣ କାର୍ଯ୍ୟ ଆଦି ଅଧାପନ୍ତରିଆ ହୋଇରହିଛି। ବ୍ଲକର ୯୪ ସଙ୍ଗରୋଧ କେନ୍ଦ୍ରରେ ୪୦୦୦ ଶଯ୍ୟା ପକାଇବା ପାଇଁ ନିକଟରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି ୧୮୦୦ ଶଯ୍ୟା ପ୍ରସ୍ତୁତ ହୋଇ ନ ଥିବା ସୂଚନା ମିଳିଛି। ମେ ୩ ସୁଦ୍ଧା ସଙ୍ଗରୋଧ କେନ୍ଦ୍ରର ପ୍ରସ୍ତୁତି କାର୍ଯ୍ୟ ଶେଷ କରିବା ପାଇଁ ପୂର୍ବରୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଧାର କହିଛନ୍ତି, ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶଯ୍ୟା ପ୍ରସ୍ତୁତ କରାଯାଇଛି। ପ୍ରବାସୀ ଓଡିଆଙ୍କ ସଂଖ୍ୟା ବଢ଼ିଲେ ଅଧିକ କ୍ୱାରାଣ୍ଟାଇନ୍ କେନ୍ଦ୍ର ଖୋଲାଯିବ।

# ପାନୀୟଜଳ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

କଣାସ,୮।୫(ସ୍ୱ.ପ୍ର.)

କଣାସ ବ୍ଲକ ଗଡସାହି ପଞ୍ଚାୟତର ୫ନମ୍ବର ୱାର୍ଡରେ ୩ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ରହୁଥିବାବେଳେ ପ୍ରତିବର୍ଷ ପାନୀୟଜଳ ପାଇଁ ନାନା ସମସ୍ୟା ଦେଖାଯାଏ। ଏ ନେଇ ବିଡିଓ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହେବାରୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୫ନମ୍ବର ୱାର୍ଡରେ ଗ୍ରାମ୍ୟ ଜଳଯୋଗଣ ବିଭାଗ ପକ୍ଷରୁ ୨ଟି ନଳକୂପ ବସାଯାଇଥିଲା। କିନ୍ତୁ ନଳକୂପରୁ ଅଧିକ ଲୁଣିପାଣି ବାହାରିବାରୁ ତାହା ପାନୀୟ ଯୋଗ୍ୟ ନଥିବାବେଳେ ଧୀରେ ଧୀରେ ତାହା ଅଚଳ ହୋଇପଡିଛି। ବାଧ୍ୟ ହୋଇ ଗ୍ରାମବାସୀ ନିକଟସ୍ଥ ପୋଖରୀ ଜଳକୁ ପାନୀୟ ରୂପେ ବ୍ୟବହାର କଲେ। କିନ୍ତୁ ତାହା ଦୂଷିତ ଥିବାରୁ ବହୁ ଲୋକ ପେଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେଣୁ ଶେଷରେ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ବାରମ୍ବାର ଟେଲିଫୋନ କଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। କରୋନା ଯୋଗୁଁ ଲୋକମାନେ ଗୃହବନ୍ଦି ଥିବାବେଳେ ପାନୀୟଜଳ ସମସ୍ୟା ଦିଗୁଣିତ କରିଦେଇଛି। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବିକରିଛନ୍ତି ।

## ଷଣ୍ଢ ଚୋରଙ୍କୁ ଧରିବାବେଳେ ପୋଲିସକୁ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୮।୫(ବ୍ୟୁରୋ): ଖଣ୍ଡଗିରି ଥାନା ଅଧୀନ ଯଦୁପୁରରେ ଷଣ୍ଢ ଚୋରକୁ ଧରିବାକୁ ଯାଇଥିବାବେଳେ ପୋଲିସକୁ ଆକ୍ରମଣ ହୋଇଛି। ପରେ ଅଧିକ ଫୋର୍ସ ପହଞ୍ଚି ସମ୍ପୃକ୍ତ ପୋଲିସ କର୍ମଚାରୀ ଓ ଅନ୍ୟ ଜଣଙ୍କୁ ଉଦ୍ଧାର କରିବା ସହ ୨ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଦ୍ୱୟ ହେଲେ ଯଦୁପୁରର ସେକ୍ ରଫିକ୍ ଓ ସୁବାସ ନଗରର ନୀଳାଞ୍ଚଳ ଦଳେଇ। ଏ ନେଇ କେସ୍ ନଂ. ୨୬୦/ ୨୦ ଏବଂ ଆନିମଲ ଆକ୍ଟ ୧୧ (ଏ) ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ରଫିକ୍ ଏବଂ ନିଲୁ ବିଭିନ୍ନ ସ୍ଥାନରୁ ବୁଲା ଷଣ୍ଢକୁ ଚୋରି କରି ବିକ୍ରି କରନ୍ତି। ଗୁରୁବାର ସକାଳେ ଏକ୍ସ-ଆର୍ମି କଲୋନୀ ପାଖରୁ ଡାଲାଅଟୋରେ ଏକ ଷଣ୍ଢକୁ ଚୋରି କରି ଯଦୁପୁର ନେଇ ଯାଇଥିଲେ। ଲୋକେ ଏହା ଦେଖି ଭିଡିଓ କରିବା ସହ ସେବା ଫର ଆନିମଲ ସଦସ୍ୟ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ଜଣାଇଥିଲେ। ଏ ନେଇ ସୌମ୍ୟରଞ୍ଜନ ଥାନାରେ ଅଭିଯୋଗ କରି ଷଣ୍ଢକୁ ଉଦ୍ଧାର ପାଇଁ ପୋଲିସ ସହ ଯାଇଥିଲେ। ଲୋକେ ସେଠାରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସୌମ୍ୟରଞ୍ଜନ ଖସି ଆସି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଜଣାଇଥିଲେ। ସେ ପୋଲିସ ଫୋର୍ସ ସହ ପହଞ୍ଚି କର୍ମଚାରୀ ଓ ଷଣ୍ଢଙ୍କୁ ଉଦ୍ଧାର କରିଥିଲେ।

# କାରିଗରଙ୍କ ହାତ ବାନ୍ଧିଛି କରୋନା

କଟକ ଅଫିସ, ୮।୫

ବୃତ୍ତି ଛଡ଼ାଇ ନେଇଛି କରୋନା। ମଜୁରିଆ ଶ୍ରେଣୀର ଲୋକେ ଏବେ ହାତବାନ୍ଧି ବସିଛନ୍ତି। କୌଳିକ ବୃତ୍ତିକୁ ଭରସି ଚଳୁଥିବା ଲୋକେ ଏବେ ନିରୁପ୍ରାୟ। ତାରକସିର ସହର କଟକରେ ଏବେ ପେଟ ପୋଷିବା ପାଇଁ ବଣିଆ ଶ୍ରେଣୀର ଲୋକେ ହନ୍ତସନ୍ତ ହେଉଛନ୍ତି। ଲକ୍‌ଡାଉନ ପାଇଁ ବଣିଆ ଶ୍ରେଣୀର ଲୋକେ ନିଜ କାମଠାରୁ ଦୂରେଇ ରହିଛନ୍ତି। ଅନ୍ୟ ବ୍ୟବସାୟୀ ରୋଜଗାର ପାଇଁ ଭିନ୍ନ ପନ୍ଥା ଆପଣାଉଥିଲେ ମଧ୍ୟ ଏମାନଙ୍କ ପକ୍ଷେ ସମ୍ଭବ ସେପରି ନୁହେଁ ବୋଲି ଜଣେ କାରିଗର କହିଛନ୍ତି। ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଏଭଳି ପରିସ୍ଥିତି ପୂର୍ବରୁ କେବେ ଉପୁଜି ନାହିଁ ବୋଲି ଅନେକ କାରିଗରଙ୍କ ମତ। ଲକଡାଉନ କଟକଣା କୋହଳ ପରେ ସହରରେ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଛି। ତେବେ ଅଳଙ୍କାର ଦୋକାନରେ ଗ୍ରାହକଙ୍କ ଦେଖାନାହିଁ। ତେଣୁ ଦୋକାନ ଭଡ଼ା ସହ ଇଲେକ୍ଟ୍ରି ବିଲ ଏବଂ କର୍ମଚାରୀଙ୍କୁ କିଭଳି ଟଙ୍କା ଦେବ ସେ ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି।

### ଏମାନେ କୁହନ୍ତି...



କିଛିସରକାରୀ ସୁବିଧା ଆମ ପାଇଁନାହିଁ। ଆମ ଦୁଃଖ ନା କହିହେଉଛି ନା ସହି ହେଉଛି। ଘରଭଡ଼ା, ଦୋକାନ ଭଡ଼ା, ଇଲେକ୍ଟ୍ରିକ ବିଲ କେମିତି ଦେବି ଭାବୁଛି।

-ପୂର୍ଣ୍ଣଚନ୍ଦ୍ର ସତୁଆ, ସୁନା ବ୍ୟବସାୟୀ



ମୋ ଜେଜେବାପାଙ୍କ ସମୟରୁ କାରିଗରି କାମ ଦେଖି ଆସିଛି। ନିଜେ ବି ୨୦ ବର୍ଷ ହେବ ଏହି କାମ କରୁଛି। ସୁନା ଏବଂ ଚାନ୍ଦିର କାମ ପାଇଁ ଗ୍ରାହକମାନଙ୍କଠାରୁ ଆଗୁଆ ଅର୍ଡରେ ମିଳିଯାଏ। ପିଲାଦିନରୁ ବ୍ୟବସାୟରେ ଏଭଳି ମାନ୍ଦାବସ୍ଥା କେବେ ବି ଆସିନି।

-ସପନ କୁମାର ଦାସ, କାରିଗର, ବଣିଆ ସାହି



ଲକଡାଉନ ଯୋଗୁ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦୋକାନ ବନ୍ଦ ରହିଥିଲା। ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାରିଗରି କାମ କରୁଛି। ମେଶିନରେ କାମ ହେବା ଦିନଠାରୁ ଲୋକଙ୍କ ହାତ ତିଆରି କାମ ପ୍ରତି ଚାହିଦା କମିବାରେ ଲାଗିଛି। ଅନ୍ୟମାନଙ୍କ ଭଳି ଆମର ବ୍ୟବସାୟୀ ସଂଘ ଥିଲେ ବି ଅସୁବିଧା ବେଳେ କିଛି ବି କାମରେ ଆସୁନି।

-ହରିହର ମହାରଣା, କାରିଗର, ବଣିଆ ସାହି

## ସଂକ୍ଷେପରେ

### ୧୭୯ ସ୍ୱାବ୍ ନମୁନା ସଂଗୃହୀତ

**ରତ୍ନଗିରି, ୮।୫ (ଡି.ଏନ୍.ଏ.):** ବରୀ ବ୍ଲକରୁ ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ମେଡିକାଲ ଟିମ୍ ପକ୍ଷରୁ ୧୦୧୯ ଲୋକଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ପୂର୍ବରୁ ୮୪୦ ନମୁନା ସଂଗ୍ରହ କରାଯାଇଥିବା ବେଳେ ଗୁରୁବାର ଆଉ ୧୭୯ ସ୍ୱାବ୍ ନମୁନା ମେଡିକାଲ ଟିମ୍ ପକ୍ଷରୁ ସଂଗୃହୀତ ହୋଇଛି। ଖୁବ୍‌ଶୀଘ୍ର ଏ ସମସ୍ତ ନମୁନାର ରିପୋର୍ଟ ଆସିବ ବୋଲି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କୌଶିକ ପାତ୍ର ସୂଚନା ଦେଇଛନ୍ତି। ମେଡିକାଲ ଟିମ୍‌ରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପାତ୍ରଙ୍କ ସହ ଅଶ୍ୱିନୀ ରଣା, ପ୍ରସନ୍ନଜିତ୍ କର, ଆଦିତ୍ୟ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏବଂ ଅଙ୍ଗନଓାଡି କର୍ମୀ ସେଠାରେ ଉପସ୍ଥିତ ରହି ସ୍ୱାବ୍ ସଂଗ୍ରହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏ ପର୍ଯ୍ୟନ୍ତ ୧୦୧୯ ସ୍ୱାବ ନମୁନା ସଂଗ୍ରହ କରାଯାଇଥିବା ବେଳେ ୨୦୦ ରିପୋର୍ଟ ନେଗେଟିଭ୍ ଆସିଥିବା ଡା. ପାତ୍ର ସୂଚନା ଦେଇଛନ୍ତି।

### ଫଣୀ କ୍ଷତିଗ୍ରସ୍ତ ତାଲିକାରେ ଅନିୟମିତତା

**ନାଉଗାଁ,୮।୫(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ଅଧୀନ ଶାଳିଜଙ୍ଗ ପଞ୍ଚାୟତରେ ଫଣୀ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ନରେନ୍ଦ୍ର କୁମାର ରାୟ, ନାରାୟଣ ନାଥ, ପ୍ରତାପ ପୃଷ୍ଟି, ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ଓ ନିହାର ରଞ୍ଜନ ମିଶ୍ର ପ୍ରମୁଖ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ କୃଷି କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ତାଲିକାରେ କ୍ରମିକ ନଂ-୫୯, ୮୦, ୧୦୨, ୧୦୫, ୧୪୦, ୩୦୩, ୩୮୪ ଓ ୩୮୫ରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକଙ୍କ ଚାଷ ଜମି ନାହିଁ। ମାତ୍ର ହାତଗଣତି କେତେଜଣଙ୍କର ଅଳ୍ପ ପରିମାଣର ଜମି ରହିଛି। କୃଷି କାର୍ଯାଳୟ ପକ୍ଷରୁ ଠିକ ତଦନ୍ତ କରା ନ ଯାଇ ମନଇଚ୍ଛା କ୍ଷତିଗ୍ରସ୍ତ ହିତାଧିକାରୀ ଚୟନ କରାଯାଇଛି। ଯଦ୍ୱାରା ପ୍ରକୃତ କ୍ଷତିଗ୍ରସ୍ତ ସହାୟତାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ପ୍ରକୃତ ହିତାଧିକାରୀ ଚୟନ କରି କ୍ଷତିପୂରଣ ଦେବାକୁ ଅଭିଯୋଗରେ ଦର୍ଶାଯାଇଛି।

### ସଙ୍ଗରୋଧରେ ରହିଲେ ୨ ପଶ୍ଚିମବଙ୍ଗ ଫେରନ୍ତା

**ଓଡ଼ଗାଁ,୮।୫(ସ୍ୱ.ପ୍ର.):** ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ବିଜୟ ମଣ୍ଡପ ସାହିର ୨ ଯୁବକ ପଶ୍ଚିମବଙ୍ଗର ଦୀଘାରୁ ଆସି ଏନ୍‌ଏସି ସଙ୍ଗରୋଧ ଗୃହକୁ ଯାଇଛନ୍ତି। ଉଭୟେ ଗୁରୁବାର ମଧ୍ୟାହ୍ନରୁ ଆସି ଘରେ ଲୁଚି ରହିଥିବା ବେଳେ ସାହିରେ ଉତ୍ତେଜନା ପ୍ରକାଶ ପାଇଥିଲା। ସାହିର ଯୁବକ ସଂଘ ପିଲାମାନେ ଏ ନେଇ ଏନ୍‌ଏସି ଅଧିକାରୀ ଓ ଆଦର୍ଶ ଥାନା ଅଧିକାରୀଙ୍କୁ ଅବଗତ କରିଥିଲେ। ରାତିରେ ଥାନା ଭାରପ୍ରାପ୍ତ ଅଧିକାରୀ ବଂଶୀଧର ବିଶ୍ୱାଳ, ଏନ୍‌ଏସି କର୍ମଚାରୀ ସୁଧାଂଶୁ ମହାରଣା ପହଞ୍ଚି ଦୁଇ ଯୁବକଙ୍କୁ ସେମାନଙ୍କ ଘରେ ଠାବ କରିଥିଲେ। ଶୁକ୍ରବାର ସକାଳେ ମେଡିକାଲ ଟିମ୍ ପହଞ୍ଚି ସେମାନଙ୍କୁ ଡାକ୍ତରୀ ପରୀକ୍ଷା ନିମନ୍ତେ ସାଙ୍ଗରେ ନେଇଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏନ୍‌ଏସି ସଙ୍ଗରୋଧ ଗୃହକୁ ପଠାଇ ଦିଆଯାଇଛି।

### ବିପ୍ଳବୀ ଧରଣୀଧରଙ୍କ ୭୬ ତମ ଶ୍ରାଦ୍ଧୋତ୍ସବ

**ଆଳି,୮।୫(ଡି.ଏନ୍.ଏ.):** ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ଭୂୟାଁଙ୍କ ୭୬ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ଆଳି ବ୍ଲକର ହରିଜନସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ବିଦ୍ୟାଳୟ ପରିସରରେ ଥିବା ଭୂୟାଁଙ୍କ ସମାଧିପୀଠରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ବ୍ରିଟିଶ ସରକାରଙ୍କଠାରୁ ଦୂରେଇ ରଖିବାକୁ ବିପ୍ଳବୀ ଧରଣୀଧର ଆଳି ଆସି ଆତ୍ମଗୋପନ କରିଥିଲେ। ପରେ ସେଠାରେ ତାଙ୍କ ଦେହାନ୍ତ ହୋଇଥିଲା। ଆଳି ଦେମାଳ ହରିଜନସାହିରେ ତାଙ୍କୁ ସମାଧି ଦିଆଯାଇଥିଲା। ପରେ ଉକ୍ତ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ତିଆରି କରାଯାଇଥିଲା। ଭୂୟାଁଙ୍କ ବଂଶଧରଙ୍କ ପରାମର୍ଶକ୍ରମେ ହରିଜନସାହି ଲୋକଙ୍କ ସହାୟତାରେ ଏବେ ବିଦ୍ୟାଳୟରେ ଭୂୟାଁଙ୍କ ସମାଧିପୀଠ ଓ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିବା ବେଳେ କରୋନା ଯୋଗୁ ପ୍ରତିଷ୍ଠା କାର୍ଯ୍ୟ ସ୍ଥଗିତ ରହିଛି।

# ଦାନା ଯୋଗାଉଛି ଏମ୍‌ଜିଏନ୍‌ଆରଇଜିଏସ୍

**ଯାଜପୁର ଅଫିସ/ଯାଜପୁର ଟାଉନ୍,୮।୫(ଡି.ଏନ.ଏ.)**

**ଲକ୍‌ଡାଉନ୍ ଦୁର୍ଦ୍ଦଶା**



■ ଏଯାଏ ୭୨,୬୨୦ କର୍ମ ଦିବସ ସୃଷ୍ଟି

■ ଦଶରଥପୁରରେ ସର୍ବାଧିକ ୨୮,୭୩୫

ଲକଡାଉନ ପରେ କାମଧନ୍ଦା ବନ୍ଦ ଯୋଗୁ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକେ ବେଶି ପ୍ରଭାବିତ ହୋଇଛନ୍ତି। ମାତ୍ର ନିୟମ କୋହଳ କରି ଆରମ୍ଭ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍) ଶ୍ରମିକ ଓ ଦିନ ମଜୁରିଆଙ୍କୁ ରୋଜଗାର ମିଳିବା ସହ ପେଟରେ ଦାନା ଦେଇଛି। ଯାଜପୁର ଜିଲାରେ ଶୁକ୍ରବାର ସୁଦ୍ଧା ୭୨,୬୨୦ କର୍ମ ଦିବସ ସୃଷ୍ଟି ହୋଇଥିବାବେଳେ ୨୮୬.୯୨ ଲକ୍ଷ ଟଙ୍କା ବିନିଯୋଗ ହୋଇଛି ବୋଲି ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ସୂଚନା ଦେଇଛନ୍ତି। ଏଥିରେ ବଡଚଣା ବ୍ଲକରେ ୨୦୨୩, ବରୀରେ ୭୧୩୨, ବିଞ୍ଝାରପୁରରେ ୫୪୦୩, ଦାନଗଦିରେ ୩୪୧୧, ଦଶରଥପୁରରେ ୨୮,୭୩୫, ଧର୍ମଶାଳାରେ ୫୪୯୪, ଯାଜପୁରରେ ୫୭୦୪, କୋରାଇରେ ୬୮୮୬, ରସୁଲପୁରରେ ୧୦୪୦ ଓ ସୁକିନ୍ଦା ବ୍ଲକରେ ୬୭୯୨ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ସରକାର ଓ ବିଶେଷଜ୍ଞମାନଙ୍କ ମତରେ କରୋନା ସହ ସଂଘର୍ଷ ଦୀର୍ଘଦିନ ଧରି ଚାଲିପାରେ। ସେଥିରେ ଜୀବନ ଓ ଜୀବିକା ଉଭୟ ପ୍ରଭାବିତ ହେଉଛି। ତେଣୁ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଲୋକମାନଙ୍କୁ କାମ ଯୋଗାଇଦେବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାରେ ଏମ୍‌ଜିଏନଆରଇଜିଏସ୍‌କୁ ପରିବ୍ୟାପ୍ତ କରାଯାଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ସୂଚନା ଦେଇଛନ୍ତି। ଯାଜପୁର ଜିଲାରେ ଡିଏମ୍‌ଏଫ(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ମଧ୍ୟ ବହୁ ପ୍ରକଳ୍ପ ମଞ୍ଜୁର ହୋଇଛି। ଏହାର ସୁଯୋଗ ନେବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି।

# ନିୟମ ଉଲ୍ଲଂଘନକାରୀଙ୍କୁ କ୍ୱାରାଣ୍ଟାଇନ ଦଣ୍ଡ

**ରସୁଲପୁର, ୮।୫(ଡିଏନଏ)**

କରୋନା ଲକ୍‌ଡାଉନ୍ ସମୟରେ ଗଣ୍ଡଗୋଳ, ପାରିବାରିକ ହିଂସା ସୃଷ୍ଟିକାରୀ ଓ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନକାରୀଙ୍କୁ କ୍ୱାରାଣ୍ଟାଇନରେ ରଖାଯିବ। ଏ ନେଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ଦ୍ୱାରା ମିଳିତ ଆଲୋଚନାରେ ନିଷ୍ପତ୍ତି ନିଆଯାଇଛି। ତେବେ ଗୁରୁବାର ଶ୍ରୀବନ୍ତପୁର ପଞ୍ଚାୟତର କଣ୍ଟେନମେଣ୍ଟ ଜୋନରେ ଥିବା ଭଗୀରଥପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଦୁଇଜଣ ଆହତ ହୋଇଥିଲେ। ତହସିଲଦାରେ, ବିଡିଓ ଓ ଥାନାଧିକାରୀ ଖବରପାଇ ସେଠାରେ ପହଞ୍ଚିବା ସହ ଆହତ ଦ୍ୱୟଙ୍କୁ ନେଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଏହାଛଡ଼ା ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୯ଜଣଙ୍କୁ ନେଇ ମୁଗୁପାଳ କଲେଜ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଥିଲେ। ସେମାନଙ୍କୁ ପ୍ରଶାସନ ପକ୍ଷରୁ ମାସ୍କ ପ୍ରଦାନ କରାଯିବା ସହ କ୍ୱାରାଣ୍ଟାଇନ କେନ୍ଦ୍ର ପରିସର ପରିଷ୍କାର କରିବା କାର୍ଯ୍ୟରେ ଲଗାଇଯାଇଥିଲା।ତେବେ ସମ୍ପୃକ୍ତ ୯ ଜଣ ଗଣ୍ଡଗୋଳ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ଚାଲି ଚାଲି ଫେରୁଛନ୍ତି ପ୍ରବାସୀ

**ନୟାଗଡ଼ ଅଫିସ,୮।୫**

ସାଇକେଲରେ ଘର ଉପକରଣ ରଖି ଖୋର୍ଦ୍ଧାର ବାଲୁଗାଁରୁ ଛତିଶଗଡର ଯୋଗେଶ୍ୱରପୁରକୁ ଚାଲି ଚାଲି ଫେରୁଛନ୍ତି ପ୍ରବାସୀ ଶ୍ରମିକ। ୫ଟି ସାଇକେଲରେ ୧୦ଜଣ ଶୁକ୍ରବାର ବାଲୁଗାଁରୁ ବାହାରି ଅପରାହ୍ନରେ ନୟାଗଡ ଜିଲାର ଦର୍ପନାରାୟଣପୁର ଅଞ୍ଚଳରେ ପହଞ୍ଚିଥିଲେ। ରାତି ସୁଦ୍ଧା ସେମାନେ ନୟାଗଡରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି। ଲକ୍‌ଡାଉନ କାରଣରୁ କାମ ହରାଇବା ପରେ ସେମାନେ ଗାଁ ଅଭିମୁଖେ ବାହାରିଛନ୍ତି। ପାଖରେ ଟଙ୍କା ନ ଥିବାରୁ ଯିଏ ଯାହା ବାଟରେ ଖାଇବାକୁ ଦେଉଛନ୍ତି ସେଥିରେ ସନ୍ତୁଷ୍ଟ ହୋଇ ଯାତ୍ରା କରୁଥିବା କହିଛନ୍ତି।

# ୬ମାସ ଋଣ କିସ୍ତି ଆଦାୟ ସ୍ଥଗିତ ରଖିବାକୁ ଦାବି

**ଚଣ୍ଡିଖୋଲ, ୭।୫ (ଡି.ଏନ୍.ଏ.)**

**ବସ୍ ମାଲିକ ସଂଘର ଖବରଦାତା ସମ୍ମିଳନୀ**



ଖବରଦାତା ସମ୍ମିଳନୀରେ ବସ୍ ମାଲିକ ସଂଘ ସଦସ୍ୟମାନେ।

ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଥିବା ବେଳେ କେବଳ ଗ୍ରୀନ୍ ଜୋନ୍‌ରେ ୫୦ ପ୍ରତିଶତ ଯାତ୍ରୀ ନେଇ ବସ୍ ଚଳାଚଳ କରିପାରିବ ବୋଲି ରାଜ୍ୟ ସରକାର କହିଛନ୍ତି। ହେଲେ ସରକାରଙ୍କ ଏହି ନିଷ୍ପତ୍ତି କ୍ରମେ ବସ୍ ଚଳାଇବା ସମ୍ଭବ ନୁହେଁ ବୋଲି ଖବରଦାତା ସମ୍ମିଳନୀରେ ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ସଙ୍ଘ ପକ୍ଷରୁ ଦର୍ଶାଯାଇଛି ଯେ, ଲକ୍‌ଡାଉନ ଯୋଗୁ ବସ୍ ମାଲିକମାନେ ବେଶ କ୍ଷତିସହିଥିବା ବେଳେ ୫୦ ପ୍ରତିଶତ ଯାତ୍ରୀ ନେଇ ବସ୍ ଚାଲିଲେ ମାଲିକମାନେ ଆହୁରି କ୍ଷତି ସହିବେ। ତେବେ ସରକାର ବସ ମାଲିକମାନଙ୍କୁ ବ୍ୟାଙ୍କ ଋଣ କିସ୍ତି ଆଦାୟ ୬ ମାସ ସ୍ଥଗିତ ରଖିବା, ଋଣରେ ୬ ମାସ ଯାଏ ସୁଧ ଛାଡ କରିବା, ବସ ଇନ୍‌ସ୍ୟୁରାନ୍ସ ଅବଧି ୬ ମାସ ବୃଦ୍ଧି କରନ୍ତି, ଏପ୍ରିଲରୁ ପରିବହନ ଟିକସ ଛାଡ କରିବାକୁ ସଙ୍ଘ ସମ୍ପାଦକ ଦିଲୀପ ଚୌଧୁରୀ କହିଛନ୍ତି। ଚଣ୍ଡିଖୋଲରେ ଘରୋଇ ବସ୍ ପାଖାପଖି ୧୫୦ ରହିଥିବା ବେଳେ ୬୦୦ କର୍ମଚାରୀ ଏଥିରେ କାର୍ଯ୍ୟ କରୁଥିଲେ। ହେଲେ ଲକ୍‌ଡାଉନ୍ ଯୋଗୁ ବସ୍ ବନ୍ଦ ହେବା ଫଳରେ ୫୦ରୁ ଊର୍ଦ୍ଧ୍ୱ ମାଲିକମାନେ ସେମାନଙ୍କ କର୍ମଚାରୀଙ୍କୁ ଦରମା ଦେବାକୁ ଅସମର୍ଥ ହୋଇପଡ଼ିଛନ୍ତି ବୋଲି ସଂଘ ସଭାପତି ଅମରେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ସଙ୍ଘ ସଦସ୍ୟ ବିଘ୍ନରାଜ ନାୟକ, ଚିତ୍ତରଞ୍ଜନ ନାୟକ, ଅକ୍ଷୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ଧର୍ମଶାଳା, ୮।୫ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା କୁସୁନପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାବାଜୀ ଖଟୁଆଙ୍କ ପୁଅ ପ୍ରକାଶ (୧୭)। ଶୁକ୍ରବାର ସକାଳୁ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲକୁ ପଠାଇଛି। ଏ ନେଇ ୭/୨୦ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ବୁଦ୍ଧ ଜୟନ୍ତୀ ପାଳିତ

**ଚଣ୍ଡିଖୋଲ, ୮।୫ (ଡି.ଏନ୍.ଏ.):** ବୌଦ୍ଧପୀଠ ଉଦୟଗିରିଠାରେ ଥିବା ଶୋଭନୀୟ ଶିକ୍ଷାଶ୍ରମରେ ପବିତ୍ର ବୁଦ୍ଧ ଜୟନ୍ତୀ ଗୁରୁବାର ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତିରେ ସୁଜାତା କ୍ଷୀରି ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସାମ୍ପ୍ରତିକ କରୋନା ମହାମାରୀ ସମୟରେ କିପରି ସେବାକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇପାରିବ, ଗୋରୁ, କୁକୁର, ପଶୁପକ୍ଷୀଙ୍କର ଯତ୍ନ କିପରି ନିଆଯାଇପାରିବ ଏବଂ ଭଗବାନ ବୁଦ୍ଧଙ୍କ ବାଣୀକୁ ପାଳନ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଶୋଭନୀୟ ବୌଦ୍ଧ ସଂଘ ପକ୍ଷରୁ ମିନତୀ ଦେବୀ ଓ ବରଦା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋରମା ଦେବୀ, କେଦାରଲକ୍ଷ୍ମୀ ଦାସ, ବିଦ୍ୟୁତ୍‌ପ୍ରଭା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସାମାଜିକ ଦୂରତା ରକ୍ଷା କରାଯାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୁଣି ଜିଲାକୁ ଫେରିଲେ ୯୭ ପ୍ରବାସୀ

**ଜଗତ୍‌ସିଂହପୁର ଅଫିସ,୮।୫**

■ ସୁରଟ, କେରଳ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତେଲେଙ୍ଗାନାରେ ରହୁଥିଲେ

ଲକ୍‌ଡାଉନ୍ ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ଫସି ରହିଥିବା ପ୍ରବାସୀ ଓଡ଼ିଆ ଘରକୁ ଫେରୁଛନ୍ତି। ଏହିକ୍ରମରେ ଜଗତ୍‌ସିଂହପୁର ଜିଲାର ପ୍ରବାସୀ ଓଡ଼ିଆଙ୍କ ଆଗମନ ବଢୁଛି। ଶୁକ୍ରବାର ଜିଲାକୁ ପୁଣି ୯୭ ପ୍ରବାସୀ ଫେରିଥିବା ଜଣାଯାଇଛି। ରାତିରେ ଆହୁରି ଫେରିବାକୁ ଥିବା ସୂଚନା ମିଳିଛି। ଏଥିମଧ୍ୟରେ ୧୨୪୩ ସ୍ୱାବ୍ ସଂଗ୍ରହ ହୋଇଥିବାବେଳେ ସେଥିରୁ ୧,୦୨୧ର ରିପୋର୍ଟ ଆସିଛି। ଏହି ରିପୋର୍ଟ ଅନୁଯାୟୀ ୧୦୧୬ ନେଗେଟିଭ୍ ଏବଂ ୫ ପଜିଟିଭ୍। ଆଉ ୨୨୨ଟି ନମୁନା ଆସିବା ବାକି ରହିଛି। ୨ ଦିନରେ ୫ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାରୁ ସାଧାରଣରେ ଚିନ୍ତା ପ୍ରକଟ କରାଯାଉଛି।

ଶୁକ୍ରବାର ଫେରିଥିବା ପ୍ରବାସୀଙ୍କ ମଧ୍ୟରୁ ସର୍ବାଧିକ ୩୪ ହାଇଦ୍ରାବାଦର। ସେହିପରି ମହାରାଷ୍ଟ୍ରରୁ ୭, ପଶ୍ଚିମବଙ୍ଗ ୭, କେରଳ ୭, ସୁରଟ ୨ ଓ ବିଜୟୱାଡାରୁ ୨ ଜଣଙ୍କୁ ମିଶାଇ ବିଭିନ୍ନ ରାଜ୍ୟରୁ ମୋଟ୍ ୯୭ ଫେରିଛନ୍ତି। ଏହାବାଦ୍ ତେଲେଙ୍ଗାନାରୁ ମଧ୍ୟ କେତେଜଣ ଫେରିଛନ୍ତି। ଏହି ୯୭ଙ୍କ ସହ ତେଲେଙ୍ଗାନା ଫେରନ୍ତାଙ୍କୁ କଟକରୁ ସ୍ୱତନ୍ତ୍ର ଗାଡି ଯୋଗେ ଆଣିଥିବା ୫ଟି ଗାଡି ଚାଳକଙ୍କ ସ୍ୱାବ୍ ସ୍ଥାନୀୟ ସରଳାଦେବୀ କଲ୍ୟାଣ ମଣ୍ଡପ ପରିସରରେ ସଂଗ୍ରହ କରାଯାଇଛି। ପରେ ସେମାନଙ୍କୁ ନିଜ ଅଞ୍ଚଳର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ଜଗତ୍‌ସିଂହପୁର ପୌରପରିଷଦ ଓ ବ୍ଲକ ଅଞ୍ଚଳରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୯ ଜଣ ଥିବା ବେଳେ, ଏରସମା ବ୍ଲକ ଅଞ୍ଚଳରେ ୧୩, କୁଜଙ୍ଗ ୫, ବାଲିକୁଦା ୭, ରଘୁନାଥପୁର ୪, ନାଉଗାଁ ୧୨, ତିର୍ତ୍ତୋଲ ୪, ବିରିଡ଼ି ୧ ଓ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟରେ ୨ ଜଣ ରହିଛନ୍ତି। ୭ ତାରିଖରେ ୫୯ ପ୍ରବାସୀ ଶ୍ରମିକ ଓ ଅନ୍ୟ ଲୋକ ଫେରିଥିଲେ। ସେମାନଙ୍କ ମଧ୍ୟରୁ ତେଲେଙ୍ଗାନାରୁ ୩୬, ରାଜସ୍ଥାନ ୧, କଲିକତା ୫, ଆନ୍ଧ୍ରପ୍ରଦେଶ ୪, ମହାରାଷ୍ଟ୍ର ୮, ଝାଡ଼ଖଣ୍ଡ ୧, ତାମିଲନାଡୁ ୧, ପୁଡୁଚେରୀ ୨ ଏବଂ ଅନୁଗୋଳରୁ ଜଣେ ଅଛନ୍ତି। ସେମାନଙ୍କ ସ୍ୱାବ୍ ସଂଗ୍ରହ ପରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ତେବେ ଏହି ୫୯ ଜଣଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକର ୧୧, ରଘୁନାଥପୁର ୮, ବିରିଡ଼ି ୧, କୁଜଙ୍ଗ ୨, ବାଲିକୁଦା ୮, ଏରସମା ୭, ନାଉଗାଁ ୨, ତିର୍ତ୍ତୋଲ ୧୬, ପାରାଦୀପ ୧ ଓ ଜଗତ୍‌ସିଂହପୁର ପୌର ପରିଷଦର ୩ ଜଣ ରହିଛନ୍ତି। ଜିଲାରେ ଗତ ୭ ତାରିଖ ସୁଦ୍ଧା ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯,୫୪୨ଟିଶଯ୍ୟା ବ୍ୟବସ୍ଥା କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଶଯ୍ୟା ମଧ୍ୟରୁ ଗ୍ରାମାଞ୍ଚଳରେ ୯,୪୩୨ ଓ ସହରାଞ୍ଚଳରେ ୧୧୦ଟି ଶଯ୍ୟା ବ୍ୟବସ୍ଥା ହୋଇଛି। ୭ ତାରିଖ ସୁଦ୍ଧା ଜିଲାରୁ ମୋଟ ୧,୧୪୬ଟି ସ୍ୱାବ ସଂଗୃହୀତ ହୋଇଥିବା ବେଳେ ସେଥିମଧ୍ୟରୁ ୯୮୩ଟି ନେଗେଟିଭ୍, ୫ ପଜିଟିଭ୍ ରହିଛି। ଅବଶିଷ୍ଟ ୧୫୮ର ରିପୋର୍ଟକୁ ଅପେକ୍ଷା ଥିବା ବେଳେ ଶୁକ୍ରବାର ୩୩ଟିର ରିପୋର୍ଟ ନେଗେଟିଭ୍ ଆସିଛି। ଏହି ୩୩ର ନମୁନା ୬ ତାରିଖରେ ପରୀକ୍ଷା ପାଇଁ ପଠାଯାଇଥିଲା।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**ରତ୍ନଗିରି, ୮।୫ (ଡି.ଏନ୍.ଏ)**

**ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ଅବହେଳାରୁ ସ୍ଥାନୀୟ ଉଦୟନାଥପୁର ପଞ୍ଚାୟତର ରଞ୍ଜନ କୁମାର ସାମଲଙ୍କ ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ରଞ୍ଜନଙ୍କ ଭାଇ ରତିକାନ୍ତ ଶୁକ୍ରବାର ରାମଚନ୍ଦ୍ରପୁର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୫ ତାରିଖରେ ରଞ୍ଜନଙ୍କ ତଳିପେଟରେ ଯନ୍ତ୍ରଣା ଓ ବାନ୍ତି ହେବାରୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରଞ୍ଜନ କଣ୍ଟେନମେଣ୍ଟ ଜୋନ୍‌ରୁ ଯାଇଥିବାରୁ ୬ ତାରିଖ ସକାଳୁ ଡାକ୍ତର ଜିନତ କୁମାର ଦାସ ଓ ଷ୍ଟାଫ ନର୍ସ ଆରତୀ ତ୍ରିପାଠୀ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ତେବେ ବରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦାସ ସେଠାରେ ଚିକିତ୍ସା ନ କରାଇ ଯାଜପୁର ସ୍ଥାନାନ୍ତର କରିବା ଯୋଗୁ ରଞ୍ଜନଙ୍କର ମୃତ୍ୟୁ ଘଟିଛି ବୋଲି ରତିକାନ୍ତ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଡା. ଦାସଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ରୋଗୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ବୋଲି କହିଛନ୍ତି। ଏ ସମ୍ପର୍କରେ ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କୁ ପଚାରିବାରେ ଅଭିଯୋଗ ହୋଇଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଅଗ୍ନିକଙ୍କ ମୃତ୍ୟୁ

**ଡେରାବିଶ, ୮।୫(ସ୍ୱ.ପ୍ର.):** ଘରେ ଛୁଟି ମନାଇବାକୁ ଯାଉଥିବା କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗର ଜଣେ କର୍ମଚାରୀଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ସହଦେବ ବିଶ୍ୱାଳ (୩୪)। ସହଦେବ ସକାଳେ କେନ୍ଦ୍ରାପଡ଼ାରୁ ନିଜ ଘର ପୁରୀ ଅଭିମୁଖେ ବାଇକ୍‌ରେ ବାହାରିଥିଲେ। ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର କାକଟିଆ ବଜାରଠାରେ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ଟ୍ରକ୍ ବାଇକ୍ ପଛପଟୁ ଧକ୍କାଦେବା ଫଳରେ ସହଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଚାନ୍ଦୋଳ ଫାଣ୍ଡି ଅଧିକାରୀ ଭାଗବତ ମାହାଲିଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଅପେକ୍ଷାରେ ୮ହଜାରରୁ ଊର୍ଦ୍ଧ୍ୱ: ଫେରିଲେ ୭୧ ପ୍ରବାସୀ

**ବିଞ୍ଝାରପୁର, ୮।୫ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକର ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିବା ପାଇଁ ନାମ ପଞ୍ଜୀକୃତ କରିଥିବା ବେଳେ ଶୁକ୍ରବାର ସୁଦ୍ଧା ମାତ୍ର ୭୧ଜଣ ଫେରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପର୍ଯ୍ୟନ୍ତ ତାମିଲନାଡୁରୁ ୨ଜଣ, ତେଲେଙ୍ଗାନାରୁ ୪, କର୍ଣାଟକରୁ ୧୫, ପଶ୍ଚିମବଙ୍ଗରୁ ୧୪, ମହାରାଷ୍ଟ୍ରରୁ ୩, ଆନ୍ଧ୍ରପ୍ରଦେଶରୁ ୪, ଗୁଜୁରାଟରୁ ୨୬, କେରଳରୁ ୩ଜଣ ବ୍ଲକକୁ ଫେରିଛନ୍ତି। ସେମାନଙ୍କୁ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ଏଥିସହ ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏଶନ ଦ୍ୱରା ପ୍ରତି ସେଣ୍ଟରରେ ୩ଜଣ ଲାଖାଏ କେୟାରଟେକରଙ୍କୁ ଦାୟିତ୍ୱରେ ରଖାଯାଇଛି। ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ବେଳେ ମେଡିକାଲ ଟିମ୍ ପକ୍ଷରୁ ସ୍ୱସ୍ଥ୍ୟ ପରୀକ୍ଷା କରାଯାଉଛି। ବିଞ୍ଝାରପୁର ତହସିଲଦାର ଅସ୍ମିତା ଦାଶ, ବିଡିଓ ମିନତି ଜଗଦେବ ପ୍ରମୁଖ ବିଭିନ୍ନ କେନ୍ଦ୍ରରେ ବୁଲି ତଦାରଖ କରୁଛନ୍ତି।

## ୩ ଅସ୍ଥାୟୀ ଶିବିରରେ ୨୯ ପ୍ରବାସୀ

**ଖଣ୍ଡପଡ଼ା,୮।୫(ସ୍ୱ.ପ୍ର.):** ରାଜ୍ୟ ବାହାରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୧ଜଣ ପ୍ରବାସୀ ଓଡିଆ ଖଣ୍ଡପଡ଼ା ବ୍ଲକ ଅଞ୍ଚଳକୁ ଆସିଥିବା ବିଡିଓ ପ୍ରମୋଦ କୁମାର ନାୟକଙ୍କଠାରୁ ପ୍ରକାଶ। ସେମାନଙ୍କ ମଧ୍ୟରୁ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଅସ୍ଥାୟୀ ଶିବିରରେ ୧୪ ଜଣ, ସିଂଘାପଡାଠାରେ ଥିବା ଶିବିରରେ ୧୪ ଜଣ ଓ କୁମ୍ଭାରପଡା ଗ୍ରାମର ଅସ୍ଥାୟୀ ଶିବିରରେ ଜଣେ ପ୍ରବାସୀ ରହୁଥିବା ଜଣାପଡିଛି। ଡାକ୍ତରୀ ଟିମ୍ ସମସ୍ତ ପ୍ରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବିଡିଓ ନାୟକ ଉକ୍ତ ୩ଟି ଅସ୍ଥାୟୀ ଶିବିରରେ ପ୍ରବାସୀମାନଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି।

## ଫେରିଲେ ୯୫ ପ୍ରବାସୀ ଓଡ଼ିଆ

**ଧର୍ମଶାଳା, ୮।୫(ଡି.ଏନ୍.ଏ.)**

ତୃତୀୟ ପର୍ଯ୍ୟାୟରେ ଲକ୍‌ଡାଉନ୍ ଚାଲିଥିବା ବେଳେ ଧର୍ମଶାଳା ବ୍ଲକକୁ ଶୁକ୍ରବାର ସୁଦ୍ଧା ବିଭିନ୍ନ ରାଜ୍ୟରୁ ୯୫ ଜଣ ଶ୍ରମିକ ଫେରିଥିବା ଜଣାପଡ଼ିଛି। ଗୁରୁବାର ସୁଦ୍ଧା ୮୪ ଜଣ ଫେରିଥିବା ବେଳେ ଶୁକ୍ରବାର ୧୧ଜଣ ପ୍ରବାସୀ ଶ୍ରମିକ ଫେରିଥିବା ଜଣାପଡ଼ିଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି।

# ବରୀ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଯାଜପୁର ଅଫିସ୍/ବରୀ (ସ୍ୱ.ପ୍ର.) ୮।୫**




■ ସାମାନ୍ୟ ସ୍ୱାସ୍ଥ୍ୟସେବା ପାଇଁ ୧୫ କି.ମି. ଯାଉଛନ୍ତି ଲୋକେ

■ ଆୟୁଷ, ଏଲୋପ୍ୟାଥିକ ମେଡିକାଲ ଖୋଲିବାକୁ ଦାବି

ଯାଜପୁର ଜିଲା ବରୀ ବ୍ଲକ ବାଇଁଶିରିଆ, ଗୋବିନ୍ଦବାଟି, ମାଳଦା, କିମ୍ବିରିଆପାଳ, ଅଟିରା, ଆରୁଆଳ, ଅରଙ୍ଗାବାଦ, କଳାଖଣ୍ଡ ପଞ୍ଚାୟତ ଅଞ୍ଚଳରେ ସମ୍ପ୍ରତି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପାଖରେ ମେଡିକାଲ ନ ଥିବାରୁ ସେଠାକାର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ପ୍ରାୟ ୧୫ କି.ମି. ଦୂର ରାମଚନ୍ଦ୍ରପୁର କିମ୍ବା ସୁଜନପୁରରେ ଥିବା ଡାକ୍ତରଖାନାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ସମସ୍ୟା ଯୋଗୁ ଅଞ୍ଚଳବାସୀ ବାଲିଆପାଳଠାରେ ଏକ ସମନ୍ୱିତ ଆୟୁଷ ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ପ୍ରାୟ ୩ ବର୍ଷ ହେବ ଦାବି କରି ଆସୁଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଆଗ୍ରହ ପରିଲକ୍ଷିତ ହେଉନାହିଁ। ଏପରିକି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପୂର୍ବତନ ମନ୍ତ୍ରୀ ଫଗନ ସିଂ କୁଲସ୍ତେଙ୍କୁ ଅଞ୍ଚଳର ହରିଶ ଚନ୍ଦ୍ର ସାହୁ ନାମକ ଜଣେ ଯୁବକ ଏକ ଆୟୁଷ ଡାକ୍ତରଖାନା ଖୋଲିବାକୁ ପତ୍ର ଲେଖିଥିଲେ। ଏହାକୁ ମିନିଷ୍ଟର ଅଫ ଷ୍ଟେଟ (ଇଣ୍ଡିପେଣ୍ଡେଣ୍ଟ ଚାର୍ଜ) ଫର ଆର୍ୟୁବେଦ, ଯୋଗ ଓ ନେଚରଥେରାପି ମନ୍ତ୍ରୀ ଶ୍ରୀପଦ ନାୟକ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସ୍ୱୀକୃତି ପତ୍ରକୁ ନେଇ ବାଲିଆପାଳ ଅଞ୍ଚଳର ସାହୁ ରାଜ୍ୟ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ସୁଫଳ ମିଳୁନି। ଏହାବାଦ ବାଇଁଶିରିଆ ପଞ୍ଚାୟତରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଦୀର୍ଘ ୪୦ ବର୍ଷ ହେଲା ଦାବି କରି ଆସୁଛନ୍ତି। କିନ୍ତୁ ରାଜ୍ୟ ସରକାର ଏ ନେଇ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ସୁବିଧା ନ ଥିବା ବେଳେ ଆମ୍ବୁଲାନ୍ସ ନ ଆସିବାରୁ ଗତ ବୁଧବାର ଜଣେ ଗର୍ଭବତୀଙ୍କୁ ପରିବାର ଲୋକେ ଟ୍ରଲିରେ ନେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଦେଖିବାକୁ ମିଳିଥିଲା।

ଗ୍ରାମାଞ୍ଚଳର ଜନସାଧାରଣ ସମ୍ପୂର୍ଣ୍ଣ ଭାବେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପରେ ନିର୍ଭରଶୀଳ। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୋକ୍ତ ଗ୍ରାମାଞ୍ଚଳରୁ ପାଖାପାଖି ୧୫ କି.ମି. ଦୂରରେ ରହିଛି। ବରୀ ସଦର ମହକୁମାଠାରେ ରହିଥିବା ଡାକ୍ତରଖାନାର ପାରିପାର୍ଶ୍ୱିକ ଉନ୍ନତି ଯେତିକି କରାଯିବା ନିହାତି ଆବଶ୍ୟକ ରହିଛି, ସେଥିପ୍ରତି କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଓ ଦୂରଦୃଷ୍ଟି ନେଇ ଏକ ପ୍ରକାର ସନ୍ଦେହ ଦେଖାଦେଇଛି। ଉକ୍ତ ଡାକ୍ତରଖାନାରେ ବିଶେଷଜ୍ଞ ଓ ଆବଶ୍ୟକ କର୍ମଚାରୀ ଅଭାବ ରହିଥିବା ବେଳେ ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ନାହିଁ। ପ୍ରାୟ ୨ଲକ୍ଷ ଲୋକ ବରି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଡାକ୍ତରମାନେ ସାମାନ୍ୟ ଗୁରୁତର ରୋଗୀଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରୁଛନ୍ତି। ଯେଉଁମାନଙ୍କ ପାଖରେ ଟଙ୍କା ଅଛି, ସେମାନେ ବିଭିନ୍ନ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇପାରୁଛନ୍ତି। ମାତ୍ର ଗରିବ ଶ୍ରେଣୀର ଲୋକେ ଭାଗ୍ୟକୁ ଆଦରି ପଡ଼ିରହୁଛନ୍ତି। ଏ ସଂକ୍ରାନ୍ତରେ ସିଡିଏମଓ ଡା. ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରେ ସେଠାରେ ଏକ ଡାକ୍ତରଖାନା ଖୋଲିବାକୁ ନେଇ ଅଞ୍ଚଳବାସୀଙ୍କ ଦାବି ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ପ୍ରେମ ବିବାହ କରି ନିର୍ଯାତନା, ସ୍ୱାମୀ ଗିରଫ

ଜଳେଶ୍ୱର, ୮।୫(ସ୍ୱ.ପ୍ର.)-ଜଳେଶ୍ୱର ଥାନା ଅଧୀନ ମ୍ୟୁନିସିପାଲିଟି ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ବିବାହ କରିବାର ୮ ମାସ ପରେ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ୍ ମାମଲା (ନଂ. ୧୫୯/୨୦) ରୁଜୁ କରି ସ୍ୱାମୀ ତପୁ ସେଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଆଶା କର୍ମୀ, ୱାର୍ଡ ମେମ୍ବରଙ୍କୁ ଆକ୍ରମଣ

ଉଦଳା,୮।୫(ଡି.ଏନ୍.ଏ.)- ସାରା ଦେଶ ଏବେ କରୋନା ସହିତ ମୁକାବିଲା କରୁଛି। ଏହି ଯୁଦ୍ଧରେ ଯୋଦ୍ଧା ସାଜିଛନ୍ତି ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀ। ମାତ୍ର ସେମାନଙ୍କୁ ଅନେକ ସ୍ଥାନରେ ଦୁର୍ବ୍ୟବହାର କରାଯିବା ସହିତ ମାଡ଼ ମରାଯାଉଥିବା କଥା ସାମ୍ନାକୁ ଆସୁଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଘଟିଯାଇଛି ଏହି ଭଳି ଏକ ସ୍ପର୍ଶକାତର ଘଟଣା। କରୋନା ସଚେତନତା କାର୍ଯ୍ୟରେ ଯାଇଥିବା ଜଣେ ଆଶାକର୍ମୀ ଓ ୱାର୍ଡମେମ୍ବରଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କରୋନା ଯୋଗୁ ବାଲେଶ୍ୱର ଜିଲା ଏବେ ରେଡ୍ ଜୋନ୍‌ରେ ରହିଛି। ଏହି ଜିଲାର ରାଜବରହମପୁର ଥାନା ଅଞ୍ଚଳରେ ଥିବା ନିଜ ଶ୍ୱଶୁର ଘରକୁ ଉଦଳା ଥାନା ଅଧୀନ ଜାଲଦା ଗ୍ରାମର ଜଣେ ଯୁବକ ଯାଇଥିଲେ। ଉକ୍ତ ଯୁବକ ଜଣକ ବୁଧବାର ରାତିରେ ନିଜ ସ୍ତ୍ରୀଙ୍କ ସହିତ ଶ୍ୱଶୁର ଘରୁ ନିଜ ଗ୍ରାମକୁ ଫେରି ଆସିଥିଲେ। ଖବରପାଇ ଜାଲଦା ଗ୍ରାମର ଆଶାକର୍ମୀ ଆରତୀ ମଲ୍ଲିକ ଏବଂ ୱାର୍ଡମେମ୍ବର ଜୟନ୍ତୀ ମଲ୍ଲିକ ଗୁରୁବାର ସକାଳେ ସମ୍ପୃକ୍ତ ଯୁବକଙ୍କ ଘରକୁ ପଚରାଉଚରା ପାଇଁ ଯାଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଓ ତାଙ୍କ ପରିବାର ଲୋକେ ଆଶାକର୍ମୀ ଏବଂ ୱାର୍ଡମେମ୍ବରଙ୍କ ଉପର ଆକ୍ରମଣ କରିଥିଲେ। ଆଶାକର୍ମୀଙ୍କ ଉପରକୁ ଜୋତା, ପନିଖି ଓ ବିଭିନ୍ନ ମାରଣାସ୍ତ୍ର ଫୋପାଡିଥିଲେ। ଦୀର୍ଘ ସମୟ ଧରି ଏପରି ଚାଲିବା ପରେ ଆଶାକର୍ମୀ ସେଠାରୁ ଚାଲି ଆସି ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଏକ ମାମଲା(ନଂ.୧୩୭/୨୦୨୦)ରୁଜୁ କରିଛି।

# ଯୋଡ଼ା ସହରରେ ପଶିଲେ ହାତୀ

ଯୋଡ଼ା,୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଗୁରୁବାର ୧୮ଟି ହାତୀ ପଶି ଆତଙ୍କ ଖେଳାଇଥିଲେ। ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି ସହରର ଗୋପମହାନ୍ତି ହାଟିଂସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଲା ସାହି, ସେଗ୍ରିଗେସନ ଅଞ୍ଚଳରେ ସନ୍ଧ୍ୟା ୭ଟା ବେଳେ ଉପଦ୍ରବ ଚଳାଇଥିଲେ। ତେବେ ହାତୀପଲ ସହରରେ ସେପରି କିଛି କ୍ଷୟକ୍ଷତି କରି ନ ଥିବା ବେଳେ ଏତେ ସଂଖ୍ୟକ ହାତୀଙ୍କୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଇଥିଲେ। ଲକଡାଉନ୍ ଯୋଗୁ


ଯୋଡା ସହରରେ ବିଚରଣ କରୁଥିବା ହାତୀପଲ।

ସହରରେ ଲୋକଙ୍କ କମ୍ ଚଳପ୍ରଚଳ ଏବଂ ଖଣିଜ ପରିବହନ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହାନ ଚଳାଚଳ କମ୍ ରହୁଥିବାରୁ ହାତୀପଲ ସହରାଭିମୁଖୀ ହୋଇଛନ୍ତି। ଏକ ଦଶନ୍ଧି ପୂର୍ବେ ସହରରେ ଏହିପରି ହାତୀ ପ୍ରବେଶ କରି ବୁଲୁଥିବା ଦେଖିବାକୁ ମିଳିଥିଲା ବୋଲି ଯୋଡ଼ା ଅଞ୍ଚଳର ଶିକ୍ଷାବିତ୍ ସୋମନାଥ ମହାନ୍ତି କହିଛନ୍ତି। ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କୁହନ୍ତି ଯେ, ଖଣିଖାଦାନଗୁଡିକରେ ଉଚ୍ଚ ଶକ୍ତି ସମ୍ପନ୍ନ ବାରୁଦ ବିସ୍ଫୋରଣ, ଜଙ୍ଗଲକାଟ୍ ଓ ହାଇମାକ୍ସ ଲାଇଟ୍ ଯୋଗୁ ହାତୀପଲ ଜଙ୍ଗଲରେ ବିଚରଣ କରି ନ ପାରି ସହରାଭିମୁଖୀ ହେଉଛନ୍ତି। ଏ ସମ୍ପର୍କରେ ଯୋଡ଼ା ବନପାଳ ପିଅନ ନାଏକ କହିଛନ୍ତି ଯେ, ଏହି ୧୮ଟି ହାତୀ ମଧ୍ୟରେ ୪ଟି ଦନ୍ତା, ୮ଟି ମାଈ ଓ ୬ଟି ଛୁଆ ହାତୀ ଅଛନ୍ତି। ନିକଟସ୍ଥ ୧୪ ନଂ. ୱାର୍ଡ ବିଛାକୁଣ୍ଡି ଓ ଯୋଡା ମଧ୍ୟରେ ଥିବା ଜଙ୍ଗଲରେ ଏହି ହାତୀପଲ ରହୁଥିବା ସେ ପ୍ରକାଶ କରିଛନ୍ତି। ଏହି ହାତୀପଲ ୧ ସପ୍ତାହ ହେବ ଯୋଡ଼ା ଭ୍ୟୁର ବଟନିକାଲ ପାର୍କରେ ଉପଦ୍ରବ ଚଳାଇ ବଗିଚାରେ ଥିବା ବୃକ୍ଷଲତାକୁ ଦଳିଚକଟି ନଷ୍ଟ କରି ଦେଇଥିବା ଜଣାପଡ଼ିଛି।

### ଚାଲି ଚାଲି ଝାଡ଼ଖଣ୍ଡ ଗଲେ ୧୫ ଶ୍ରମିକ

ଉଦଳା,୮।୫(ଡି.ଏନ୍.ଏ.)

ରେଡ୍ ଜୋନ୍‌ରେ ରହିଥିବା ବାଲେଶ୍ୱର ଜିଲାର ଔପଦା ଅଞ୍ଚଳରୁ ୧୫ ଶ୍ରମିକ ଚାଲି ଚାଲି ନିଜ ରାଜ୍ୟ ଝାଡଖଣ୍ଡ ବାହୁଡ଼ିଛନ୍ତି । ଔପଦାଠାରେ କେନାଲ କାମ କରୁଥିବା ଏହି ଶ୍ରମିକମାନେ ଗୁରୁବାର ନିଜର ଆସବାବପତ୍ର ଧରି ସକାଳୁ ଚାଲି ଚାଲି ଆସି ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ଉଦଳାଠାରେ ପହଞ୍ଚିଥିଲେ। ତେବେ ଔପଦାରୁ ଝାଡଖଣ୍ଡର ଦୂରତା ୪ଶହ କି.ମି ହୋଇଥିବା ବେଳେ ଏହି ଶ୍ରମିକମାନେ ଚାଲି ଚାଲି ନିଜ ଅଞ୍ଚଳକୁ ଫେରୁଥିବା ଦେଖିବାକୁ ମିଳିଥିଲା। ଏନେଇ ସେମାନଙ୍କୁ ପଚାରିବାରୁ ଔପଦାରେ ରହିବା ଓ ଖାଇବାରେ ଅସୁବିଧା ହେବାରୁ ନିଜ ରାଜ୍ୟକୁ ଫେରି ଯାଉଥିବା କହିଥିଲେ।

## କେରଳରୁ ଫେରିଲେ ୧୪ ଶ୍ରମିକ

ପାଟଣା,୮।୫(ସ୍ୱ.ପ୍ର.):

କେରଳରେ ରହି କାମ କରୁଥିବା ୧୪ ଜଣ ଓଡ଼ିଆ ଶୁକ୍ରବାର କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ପହଞ୍ଚିଛନ୍ତି। ଏହି ଶ୍ରମିକମାନେ କେରଳର ଆଟାପାଟୁଠାରେ ଏକ ନର୍ସରୀରେ କାମ କରୁଥିଲେ। ଏକ ସ୍ୱତନ୍ତ୍ର ଟ୍ରେନରେ ଆସି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିବା ପରେ ବସ୍ ଯୋଗେ ପାଟଣାକୁ ଆସିଛନ୍ତି। ପାଟଣା ମୁଖ୍ୟାଳୟସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖୋଲା ଯାଇଥିବା ଫିବର କ୍ଲିନିକରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିଜ ନିଜ ପଞ୍ଚାୟତରେ ଖୋଲା ଯାଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠା ଯାଇଥିବା ବିଡ଼ିଓ ଈଶ୍ୱର ଚନ୍ଦ୍ର ନାଏକ, ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁପ୍ରକାଶ ଶତପଥୀ ପ୍ରକାଶ କରିଛନ୍ତି।


କେରଳରୁ ଫେରିଥିବା ଶ୍ରମିକ।

ଦ୍ୱିତୀୟ ପର୍ଯ୍ୟାୟରେ ପାଟଣା ଅଞ୍ଚଳକୁ ଫେରିଥିବା ଏହି ୧୪ ଜଣ ପ୍ରବାସୀ ପୁରୁଷ ଶ୍ରମିକଙ୍କ ମଧ୍ୟରୁ କେନ୍ଦେଇପଶି ପଞ୍ଚାୟତକୁ ୮ ଜଣ, ଖିରେଇଟାଙ୍ଗିରି ପଞ୍ଚାୟତକୁ ୪ ଜଣ, ମୁଷାଖୋରୀ ପଞ୍ଚାୟତକୁ ଜଣେ ଓ ସାହାରପଡା ବ୍ଲକକୁ ଜଣେ ଫେରିଛନ୍ତି। ୩ଦିନ ତଳେ ସୁରଟ ଫେରନ୍ତା ୩ ଶ୍ରମିକଙ୍କୁ ମୁଖ୍ୟାଳୟ ସ୍ଥିତ ପାଟଣା ମହାବିଦ୍ୟାଳୟରେ କରାଯାଇଥିବା ଆଇସୋଲେଶନ ସେଣ୍ଟରରେ ରଖା ଯାଇଛି। ସମସ୍ତଙ୍କର ସ୍ୱାବ ଟେଷ୍ଟ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ଥଣ୍ଡା କାଶ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

ବାଲିଆପାଳ, ୮।୫(ସ୍ୱ.ପ୍ର.)

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲକ୍‌ଡାଉନ ସମୟରେ ସମସ୍ତେ ଘରେ ରହୁଥିବା ବେଳେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ନିଜ ଜୀବନକୁ ବିପଦରେ ପକାଇ ନିରନ୍ତର ସେବା ଯୋଗାଇ ଚାଲିଛନ୍ତି। ଏହି ଯୋଦ୍ଧାରେ ସେମାନେ କୌଣସି ବିପଦକୁ ଖାତିର ନ କରି ଡାକ୍ତରଖାନା, ସଙ୍ଗନିରୋଧ କେନ୍ଦ୍ର ଏବଂ ବିଭିନ୍ନ କାର୍ଯ୍ୟାଳୟକୁ ନିରବିଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେଉଛନ୍ତି । ପ୍ରବଳ ଖରା ଏବଂ କାଳବୈଶାଖୀ ଝଡ଼ରେ ମଧ ସେମାନେ ଜନସାଧାରଣଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାର ବିଦ୍ୟୁତ୍ କର୍ମଚାରୀମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସହିତ କରୋନା ବୀମାରେ ସାମିଲ କରିବାକୁ ଜାମଶୂଳୀ ସବ୍‌ଡିଭିଜନର କର୍ମଚାରୀ ନୀଳାଦ୍ରି ବିହାରୀ ସି, ନରେଶ ନାୟକ, କମଳାକାନ୍ତ ଅଣ୍ଡିଆ, ଚନ୍ଦ ଦାସ, ଗୋପାଳ ଦାସ, ପ୍ରଶାନ୍ତ ମହାନ୍ତି ଓ ସୁଧୀର ଧିଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ଭଦ୍ରକରେ ପୁଣି ୩ ପଜିଟିଭ

ଭଦ୍ରକ ଅଫିସ, ୮।୫

**ଆକ୍ରାନ୍ତଙ୍କ ସଂଖ୍ୟା ୨୪**

ଭଦ୍ରକ ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ୨ଟି ପର୍ଯ୍ୟାୟରେ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪ ଛୁଇଁଛି। ଏଥିମଧ୍ୟରୁ ୧୨ଜଣ ସୁସ୍ଥ ହୋଇଛନ୍ତି। ପୂର୍ବାହ୍ନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଯୋଗେ ମିଳିଥିବା ସୂଚନା ଅନୁଯାୟୀ ଜଣେ ରୋଗୀ ବାସୁଦେବପୁର ପୌରାଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ରୋଗୀ ଧାମନଗର ବ୍ଲକ ବମକୁରା ପଞ୍ଚାୟତର। ଅପରାହ୍ନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅନ୍ୟ ଜଣେ ରୋଗୀ ବାସୁଦେବପୁର ବ୍ଲକ ବିବିନଗର ଅଞ୍ଚଳର ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ଚିହ୍ନଟ ସମସ୍ତ ରୋଗୀ ସୁରଟ ଫେରନ୍ତା ଓ ସମସ୍ତେ ସଙ୍ଗରୋଧ ଗୃହରେ ଥିଲେ। ଏଥିପାଇଁ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ଆଶ୍ୱାସନା ଦେଇଛନ୍ତି।

## ବାସୁଦେବପୁର ଡାକ୍ତରଖାନାରେ ଲାଗିଲା ସାନିଟାଇଜର ମେଶିନ



ଉଦ୍‌ଘାଟିତ ହୋଇଥିବା ସାନିଟାଇଜର୍ ମେଶିନ।

ବାସୁଦେବପୁର, ୮।୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଡାକ୍ତରଖାନାରେ ଆଉଟଡୋର ସାମ୍ନାରେ ଶୁକ୍ରବାରଠାରୁ ଲାଗିଛି ହୋଲବଡ଼ି ସାନିଟାଇଜର ମେଶିନ। ଏହି ସାନିଟାଇଜର୍‌କୁ ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ଗ୍ରାମର କାଳୀପଦ ସିଟ୍ ନାମକ ଜଣେ ଅଟୋପାର୍ଟସ ମେକାନିକ(ଯୁବକ) ଉଦ୍ଭାବନ କରିଛନ୍ତି। କେତେକ ଅଟୋ ପାର୍ଟସ୍ ଅଦରକାରୀ ଯନ୍ତ୍ରାଂଶ ଓ ଅନ୍ୟ କେତେକ ଘରୋଇ ଅନାବଶ୍ୟକ ଉପକରଣକୁ ନେଇ ସେ ଏହି ମେଶିନ ତିଆରି କରିଛନ୍ତି। ଏହି ମେଶିନରେ ୬ଟି ସେନ୍ସର ଲାଗିଛି। ଦେଶ ଓ ବିଶ୍ୱରେ କରୋନା କାୟା ବିସ୍ତାର କରିଥିବା ବେଳେ କୋଭିଡ଼-୧୯ ପ୍ରତିରୋଧକ ଏହି ବଡ଼ି ସାନିଟାଇଜର୍‌କୁ ଡାକ୍ତରଖାନା କର୍ତ୍ତୃପକ୍ଷ ଟିକିନିଖି ପରୀକ୍ଷା କରିବା ପରେ ଲଗାଇଛନ୍ତି। ଏହି ମେଶିନ ତିଆରି କରିବାକୁ କାଳୀପଦଙ୍କୁ ଏକ ସପ୍ତାହ ସମୟ ଲାଗିଛି। ଶୁକ୍ରବାର ଏହାକୁ ଉଦ୍‌ଘାଟନ କରାଯାଇଛି। ଏହି ସମୟରେ ବିଡିଓ ପ୍ରଣବ କୁମାର ବେହେରା, ବିଧାୟକ ପ୍ରତିନିଧି ଅସିତ ଦାଶ, ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ, ସ୍ୱାସ୍ଥ୍ୟ କର୍ମୀ ଓ କାଳୀପଦ ଉପସ୍ଥିତ ଥିଲେ। ଏହି ମେଶିନ ତିଆରି ପାଇଁ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। କାଳୀପଦ ନିଜସ୍ୱ ଖର୍ଚ୍ଚ ଓ ଉଦ୍ୟମ ବଳରେ ଏହି ମେଶିନ ତିଆରି କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବା କହିଛନ୍ତି।

## ବାପ୍‌ଟିଷ୍ଟ ଚର୍ଚ୍ଚ ପକ୍ଷରୁ କୋଭିଡ୍ ଫଣ୍ଡକୁ ସହାୟତା

ଜି.ଉଦୟଗିରି,୮।୫ (ଡି.ଏନ୍.ଏ.)

ଜି.ଉଦୟଗିରି ନୂଆସାହି ସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚ ତରଫରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ପାଣ୍ଠିକୁ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଡିଓ ଶାନ୍ତନୁ କୁମାର ନାୟକଙ୍କୁ ଭେଟି ଏକ ଚେକ୍ ପ୍ରଦାନ କରାଯାଇଥିଲା। ଚର୍ଚ୍ଚର ସଭାପତି ପ୍ରତାପ କୁମାର ପ୍ରଧାନ, ଉପ ସଭାପତି ପ୍ରଶାନ୍ତ କୁମାର ଦାସ, ପାଳକ ପ୍ରଦୀପ କୁମାର ନାୟକ, ସମ୍ପାଦକ ପ୍ରମୋଦ କୁମାର ନାୟକ, ସହ ସମ୍ପାଦକ ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତଏହି ଚେକ ପ୍ରଦାନ କରିଥିଲେ।

## ନିୟମ ଉଲ୍ଲଂଘନ, ୩ ଦୋକାନୀଙ୍କୁ ଜରିମାନା

ବୁଗୁଡ଼ା,୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲାକୁ ରୋଡ୍‌ଜୋନ ଘୋଷଣା କରାଯାଇଛି। ଏଭଳି ପରିସ୍ଥିତିରେ କେତେକ ଦୋକାନ ୭ ଘଣ୍ଟାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଖୋଲିବା କଥା। କିନ୍ତୁ ଏହି ଆଇନ ଉଲ୍ଲଂଘନ କରି ବୁଗୁଡ଼ା ସହରର କେତେକ ଦୋକାନୀ ୧୨ ଘଣ୍ଟା ପରେ ମଧ ଦୋକାନ ଖୋଲିଥିଲେ। ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ, ପୋଲିସ ଏସ୍‌ଆଇ କାର୍ତ୍ତିକ ନାୟକ ସଦଳବଳ ପହଞ୍ଚି ଉକ୍ତ ଦୋକାନ ଉପରେ ଚଢ଼ାଉ କରିଥିଲେ। ୩ ଦୋକାନୀଙ୍କ ଠାରୁ ୧୦୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି।

## ବ୍ରହ୍ମପୁର

### ୨୬୦ ଲିଟର ମଦ ଜବତ, ୩ ଗିରଫ

ପାତ୍ରପୁର,୮।୫(ଡି.ଏନ୍.ଏ.)

ଜରଡ଼ା ପୋଲିସ ଶୁକ୍ରବାର ୧୨ଶହ ପାଉଚ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲଙ୍କା ଗ୍ରାମର ଡି. ବିଗ୍ନେଶ ଓ ବାବନପୁରର ଟି. ଡିଲିରା, ଥଳିବାଡ ଗ୍ରାମର ମାଧବ ଶବର। ସୂଚନା ଅନୁଯାୟୀ, ମାଧବଙ୍କ ଘରୁ ବିଗ୍ନେଶ ଓ ଡିଲାରା ମଦ ଆଣୁଥିବାବେଳେ ଚଢେଇଗାଁ ନିକଟରୁ ପୋଲିସ ଧରିଥିଲା। ପରେ ମାଧବଙ୍କ ଘରେ ଚଢାଉ କରି ମଦ ପାଉଚ ତିଆରି ମେଶିନ ଜବତ କରିଥିଲା। ସମୁଦାୟ ୨୬୦ ଲିଟର ମଦ ଜବତ ହୋଇଥିବା ବେଳେ ତିନି ଜଣକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

## ରେଡ୍‌ଜୋନ୍ ଗାଇଡ୍‌ଲାଇନ ଜାରି କଲେ ଜିଲାପାଳ

ଛତ୍ରପୁର,୮।୫(ଡି.ଏନ୍.ଏ.)

**ଗଞ୍ଜାମରେ ବୃଦ୍ଧି ପାଉଛି ପଜିଟିଭ ସଂଖ୍ୟା**

ଗଞ୍ଜାମରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜିଲା ରେଡ୍‌ଜୋନ୍‌କୁ ଆସିଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଏକ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେଉଁସବୁ ଦୋକାନ ଖୋଲିବ ଓ ସେବା ମିଳିବ ଏବଂ କଟକଣା ମଧ୍ୟରେ କ'ଣ ଚାଲିବ ସେ ସମ୍ପର୍କରେ ଗାଇଡଲାଇନ୍‌ରେ ଦର୍ଶାଯାଇଛି। ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ବ୍ୟବହାରକୁ ବାଧତାମୂଳକ ରହିଛି।

ଦୁଇ ଚକିଆ ଯାନରେ କେବଳ ଚାଳକ, ଚାରି ଚକିଆ ଯାନରେ ଚାଳକଙ୍କ ସହ ୨ ଜଣ, ସହରାଞ୍ଚଳରେ ସାମାଜିକ ଦୂରତା ରକ୍ଷା କରି ସରକାରୀ ନିର୍ମାଣ କାମ, ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ, ଗୋଟିକିଆ ଦୋକାନ, ଇ-କମର୍ସ ସେବାକୁ ଅନୁମତି ମିଳିଛି। ଗ୍ରାମାଞ୍ଚଳରେ ସାମାଜିକ ଦୂରତା ରକ୍ଷା କରି ସବୁ ଦୋକାନ ଖୋଲିବ ଓ ନିର୍ମାଣ କାର୍ଯ୍ୟ ଚାଲିବ। ଘରୋଇ ଅଫିସ ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ସ୍ୱାସ୍ଥ୍ୟ, ପୋଲିସ, ଫାୟାର ସେବା ପୂର୍ବଭଳି ଚାଲିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଜିମ୍, ସ୍ପୋର୍ଟସ କମ୍ପ୍ଲେକ୍ସ, ଥିଏଟର, ଅଡିଟୋରିୟମ, ବସ ସେବା, ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମ, ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସମାବେଶ, ସମସ୍ତ ସହରାଞ୍ଚଳରେ ମଲ୍, ମାର୍କେଟ କମ୍ପ୍ଲେକ୍ସ, ସାଇକେଲ ରିକ୍ସା, ଅଟୋ ରିକ୍ସା, ଟ୍ୟାକ୍ସି, ଆନ୍ତଃ ଜିଲା ଓ ରାଜ୍ୟ ବସ ସେବା, ମଦ ଦୋକାନ, ସେଲୁନ୍, ସ୍ପା, ପାନ, ଗୁଟଖା, ଚା, ଠେଲା ଦୋକାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି।

୫ ଜଣଙ୍କ ଠାରୁ ଅଧିକ ଲୋକ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇପାରିବେନି। ମାସ୍କ ନ ପିନ୍ଧିଲେ ଓ ସାମାଜିକ ଦୂରତା ରକ୍ଷା ନ କଲେ ୨୦୦ ଟଙ୍କା ଜରିମାନା ପଡିବ। ଲକ୍‌ଡାଉନ୍ ନିୟମ ଓ ରେଡ୍‌ଜୋନ୍ ପାଇଁ ଥିବା ଗାଇଡଲାଇନ୍‌କୁ ଉଲ୍ଲଂଘନ କଲେ ବିପର୍ଯ୍ୟୟ ଆକ୍ଟ ୨୦୦୫ର ଧାରା ୫୧ରୁ ୬୦, କୋଭିଡ-୧୯ ରେଗୁଲେଶନ-୨୦୨୦, ଆଇପିସିରେ ଏବଂ ଅନ୍ୟ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି।

## କୋଭିଡ୍-୧୯ ସେବାରେ ନିଯୁକ୍ତି ଦାବି

ଫୁଲବାଣୀ ଅଫିସ, ୮।୫

କରୋନା ମୁକାବିଲା ତଥା କୋଭିଡ-୧୯ ଲାଗି ଜିଲାରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରମାନ ଖୋଲା ଯାଇଛି। ସେଠାରେ ନିଯୁକ୍ତି ଦେବାକୁ ନିଖିଳ ଓଡିଶା ଅଣ ନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଶୁକ୍ରବାର ଜିଲାପାଳଙ୍କ ପାଖରେ ଦାବି କରିଛନ୍ତି। ଯେଉଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଛି, ସେଠାରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ସେଠାରେ ଆମ୍ଭମାନଙ୍କୁ ନିଯୁକ୍ତି ଦେବାକୁ ଗତ ୪ ତାରିଖରେ ଜିଲାପାଳଙ୍କୁ ମଧ ଭେଟି ଗୁହାରି କରିଥିଲୁ। ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖକୁ ଦାବିପତ୍ର ପଠାଇଥିଲେ। କିନ୍ତୁ ନିଯୁକ୍ତି ନେଇ ସେ କିଛି କରି ପାରିବେ ନାହିଁ, ଭୁବନେଶ୍ୱର ଯାଇ ବିଭାଗୀୟ ଅଧିକାରୀଙ୍କୁ ଭେଟିବାକୁ କହିଥିଲେ। ଯାହା ବର୍ତ୍ତମାନ ସମ୍ଭବ ନୁହେଁ। ୨ ବର୍ଷ ହେଲା ଟ୍ରେନିଂ ସାରି ଘରେ ବସିଛୁ। କେତେକଙ୍କ ଚାକିରୀ ବୟସ ସୀମା ଶେଷ ହେବାକୁ ବସିଲାଣି। ତେଣୁ ଜିଲାପାଳ ଏହାର ବିଚାର କରି ଆମ୍ଭକୁ କୋଭିଡ ସ୍ୱାସ୍ଥ୍ୟ ସେବାରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇ ପାରିବେ ବୋଲି ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ସରିତା ମୁଖି, ଶ୍ରଦ୍ଧାଞ୍ଜଳୀ ନାୟକ, ସନ୍ତୋଷୀ ଦଳଛତ୍ର, ଟୁନିମା ପ୍ରଧାନ, ନଳୀନି ଦିଗାଲ, ସରାମି ଦିଗାଲ ପ୍ରମୁଖ ପ୍ରକାଶ କରିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସ୍ୱାସ୍ଥ୍ୟକର୍ମୀ।

### ଦିଗପହଣ୍ଡିରେ ପହଞ୍ଚିଲା କେନ୍ଦ୍ରମନ୍ତ୍ରୀଙ୍କ ପ୍ରଦତ୍ତ ରିଲିଫ ସାମଗ୍ରୀ

ଦିଗପହଣ୍ଡି,୮।୫(ଡି.ଏନ.ଏ.)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୁରୁବାର ଏକ ରିଲିଫ ସାମଗ୍ରୀ ବୋଝେଇ ଟ୍ରକ୍ ପଠାଇଛନ୍ତି। ଟ୍ରକ୍‌ଟି ଦିଗପହଣ୍ଡି ସ୍ଥିତ ଭାଜପା କାର୍ଯ୍ୟାଳୟ ନିକଟରେ ପହଞ୍ଚିଛି। ଦଳର କାର୍ଯ୍ୟକର୍ତ୍ତା ମନୋଜ କୁମାର ପଣ୍ଡା, ଶୁଭେନ୍ଦୁ କୁମାର ପାଢୀ, ସୂର୍ଯ୍ୟନାରାୟଣ ସାହୁ ପ୍ରମୁଖ ରିଲିଫ ସାମଗ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ଚୁଡା, ବିସ୍କୁଟ, ମାକ୍ସ, ସାବୁନ, ଚାଉଳ, ଡାଲି ଓ ଚିନି ଭଳି ଶୁଖିଲା ସାମଗ୍ରୀ ଏଥିରେ ଥିବା ଜଣାଇଛନ୍ତି। ଏସବୁ ଗରିବ ଲୋକଙ୍କୁ ବଣ୍ଟାଯିବ। ଏଭଳି ବିପର୍ଯ୍ୟୟ ସମୟରେ ଗରିବଙ୍କ ପାଇଁ ରିଲିଫ ପଠାଇଥିବାରୁ ଭାଜପା ଦିଗପହଣ୍ଡି ମଣ୍ଡଳ କମିଟି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କାର୍ଯ୍ୟକର୍ତ୍ତା ଭୃଗୁ ବକ୍ସିପାତ୍ର, ବିଭୂତି ଜେନା ଓ ପିଙ୍କି ପ୍ରଧାନଙ୍କୁ ଦଳୀୟ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି।

## ସହାୟତା ନାହିଁ: ପୋଲସରାରୁ ବଲାଙ୍ଗୀର ଅଭିମୁଖେ ଶ୍ରମିକ

ଭଞ୍ଜନଗର/ପୋଲସରା, ୮।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ନିକଟସ୍ଥ ହାତୀଓଟ ଏବଂ କେନ୍ଦୁବାଡ଼ି ଅଞ୍ଚଳର ଇଟାଭାଟିରେ କାମ କରୁଥିବା ବଲାଙ୍ଗୀର ଜିଲାର ଶ୍ରମିକମାନେ ଶୁକ୍ରବାର ନିଜ ଭିଟାମାଟି ଅଭିମୁଖେ ଚାଲିଚାଲି ବାହାରିଛନ୍ତି। ପୋଲସରା, ବେଲଗୁଣ୍ଠା, ଭଞ୍ଜନଗର ବ୍ଲକ ଓ ଏନ୍‌ଏସି ଅତିକ୍ରମ କରିବା ପରେ ସୋରାଦେବୀ ମନ୍ଦିର ରାସ୍ତାରେ ରୋକେଇ କରିବା ପାଇଁ ଅଟକିଥିଲେ। ଏନେଇ ପାଟଣାଗଡ଼ ଶାଳପଦର ଗ୍ରାମର ଜଣେ ଶ୍ରମିକ କହିଛନ୍ତି ଯେ, ଆମେ ହାତୀଓଟ ଇଟାଭାଟିରେ କାମ କରୁଥିଲୁ। ୨ମାସ ହେବ କାମ ବନ୍ଦ, ଖାଇବା ପାଇଁ ପାଖରେ ଟଙ୍କାଟିଏ ନାହିଁ। ଭିଟାମାଟିକୁ ଫେରିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲୁ। ୧୫ଦିନ ବିତିଲା ଆମ କଥା କେହି ବୁଝିଲେ ନାହିଁ। ତେଣୁ ଶୁକ୍ରବାର ସକାଳୁ ଭିଟାମାଟିକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ୧୨ଜଣ ପୁରୁଷ ଓ ମହିଳା ଥିବାବେଳେ ସେଥିରେ ୬ଜଣ ଶିଶୁ ଅଛନ୍ତି। ଏନେଇ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦିଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଏନେଇ ଆମକୁ କେହି ଅବଗତ କରିନାହାନ୍ତି। ଯଦି ସୂଚନା ମିଳିଥାନ୍ତା ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥାନ୍ତା।


ଶ୍ରମିକମାନେ ଚାଲି ଚାଲି ଯାଉଛନ୍ତି।

### ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କଲେ ଉପଜିଲାପାଳ

ପାଟପୁର,୮।୫

ସାନଖେମୁଣ୍ଡି ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ୧୭୨୪ ଜଣ ପ୍ରବାସୀ ରହୁଛନ୍ତି। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଶୁକ୍ରବାର ବ୍ଲକରେ ପହଞ୍ଚି ସଙ୍ଗରୋଧ କେନ୍ଦ୍ରର ପରିଚାଳନା ନେଇ ସମୀକ୍ଷା କରିଥିଲେ। ପାଟପୁର ବିଶ୍ୱାସରାୟ କେନ୍ଦ୍ରକୁ ଯାଇ ବୁଲି ଦେଖିବା ସହ ସେଠାରେ ଥିବା ଶିଶୁମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଥିଲେ। ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ, ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ସହ ଭାଉସାହେବ ବ୍ଲକର ଖଲିଙ୍ଗି, ଆଡ଼ପଡା ଆଦି କେନ୍ଦ୍ର ମଧ ପରିଦର୍ଶନ କରିଥିଲେ।

### ଜଳିଗଲା କୁକୁଡ଼ା ଫାର୍ମ

ବୁଗୁଡା,୮।୫(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଖୋଲରୀ ଗ୍ରାମ ନିକଟରେ ଥିବା ଏକ କୁକୁଡା ଫାର୍ମରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ପୋଡି ଯାଇଛି। ତେବେ ଉକ୍ତ ଫାର୍ମରେ କୌଣସି କୁକୁଡ଼ା ନଥିବା ମାଲିକ ବସନ୍ତ କୁମାର ସ୍ୱାଇଁ କହିଛନ୍ତି। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

## ସଂକ୍ଷେପରେ

### କାର୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ



**ବଅଁରପାଳ, ୮।୫(ଡି.ଏନ.ଏ.):** ଅନୁଗୋଳ ଜିଲା ବଅଁରପାଳ ଥାନା ବଉଳିଗଡ଼ ବ୍ରିଜ୍ ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସମ୍ମୁଖରେ ବସିଥିବା ଯତୀନ ସାହୁଙ୍କ ମୃତ୍ୟୁ ହୋଇଛି। ଚାଳକ ତ୍ରିଲୋଚନ କୁମାର ଓ ଅନ୍ୟଜଣେ ଆହତ ହୋଇଛନ୍ତି। ଉକ୍ତ କାର୍ ମହୀଧରପୁରରୁ ବଅଁରପାଳ ଅଭିମୁଖେ ଆସୁଥିବା ବେଳେ ବଉଳିଗଡ଼ ରାସ୍ତାର ଏକ ବାଙ୍କ ପାଖରେ ଗଛରେ ପିଟି ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯତୀନଙ୍କ ମୃତ୍ୟୁ ହୋଇଯାଇଛି। ଏ ନେଇ ପୋଲିସ ନଂ. ୧୧୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଦୋକାନ ସିଲ୍ କଲା ପୋଲିସ



**ବଇଣ୍ଡା, ୮।୫(ଡି.ଏନ.ଏ.):** ସାମାଜିକ ଦୂରତ୍ୱ ରକ୍ଷା ନ କରି ସାମଗ୍ରୀ ବିକ୍ରି କରୁଥିବାବେଳେ ଠାକୁରଗଡ ପୋଲିସ ଶୁକ୍ରବାର ଆଠମଲ୍ଲିକ ବ୍ଲକ ଲକ୍ଷ୍ମୀବଜାର ଅଞ୍ଚଳରେ ଥିବା ଠାକୁରଗଡ ଗ୍ରାମର ତୋଫାନ ସାହୁଙ୍କ ଦୋକାନକୁ ସିଲ୍ କରିଛି। ପୋଲିସ କହିଛି, ସାପ୍ତାହିକ ହାଟ ଥିବାରୁ ବହୁ ଦୋକାନ ଖୋଲିଥିଲା। ତୋଫାନଙ୍କ ଭେରାଇଟି ଷ୍ଟୋରରୁ ଅନେକ ଲୋକ ସାମାଜିକ ଦୂରତା ନ ରଖି ଜିନିଷ କିଣୁଥିବାବେଳେ ପୋଲିସ ପହଞ୍ଚି ଦୋକାନ ସିଲ୍ କରିଥିଲା। ଏ ନେଇ ନଂ. ୫୫/୨୦ରେ ଏକ ମାମଲା ରୁଜୁ କରାଯାଇଛି।

### ପୂର୍ତ୍ତ ବିଭାଗ ପକ୍ଷରୁ ସହାୟତା

**ଢେଙ୍କାନାଳ ଅଫିସ,୮।୫:** ଢେଙ୍କାନାଳ ପୂର୍ତ୍ତ ବିଭାଗର ବୈଷୟିକ ବିଭାଗ, ଅଧିକାରୀ ଓ କର୍ମଚାରୀମାନଙ୍କ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ଏହି ସହାୟତା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଢେଙ୍କାନାଳ ଶାଖା ଜରିଆରେ ପ୍ରଦାନ କରାଯାଇଛି ବୋଲି ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

### ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ

**ଢେଙ୍କାନାଳ ଅଫିସ୍, ୮।୫:** ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ହାଇସ୍କୁଲ ପରିସରରେ ଥିବା ସଙ୍ଗରୋଧ



କେନ୍ଦ୍ରକୁ ଗୁରୁବାର ରେଡକ୍ରସ ଓ ସ୍ୱେଚ୍ଛାସେବୀମାନେ ପରିଦର୍ଶନ କରିଥିଲେ। ପଞ୍ଚାୟତକୁ ଆସିବାକୁ ଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ କରାଯାଇଥିବା ଏହି ସଙ୍ଗରୋଧ କେନ୍ଦ୍ରରେ ପରିମଳ, ରହିବା ଏବଂ ଅନ୍ୟାନ୍ୟ ସୁବିଧା ଆଦି ବୁଲି ଦେଖିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ରାଜକିଶୋର ବେହେରା, ସାମାଜିକକର୍ମୀ ଦିଲୀପ କୁମାର ପଟ୍ଟନାୟକ, ଗୋବିନ୍ଦପୁର ଶକ୍ତି ଓମ୍ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପଲ୍ଲବୀ ମହାପାତ୍ର, ସଭାନେତ୍ରୀ ଉର୍ମିଳା ସାହୁ ସିଆରପି ବବିତା ସେଠୀ, ରାଜେଶ୍ୱରୀ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଜଗତ୍‌ସିଂହପୁରରୁ ଆସି ହନ୍ତସନ୍ତ

**ଅନୁଗୋଳ ଅଫିସ, ୮।୫:** ଜଗତ୍‌ସିଂହପୁରରୁ ଅନୁଗୋଳ ଆସିଥିବା ୨ ଜଣ ବ୍ୟକ୍ତିଙ୍କୁ ଶୁକ୍ରବାର ହନ୍ତସନ୍ତ ହେବାକୁ ପଡିଛି। ଭଡାଘରର ମାଲିକ ଉଭୟଙ୍କୁ ଘରେ ନ ରହି କ୍ୱାରାଣ୍ଟାଇନ ସେଣ୍ଟରରେ ରହିବାକୁ କହିଥିବା ସେମାନେ ପ୍ରକାଶ କରିଛନ୍ତି। ଫଳରେ ଉଭୟେ କାମ କରୁଥିବା ଦୋକାନ ବାରଣ୍ଡାରେ ରାତ୍ରିଯାପନ କରି ସକାଳେ ପୁଣି ଜଗତ୍‌ସିଂହପୁର ଫେରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଘଟଣା ସମ୍ପର୍କରେ ଅବଗତ ନ ଥିବା ଏବଂ ଏହାର ଅନୁଧ୍ୟାନ କରାଯିବ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି।

# ୩ ଟ୍ୟାଙ୍କର ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କାନାଳ ଅଫିସ,୮।୫**

ଢେଙ୍କାନାଳ ଟାଉନ ଓ ସଦରଥାନା ସୀମା ହରିପୁର ଅଞ୍ଚଳର ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶକ୍ତିସୁଗାର କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖ ପାର୍କିଂସ୍ଥଳରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଅଘଟଣ। ସ୍ପିରିଟ୍ ନେବାକୁ ଖୋର୍ଦ୍ଧାର ଏକ ମଦ କମ୍ପାନୀରୁ ଆସିଥିବା ୩ଟି ଟ୍ୟାଙ୍କର ଚାଳକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି। ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ୩ ଚାଳକ ହେଲେ ବିହାର ଗୌରାଖାଲିସପୁର ଗ୍ରାମର ରୁବେଲ ଭାରତୀ, ଦିଲୀପ ଭାରତୀ ଏବଂ ହରେରାମ ଭାରତୀ। ସେମାନେ ସମ୍ପର୍କରେ ୩ ଭାଇ। ଖବରପାଇ ଟାଉନ ଓ ସଦର ଥାନା ପୋଲିସ, ଅବକାରୀ ବିଭାଗ, ଜିଲା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଫୁଡ୍ ପଏଜନିଂ କିମ୍ବା କୌଣସି ବିଷାକ୍ତ ଖାଦ୍ୟ ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ଚାଳକଙ୍କ ମୃତଦେହ କରୋନା ଅପପ୍ରଚାର ଯୋଗୁ ଦୀର୍ଘ ୧୨ ଘଣ୍ଟା ପଡ଼ିରହିବା ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ଜଣାପଡିଛି, ଶକ୍ତିସୁଗାରରୁ ସ୍ପିରିଟ୍ ନେବା ନିମନ୍ତେ ଖୋର୍ଦ୍ଧାର ଏକ ମଦ କମ୍ପାନୀରୁ ଏହି ୩ଟି ଟ୍ୟାଙ୍କର ପ୍ରାୟ ଦେଢମାସ ତଳୁ ଆସିଥିଲା। ଗୁରୁବାର ରାତି ପ୍ରାୟ ୧ଟାରେ ସମ୍ପୃକ୍ତ ଚାଳକମାନେ ଏକାଠି ଖିଆପିଆ ପରେ ଶୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ୩ଜଣ ଯାକ ଅସୁସ୍ଥ ଅନୁଭବ କରିଥିଲେ। କମ୍ପାନୀ ଫାଟକ ନିକଟରେ ସୁରକ୍ଷା କର୍ମଚାରୀ ଥିଲେ ମଧ୍ୟ ଅସୁସ୍ଥ ଚାଳକମାନଙ୍କୁ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟ ନେବାର କୌଣସି ବ୍ୟବସ୍ଥା କମ୍ପାନୀ ପକ୍ଷରୁ କରାଯାଇ ନ ଥିଲା। ଫଳରେ ଛଟପଟ ହୋଇ ଜଣଙ୍କର ଗାଡି ଭିତରେ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇ ଗୁରୁତରଙ୍କୁ ପାର୍କିଂସ୍ଥଳରେ ଥିବା ଆଉ ଜଣେ ଚାଳକ ଟ୍ୟାଙ୍କରରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଖବରପାଇ ଶୁକ୍ରବାର ଏସ୍‌ପି ଅନୁପମା ଜେମ୍‌ସ, ଅବକାରୀ ଅଧୀକ୍ଷକ ମନୋଜ ସେଠୀ, ସଦର ତହସିଲଦାର ଲକ୍ଷ୍ମୀଧର ରାଉତ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ, ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ ଟାଉନଥାନାରେ ନଂ-୧୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ମନୋଜ ସେଠୀ କହିଛନ୍ତି, ସ୍ପିରିଟ୍ ନେବା ପାଇଁ ଖୋର୍ଦ୍ଧାର ମଦ କମ୍ପାନୀ କୌଣସି ଅନୁମତି ପାଇ ନ ଥିଲା। ଅଧିକ ତଦନ୍ତ ଜାରି ରହିଛି। ଏସ୍‌ପି ଜେମ୍‌ସ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ସହ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜିଲାପାଳ ଭୂମେଶଚନ୍ଦ୍ର ବେହେରା କହିଛନ୍ତି, ଦୀର୍ଘସମୟ ଧରି ମୃତଦେହ ଘଟଣାସ୍ଥଳରେ ପଡି ରହିଥିବା ଖବର ମିଳିବା ପରେ ତୁରନ୍ତ ତାହାକୁ ଉଠାଇ ବ୍ୟବଚ୍ଛେଦ କରାଇବାକୁ ଶକ୍ତିସୁଗାର କମ୍ପାନୀ ଓ ପୋଲିସ ପ୍ରଶାସନକୁ କୁହାଯାଇଥିଲା। ପ୍ରଶାସନ ପକ୍ଷରୁ ମଧ୍ୟ ତଦନ୍ତ କରାଯାଉଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।



ଶକ୍ତିସୁଗାର କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖ ପାର୍କିଂ ଅଞ୍ଚଳରେ ଅଟକି ରହିଥିବା ଟ୍ୟାଙ୍କର ସହ ଘଟଣାସ୍ଥଳରେ ପଡିଥିବା ଚାଳକଙ୍କ ମୃତଦେହ।




ଘଟଣାସ୍ଥଳରେ ଏସ୍‌ପି ଅନୁପମା ଜେମ୍‌ସ ଓ ପୋଲିସ କର୍ମଚାରୀ।

- ଶକ୍ତିସୁଗାର ମୁଖ୍ୟ ଫାଟକ ପାର୍କିଂସ୍ଥଳରେ ଅଘଟଣ
- ସ୍ପିରିଟ୍ ନେବାକୁ ଖୋର୍ଦ୍ଧା ମଦ କମ୍ପାନୀରୁ ଆସିଥିଲେ
- କରୋନା ଅପପ୍ରଚାର ହେବାରୁ କେହି ଛୁଇଁଲେନି ମୃତଦେହ

### କ'ଣ କହୁଛି ଅବକାରୀ ନିୟମ

ନିୟମ ଅନୁଯାୟୀ ସ୍ପିରିଟ୍ ନେବା ପାଇଁ ରାଜ୍ୟ ଅବକାରୀ କମିଶନରଙ୍କ ଅନୁମତି ମିଳିଥାଏ। ଏହାପରେ ଜିଲା ଅବକାରୀ ନିରୀକ୍ଷକ ଅନୁଧ୍ୟାନ କରି କମ୍ପାନୀ ଦାୟିତ୍ୱରେ ଥିବା ଜଣେ ଅବକାରୀ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ କାଗଜପତ୍ର ସହ ଟଙ୍କା ଡିପୋଜିଟ୍ କରାଯାଏ। ଏହି ସମସ୍ତ କାର୍ଯ୍ୟ ଶେଷ ହେବାପରେ ସ୍ପିରିଟ୍ ଉକ୍ତ ମଦ କମ୍ପାନୀକୁ ପ୍ରଦାନ କରାଯାଇଥାଏ। କିନ୍ତୁ ସେହିଭଳି କୌଣସି ଅନୁମତି ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇ ନ ଥିବା ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ଅନୁମତି ମିଳି ନ ଥିବା ବେଳେ ଲକ୍‌ଡାଉନ ସମୟରେ ଶକ୍ତି ସୁଗାର କମ୍ପାନୀ କର୍ତ୍ତୃପକ୍ଷ କିଭଳି ନିଜ ପାର୍କିଂ ଅଞ୍ଚଳରେ ଖୋର୍ଦ୍ଧା ମଦ କମ୍ପାନୀର ଖାଲି ଟ୍ୟାଙ୍କର ରହିବାକୁ ଅନୁମତି ପ୍ରଦାନ କଲେ ତାହା ତଦନ୍ତ ସାପେକ୍ଷ। ତେବେ ଘଟଣା ପରେ କମ୍ପାନୀ କର୍ତ୍ତୃପକ୍ଷ ସମସ୍ତ ଟ୍ୟାଙ୍କରକୁ ବାହାର କରି ପାର୍କିଂ ଅଞ୍ଚଳରେ ଗାଡି ପ୍ରବେଶ ନ କରିବା ପାଇଁ ଲୁହା ବାରିକେଡ୍ ଲଗାଇବା ନିଷ୍ପତ୍ତି ନେଇଛନ୍ତି। ଏଥିସହ ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ କର୍ତ୍ତୃପକ୍ଷ ଉଦ୍ୟମ ମଧ୍ୟ ଚଳାଇଛନ୍ତି। ସେହିପରି ପାର୍କିଂସ୍ଥଳରେ ଥିବା ଅନ୍ୟ ଦୁଇ ଟ୍ୟାଙ୍କର ଚାଳକ କେଉଁଆଡ଼େ ଗାଏବ ହୋଇଯାଇଥିବା ଜଣାପଡ଼ିଛି।

### ମଦ କମ୍ପାନୀ ସହ ସମ୍ପର୍କ ନ ଥିଲା: ଶକ୍ତି ସୁଗାର

ଶକ୍ତି ସୁଗାର କମ୍ପାନୀର ଆଇନଗତ କାର୍ଯ୍ୟ ବୁଝୁଥିବା ଅଧିକାରୀ ଅକ୍ଷୟ କୁମାର ଦାସ କହିଛନ୍ତି, କମ୍ପାନୀ ଫାଟକ ବାହାରେ ଏହି ଘଟଣା ଘଟିଛି। ମୃତକମାନେ ଖୋର୍ଦ୍ଧାର ଏକ ମଦ କମ୍ପାନୀର ଟ୍ରାନ୍ସପୋର୍ଟର। ଅନୁମତି ନ ଥାଇ ଲକ୍‌ଡାଉନ ସମୟରେ ସେମାନେ ଆସି ଏଠାରେ ରହିଥିଲେ। ତାଙ୍କ ସହିତ ଶକ୍ତିସୁଗାରର କୌଣସି ଯୋଗାଯୋଗ କି ସମ୍ପର୍କ ନ ଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସୁରକ୍ଷା କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ପାର୍କିଂସ୍ଥଳରେ ପଡିଥିବା ଜଣଙ୍କ ମୃତଦେହକୁ ଉଠାଇବା ପାଇଁ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

### କରୋନା ଯୋଦ୍ଧାଙ୍କ ଦେଖା ମିଳିଲାନି

ଘଟଣାସ୍ଥଳରେ ପ୍ରାଣ ହରାଇଥିବା ଜଣେ ଟ୍ୟାଙ୍କର ଚାଳକଙ୍କୁ କରୋନା ହୋଇଥାଇପାରେ ବୋଲି ଅପପ୍ରଚାର ହେବାରୁ ମୃତଦେହକୁ କେହି ଛୁଇଁ ନ ଥିଲେ। ଗୁରୁବାର ରାତି ୧ଟାରୁ ଶୁକ୍ରବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦୀର୍ଘ ୧୨ ଘଣ୍ଟା ମୃତଦେହ ସେଠାରେ ପଡ଼ିରହିଥିଲା। ଏହି ସମୟ ମଧ୍ୟରେ କରୋନା ଯୋଦ୍ଧା ଭାବେ ବିଭିନ୍ନ ମହଲରୁ ସମ୍ମାନିତ ହୋଇଥିବା ପୋଲିସ ଓ ସାମାଜିକ କର୍ମୀମାନଙ୍କ ଦେଖା ମିଳି ନ ଥିଲା। ତେବେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ମୃତଦେହ ଅପରାହ୍ନ ୧ଟା ବେଳକୁ ହେଲପିଂହାଣ୍ଡ୍ ଏସ୍-୨ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଉଠାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

# ମୃତକଙ୍କ ପରିବାରକୁ ଭେଟିଲେ ଭାଜପା ନେତା



ଘଟଣାସ୍ଥଳରେ ଭାଜପା ପ୍ରତିନିଧି ଦଳ।

**ଢେଙ୍କାନାଳ ଅଫିସ, ୮।୫**

### ବାଣ ବିସ୍ଫୋରଣ ଘଟଣା

କାମାକ୍ଷାନଗର ବ୍ଲକ ସୋଗର ଗ୍ରାମ ନୂଆସାହିରେ ବାଣ ବିସ୍ଫୋରଣରେ ଗତ ବୁଧବାର ସରୋଜ ସାହୁଙ୍କ ପୁଅ ସାହିଲ(୧୦) ଓ ମନୋଜ ସାହୁଙ୍କ ପୁଅ କ୍ରିଷ୍ଣା (୧୦)ଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଶୁକ୍ରବାର ଭାଜପାର ଏକ ନେତୃମଣ୍ଡଳୀ ଶୋକସନ୍ତପ୍ତ ପରିବାରକୁ ଭେଟିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘନ ଜେନାଙ୍କ ନେତୃତ୍ୱରେ ଜିଲା ଉପସଭାପତି ନବକିଶୋର ଗୁରୁ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା, ଜିଲା ସମ୍ପାଦକ ମାତୃପ୍ରସାଦ ନନ୍ଦ, ରାଜ୍ୟ ପରିଷଦ ସଦସ୍ୟ ଗୋପାଳଚନ୍ଦ୍ର ସାହୁ, କାମାକ୍ଷାନଗର ଏନ୍‌ଏସି ମଣ୍ଡଳ ସଭାପତି ବିଜୁ ପଟ୍ଟନାୟକ ପ୍ରମୁଖ ସାକ୍ଷାତକରି ସମବେଦନା ଜ୍ଞାପନ କରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଏହି ନେତୃମଣ୍ଡଳୀ କାମାକ୍ଷାନଗର ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିସହ କଟକରେ ଚିକିତ୍ସାଧୀନ ଥିବା ନାବାଳକ ସମ୍ବିତଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବା ପାଇଁ ଅନୁରୋଧ କରିଥିଲେ। ଉଭୟ ପରିବାରକୁ ୧ ମାସ ପାଇଁ ରାଶନ ଓ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଇ କେନ୍ଦ୍ର ପକ୍ଷରୁ ଅଧିକ ସାହାଯ୍ୟ ଯୋଗାଇଦେବାକୁ ଉଭୟ ପରିବାରକୁ ନେତୃମଣ୍ଡଳୀ ଆଶ୍ୱାସନା ଦେଇଛନ୍ତି।

# 'ସ୍ୱାସ୍ଥ୍ୟରକ୍ଷା ପାଇଁ ଆରୋଗ୍ୟ ସେତୁ'

**ଢେଙ୍କାନାଳ ଅଫିସ, ୮।୫**

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଜନସାଧାରଣ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ପାଇବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଆରୋଗ୍ୟ ସେତୁ ସେବା ପ୍ରଚଳନ କରାଯାଇଛି ବୋଲି ଶୁକ୍ରବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି । ଇଚ୍ଛୁକ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଟୋଲ ଫ୍ରି ନଂ-୧୯୨୧କୁ ମିସ୍ କଲ କରିବା ପାଇଁ କୁହାଯାଇଛି। ପରେ କଲ ବ୍ୟାକ୍ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶ୍ନମାନ ପଚରାଯିବ। ଏଥିସହିତ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏସ୍‌ଏମ୍‌ଏସ୍ ଦ୍ୱାରା ଅବଗତ କରାଯିବ। ଏହି ସେବା ୧୧ଟି ଭାଷା ମାଧ୍ୟମରେ ଉପଲବ୍ଧ ହେବ। ଆରୋଗ୍ୟସେତୁ ଟୋଲ ଫ୍ରି ନମ୍ବର ବ୍ୟତୀତ ଅନ୍ୟ କୌଣସି ନମ୍ବରରେ କଲ୍ ଆସିଲେ ଏହାକୁ ଅଣଦେଖା କରିବା ପାଇଁ ସୂଚନା ଦିଆଯାଇଛି ।

# ବାରଦା ପଞ୍ଚାୟତ ବିଶୋଧନ

**ଢେଙ୍କାନାଳ ଅଫିସ,୮।୫**

କରୋନା ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନର ପରାମର୍ଶ କ୍ରମେ ସଦର ବ୍ଲକ ବାରଦା ପଞ୍ଚାୟତରେ ଚାଇଲ୍ଡ ଲାଇନ, ଆୱାର୍ଡ ଓ ବାରଦା ପଞ୍ଚାୟତର ମିଳିତ ସହଯୋଗରେ ବିଭିନ୍ନ ସ୍ଥାନ ବିଶୋଧନ କରାଯାଇଛି। କାନାରା ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ ପରିସର, ଅଙ୍ଗନୱାଡି କେନ୍ଦ୍ର, ସଙ୍ଗରୋଧ କେନ୍ଦ୍ର, ଦୋକାନ ଓ ବସ୍ତି ଅଞ୍ଚଳ ଏବଂ ରାସ୍ତାଘାଟଗୁଡିକ ବିଶୋଧନ କରାଯାଇଥିଲା। ଏଥିସହିତ ଲୋକଙ୍କୁ ସଚେତନ କରାଯାଇଥିଲା। ଆୱାର୍ଡ ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀ, ବନ୍ୟଜନ୍ତୁ ଓ ସାପ ଉଦ୍ଧାରକାରୀ ଦଳର ସଦସ୍ୟ ଦୀପକ କୁମାର ନାୟକ, ଦିବ୍ୟରଞ୍ଜନ ସାହୁ, ଶିବୁ ପ୍ରଧାନ ଓ ମନୋଜ ନାୟକ ବିଶୋଧନ କାର୍ଯ୍ୟ ତୁଲାଇଥିଲେ। ସରପଞ୍ଚ ବ୍ରହ୍ମାନନ୍ଦ ସାମଲ, ଚାଇଲ୍ଡ ଲାଇନର ସୁଶାନ୍ତ ତ୍ରିପାଠୀ, ସୁବାଶିଷ ବିହାରୀ ପ୍ରମୁଖ ସାମିଲ ହୋଇଥିଲେ।




ବାରଦା ପଞ୍ଚାୟତରେ ବିଶୋଧନ କାର୍ଯ୍ୟକ୍ରମ।

## ଫଟୋରେ ଖବର...



ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଢେଙ୍କାନାଳ ସହରରେ ଗୁପଚୁପ ବିକାଳିମାନଙ୍କୁ ଖାଦ୍ୟପୁଡ଼ିଆ ପ୍ରଦାନ କରାଯାଇଛି।



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୋରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡା ବିଶ୍ୱ ରେଡ୍‌କ୍ରସ୍ ଦିବସ ଅବସରରେ ରେଡ୍‌କ୍ରସ୍ ପାଣ୍ଠିକୁ ୧୦ ହଜାର ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୫ ହଜାର ଟଙ୍କାର ଚେକ୍ ଜିଲାପାଳ ଭୂମେଶଚନ୍ଦ୍ର ବେହେରାଙ୍କ ଜରିଆରେ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଫେରିଲେଣି ୪୦୯ ଶ୍ରମିକ

**ଅନୁଗୋଳ ଅଫିସ, ୮।୫:** ବାହାର ରାଜ୍ୟରେ ରହି କାମ କରୁଥିବା ଅନୁଗୋଳ ଜିଲାର ଲୋକମାନଙ୍କ ମଧ୍ୟରୁ ୭ ତାରିଖ ସୁଦ୍ଧା ୪୦୯ ଜଣ ଫେରି ଆସିଛନ୍ତି। ଗତ ୨ ତାରିଖରେ ୫୬ ଜଣ ଫେରିଥିବାବେଳେ ୩ ତାରିଖରେ ୧୧୮, ୪ରେ ୧୦୫, ୫ରେ ୪୭, ୬ରେ ୫୦ ଓ ୭ ତାରିଖରେ ୩୩ ଜଣ ବିଭିନ୍ନ ମାଧ୍ୟମରେ ଜିଲାରେ ପହଞ୍ଚିଛନ୍ତି। ଏମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବା ସହ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### କୂଅରେ ପଡ଼ି ମହିଳା ମୃତ

**ଛେଣ୍ଡିପଦା, ୮।୫(ସ୍ୱ.ପ୍ର.):** ଜରପଡା ଥାନା ତୁକୁଡା ଗ୍ରାମର ଗୋମତୀ ବିଶ୍ୱାଳ(୩୨)ଙ୍କ କୂଅରେ ପଡି ଶୁକ୍ରବାର ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୋମତୀ ଘର ନିକଟ ବଗିଚାରେ ଥିବା କୂଅରୁ ପାଣି କାଢୁଥିବାବେଳେ ଗୋଡ଼ ଖସିଯିବାରୁ ଭିତରକୁ ଖସି ପଡିଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଲିସକୁ ଖବର ଦେଇଥିଲେ। ଜରପଡା ଥାନା ଏସ୍‌ଆଇ ଆଶିଷ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ନଂ. ୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନା ପଠାଯାଇଛି।

### ସଚେତନ କରାଇଲା ପୋଲିସ



**ଛେଣ୍ଡିପଦା, ୮।୫(ସ୍ୱ.ପ୍ର.):** ଛେଣ୍ଡିପଦା ପୋଲିସ ପକ୍ଷରୁ ଶୁକ୍ରବାର ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ କନକ ମାଝିଙ୍କ ନେତୃତ୍ୱରେ ଏହି ଫ୍ଲାଗ ମାର୍ଚ୍ଚ ବାଗଡିଆ ଧର୍ମଶାଳାଠାରୁ ଆରମ୍ଭ ହୋଇ ବାଗଡିଆ ବଜାର, ବସ୍‌ଷ୍ଟାଣ୍ଡ ଛକ, ଖମାର ବଜାର ଓ ଖମାର ମନ୍ଦିର ଛକରେ ସମାପ୍ତ ହୋଇଥିଲା। ୩ କିମି ପର୍ଯ୍ୟନ୍ତ ଆୟୋଜିତ ଏହି ଫ୍ଲାଗ୍‌ମାର୍ଚ୍ଚରେ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ନିୟମ ମାନିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଛେଣ୍ଡିପଦା ଏସ୍‌ଆଇ ପ୍ରତାପ ଚନ୍ଦ୍ର ଦଳେଇ, ଏଏସ୍‌ଆଇ ରମେଶ ପ୍ରଧାନ, ହରିହର ପ୍ରଧାନ, ବାଗଡିଆ ଫାଣ୍ଡି ଅଧିକାରୀ ଏସ୍‌ଆଇ ଅବଦୁଲ ୱାସିମ ଖାନଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଅଧିକାରୀ ସାମିଲ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଆଠମଲ୍ଲିକ, ୮।୫(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମଣ କର୍ଣ୍ଣ(୬୪)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ବୁଧବାର ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ପୂର୍ବରୁ ସମିତି ସଭ୍ୟ ଭାବେ ମଧ୍ୟ ନିର୍ବାଚିତ ହୋଇଥିବାବେଳେ ଏବେ ଏୟୁସିସିବିର ନିର୍ଦ୍ଦେଶକ ରହିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ, ବ୍ଲକ ଉପାଧ୍ୟକ୍ଷା ବବିତା କର୍ଣ୍ଣ, ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି।

### ୧୪ ବାଇକ୍ ଜବତ, ୬ ଦୋକାନ ସିଲ୍

**ଅନୁଗୋଳ ଅଫିସ, ୮।୫-** ଅନୁଗୋଳ ପୋଲିସ ପକ୍ଷରୁ ଶୁକ୍ରବାର ସକାଳେ ଫ୍ଲାଗ୍‌ମାର୍ଚ୍ଚ କରାଯିବା ପରେ ବଜାରରେ ବହୁ ସଂଖ୍ୟାରେ ଲୋକଙ୍କ ଗହଳି ଜମିଥିଲା। କିଛି ବ୍ୟବସାୟୀ ମଧ୍ୟ ଦୋକାନ ଆଗରେ ସେମାନଙ୍କ ପସରା ମେଲାଇଥିଲେ। ଏହି ସମୟରେ ଅନୁଗୋଳ ପୋଲିସ ପାଟ୍ରୋଲିଂ କରି ୧୪ଟି ବାଇକ୍ ଜବତ କରିଥିଲା। ଏଥିସହ ପସରା ମେଲାଇଥିବା ୬ଟି ଦୋକାନକୁ ପୋଲିସ ପକ୍ଷରୁ ସିଲ୍ କରାଯାଇଥିବା ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ରିଲିଫ ପାଣ୍ଠିକୁ ସହାୟତା



**ବଇଣ୍ଡା, ୮।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ପଞ୍ଚଧାରା ୟୁଥ୍ ପାୱାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬୬୬୬ ଟଙ୍କା ଦାନ କରାଯାଇଛି। ସଭାପତି ମଧୁସୂଦନ ନାୟକ, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ବାସଭବନଠାରେ ତାଙ୍କୁ ଏହି ଟଙ୍କା ପ୍ରଦାନ କରିଛନ୍ତି।

# ସବୁଜ ଜୋନ୍ ପାଇଁ ସହଯୋଗ କର

- ଅନୁଗୋଳ ପୋଲିସର ଫ୍ଲାଗ୍‌ମାର୍ଚ୍ଚ
- ସହର ଲୋକଙ୍କୁ କରାଗଲା ସଚେତନ
- କର୍ଫ୍ୟୁ ସମୟରେ ବାହାରିଲେ କାର୍ଯ୍ୟାନୁଷ୍ଠାନ



ଅନୁଗୋଳ ସହରରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

**ଅନୁଗୋଳ ଅଫିସ, ୮।୫**

ଓଡ଼ିଶାର ଗୋଟିଏ ପରେ ଗୋଟିଏ ଜିଲା କରୋନା ମ୍ୟାପ୍‌ରେ ସାମିଲ ହେଉଥିବା ବେଳେ ଅନୁଗୋଳ ଏବେ ବି ଗ୍ରୀନ୍ ଜୋନ୍‌ରେ ରହିଛି। ଆଗାମୀ ଦିନରେ ଏପରି ସ୍ଥିତି ବଜାୟ ରଖିବାକୁ ହେଲେ ଜିଲାବାସୀଙ୍କୁ ଲକ୍‌ଡାଉନ ସହ ଲଗାଯାଇଥିବା ସମସ୍ତ କଟକଣାକୁ ମାନିବାକୁ ପଡ଼ିବ। ସରକାର ଓ ପୋଲିସ ପ୍ରଶାସନକୁ ସହଯୋଗ କଲେ ଅନୁଗୋଳ ଏପରି ସବୁଜ ଜୋନ୍‌ରେ ରହିପାରିବ ବୋଲି ଶୁକ୍ରବାର ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯିବା ସହ ଲୋକଙ୍କୁ ସଚେତନ କରାଇଛି। ବିଶେଷକରି ସନ୍ଧ୍ୟା ୭ରୁ ସକାଳ ୭ ପର୍ଯ୍ୟନ୍ତ କର୍ଫ୍ୟୁ ସମୟରେ ଘରୁ ନ ବାହାରିବାକୁ ଚେତାଇ ଦିଆଯାଇଛି। ଏହାର ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁଙ୍କ ସହ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ସବ୍‌ଇନ୍ସପେକ୍ଟର ପ୍ରକାଶ ମାଝି, ଅରକ୍ଷିତ ସେଠୀ, ବିପ୍ଳବ ସାହୁ, ସତ୍ୟରଞ୍ଜନ ଲେଙ୍କା, ଯମୁନା ମାରାଣ୍ଡିଙ୍କ ସମେତ ବହୁ ସଂଖ୍ୟାରେ ପୋଲିସ ସକାଳେ ସହରରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଡାକବାଜି ଯନ୍ତ୍ରରେ ପୋଲିସ ପକ୍ଷରୁ କୁହାଯାଇଥିଲା ଯେ, ଲକ୍‌ଡାଉନ ବଳବତ୍ତର ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଠାରୁ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ବା ୧୪୪ ଧାରା ଜାରି କରାଯାଇଛି। ତେଣୁ ଏହି ସମୟରେ ଲୋକମାନେ ଅତ୍ୟାବଶ୍ୟକ କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ବାରମ୍ବାର ସଚେତନ କରାଯାଉଥିବାରୁ ଏଣିକି ଯେଉଁମାନେ ଅମାନିଆ ହୋଇ ଘରୁ ପଦାକୁ ଗୋଡ କାଢିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା।

## ହେଲେନି ସଚେତନ



ଦୋକାନଗୁଡ଼ିକ ସମ୍ମୁଖରେ ଲୋକଙ୍କ ଭିଡ଼।

**ଅନୁଗୋଳ ଅଫିସ, ୮।୫**

ସକାଳୁ ଅନୁଗୋଳ ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ ସହ ଲୋକଙ୍କୁ ସଚେତନ କରାଯାଇଥିଲା। ହେଲେ ପୋଲିସ ଯିବା ପରେ ସହରର ଚିତ୍ର ବଦଳି ଯାଇଥିଲା। ଦୋକାନୀମାନେ ବିଭିନ୍ନ ସାମଗ୍ରୀ ବାହାରେ ରଖିବା ସହ ଗାଡ଼ିଗୁଡ଼ିକ ମଧ୍ୟ ରାସ୍ତା ଉପରେ ରଖି ଦେଇଥିଲେ। ସେହିପରି ପୂଜାପାର୍ବଣ ସମୟ ଭଳି ଲୋକେ ସହରରେ ଭିଡ଼ କରିଥିଲେ। ଏପରି କି ସାମାଜିକ ଦୂରତ୍ୱ କଥା ସେମାନେ ଯେପରି ଭୁଲି ଯାଇଥିଲେ। ଅନେକେ ମୁହଁରେ ମାସ୍କ ମଧ୍ୟ ବାନ୍ଧି ନ ଥିଲେ। ଦୋକାନଗୁଡ଼ିକ ସମ୍ମୁଖରେ ଲୋକଙ୍କ ଭିଡ଼ ଅପରାହ୍ନ ପର୍ଯ୍ୟନ୍ତ ଲାଗି ରହିଥିଲା।

## ଢାବା ସିଲ୍, ମାଲିକ କୋର୍ଟଚାଲାଣ




ଢାବା ସିଲ୍ କରାଯାଉଛି।

**କଣିହାଁ, ୮।୫(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପୋଲିସ ଗୁରୁବାର ୧୪୯ ନମ୍ବର ଜାତୀୟ ରାଜପଥ ଡେରାଗୋଳା ନିକଟରେ ଥିବା ଏକ ଢାବାରେ ଚୋରା ମଦ କାରବାର ହେଉଥିବା ନେଇ ଚଢ଼ାଉ କରିଥିଲା। ଘଟଣାରେ ପୋଲିସ ଢାବା ମାଲିକ ପଦ୍ମଲୋଚନ ପ୍ରଧାନ ଓରଫ ତପନ(୩୭)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ଏହି ଚଢ଼ାଉ ବେଳେ ୧୧୫ ବୋତଲ ବିଦେଶୀ ମଦ, ୩ ହଜାର ଲିଟର ଡିଜେଲ, ୧୦ ହଜାର ଲିଟର କିରୋସିନି ଜବତ କରାଯାଇଥିଲା। ଆଇଆଇସି ଚାରୁଲତା ବେହେରାଙ୍କ ତତ୍ତ୍ୱାବଧାନରେ ଢାବାକୁ ସିଲ୍ କରାଯାଇଛି। ଏ ନେଇ ନଂ. ୮୬/୨୦ ଏବଂ ୮୭/୨୦ରେ ମାମଲା ରୁଜୁ କରାଯାଇଛି। ଏଏସ୍‌ଆଇ ଅଜୟ କୁମାର ସାହୁ, ଏସ୍‌ଆଇ ରଞ୍ଜିତା ସାହୁ ଚଢ଼ାଉରେ ସାମିଲ ହୋଇଥିଲେ। ଲକ୍‌ଡାଉନ ବେଳେ ଏତେ ପରିମାଣର ମଦ, ତେଲ କେଉଁଠୁ ଆସିଲା ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

## ୪୭ ଶ୍ରମିକଙ୍କ ସ୍ୱାବ୍ ସଂଗ୍ରହ

**କଣିହାଁ, ୮।୫(ଡି.ଏନ.ଏ.)**

କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତକୁ ବାହାର ରାଜ୍ୟରୁ ଫେରି କ୍ୱାରାଣ୍ଟାଇନରେ ଥିବା ୪୭ ଜଣ ଓଡ଼ିଆ ଶ୍ରମିକଙ୍କ ଶୁକ୍ରବାର କରୋନା ପରୀକ୍ଷା ପାଇଁ ସ୍ୱାବ୍ ସଂଗ୍ରହ କରାଯାଇଛି। ଅନୁଗୋଳ ଜିଲାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟଟିମ୍ ଆସି ସ୍ୱାବ୍ ସଂଗ୍ରହ କରିଥିଲେ। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱଜିତ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ କୁମାର ସାମଲ ଉପସ୍ଥିତ ଥିଲେ। ସ୍ୱାବ୍ ସଂଗ୍ରହ କରାଯାଇଥିବା ଶ୍ରମିକମାନଙ୍କ ମଧ୍ୟରୁ କାଳିଆଦମା ଆଶ୍ରମ ସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ୨୮, କଣିହାଁ ହାଇସ୍କୁଲରେ ୨, କମରେଇରେ ୨, ବିଜିଗୋଳରେ ୭, ସାନନ୍ତ୍ରିବିଡାରେ ୪ ଓ ଏନଟିପିସିରେ ୪ ଜଣ ରହିଛନ୍ତି।

## ବିଧାୟକଙ୍କ ପକ୍ଷରୁ ଖାଦ୍ୟ ବଣ୍ଟନ



ସହରର ଅସହାୟମାନଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ,୮।୫**

ଲକ୍‌ଡାଉନ ଯୋଗୁ ଅସୁବିଧାରେ ଥିବା ଅନୁଗୋଳ ସହରର ଗରିବ ଓ ଅସହାୟମାନଙ୍କୁ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି। ଗତ ୫ ତାରିଖ ଠାରୁ ପୌରପାଳିକା ଜରିଆରେ ଦୈନିକ ୧୫୦ ଜଣଙ୍କୁ ସକାଳେ ଓ ରାତିରେ ଖାଦ୍ୟ ବିତରଣ କରାଯାଉଛି। ଏଭଳି ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢ଼ାଇବାକୁ ବିଧାୟକ ଆହ୍ୱାନ ଦେଇଛନ୍ତି। ତେବେ ବିଧାୟକଙ୍କ ଏପରି ବିଳମ୍ବିତ ପଦକ୍ଷେପକୁ ଅନେକେ ସମାଲୋଚନା କରିଥିବା ବେଳେ ବହୁ ଲୋକ ସ୍ୱାଗତ ମଧ୍ୟ କରିଛନ୍ତି।

## ଅନ୍ୟ ଜିଲାକୁ ଗଲେ ୫୩ ଶ୍ରମିକ

**ଅନୁଗୋଳ ଅଫିସ, ୮।୫**

ଅନୁଗୋଳରେ ଥିବା ବାହାର ଜିଲାର ୫୩ ଜଣ ଶ୍ରମିକ ଶୁକ୍ରବାର ସେମାନଙ୍କ ଘରକୁ ଫେରିଛନ୍ତି। ଦୁଇଟି ବସ୍‌ରେ ସେମାନଙ୍କୁ କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ଜିଲାକୁ ପଠାଯାଇଛି। ଲକ୍‌ଡ଼ାଉନ୍ ସମୟରେ ଶ୍ରମିକମାନେ ଅନୁଗୋଳ ଜିଲା ଦେଇ ଯାଉଥିବାବେଳେ ପୋଲିସ ଓ ପ୍ରଶାସନ ସେମାନଙ୍କୁ ଅଟକାଇ କ୍ୱାରାଣ୍ଟାଇନ୍‌ରେ ରଖିଥିଲା। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବା ପରେ ସେମାନଙ୍କୁ ନିଜ ଅଞ୍ଚଳକୁ ପଠାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କଳାହାଣ୍ଡିକୁ ୩୨ ଜଣ ଯାଇଥିବାବେଳେ ବଲାଙ୍ଗୀର ୨୦ ଜଣ ଓ ବୌଦ୍ଧ ଜିଲାକୁ ଜଣେ ଯାଇଛନ୍ତି। ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପିଡି ତଥା ନୋଡାଲ ଅଫିସର ଅତୁଲ୍ୟ ଚମ୍ପତିରାୟ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ଏପିଡି ଫାଇନାନ୍ସ ଅବିନାଶ ମହାନ୍ତି, ଏପିଡି ଟ୍ରେନିଂ ରାକେଶ କୁମାର କୁଣ୍ଡୁ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।




## କୂଅରେ ପଡ଼ି ଦିବ୍ୟାଙ୍ଗ ଯୁବତୀ ମୃତ

**ପରଜଙ୍ଗ, ୮।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣି ଗ୍ରାମର ଗଦାଧର ସାହୁଙ୍କ ଦିବ୍ୟାଙ୍ଗ ଝିଅ ସନ୍ଧ୍ୟାରାଣୀ(୨୫)ଙ୍କ ମୃତଦେହ ଶୁକ୍ରବାର ଏକ ଖୋଲା କୂଅରୁ ଉଦ୍ଧାର କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଗାଁ ପାଖ ବେରଣାକୁ ଶୌଚ ପାଇଁ ଯାଇ ସେ ଘରକୁ ଫେରି ନ ଥିଲେ। ସକାଳେ ଏକ ଖୋଲାକୂଅରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତହସିଲଦାର କହିଛନ୍ତି, ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହାପରେ ସରକାରୀ ସହାୟତା ପ୍ରଦାନ କରାଯିବ।

## କ୍ୱାରାଣ୍ଟାଇନ କଡ଼ାକଡ଼ି କରିବାକୁ ଦାବି

**ତାଳଚେର,୮।୫(ନି.ପ୍ର.)**

ଓଡ଼ିଶା ବାହାରୁ ଅନୁଗୋଳ ଜିଲାକୁ ଆସୁଥିବା ଶ୍ରମିକ, ଛାତ୍ରୀଛାତ୍ର ତଥା ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଠିକ୍ ଭାବେ ସର୍ଭେ କରାଯାଇ ସେମାନଙ୍କୁ ମାସେ କିମ୍ବା ଅଧିକ ଦିନ ପର୍ଯ୍ୟନ୍ତ କାରାଣ୍ଟାଇନରେ ରଖିବାକୁ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଦାବି ହୋଇଛି। ଏ ନେଇ ସମିତି ପକ୍ଷରୁ ଏକ ସ୍ମାରକପତ୍ର ସ୍ଥାନୀୟ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଏବେ ବହୁ ସଂଖ୍ୟାରେ ଲୋକ ଓଡ଼ିଶା ଫେରୁଥିବାରୁ କରୋନା ଅଧିକ ବ୍ୟାପିପାରେ। ସେମାନଙ୍କୁ ସଙ୍ଗରୋଧରେ ରଖା ନ ଗଲେ କରୋନା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କା ରହିଛି। ଏ ଦିଗରେ ପ୍ରଶାସନ, ପୋଲିସ, ନିର୍ବାଚିତ ଲୋକପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ, ସାମାଜିକକର୍ମୀମାନେ ତତ୍ପର ହୋଇ କାର୍ଯ୍ୟ କରିବାକୁ ସମିତି ପ୍ରସ୍ତାବ ରଖିଛି। ଏଥିସହ ଏମ୍‌ସିଏଲ୍, ଏନ୍‌ଟିପିସି ସମେତ ବିଭିନ୍ନ ଶିଳ୍ପାଞ୍ଚଳ ଏବଂ ବସ୍ତିଗୁଡିକରେ ବସବାସ କରୁଥିବା ଲୋକଙ୍କ ମଧ୍ୟ ସର୍ଭେ କରାଯିବାକୁ ଦାବି ହୋଇଛି। ସମିତିର ଆବାହକ ପଦ୍ମ ଚରଣ ସାମଲ, ଭୂପେନ୍ ଅମ୍ପ, ବାଉରୀବନ୍ଧୁ ବେଜ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ରଞ୍ଜିତ କୁମାର ମହାପାତ୍ର, ବିନୋଦ ଲାଲ୍‌ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ସ୍ମାରକ ପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।



ସମିତି ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ୨୯୦ ପରିବାରକୁ ରାଶନ ପ୍ରଦାନ

**ଅନୁଗୋଳ ଅଫିସ, ୮।୫**

ଅନୁଗୋଳ ସ୍ଥିତ ସାତକୋଶିଆ ଅଭୟାରଣ୍ୟ ଓ ପାର୍ଶ୍ୱବର୍ତ୍ତୀ ୧୫ଟି ପଞ୍ଚାୟତର ୨୯୦ ଅସହାୟ ପରିବାରଙ୍କୁ ଏଫ୍‌ଇଏସ୍ ପକ୍ଷରୁ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ଅନୁଗୋଳ ଓ ଆଠମଲ୍ଲିକର ସାଲର, କଟରଙ୍ଗ, ଅସନବାହାଳି, ପବଲା ଓ ବାଘୁଆପାଟ ଗ୍ରାମକୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ସ୍ଥାନୀୟ ସରପଞ୍ଚ, ରେଞ୍ଜ ଅଫିସର, ଫରେଷ୍ଟର, ଗ୍ରାମ ସଭାପତି ଓ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନନ୍ଦପୁର, ଜଗନ୍ନାଥପୁର, ପୁରୁଣାକୋଟ, ବଲଙ୍ଗ, ଟିକରପଡ଼ା, ଟାଇଁସି, କୋଠଭୂଇଁ, ଅନ୍ତୁଳିଆ, ଟାପଢ଼ୋଲ, ପାଇକସାହି, ମଇମୁରା, ଠାକୁରଗଡ଼, ଆମ୍ବସରମୁଣ୍ଡା, କୁରୁମଟାମ, ସାପଘରା ପଞ୍ଚାୟତର ଗରିବ ପରିବାରଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଏଥିସହ ଅନୁଗୋଳ ସହରାଞ୍ଚଳରେ ରହୁଥିବା ଅସହାୟ ଓ ବାହାର ରାଜ୍ୟର ଶ୍ରମଜୀବୀମାନଙ୍କୁ ରାଶନ ସହ ୧୦ ଦିନ ଧରି ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଫ୍‌ଇଏସ୍ ଟିମ୍ ଲିଡର ସ୍ୱପ୍ନା ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।




ଏଫ୍‌ଇଏସ୍ ପକ୍ଷରୁ ରାଶନ ସାମଗ୍ରୀ ପ୍ରଦାନ।

## ଫଟୋରେ ଖବର...



ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିବାରୁ ପୋଲିସ ଫିଙ୍ଗି ଦେଇଥିବା ଫଳକୁ ଦୁଇ ଦୋକାନୀ ଉଠାଉଛନ୍ତି।



କରୋନା କଟକଣା ପାଇଁ ବସ୍ ଚଳାଚଳ ବନ୍ଦ ଥିବାରୁ ଅନୁଗୋଳ ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ମୋଚିମାନେ କାମ ନ ପାଇ ବସି ରହିଛନ୍ତି। (ଫଟୋ- ବୁବୁ)

## ସଂକ୍ଷେପରେ

### ସକାଳୁ ଖୋଲିଲେ, ମଧ୍ୟାହ୍ନରେ ବନ୍ଦ

**ବଲାଙ୍ଗୀର ଅଫିସ,୮।୫:** କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟସରକାର ସେଲୁନ୍ ଓ ବିଉଟି ପାର୍ଲର ଆଦି ଖୋଲିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ହେଲେ ଶୁକ୍ରବାର ସକାଳୁ ବଲାଙ୍ଗୀର ସହରର କେତେକ ସ୍ଥାନରେ ସେଲୁନ ଖୋଲିଥିଲା। ଏପରି ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲା ପ୍ରଶାସନର ବିନା ନିର୍ଦ୍ଦେଶନାମାରେ କିପରି ସେଲୁନ ଖୋଲିଲା ସେ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଥିଲେ। ଶେଷରେ ମଧ୍ୟାହ୍ନରେ ସବୁ ସେଲୁନ ବନ୍ଦ କରାଯାଇଥିଲା । ଅନ୍ୟପକ୍ଷେ ବଲାଙ୍ଗୀର ଜିଲା ବାରିକ ସମାଜ ମଧ୍ୟ ଜିଲା ପ୍ରଶାସନର ନିଷ୍ପତ୍ତିକୁ ଗ୍ରହଣ କରିବେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଲୁନ ବନ୍ଦ ରହିବ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି । ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଦର୍ଶାଇଛନ୍ତି, କୋଭିଡ-୧୯ ମହାମାରୀକୁ ଆଖି ଆଗରେ ରଖି ଆମେ ବଲାଙ୍ଗୀର ଜିଲା ସେଲୁନ ସଂଘ/କର୍ମଚାରୀ ଲକ୍‌ଡାଉନ ଥିବା ପର୍ଯ୍ୟନ୍ତ ଦୋକାନ ଖୋଲିବୁ ନାହିଁ । ଆମ୍ଭେ ଯେତେ ଅସୁବିଧାରେ ଚଳିଲେ ମଧ୍ୟ ଏହି ଚରମ ନିଷ୍ପତ୍ତିକୁ ଗ୍ରହଣ କରୁଛୁ ବୋଲି ବାରିକ ସଂଘର ଜିଲା ସଭାପତି କଙ୍ଗାଲୁ ବାରିକ କହିଛନ୍ତି ।

### ଅସରାଏ ବର୍ଷାରେ ଗାଁ ରାସ୍ତା ଜଳମଗ୍ନ



**ବଲାଙ୍ଗୀର ଅଫିସ, ୮।୫:** ବଲାଙ୍ଗୀର ପୌରାଞ୍ଚଳରେ ବିକାଶ କାମ ଧିମେଇ ଚାଲିଛି । ବର୍ଷ ବର୍ଷ ଧରି ବିଭିନ୍ନ ପ୍ରକଳ୍ପ କାମ ପଡି ରହିଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନି । ଫଳରେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୌରାଞ୍ଚଳର ୱାର୍ଡ ନମ୍ବର-୧୮ରେ ତାର ଉଦାହରଣ ଦେଖିବାକୁ ମିଳିଛି । ତୁଳସୀ ନଗରର ଡା. ରାଧାକାନ୍ତ ସେଠ୍‌ଙ୍କ ଗଳି ରାସ୍ତା । ଉକ୍ତ ରାସ୍ତା ନିର୍ମାଣ ପାଇଁ ୨୦୧୯ ଜାନୁୟାରୀ ୨୫ରେ ପୌରପାଳିକା ପକ୍ଷରୁ ୧ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା । କିନ୍ତୁ ଇତିମଧ୍ୟରେ ୧ ବର୍ଷ ୩ ମାସ ବିତିଛି। ଏ ପର୍ଯ୍ୟନ୍ତ କାମ ଆରମ୍ଭ କରାଯାଇ ନାହିଁ । ବର୍ଷା ହେଲେ ଏହି ପଡାବାସୀଙ୍କ ପ୍ରକୃତ ଦୁଃଖ ଜଣାପଡେ । ସେହି ରାସ୍ତା ଜଳମଗ୍ନ ହୋଇପଡେ । କେବଳ ଏହି ଗୋଟେ କାମ ନୁହେଁ ପଡାର ଆଉ ଏକ ୩ ଲକ୍ଷ ଟଙ୍କାର ରାସ୍ତାକାମର ଟେଣ୍ଡର ହୋଇଥିଲେ ହେଁ ତାହା ପଡି ରହିଛି । ସହରର ବିଭିନ୍ନ ୱାର୍ଡରେ ଏଭଳି ବିକାଶ ମୂଳକ ପ୍ରକଳ୍ପ ବର୍ଷ ବର୍ଷ ଧରି ପଡି ରହିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୌର ପ୍ରଶାସକ ଭାବେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ରାଜ୍ୟ ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି । ସେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ ପଡି ରହି ଥିବା କାମ ତଦାରଖ କରାଯିବ । ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# କେବଳ ଲୋକ ଦେଖାଣିଆ ଅସ୍ଥାୟୀ ଶିବିର

**ନୂଆପଡା ଅଫିସ,୮।୫**

ଓଡ଼ିଶାର ବିଭିନ୍ନ ଜିଲାର ଲୋକେ କାମଧନ୍ଦା କରିବାକୁ ଯାଇ ଆଉ ଗୋଟିଏ ଜିଲାରେ ଲକ୍ ଡାଉନ୍ ଯୋଗୁ ଅଟକି ରହିଛନ୍ତି। ସେହିଭଳି ବାହାର ରାଜ୍ୟରେ ମଧ ପ୍ରବାସୀ ଓଡ଼ିଆ ଫସି ରହିଛନ୍ତି। ଏମାନେ ଏବେ ନିଜ ଉଦ୍ୟମରେ ଘରକୁ ଫେରୁଛନ୍ତି। ହେଲେ ନିଜ ଅଞ୍ଚଳରେ ପହଞ୍ଚିବା ପରେ ଏମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କ ଅବହେଳାରୁ ଘରକୁ ଫେରୁଥିବା ଏହି ଲୋକେ ହଇରାଣ ହେଉଛନ୍ତି। ଏହିକ୍ରମରେ ନୂଆପଡ଼ା ଜିଲାର କେତକ ଲୋକ ଶୁକ୍ରବାର ନିଜ ଉଦ୍ୟମରେ କେନ୍ଦ୍ରାପଡ଼ା ଓ ରାୟଗଡ଼ାରୁ ଆସି ପହଞ୍ଚିଛନ୍ତି। ହେଲେ ଏମାନେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଅବହେଳାର ଶିକାର ହୋଇଥିବା ପ୍ରମାଣ ମିଳିଛି। ଭୋର ୪ଟାବେଳେ କେନ୍ଦ୍ରାପଡାରୁ ଏକ ବସ୍ ଯୋଗେ ୭ଶିଶୁ,



ଶୁକ୍ରବାର କେନ୍ଦ୍ରାପଡ଼ାରୁ ବସ୍‌ରେ ଫେରିଥିବା ଶ୍ରମିକମାନେ ନୂଆପଡ଼ାରେ ପ୍ରଶାସନ ପକ୍ଷରୁ ଖୋଲିଥିବା ଅସ୍ଥାୟୀ ଶିବିର ବାହାରେ ଖୋଲା ପଡ଼ିଆରେ ବସି ରହିଛନ୍ତି।

୧୪ମହିଳା ସମେତ ମୋଟ ୪୧ଜଣ ଶ୍ରମିକ ଆସି ନୂଆପଡ଼ାରେ ପହଞ୍ଚିଥିଲେ। ସ୍ଥାନୀୟ କଲ୍ୟାଣ ମଣ୍ଡପସ୍ଥିତ ଖୋଲା ପଡିଆରେ ଏମାନେ ସକାଳ ୮ଟାଯାଏଁ ଭୋକରେ ବସି ରହିଥିଲେ । ସ୍ଥାନୀୟ ପୋଲିସ କେବଳ ଏମାନଙ୍କୁ ଜଗି ରହିଥିଲା। ପ୍ରଶାସନ ପକ୍ଷରୁ ଏମାନଙ୍କୁ ପାଣି ଟୋପେ ମଧ ପିଇବାକୁ ଦିଆଯାଇ ନ ଥିଲା। ଏଣୁ ପ୍ରଶାସନ ପ୍ରତି ଏମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ଏକ ବସ୍ ଯୋଗେ ଏମାନଙ୍କୁ ବେଲଟୁକୁରୀକୁ ପୋଲିସ ପଠାଇ ଦେଇ ନିଜ କାମ ସାରି ଦେଇଥିଲା। ପରେ ରାୟଗଡାରୁ ଚାଲି ଚାଲି ଆଉ ୩୨ଜଣ ଶ୍ରମିକ ଏଠାରେ ପହଞ୍ଚି ଥିଲେ। ଏମାନେ ମଧ ପଡ଼ିଆରେ ଦୀର୍ଘ ସମୟ ଧରି ବସି ରହିଥିଲେ। ଏମାନଙ୍କ ପାଖରେ ବି କେହି ପହଞ୍ଚି ନ ଥିଲେ। ଶେଷରେ ବ୍ଲକ୍ କର୍ତ୍ତପକ୍ଷଙ୍କ ହସ୍ତକ୍ଷେପ ପରେ ଅମାନାରା ପଞ୍ଚାୟତ କର୍ତ୍ତପକ୍ଷ ଆସି ଏମାନଙ୍କୁ ନେଇଥିଲେ। ଏଣୁ ନୂଆପଡ଼ା କଲ୍ୟାଣ ମଣ୍ଡପରେ କରାଯାଇଥିବା ଅସ୍ଥାୟୀ ଶିବିର କେବଳ ଲୋକ ଦେଖାଣିଆ ବୋଲି ପ୍ରମାଣିତ କରିଛି। ଏହି ଶିବିର ଦାୟିତ୍ୱରେ ଥିବା କୌଣସି କର୍ମଚାରୀଙ୍କ ଦେଖା ମିଳୁନାହିଁ। ଆଗକୁ ହଜାର ହଜାର ଶ୍ରମିକ ଆସିବେ। ପ୍ରଶାସନ ତାହା କେମିତି ସମ୍ଭାଳିବ ବୋଲି ଏବେଠୁ ପ୍ରଶ୍ନ ଉଠିଲାଣି। ତେବେ ନୂଆପଡା ବ୍ଲକ୍ କର୍ତ୍ତପକ୍ଷ ନିଜକୁ ବଞ୍ଚାଇବାକୁ ଯାଇ ଠିକ୍‌ରେ ସମସ୍ତ ଅଧିକାରୀ ନିଜ ନିଜର ଦାୟିତ୍ୱ ତୁଲାଉଥିବା ସଫେଇ ଦେଇଛନନ୍ତି। ହେଲେ ଶ୍ରମ ବିଭାଗର ସହଯୋଗ ମିଳୁ ନ ଥିବା କହି ଦୋଷ ଲଦିଛନ୍ତି। ଶ୍ରମ ବିଭାଗ କିନ୍ତୁ କୌଣସି ଉତ୍ତର ଦେବାକୁ ରାଜି ହୋଇ ନାହିଁ।

# ନୂଆପଡ଼ା କୋଭିଡ୍ ହସ୍ପିଟାଲ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ନୂଆପଡା ଅଫିସ/ଖଡିଆଳ,୮।୫**

**ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଶୁକ୍ରବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଫେରିଛନ୍ତି। ନୂଆପଡ଼ା ଜିଲା ସଦର ମହକୁମାର ଅନ୍ୱେଷା ହଷ୍ଟେଲ୍‌ରେ ୨ ଶହ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ ଲାଗି କାମ ଚାଲିଛି। ଏହାକୁ ସେ ବୁଲି ଦେଖିବା ସହ ଖଡିଆଳରେ ନିର୍ମିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ମଧୁସ୍ମିତା ସାହୁ, ଏସ୍‌ପି ବିନୀତ କୁମାର ଅଗ୍ରୱାଲ, ସିଡିଏମଓ କାଳୀଚରଣ ବେହେରା, ଜିଲା ପରିଷଦ ଅଧକ୍ଷା ନମିତା ପ୍ରଧାନ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଅଧିରାଜ ମୋହନ ପାଣିଗ୍ରାହୀ, ଲମ୍ବୋଦର ନିଆଲ, ଜିଲାପରିଷଦ ଉପାଧକ୍ଷ ଭାନୁପ୍ରତାପ ସିଂ ମାଝି, ମନୋଜ କୁମାର ମିଶ୍ର, ପ୍ରମୁଖ ଯୋଗ ଦେଇଥିଲେ।



ମନ୍ତ୍ରୀ ନବ ଦାସ ଓ ଅନ୍ୟମାନେ ନୂଆପଡ଼ା କୋଭିଡ୍ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

# ଜବତ ଗାଡ଼ି ଛାଡିବାକୁ ନେଇ ବିବାଦ

**ସମ୍ବଲପୁର,୮।୫ (ବ୍ୟୁରୋ):**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଞ୍ଚଳରେ ଏକ ପୋଖରୀ ଖନନକୁ ନେଇ ବିବାଦ ଉପୁଜିଛି। ଲକ୍‌ଡାଉନ ସମୟରେ ଏହି କାମ ଚାଲିଥିଲା। ପୋଲିସ ସେଠାରେ ପହଞ୍ଚି କାମରେ ନିୟୋଜିତ ଜେସିବି ଓ ୪ ଟ୍ରାକ୍ଟରକୁ ଜବତ କରିଥିଲା। ପରେ ସେହି ଗାଡ଼ିଗୁଡ଼ିକୁ ଛାଡି ଦିଆଯାଇଥିଲା। ଏହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି।

ଗଡଲୁଇସିଂ ଗାଁର ଜିତେନ୍ଦ୍ର ବଗାର ଏସ୍‌ପି କନୱର ବଶାଳ ସିଂଙ୍କ ପାଖରେ ଶୁକ୍ରବାର ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଲକ୍ ଡାଉନ୍ ସମୟରେ ତାଙ୍କ ନିଜସ୍ୱ ଜମିରେ ପୋଖରୀ ଖନନ କାମ ଚାଲିଥିଲା । ତହସିଲଦାର ସୁମନ ମିଞ୍ଜ ଓ ଥାନା ଅଧିକାରୀ ତାରାବତୀ ପ୍ରଧାନ ସଦଳବଳ ସେଠାରେ ଚଢାଉ କରି କାମରେ ନିୟୋଜିତ ଏକ ଜେସିବି ଓ ୪ ଟ୍ରାକ୍ଟରକୁ ଜବତ କରିଥିଲେ। ହେଲେ ପରେ ଗାଡ଼ିଗୁଡ଼ିକୁ ଛାଡି ଦେବା ପାଇଁ ସ୍ଥାନୀୟ ଜଣେ ସରପଞ୍ଚଙ୍କ ସହଯୋଗରେ ପୋଲିସ ୨୮ ହଜାର ଟଙ୍କା ଲାଞ୍ଚ ନେଇଛି। ଏପରି କି ଗୁଗୁଲପେରେ ସରପଞ୍ଚଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ଏ ସଂକ୍ରାନ୍ତରେ ବଗାର ଏପ୍ରିଲ ୪ରେ ଅଭିଯୋଗ କରିଥିଲେ। ଏସ୍‌ପି ସିଂଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଉକ୍ତ ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଶେଷରେ ଯୁଯୁମୁରା ଥାନା ଅଧିକାରୀ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇଛି । ସେହିପରି ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ କୁମୁରାଙ୍କ ମିଛ ଅଭିଯୋଗ ଉପରେ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି। ଲାଞ୍ଚ ସଂକ୍ରାନ୍ତରେ ମୁଁ ଅଭିଯୋଗ କଲା ପରେ ମୋ ନାମରେ ମାମଲା ରୁଜୁ ହୋଇଛି ବୋଲି ବଗାର କହିଛନ୍ତି ।

ଅନ୍ୟପଟେ ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା ଅଭିଯୋଗ କରିଛନ୍ତି, ସେ ଜଣେ ବାହାର ଶ୍ରମିକଙ୍କଠାରୁ ତଥ୍ୟ ସଂଗ୍ରହ କରୁଥିଲେ । ସେ ସମୟରେ ଜିତେନ୍ଦ୍ର ଆସି ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ଜାତିଆଣ ଅକ୍ଷେପ କରିବା ନେଇ ଅଭିଯୋଗ କରିଥିଲେ । ପ୍ରଥମେ ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ ଓ ପରେ ଥାନାରେ ମୁଁ ଅଭିଯୋଗ କରିଥିଲି । ଏ ନେଇ ମାମଲା ରୁଜୁ ହୋଇଛି। ରେଢାଖୋଲ ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ଘଟଣାର ତଦନ୍ତ କରୁଛନ୍ତି । ହେଲେ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ଜବତ ଗାଡି ଘଟଣାରେ ରିପୋର୍ଟ ଦାଖଲ ହୋଇଛି। ପୋଲିସ ଗାଡି ମାଲିକଙ୍କୁ ଅନୁକମ୍ପା ଦେଖାଇଛି। ଜବତ ଜେସିବିର ପ୍ରଦୂଷଣ ସାର୍ଟିଫିକେଟ ନ ଥିଲା। ସେହିପରି ଜବତ ଟ୍ରାକ୍ଟର ଓ ଟ୍ରଲିରୁ ଅଧିକାଂଶର ବୀମା ଓ ପ୍ରଦୂଷଣ ସାର୍ଟିଫିକେଟ ଓ ପଞ୍ଜୀକରଣ ନାହିଁ। ତେଣୁ ବିନା କାଗଜ ପତ୍ରରେ ଯାଞ୍ଚ କରି ଗାଡିଗୁଡିକ ଛାଡି ଦିଆଯାଇଛି। ପୋଲିସ କେବଳ ପଞ୍ଜୀକରଣ ନ ଥିବା ନେଇ ଦଫା ଲଗାଇଛି। ହେଲେ କୋର୍ଟ ବିନା ଅନୁମତିରେ ଗାଡିଗୁଡିକ କିଭଳି ଛଡାଗଲା ସେ ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି।

### ମାସ୍କ ନ ପିନ୍ଧି କାମ କରୁଛନ୍ତି ଶ୍ରମିକ

**ବିନିକା,୮।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଅଞ୍ଚଳରେ ୩ ଦିନ ଧରି ବିଭିନ୍ନ ବିଭାଗର ଉନ୍ନୟନ କାମ ପ୍ରାରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପାନୀୟ ଜଳ ଯୋଗାଣ ବିଭାଗର ଅଧାପନ୍ତରିଆ ହୋଇ ପଡିରହିଥିବା ନିର୍ମାଣ କାମ ଚାଲୁ ରହିଛି। କିନ୍ତୁ ଏସବୁ କାମରେ ନିୟୋଜିତ ଥିବା ଶ୍ରମିକ ଏବଂ ମିସ୍ତ୍ରୀମାନେ କରୋନା କଟକଣା ନିୟମକୁ ମାନୁ ନ ଥିବା ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ ଏସ୍-ରାମପୁର-ଅରିଗାଁ ରାସ୍ତାର ନିର୍ମାଣ କାମ ବାଙ୍କିଘିର୍ଡି ତଳି ଆନ୍ଧ୍ରାଡେରାଠାରୁ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ କାମରେ ୨ଜଣ ମିସ୍ତ୍ରୀ ଓ ୧୪ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି। ହେଲେ କୌଣସି ଶ୍ରମିକ ସାମାଜିକ ଦୂରତା ରଖୁ ନାହାନ୍ତି। କୌଣସି ଶ୍ରମକ ମାସ୍କ ପିନ୍ଧି ନାହାନ୍ତି। ଉକ୍ତ କାମକୁ ତଦାରଖ କରିବା ପାଇଁ କୌଣସି ବିଭାଗୀୟ ଅଧିକାରୀମାନେ ମଧ୍ୟ ରହୁ ନାହାନ୍ତି। କରୋନା ମହାମାରୀ ସମୟରେ ଶ୍ରମିକମାନେ ଏଭଳି ଅସୁରକ୍ଷିତ ଭାବେ କାମ କରିବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

# ଦାଉସାଧିଲା କାଳବୈଶାଖୀ

**ଖପ୍ରାଖୋଲ, ୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କାଳବୈଶାଖୀ ଓ ଅଦିନିଆ ବର୍ଷା ଚାଷୀଙ୍କୁ ହତାଶା କରିଛି। ଗତ ଦୁଇଦିନ ଧରି କାଳବୈଶାଖୀ, କୁଆପଥର ମାଡ଼ ଓ ଅଦିନିଆ ବର୍ଷା ରବିଧାନ ଫସଲ ଓ ପରିବା ଚାଷ ନଷ୍ଟ କରିଛି। ଚାଷୀ ଖେତରେ କାଟି ପକାଇଥିବା ଧାନ ଭିଜି ଯାଇଛି। ଚଳିତ ବର୍ଷ ଭଲ ଉତ୍ପାଦନର ଆଶା ରଖିଥିବା ଚାଷୀ ଖେତରେ ଅମଳ ଧାନ ନଷ୍ଟ ହେବା ଆଶଙ୍କା ଯୋଗୁ ଚିନ୍ତାରେ ପଡିଛନ୍ତି। ବ୍ଲକ ଅନ୍ତର୍ଗତ ଭାନପୁର ପଞ୍ଚାୟତର ଦାନାମାଲ ଗାଁରେ ବହୁ ଚାଷୀଙ୍କ କଦଳୀ ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛିଃ ଗାଁର ବସନ୍ତ ସାହୁ ଏବଂ ମନୋଜ ସାହୁ ୬ଏକର ଜମିରେ ଋଣ କରି କଦଳୀ ଚାଷ କରିଥିବା ବେଳେ କାଳବୈଶାଖୀ ତାଙ୍କ ପାଇଁ ଦାଉସାଧିଛି । ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଗଛ ପବନରେ ଭାଙ୍ଗି ଯାଇଛି । ଏହି ପରିସ୍ଥିତିରେ ଋଣ ଟଙ୍କା କିପରି ଶୁଝିବି ଚାଷୀ ମନୋଜ ସାହୁ କହିଛନ୍ତି। ସେହିପରି ଏହି ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳ ହୋଇଥିବାରୁ ଝରଣା ପାଣିରେ ଅନେକେ ରବି ଧାନ ଚାଷ କରିଥାନ୍ତି। ହେଲେ ଝଡ଼ପବନ ଓ ଅଦିନିଆ ବର୍ଷା ଯୋଗୁ ବ୍ରାହ୍ମଣୀ ଗାଁର ଅନେକ ଚାଷୀଙ୍କ ଧାନ ନଷ୍ଟ ହେବା ସହ ଜମିରେ ଗଜା ହୋଇଯାଉଥିବା ଚାଷୀ ସୀତାକାନ୍ତ ପଧାନ କହିଛନ୍ତି। ଏ ନେଇ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ଯେଉଁ ସବୁ ଫସଲ ନଷ୍ଟ ହୋଇଛି ସେ ସମ୍ପର୍କରେ ଚାଷୀ ଲିଖିତ ଜଣାଇଲା ପରେ ତଦନ୍ତ କରି କ୍ଷତିପୂରଣ ପାଇଁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି।

# 'ମୋଗାମ୍ବୋ ଖୁସ୍ ହୋଗୋ'

**ବଲାଙ୍ଗୀର ଅଫିସ, ୮।୫**

**ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ପାଇଁ ପୋଲିସର ନିଆରା ଅପିଲ**

'ମୋଗାମ୍ବୋ ଖୁସ୍ ହୋଗା ଜବ୍ ତୁମ୍ ସୋସିଆଲ ଡିଷ୍ଟେସିଂ କରୋଗେ'- ଏଭଳି ଲେଖାଥିବା ଏବଂ ହିନ୍ଦି ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତା ଅମରେଶ ପୁରୀଙ୍କ ମିଷ୍ଟର ଇଣ୍ଡିଆ ଚଳଚ୍ଚିତ୍ରର ମୋଗାମ୍ବୋ ଭୂମିକାର ଫଟୋ ଥିବାର ଏକ କ୍ଲିପ୍‌କୁ ବଲାଙ୍ଗୀର ଏସ୍‌ପି ତାଙ୍କ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରି କରୋନା ସଚେତନତା ପାଇଁ ଏକ ଅଭିନବ ଉଦ୍ୟମ କରିଛନ୍ତି । ବଲାଙ୍ଗୀର ଏସ୍‌ପିଙ୍କ ଏଭଳି ନିଆରା ଉଦ୍ୟମ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଉକ୍ତ ଟ୍ୱିଟ୍‌ରେ କରୋନା ମୁକାବିଲା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା ଓ ହାତରେ ସାନିଟାଇଜର ବ୍ୟବହାର କରିବା କରୋନା ବିରୋଧୀ ଯୁଦ୍ଧର ଅମୋଘ ଅସ୍ତ୍ର ବୋଲି ଉଲ୍ଲେଖ କରାଯାଇଛି। 'ଇଭିନ୍ ମୋଗାମ୍ବୋ ଲାଇକସ୍ ଦି ସୋସିଆଲ ଡିଷ୍ଟେନ୍ସ' ଲେଖା ଥିବା ଏହି ଟ୍ୱିଟର ଆକାଉଣ୍ଟକୁ ବହୁ ଲୋକ ରିଟ୍ୱିଟ୍ ଓ ଲାଇକ୍ କରୁଥିବା ଦେଖାଯାଇଛି। ଏନେଇ ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକରଙ୍କୁ ପଚାରିବାରୁ କେରୋନା ବିରୋଧରେ ଲଢ଼େଇ ଏବେ ମୁଖ୍ୟ ପ୍ରସଙ୍ଗ । ଲୋକେ ସଚେତନ ହେଲେ ଏହି ଲଢ଼େଇରେ ଆମେ ସଫଳ ହେବା । କରୋନା ସଚେତନତା ପାଇଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏଭଳି ଏକ ପ୍ରୟାସ କରାଯାଇଛି ବୋଲି ସେ କହିଛନ୍ତି।




# ପ୍ରବାସୀ ଶ୍ରମିକଙ୍କ ପାଇଁ ଗଠନ ହେଉ ଗାଁ ସୁରକ୍ଷା କମିଟି

**ବଲାଙ୍ଗୀର ଅଫିସ, ୮।୫**

**■ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ପ୍ରସ୍ତାବ**

**■୬୫ଟି ସଙ୍ଗରୋଧ କେନ୍ଦ୍ର ବୁଲି ଭିତ୍ତିଭୂମି ସମୀକ୍ଷା କଲେ**

ବଲାଙ୍ଗୀର ଜିଲାର ଲକ୍ଷାଧିକ ପ୍ରବାସୀ ଶ୍ରମିକ ଓ ଜନସାଧାରଣ ନିଜ ନିଜ ଗାଁ ଓ ସହରକୁ ଫେରିବେ ବୋଲି ପଞ୍ଜୀକରଣ କରିଛନ୍ତି । ଏତେ ସଂଖ୍ୟକ ପ୍ରବାସୀ ଶ୍ରମିକ ଯଦି ଫେରିବେ ତେବେ ସେମାନଙ୍କ ସଫଳ ସଙ୍ଗରୋଧ କିପରି କରାଯାଇପାରିବ ସେନେଇ ପ୍ରଶାସନ ଉଦ୍ୟମ ଜାରି ରଖିଛି । ଗ୍ରାମାଞ୍ଚଳରେ ସଙ୍ଗରୋଧ କେନ୍ଦ୍ରଗୁଡିକର ବାସ୍ତବ ସ୍ଥିତି କ'ଣ ରହିଛି ତାହାର ସମୀକ୍ଷା କରିବା ପାଇଁ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଇତିମଧରେ ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି । ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର, ଲୋଇସିଂହା ଓ ପୁଇଁତଲା ବ୍ଲକ୍‌ର ସମୁଦାୟ ୫୬ଟି ଗ୍ରାମପଞ୍ଚାୟତର ସମସ୍ତ ସଙ୍ଗରୋଧ କେନ୍ଦ୍ର ବୁଲି ସେ ଜିଲା ପ୍ରଶାସନକୁ ଏକ ସୁଚିନ୍ତିତ ପ୍ରସ୍ତାବ ଦେଇଛନ୍ତି । ପ୍ରବାସୀ ଶ୍ରମିକଙ୍କ ଆଗମନକୁ ନେଇ ଗାଁ ଗାଁରେ ଚିନ୍ତା ପ୍ରକଟ ପାଉଥିବାବେଳେ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଏହା ସହିତ ପ୍ରତ୍ୟେକ ଗାଁରେ ଏକ ଗାଁ ସୁରକ୍ଷା କମିଟି ଗଠନ କରିବା ସହ ସମନ୍ୱୟ କମିଟି ଗଠନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏହାହେଲେ ଗାଁର ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ଥିବା ପ୍ରବାସୀ ଶ୍ରମିକଙ୍କ କ୍ୱାରାଣ୍ଟାଇନ୍ ଅବଧି ସଫଳ ହେବ ଓ ଗ୍ରାମବାସୀଙ୍କ ଚିନ୍ତା ମଧ ଦୂର ହୋଇପାରିବ ବୋଲି କହିଛନ୍ତି । ପ୍ରତ୍ୟେକ ଗାଁରେ ଏଭଳି ଦୁଇଟି କମିଟି ଗଠନ କରି ପ୍ରବାସୀ ଶ୍ରମିକ ଓ ଗାଁ ଲୋକଙ୍କ ମଧରେ ସମନ୍ୱୟ ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଛନ୍ତି।

ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ୨୦ ଗ୍ରାମପଞ୍ଚାୟତରେ ୧୭୨୫, ପୁଇଁଲତା ବ୍ଲକ୍‌ର ୨୫ଟି ଗ୍ରାମପଞ୍ଚାୟତରେ ୨୨୦୭, ଆଗଲପୁର ବ୍ଲକ୍‌ର ୨୦ଟି ଗ୍ରାମପଞ୍ଚାୟତର ୧୯୬୮ ଜଣ ରେଜିଷ୍ଟ୍ରେଶନ୍ କରିଛନ୍ତି । ରେଜିଷ୍ଟ୍ରଶନ୍ ଜାରି ରହିଥିବାରୁ ଏହି ସଂଖ୍ୟାରେ ବୃଦ୍ଧି ଘଟି ପାରେ । ଏଭଳି କ୍ଷେତ୍ରରେ ପ୍ରତ୍ୟେକ ପଞ୍ଚାୟତସ୍ତରୀୟ ସଙ୍ଗରୋଧ କେନ୍ଦ୍ରରେ ଏତେ ସଂଖ୍ୟକ ପ୍ରବାସୀଙ୍କ ସୁବ୍ୟବସ୍ଥା ନିଶ୍ଚିତ ରୂପେ ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ହେବ । ପ୍ରଶାସନ, ଗ୍ରାମବାସୀ ଓ ପ୍ରବାସୀ ସମସ୍ତେ ମିଳିତ ଭାବେ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ସେ କହିଛନ୍ତି ।




ବିଧାୟକ ଡ. ମୁକେଶ ମହାଲିଙ୍ଗ ପୁଇଁତଲା ବ୍ଲକ୍‌ର ଏକ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ଫଟୋରେ ଖବର...



ସମ୍ବଲପୁର ଚାଉଁରପୁର ଅଞ୍ଚଳରେ ଶୁକ୍ରବାର ମେଶିନ ଧାନ କାଟୁଛି।



ସମ୍ବଲପୁରରେ ମହାନଦୀର ଦ୍ୱିତୀୟ ସେତୁ ନିକଟସ୍ଥ ରାସ୍ତା ଉପରେ ଧାନ ଗଦା ହୋଇଛି।



ସମ୍ବଲପୁର ସହରର ଗୋଲବଜାରରେ ଜଣେ ଦୋକନୀ ବାଉଁଶ ସାମଗ୍ରୀର ପସରା ମେଲି ଗ୍ରାହକଙ୍କ ଅପେକ୍ଷାରେ ବସି ରହିଛନ୍ତି।

**ସଂକ୍ଷେପରେ**

## ଅମ୍ବାଭୋନାରୁ ଅବାଧ ଗୋ ଚାଲାଣ

ଅମ୍ବାଭୋନା, ୮।୫ (ଡି.ଏନ.ଏ): ବରଗଡ ଜିଲା ଅମ୍ବାଭୋନା ବ୍ଲକରେ ପୁଣି ଗୋ-ଚାଲାଣ ରାକେଟ ସକ୍ରିୟ ଥିବା ଘଟଣା ଗୁରୁବାର ଲୋକଲୋଚନକୁ ଆସିଛି । କରୋନା ମୁକାବିଲା ପାଇଁ ଦୀର୍ଘ ୪୫ ଦିନ ଧରି ଲକ୍ ଡାଉନ ଜାରି ରହିଥିବା ବେଳେ ଅମ୍ବାଭୋନା ଥାନା ଅଧୀନ ଲୁଦୁପାଲି ଗ୍ରାମରୁ ଏକ ପିକଅପ୍ (ନଂ.ଓଆର୍୧୭ଇ/୫୬୪୯) ଯୋଗେ ୯ଟି ଗାଈ ସମ୍ବଲପୁର ସ୍ଥିତ ମୋତିଝରଣ ଅଞ୍ଚଳକୁ ଚାଲାଣ ହେଉଥିଲା । ଖବର ପାଇ ଅମ୍ବାଭୋନା ବ୍ଲକର ଗୋ-ସୁରକ୍ଷା ସମିତି ସଦସ୍ୟମାନେ ସମ୍ପୃକ୍ତ ଗୋରୁ ବୋଝେଇ ପିକଅପ୍ ଏବଂ ଚାଲାଣକାରୀଙ୍କୁ ଧରି ଅମ୍ବାଭୋନା ଥାନା ଜିମା ଦେଇଥିଲେ । ଗୋ ସୁରକ୍ଷା ସମିତିର ଆବାହକ ନରସିଂହ ଦାଶ, କୁରୁପତି ନାଏକ ପ୍ରମୁଖ ଥାନାକୁ ଯାଇ ଗୋ ଚାଲାଣ ବନ୍ଦ କରିବା ସହ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ଜଣାଇଥିଲେ । ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ଆଲୋକ ବେହେରା ପ୍ରକାଶ କରିଛନ୍ତି ।

## ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

ଟିଟିଲାଗଡ଼, ୮।୫ (ଡି.ଏନ.ଏ.): ଟିଟିଲାଗଡ଼ ଉପଖଣ୍ଡ ସଇଁତଲା ଥାନା ଅନ୍ତର୍ଗତ ବେଲଗାଁ ନିକଟ ୨୬ନଂ.ଜାତୀୟ ରାଜପଥ କଡରୁ ଶୁକ୍ରବାର ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ଭବାନୀପାଟଣା-ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱରେ ପଡିଥିବା ମୃତକଙ୍କ ଏଯାବତ କୌଣସି ପରିଚୟ ମିଳିପାରିନାହିଁ। ସଂପୃକ୍ତ ବ୍ୟକ୍ତିଙ୍କ ବୟସ ୫୦ ବର୍ଷ ହେବ ବୋଲି ବେଲଗାଁ ଫାଣ୍ଡି ଅଧିକାରୀ ମାଧବ ଚନ୍ଦ୍ର ହୋତା କହିଛନ୍ତି। ମୃତଦେହ ପାଖରେ ଏକ ବ୍ୟାଗ୍ ଏବଂ ପାଣି ବୋତଲ ପଡିଛି। କେହି ପ୍ରବାସୀ ଶ୍ରମିକ ଚାଲି ଚାଲି ଫେରୁଥିବା ବେଳେ ମୃତ୍ୟୁର ଶିକାର ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହୋଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ଟିଟିଲାଗଡ଼ ଡାକ୍ତରଖାନାରେ ସଂରକ୍ଷିତ ରଖାଯାଇଛି।

# ଗାଁମୁହାଁ ପ୍ରବାସୀ ଓଡ଼ିଆ

ଲଖନପୁର,୮।୫(ଡି.ଏନ୍.ଏ)

ମହାମାରୀ କରୋନା ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଛି। ଏହି ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ହୋଇଛି। ଏଥିରେ ଯାନବାହନ ମଧ୍ୟ ବନ୍ଦ ରହିଛି। ପ୍ରବାସୀ ଓଡିଆମାନେ ନିଜ ରାଜ୍ୟକୁ ଫେରିପାରୁ ନାହାନ୍ତି। ଏପରିକି କେତେକ ପ୍ରବାସୀ ଭୋକ ଉପବାସରେ ଶହ ଶହ କିଲୋମିଟର ସାଇକେଲ୍ ଓ ପାଦରେ ଚାଲି ଚାଲି ଆସୁଥିବା ଦେଖିବାକୁ ମିଳୁଛି । ଏଭଳି ସ୍ଥିତିରେ ୫ଜଣ ଶ୍ରମିକ ସାଇକେଲ୍ ଯୋଗେ ଉତ୍ତରପ୍ରଦେଶର ବାରାଣସୀରୁ ବାହାରି ଗଞ୍ଜାମ ଜିଲାକୁ ଯାଉଥିଲେ। ଶୁକ୍ରବାର ରାସ୍ତାରେ ବନହରପାଲି ଥାନା ପୋଲିସ୍ ସେମାନଙ୍କୁ ଅଟକାଇ ପଚରାଉଚରା କରିବା ପରେ ନିକଟସ୍ଥ ତେଲେନପାଲି ପଞ୍ଚାୟତ ବନହରପାଲି ସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଛି। ଏଠାରେ ୧୪ଦିନ ରହିଲା ପରେ ସେମାନଙ୍କୁ ଗଞ୍ଜାମ ଛଡାଯିବ ବୋଲି ପୋଲିସ କହିଛି । ଏହି ଶ୍ରମିକମାନେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନୂଆଗାଁ ଥାନା ଅଞ୍ଚଳର ବୋଲି ଜଣାପଡିଛି । ଏମାନେ ଉତ୍ତରପ୍ରଦେଶ ବାରାଣସୀକୁ କାମ କରିବା ପାଇଁ ଯାଇଥିଲେ । ସେଠାରେ ସେମାନେ ଗୃହନିର୍ମାଣ କାମରେ ନିୟୋଜିତ ହୋଇଥିଲେ । ଲକ୍‌ଡାଉନ୍ ପରେ କାମଧନ୍ଦା ସବୁ ବନ୍ଦ ହୋଇଯାଇଥିଲା । ଯାହା ରୋଜଗାର କରିଥିଲେ ସେଥିରେ ମାସେ ହେଲା ଚଳୁଥିଲେ । ଆଗକୁ ପରିସ୍ଥିତି କଣ ହେବ ଆଶଙ୍କା କରି ସମ୍ପୃକ୍ତ ଶ୍ରମିକମାନେ ଗୋଟିଏ ଲେଖାଏ ସାଇକେଲ୍ କିଣି ଘର ଅଭିମୁଖେ ବାହାରିଛନ୍ତି । ଗତ ମଙ୍ଗଳବାର ସକାଳ ୫ଟାରେ ସେମାନେ ବାରାଣସୀର ସିରିପୁର ରୋଡ୍‌ରୁ ସାଇକେଲ୍‌ରେ ବାହାରିଥିଲେ । ଏଥିମଧ୍ୟରେ ୬ଶହ କିଲୋମିଟର ଅତିକ୍ରମ କରି ଗୁରୁବାର ଅପରାହ୍ନରେ ଛତିଶଗଡ ଓ ଓଡିଶା ସୀମାନ୍ତ କନକତୋରା ଫାଟକରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କର ନାମ ପଞ୍ଜୀକରଣ ଯାଞ୍ଚ କରିବା ପରେ ହାତରେ ଷ୍ଟାମ୍ପିଂ କରାଯାଇଥିଲା। ପରେ ସେମାନେ ଗନ୍ତବ୍ୟ ପଥରେ ବାହାରିଥିଲେ। ରାସ୍ତାରେ ଯାଉଥିବାବେଳେ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର ସେମାନଙ୍କୁ ଅଟକାଇ ନିକଟସ୍ଥ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବା ପାଇଁ ପରାମର୍ଶ ଦେଇଥିଲେ । ଏ ସମ୍ପର୍କରେ ପୋଲିସ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବୃଷଭାନୁ ଭୋଇ, ପ୍ରୋଗ୍ରାମ ଅଫିସର ସୁରେନ୍ଦ୍ର ମେହେର ପ୍ରମୁଖ ଅଧିକାରୀ ଶ୍ରମିକମାନଙ୍କୁ ଥଇଥାନ କରିଛନ୍ତି ।


ପ୍ରବାସୀ ଓଡିଆ ଶ୍ରମିକମାନଙ୍କୁ ପୋଲିସ ରାସ୍ତାରେ ଅଟକାଇଛି ।

# ଅଧ ବାଟରେ ଛାଡ଼ି ଫେରିଗଲା ବସ୍

ବରଗଡ଼ ଅଫିସ୍,୮।୫

ଗଞ୍ଜାମ ଜିଲା ଭଞ୍ଜନଗରରୁ ବରଗଡ଼ ଫେରୁଥିବା ଶ୍ରମିକଙ୍କୁ ହଟହଟା ହେବାକୁ ପଡ଼ିଛି । ଏକ ସ୍ୱତନ୍ତ୍ର ବସ୍ ଯୋଗେ ୨୩ଜଣ ଶ୍ରମିକଙ୍କୁ ବରଗଡ଼ ଜିଲା ପାଇକମାଳ ବ୍ଲକ କାଂସଡ଼ା ଅଞ୍ଚଳର ସେମାନଙ୍କ ଘରକୁ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ବସ୍‌ଟି ଗୁରୁବାର ବିଳମ୍ବିତ ରାତ୍ରିରେ ଅଧବାଟରେ ଅର୍ଥାତ୍ ଶ୍ରମିକଙ୍କ ଘରଠାରୁ ପ୍ରାୟ ଦେଢ଼ଶହ କି.ମି ଦୂର ବରପାଲିରେ ଓହ୍ଲାଇ ଦେଇଥିଲା। ଫଳରେ ଶ୍ରମିକମାନେ ସେଠାରୁ ଚାଲି ଚାଲି ବିଜେପୁର ଦେଇ ସେମାନଙ୍କ ଘରକୁ ଫେରୁଥିଲେ। ମାତ୍ର ବିଜେପୁର ବ୍ଲକ ବଲଣ୍ଡା ଗ୍ରାମକୁ ସେମାନେ ପହଞ୍ଚି ଥିବାବେଳେ ଅର୍ଜୁନ ସାହୁ ନାମକ ଜଣେ ଗ୍ରାମବାସୀ ସେମାନଙ୍କୁ ଦେଖିବାକୁ ପାଇଥିଲେ । ସେ ଶ୍ରମିକମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କ ସମ୍ପର୍କରେ ବିଜେପୁର ବିଡ଼ିଓ ପଦ୍ମନାଭ ସାମନ୍ତରାୟଙ୍କୁ ସୂଚନା ଦେଇଥିଲେ। ବିଡ଼ିଓ ସେଠାକୁ ପହଞ୍ଚି ଏକ ସରକାରୀ ବସ୍ ବ୍ୟବସ୍ଥା କରିଥିଲେ। ଫଳରେ ସେମାନେ ନିଜ ଘର ଅଭିମୁଖେ ଯାଇଥିଲେ । ସାମାଜିକ କର୍ମୀ ଦିବସ କୁମାର ସାହୁ, କିରଟୀ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସହଯୋଗ କରିଥିଲେ ।



ପ୍ରବାସୀ ଶ୍ରମିକଙ୍କୁ ଘରକୁ ନେଉଥିବା ସରକାରୀ ବସ୍ ।

# କଳାହାଣ୍ଡି, ବଲାଙ୍ଗୀର ଫେରିଲେ ୧୧

କୋକସରା,୮।୫ (ଡି.ଏନ.ଏ)

ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି । ଏହି ସମୟରେ ନାନା ଅସୁବିଧା ଯୋଗୁ ପ୍ରବାସୀ ଶ୍ରମିକ ଘରକୁ ଫେରୁଛନ୍ତି। ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ୧୧ ଜଣ ଯୁବକ ପଡୋଶୀ ରାଜ୍ୟ ଛତିଶଗଡ ଜଗଦଲପୁର ବସ୍ତର ଅଞ୍ଚଳରେ କୌଣସି ଏକ କମ୍ପାନୀରେ କାମ କରୁଥିଲେ। ତେବେ ଲକଡାଉନ ଯୋଗୁ ସେଠାରେ ଫସି ରହିଥିଲେ। ଓଡ଼ିଶା ସରକାର ନିଜ ରାଜ୍ୟର ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ପରେ ଏଠାରେ ଫସିଥିବା ଶ୍ରମିକମାନେ ସ୍ଥାନୀୟ ବ୍ଲକ ପ୍ରଶାସନର ଅନୁମତି ନେଇ ଏକ ଅଟୋରେ ଶୁକ୍ରବାର ଓଡ଼ିଶା ଆସୁଥିଲେ। ଏହି ସମୟରେ କଳାହାଣ୍ଡି-ନବରଙ୍ଗପୁର ସୀମାରେ ଆମପାଣି ପୋଲିସ ସେମାନଙ୍କୁ ଅଟକାଇ କାଗଜପତ୍ର ଦେଖିବା ପରେ ସ୍ଥାନୀୟ ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ ପ୍ରବାସୀ ଶ୍ରମିକଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ। ତେବେ ସେମାନଙ୍କୁ ଆଣିଥିବା ଅଟୋ ସେହିଠାରୁ ଫେରି ଯାଇଥିଲା । କୋକସରା ବ୍ଲକ ପ୍ରଶାସନର ଅନୁମତି ମିଳିବା ପରେ ଏକ ଅନ୍ୟ ଗାଡିରେ ସେମାନଙ୍କୁ ଗନ୍ତବ୍ୟ ସ୍ଥାନକୁ ନେବା ପାଇଁ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମଧ୍ୟରୁ ୯ଜଣ ଯୁବକ ବଲାଙ୍ଗୀର ଜିଲା ସଇଁତଲା ଥାନା ଅଞ୍ଚଳ ଓ ୨ଜଣ ଯୁବକ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଞ୍ଚଳର ବୋଲି ଜଣାପଡିଛି।


କଳାହାଣ୍ଡି-ନବରଙ୍ଗପୁର ସୀମାରେ ଅଟକିଥିବା ଶ୍ରମିକ ।

**ଲକ୍‌ଡାଉନ ପ୍ରଭାବ**

# ଢେଙ୍କାନାଳରୁ ଛତିଶଗଡ଼ ପଦଯାତ୍ରା

ସରଣ୍ଡା,୮।୫(ଡି.ଏନ.ଏ)

ଛତିଶଗଡ଼ରୁ ଢେଙ୍କାନାଳ ଜିଲାକୁ ଦାଦନ ଖଟିବା ପାଇଁ ଆସିଥିବା ପ୍ରବାସୀ ଶ୍ରମିକମାନେ ନିଜ ପିଲାଛୁଆ ଧରି ଏବେ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ପୂର୍ବାହ୍ନରେ ସେମାନେ ଅତାବିରା ଅତିକ୍ରମ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ ପୁରୁଷ, ୪ ମହିଳା ଏବଂ ୨ଜଣ ଶିଶୁ ରହିଛନ୍ତି। ଛତିଶଗଡ଼ ରାଜ୍ୟ ଜାଞ୍ଜଗିର ଚାମ୍ପା ନିକଟ କନ୍ଦକେର ଗ୍ରାମର ଏହି ଶ୍ରମିକମାନେ ଗତ କିଛି ମାସ ତଳେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଗୁଣ୍ଡେଇ ଗ୍ରାମକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନେ ସେଠାକାର ଏକ ଇଟାଭାଟିରେ ନିୟୋଜିତ ଥିଲେ । ତେବେ ଲକ୍ ଡାଉନ୍ କଟକଣା ଯୋଗୁ ସେମାନଙ୍କ କାମଧନ୍ଦା ବନ୍ଦ ହୋଇ ଯାଇଥିଲା। ଫଳରେ ସେମାନେ ଘରକୁ ଫେରିବାକୁ ଚାହିଁଥିଲେ । ଗାଡ଼ି ମୋଟର ଚାଲୁ ନ ଥିବାରୁ ଶେଷରେ ବାଧ୍ୟ ହୋଇ ଚାଲି ଚାଲି ଘରକୁ ଫେରୁଥିବା ଏହି ଶ୍ରମିକମାନେ କହିଛନ୍ତି ।


ଢେଙ୍କାନାଳରୁ ଛତିଶଗଡ଼ ଫେରୁଥିବା ଶ୍ରମିକମାନେ ।

**ଫଟୋରେ ଖବର**


ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା-ପୋଡବାଡି ମଧ୍ୟରେ ପ୍ରଭାବିତ ଝାଇଁଜୋରରେ ଥିବା ଫେୟାର ୱେଦର ରାସ୍ତା ଗତ ବର୍ଷାରେ ଧୋଇଯାଇଛି ।

## ଚାଷୀଙ୍କୁ ଭେଟିଲେ ଉପଜିଲାପାଳ

ଜୁନାଗଡ,୮।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୮୬ଜଣ ଚାଷୀ ଠିକ୍ ସମୟରେ ପ୍ୟାକ୍ସରେ ନିଜର କାଗଜପତ୍ର ଦେଇ ପାରି ନ ଥିବାରୁ ଚଳିତ ରବି (ଡାଲୁଅ) ଚାଷ ପାଇଁ ପଞ୍ଜୀକରଣ କରିପାରି ନାହାନ୍ତି। ଏଣୁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଜୁନାଗଡ ବ୍ଲକର ବିଭିନ୍ନ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଉପଜିଲାପାଳ ଚାଷୀଙ୍କୁ ଭେଟି ସମସ୍ୟା ନେଇ ପଚାରି ବୁଝିଛନ୍ତି। ଏହି ସମୟରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ଏଆରସିଏସ୍ ଅକ୍ଷୟ କୁମାର ଦାଶଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିପଜ୍ଜନକ ଭାବେ ଖଟୁଛନ୍ତି ଶ୍ରମିକ

ବିଜେପୁର, ୮।୫ (ଡି.ଏନ.ଏ)

**ବିଜେପୁର ବ୍ଲକ**

କରୋନା ସଂକ୍ରମଣ ପ୍ରତିହତ ପାଇଁ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବାକୁ ସରକାର ସଚେତନତା ସୃଷ୍ଟି କରୁଛନ୍ତି । ଏହାକୁ ପାଳନ କରୁ ନ ଥିବା ଅମାନିଆଙ୍କୁ ପ୍ରଶାସନ ସଚେତନ କରିବାକୁ ଜରିମାନା ଆଦାୟ କରୁଛି । ହେଲେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଇ ବରଗଡ ଜିଲା ବିଜେପୁର ଏନଏସି ଅଞ୍ଚଳର ଏକ କଲଭର୍ଟ କାମରେ ଶ୍ରମିକମାନେ ବିପଦଜ୍ଜନକ ଭାବେ ଖଟୁଥିବା ଅଭିଯୋଗ ହେଉଛି। ଏନଏସି ପକ୍ଷରୁ ଏମ.ଗଣ୍ଡପାଲି ଛକରୁ ବାଉଁଶପୋଲା ବାଟ ଦେଇ ବିଜେପୁରକୁ ସଂଯୋଗ କରୁଥିବା ରାସ୍ତାଟି ତିନି କୋଟି ଟଙ୍କାର ବ୍ୟୟ ଅଟକଳରେ କାମ ହେଉଛି। କରୋନା ଯୋଗୁ ଏହା ବନ୍ଦ ରହିଥିବା ବେଳେ ଗତ ବୁଧବାରଠାରୁ ଏମ. ଗଣ୍ଡପାଲି ଛକରେ କଲଭର୍ଟ କାମ ଆରମ୍ଭ ହୋଇଛି । ଏହି କାର୍ଯ୍ୟରେ ପ୍ରାୟ ୨୦ଜଣ ଶ୍ରମିକ ନିୟୋଜିତ ହୋଇଛନ୍ତି । ହେଲେ କେହି ମାସ୍କ ନ ପିନ୍ଧି କାମ କରୁଛନ୍ତି। ସେମାନଙ୍କ ନିକଟରେ ସାନିଟାଇଜର କି ହ୍ୟାଣ୍ଡୱାସ ମଧ୍ୟ ନାହିଁ । ଏ ନେଇ ଶ୍ରମିକମାନଙ୍କୁ ପଚାରିବାରୁ ଠିକାଦାର ମାସ୍କ ଯୋଗାଇ ଦେବି ବୋଲି କହିଛନ୍ତି। ହେଲେ ତିନିଦିନ ବିତିଯାଇଥିଲେ ମଧ୍ୟ ତାହା ମିଳିପାରି ନ ଥିବା ସେମାନେ କହିଛନ୍ତି । କରୋନା ସଂକ୍ରମଣ ପ୍ରତିହତ ପାଇଁ ସରକାର ବ୍ୟାପକ ସଚେତନତା ସୃଷ୍ଟି କରୁଥିବା ବେଳେ ଏଭଳି ବିପଦଜ୍ଜନକ ଭାବେ ଶ୍ରମିକମାନଙ୍କୁ ନିୟୋଜିତ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷେ ଉକ୍ତ ରାସ୍ତା କାମ ଆରମ୍ଭ ହେବାର ପାଞ୍ଚ ମାସ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ଏ ସମ୍ପର୍କରେ ଏନଏସିର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ପାତ୍ରଙ୍କୁ ପଚାରିବାରୁ ମାସ୍କ ଯୋଗାଇ ଦେବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁଇ ତିନି ଦିନ ମଧ୍ୟରେ ସେଠାରେ ସୂଚନାଫଳକ ଲଗାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପାତ୍ର କହିଥିଲେ ।

# ଶ୍ରମ ଅଧିକାରୀଙ୍କୁ ଫେରାଦ

ବରଗଡ଼ ଅଫିସ୍,୮।୫

କରୋନା (କୋଭିଡ୍-୧୯) ଭୂତାଣୁ ପ୍ରତିହତ ପାଇଁ ଦେଶବ୍ୟାପୀ ଲକ୍ ଡାଉନ କଟକଣା ଲାଗୁ ହୋଇଛି। ଏଭଳି ସ୍ଥଳେ କାମଧନ୍ଦା ବନ୍ଦ ହୋଇଯାଇ ଥିବା ଯୋଗୁ ନିର୍ମାଣ ଶ୍ରମିକଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି । ମାତ୍ର

**ନିର୍ମାଣ ଶ୍ରମିକଙ୍କୁ ମିଳୁନି ସହାୟତା**

କେତେକ ନିର୍ମାଣ ଶ୍ରମିକ ସେମାନଙ୍କ ପଞ୍ଜୀକରଣକୁ ନବୀକରଣ କରିପାରି ନ ଥିବାରୁ ସେହି ସହାୟତାରୁ ବଞ୍ଚିତ ହେଉଛନ୍ତି । ଏହାକୁ ନେଇ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେମାନେ ଦୀର୍ଘଦିନରୁ ଆବେଦନ କରିଥିଲେ ସୁଦ୍ଧା ବିଭାଗୀୟ ଅବହେଳା ଯୋଗୁ ସେମାନଙ୍କ ପଞ୍ଜୀକରଣକୁ ନବୀକରଣ କରାଯାଇ ନାହିଁ ଏବଂ ଏବେ ସହାୟତା ପ୍ରଦାନ ସମୟରେ ସେଥିରୁ ବାଦ୍ ଦିଆଯାଉଛି ବୋଲି ଅଭିଯୋଗ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶୁକ୍ରବାର ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ନଦୀପଡ଼ାର ନିର୍ମାଣ ଶ୍ରମିକମାନେ ବରଗଡ଼ ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜିଲା ସଂଯୋଜକ ଭବାନୀ ପ୍ରସାଦ ସାହୁଙ୍କ ସମେତ ମାଳତୀ ସାହୁ, ଯମୁନା ଗହୀର, ରୋହିତ ସାହୁ ପ୍ରମୁଖ ହିତାଧିକାରୀ ଉପସ୍ଥିତ ଥିଲେ ।


ଶ୍ରମ ଅଧିକାରୀଙ୍କୁ ନିର୍ମାଣ ଶ୍ରମିକମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ଜୀବନର ଦୋଛକିରେ କିଡ୍‌ନୀ ଆକ୍ରାନ୍ତ

କୋକସରା,୮।୫(ଡି.ଏନ.ଏ)

ଦିନ ଥିଲା ସ୍ତ୍ରୀ ଓ ଦୁଇ ପିଲାଛୁଆଙ୍କୁ ନେଇ ସୁଖରେ ରହୁଥିଲେ । ଯାହା ରୋଜଗାର କରୁଥିଲେ ସେଥିରେ ୪ କୁଟୁମ୍ବ ଚଳିଯାଉଥିଲା। ବିଧାତା ସହିଲାନି । ଆଜିକୁ ୩ ମାସ ତଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ପରେ ପରିବାରରେ ଦୁଃଖର କଳାବାଦଲ ଛାଇଗଲା। ଏମିତି ଘଟିଛି କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ଗାଁର ଦେବାନନ୍ଦ ସରାବୁ(୪୦)ଙ୍କ ଜୀବନରେ।

ସ୍ତ୍ରୀ ସସ୍ମିତା, ପୁଅ ସିଦ୍ଧାନ୍ତ (୧୪) ଓ ଝିଅ କୁମ୍‌କୁମ୍ (୩)କୁ ନେଇ ଦେବାନନ୍ଦଙ୍କ ପରିବାର। ଆଜିକୁ ୩ ମାସ ତଳେ ଦେବାନନ୍ଦଙ୍କ ଦେହ ଅସୁସ୍ଥ ହେବାରୁ ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା କରିବାରୁ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ଅଭାବୀ ପରିବାର ହୋଇଥିବାରୁ ଧାର ଉଧାର କରି ତାଙ୍କୁ ଭବାନୀପାଟଣା ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ବୁର୍ଲା ଯିବା ପାଇଁ କହିଲେ। ଅର୍ଥ ଅଭାବ ଯୋଗୁ ଆଗକୁ ଚିକିତ୍ସା କରି ନ ପାରି ଘରକୁ ଫେରି ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି ଦେବାନନ୍ଦ। ପଞ୍ଚାୟତରୁ ମିଳୁଥିବା ଚାଉଳ ଓ କୁଲି ମଜୁରୀ କରି ଦୁଇ ଛୁଆ ସହ ରୋଗରେ ପୀଡିତ ସ୍ୱାମୀଙ୍କୁ ପ୍ରତିପୋଷଣ କରିବାରେ ସସ୍ମିତା ଅସମର୍ଥ । ତେଣୁ ସ୍ୱାମୀର ବ୍ୟୟ ବହୁଳ ଚିକିତ୍ସା ପାଇଁ ତାଙ୍କ ପାଖରେ ଅର୍ଥ କାହୁଁ ଆସିବ। କେବଳ ସରକାରୀ ସହାୟତା କିମ୍ବା କୌଣସି ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇଲେ

**ବଞ୍ଚିବା ପାଇଁ କରୁଛନ୍ତି ସଂଗ୍ରାମ**

ହୁଏତ ଚିକିତ୍ସା କରି ସ୍ୱାମୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରନ୍ତେ ବୋଲି କୋହଭରା କଣ୍ଠରେ କହିଛନ୍ତି ସସ୍ମିତା। ଏ ନେଇ କୋକସରା ବିଡିଓ ମନୀଷା ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ଆମ ପାଖରେ ଖବର ନାହିଁ । ଆଗକୁ ଦେବାନନ୍ଦଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସହଯୋଗ ଦେବାକୁ ଚେଷ୍ଟା କରିବି ବୋଲି କହିଛନ୍ତି ।


କିଡ୍‌ନୀ ଆକ୍ରାନ୍ତ ଦେବାନନ୍ଦ ।

## ସଂକ୍ଷେପରେ

### କୋରାପୁଟ ଜିଲାକୁ ସୁରଟରୁ ଆସିଛନ୍ତି ଜଣେ

ଜୟପୁର,୮।୫(ଡି.ଏନ.ଏ)- କୋରାପୁଟ ଜିଲାକୁ ସୁରଟରୁ ଏକମାତ୍ର ପ୍ରବାସୀ ଓଡିଆ ଫେରିଛନ୍ତି । ଜିଲା ସଦର ମହକୁମାଠାରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯିବା ସହିତ କ୍ୱାରାଣ୍ଟାଇନରେ ରଖାଯାଇଛି । ସେହିପରି ଜୟପୁର ସହରକୁ ରାଜସ୍ଥାନରୁ ୨ଜଣ ଓ ବ୍ଲକର ୩ଟି ପଞ୍ଚାୟତକୁ ମୋଟ ୫ଜଣ ବାହାର ରାଜ୍ୟରୁ ଫେରିଛନ୍ତି । ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ଜିଲାର ସମୁଦାୟ ୯୦୫ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବା ବେଳେ ୬୭୭ଜଣଙ୍କ ଯାଞ୍ଚ ପରେ କେବଳ ଜଣଙ୍କ ପଜିଟିଭ ବାହାରିଥିଲା ।

### ଚାଲିଚାଲି ଯାଉଥିଲେ ଝାଡ଼ଖଣ୍ଡ,କ୍ୱାରାଣ୍ଟାଇନରେ ରଖିଲେ ଯୁବଗୋଷ୍ଠୀ

ନନ୍ଦପୁର,୮।୫(ଡି.ଏନ୍.ଏ.)- କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ମହକୁମା ଦେଇ ଚାଲି ଚାଲି ଯାଉ ଥିବା ୨୧ ଜଣ ଶ୍ରମିକଙ୍କୁ ଶୁକ୍ରବାର ଥୁବା ଗ୍ରାମର ଯୁବକମାନେ ଅଟକାଇ ଥୁବାସ୍ଥିତ ସଙ୍ଗରୋଧ ଗୃହରେ ରଖିଛନ୍ତି। ଏମାନେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରୁ ରେଳ ଲାଇନ କଡ଼ରେ ଚାଲି ଚାଲି ଝାଡ଼ଖଣ୍ଡ ରାଜ୍ୟକୁ ନିଜ ଘରକୁ ଯାଉଥିଲେ। ଏହା ଦେଖି ଗ୍ରାମର ଶେଖନୂରଙ୍କ ସମେତ ଅନ୍ୟମାନେ ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖି ସେମାନଙ୍କ ଖାଇବା ବ୍ୟବସ୍ଥା କରିଛନ୍ତି। ବ୍ଲକ ପ୍ରଶାସନ ସହ ଯୋଗାଯୋଗ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଯୁବକମାନେ କହିଛନ୍ତି।

### ରେଡକ୍ରସ୍ ଦିବସରେ ରକ୍ତଦାନ ଶିବିର

ନବରଙ୍ଗପୁର,୮।୫(ବି.ପ୍ର.)- ସ୍ଥାନୀୟ ପୋଲିସ ପଡିଆଠାରେ ବିଶ୍ୱ ରେଡକ୍ରସ ଦିବସରେ ପୋଲିସ ପ୍ରଶାସନ ଓ ଜାତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ସାମାଜିକ ଦୂରତା ରଖାଯାଇ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ର, ଏସପି ନିତିନ କୁସଲକର ଏହି ଶିବିରରକୁ ଉଦଘାଟନ କରିଥିଲେ । ୧୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାର ରକ୍ତ ଭଣ୍ଡାରରେ ଗୋଟିଏ ବି ୟୁନିଟ ରକ୍ତ ନଥିବା ଜଣାପଡିବା ପରେ ଡାକ୍ତର ଦେବବ୍ରତ ଡାକୁଆ ନିଜେ ଏକ ୟୁନିଟ ରକ୍ତ ଦେଇ ସମସ୍ତଙ୍କୁ ଲକଡାଉନ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆହ୍ୱାନ କରିଥିଲେ । ଏହା ପରେ ନବରଙ୍ଗପୁର ଥାନା ପକ୍ଷରୁ ରକ୍ତଦାନ ଶିବିର କରାଯାଇ ୯୨ ୟୁନିଟ ରକ୍ତ ସଂଗ୍ରହ ହୋଇ ପାରିଥିଲା ।

### ପାଣିଟାଙ୍କି ରହିଛି, ମିଳୁନି ପାନୀୟଜଳ

କାଶୀନଗର,୮।୫(ଡି.ଏନ.ଏ)- କାଶୀନଗର ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ଆଗରେ ଥିବା ପାନୀୟ ଜଳ ଯୋଗାଣ ଟାଙ୍କି ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ ଫଳରେ ଲୋକମାନେ ପାଣି ପାଇଁ ହଇରାଣ ହେଉଛନ୍ତି। କରୋନା ଯୋଗୁ ଦୋକାନ ବଜାର ବନ୍ଦ ରହିଥିବା ବେଳେ ପାଣି ମୁନ୍ଦାଏ ପିଇବା ପାଇଁ ମିଳୁନି । ପ୍ରତିବର୍ଷ ଏପ୍ରିଲ ମାସରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଏ କିନ୍ତୁ ଚଳିତବର୍ଷ କରୋନା ପାଇଁ ଏହା କେଉଁଠାରେ ଦେଖିବାକୁ ମିଳୁନାହିଁ । ବର୍ତ୍ତମାନ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ପାଣି ପାଇଁ ହଇରାଣ ହେଉଛନ୍ତି ଏହି ସମସ୍ୟାର ସମାଧାନ ପାଇଁ ଲୋକମାନେ ଦାବି କରୁଛନ୍ତି।

### ଗୋଡ଼ ଖସିଯାଇ ବୃଦ୍ଧାଙ୍କ ମୃତ୍ୟୁ

କୋରୁକୋଣ୍ଡା, ୮।୫(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନିଳାକାମ୍ବେରୁ ପଞ୍ଚାୟତର ନିଳାଦ୍ରୀନଗର ଗ୍ରାମର କୋୟାସାହିରେ ଜଣେ ବୃଦ୍ଧାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ନାମ ଦେବେ ପଡିଆମି (୬୫)। ଗୁରୁବାର ସନ୍ଧ୍ୟାରେ ଦେବେ ନିଜ ଘର ସମ୍ମୁଖରେ ପାଦ ଖସିଯିବାରୁ ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ନିଜ ଘରେ ଘରୋଇ ଉପଚାର କରିବାରୁ ରକ୍ତସ୍ରାବ ବନ୍ଦ ହୋଇଯାଇଥିଲା। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ସତ୍କାର ବ୍ୟବସ୍ଥା ହେଉଥିବା ବେଳେ ଖବର ପାଇ ଓର୍କେଲ ପୋଲିସ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ମାଲକାନଗିରି ପଠାଇଥିଲା। ଏ ନେଇ ଓର୍କେଲ ଥାନାରେ ଏକ ଅପମୃତ୍ୟୁ ମାମଲା (୫/୨୦) ରୁଜୁ ହୋଇଛି।

# କର୍ତ୍ତବ୍ୟ ଆଗରେ ହାର ମାନିଛି ସମ୍ପର୍କର ଡାକ

**ଭଉଣୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇପାରିଲେନି ତହସିଲଦାର**

ଖଇରପୁଟ,୮।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ତହସିଲଦାର ରାମକୃଷ୍ଣ ନାୟକ ନିଜ କର୍ତ୍ତବ୍ୟ ନିକଟରେ ପରିବାର ଜଞ୍ଜାଳକୁ ପଛରେ ପକାଇ ଦେଇଛନ୍ତି। ଏପରିକି ନିଜ ଭଉଣୀଙ୍କ ମୃତ୍ୟୁ ଖବର ଶୁଣି ମଧ୍ୟ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବାକୁ ଯାଇନାହାନ୍ତି। କରୋନା କବଳରୁ ଏଯାବତ୍ ମୁକ୍ତ ଥିବା ମାଲକାନଗିରି ଜିଲାକୁ ସର୍ବଦା ଗ୍ରୀନ୍ ଜୋନ୍‌ର ମାନ୍ୟତାରେ ରଖିବା ଲାଗି ଉଦ୍ୟମ ଚଳାଇଥିବା ଏହି ଅଧିକାରୀ ସୀମାନ୍ତ ଅଞ୍ଚଳଗୁଡ଼ିକ ଉପରେ ନଜର ରଖିଛନ୍ତି। ବାହାର ଜିଲା କିମ୍ବା ରାଜ୍ୟରୁ ଯେପରି ମାଲକାନଗିରି ଜିଲାକୁ କେହି ପ୍ରବେଶ ନ କରିପାରନ୍ତି ସେନେଇ ତଦାରଖ କରୁଛନ୍ତି। ହାଟ, ବଜାର,ବ୍ୟାଙ୍କ ଆଦି ସ୍ଥାନ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦେଉଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟର ବୁଲି ସୁବିଧା ଅସୁବିଧା ବୁଝୁଛନ୍ତି। ଏପରି ସ୍ଥଳେ ତାଙ୍କ ଭଉଣୀ ତୁଲା ବାଡାମ(୩୬)ଙ୍କ ପରଲୋକ ଖବର ପାଇ ମଧ୍ୟ ସେ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇପାରି ନ ଥିଲେ। ତାଙ୍କ କର୍ତ୍ତବ୍ୟ ପରାୟଣତା ଅନ୍ୟମାନଙ୍କ ପାଇଁ ଉଦାହରଣ ଏଥିରେ ସନ୍ଦେହ ନାହିଁ।

# ଆଧାରକାର୍ଡ ସଂଯୋଗ ଆଳରେ ଠକେଇ

**୫୦ ଗ୍ରାମବାସୀଙ୍କ ଜମାଖାତାରୁ ଅର୍ଥ ହଡ଼ପ**

ବୈପାରିଗଡ଼ା,୮।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗଡ଼ା ବ୍ଲକ ସଦର ପଞ୍ଚାୟତ ସନ୍ତେଇପଟ ଓ ଅମଳାଭଟ୍ଟା ଗ୍ରାମବାସୀ ଠକେଇର ଶିକାର ହୋଇଛନ୍ତି। ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଜଣେ ଯୁବକ ସେମାନଙ୍କ ଜମାଖାତାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଜାରି ରହିଛି। ଖବରରୁ ଜଣାପଡ଼ିଛି ଗତ ୨୪ ତାରିଖରେ ଏହି ୨ ଗ୍ରାମକୁ ବାହାର ଅଞ୍ଚଳର ଜଣେ ଯୁବକ ଆସି ନିଜକୁ ବ୍ୟାଙ୍କ କର୍ମଚାରୀ ଭାବେ ପରିଚୟ ଦେଇ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ନମ୍ବର ସଂଲଗ୍ନ କରିବାକୁ କହି ଗ୍ରାମବାସୀଙ୍କୁ ଆଧାର କାର୍ଡ ମାଗିଥିଲେ। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ବାୟୋମେଟ୍ରିକ୍ ମେସିନରେ ଫିଙ୍ଗରପ୍ରିଣ୍ଟ ନେଇଥିଲେ।



ଥାନାର ଦ୍ୱାରସ୍ଥ ହୋଇଥିବା ଲୋକେ ।

ପରେ ଗ୍ରାମବାସୀ ଆଇଓବିରେ ଥିବା ସେମାନଙ୍କ ଜମାଖାତାର ବାଲାନ୍ସ ଚେକ୍ କରିବାରୁ ପ୍ରତ୍ୟେକଙ୍କ ଜମାଖାତାରୁ ୫ଶହରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ହଡ଼ପ ହୋଇଥିବା ଜଣାପଡିଥିଲା। ସମସ୍ତଙ୍କର ମିଶି ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ହଡ଼ପ ହୋଇଥିବା ଜଣାପଡିଛି। ତେବେ ସମ୍ପୃକ୍ତ ଯୁବକ ଜଣକ କୁନ୍ଦୁରା ବ୍ଲକ ଅନ୍ତର୍ଗତ ବରଗୁଡ଼ା ଗ୍ରାମର ଅରୁଣ କମାର ସାବତ ବୋଲି ଜଣାପଡିବା ପରେ ଲୋକେ ତାଙ୍କୁ ଏଠାକୁ ଡକାଇଥିଲେ। ଏକ ବୈଠକ କରି ଟଙ୍କା ହଡ଼ପ ନେଇ ପଚରାଉଚରା କରିଥିଲେ। ପରେ ସେ ସବୁ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ସେ ଟଙ୍କା ନ ଫେରାଇବାରୁ ଲୋକେ ବାଧ୍ୟ ହୋଇ ଗତ ୫ରେ ବୈପାରିଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଲେ ଯେ, ଲୋକେ କେମିତି ଟଙ୍କା ଫେରସ୍ତ ପାଇବେ ସେନେଇ ଉଦ୍ୟମ କରାଯାଉଛି। ସୂଚନାଯୋଗ୍ୟ ଯେ, କିଛି ମାସତଳେ ବ୍ଲକର ପତ୍ରଗୁଡା ଗ୍ରାମର ଜଣେ ଚାଷୀଙ୍କ ଜମାଖାତାରୁ ୧୦ ହଜାର ଟଙ୍କା ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଥିଲା ।

# ଦଇତାଙ୍କୁ ଏଯାଏ ମିଳିନି ଭତ୍ତା

**ସ୍ୱାମୀଙ୍କ ମୃତ୍ୟୁକୁ ବିତିଲାଣି ୧୮ ବର୍ଷ**

ଜୟପୁର,୮।୫(ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ମହାଲିଆପୁଟ ଗ୍ରାମରେ ମୁକୁନ୍ଦ ପରଜାଙ୍କ ପରିବାର ବସବାସ କରୁଛନ୍ତି। ୧୮ ବର୍ଷ ତଳୁ ମୁକୁନ୍ଦଙ୍କ ମୃତ୍ୟୁ ହୋଇସାରିଛି। ଏବେ ଗ୍ରାମରେ ତାଙ୍କ ସ୍ତ୍ରୀ ଓ ପିଲାମାନେ ରହୁଛନ୍ତି। ତେବେ ଏଯାଏ ମୁକୁନ୍ଦଙ୍କ ସ୍ତ୍ରୀ ଦଇତା ପରଜା (୪୭)ଙ୍କୁ ବିଧବାଭତ୍ତା ମିଳିନାହିଁ । ଏନେଇ ସେ ବାରମ୍ବାର ପ୍ରଶାସନ ନିକଟରେ ଆବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ତାଙ୍କୁ ମିଳିନାହିଁ । ତାଙ୍କର ଏକମାତ୍ର ପୁଅ ନିଜ ପରିବାରକୁ ନେଇ ସେ ଅଲଗା ରହୁଛନ୍ତ। ଦଇତାଙ୍କୁ ମିଳୁଥିବା ଖାଦ୍ୟ ସୁରକ୍ଷା କାର୍ଡର ଚାଉଳ ପୁଅ ନେଇଯାଉଛନ୍ତି। ଏପରିସ୍ଥଳେ ଦଇତା ଗ୍ରାମରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ। ଲକ୍‌ଡାଉନ ଯୋଗୁ କାର୍ଯ୍ୟ ବନ୍ଦ ରହିଥିବାରୁ ସେ ଚଳିବାରେ ଖୁବ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଭତ୍ତା ପାଉଥାନ୍ତେ ତେବେ କିଛି ପରିମାଣରେ ତାଙ୍କ କଷ୍ଟ ଦୂର ହୋଇପାରନ୍ତା। ମାତ୍ର ସେ ଏଯାଏ ବିଧବାଭତ୍ତା ପାଇନାହାନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଛନ୍ତି। ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟିଛନ୍ତି। କିଛି ସୁଫଳ ମିଳିନି ତାଙ୍କୁ। ତୁରନ୍ତ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦଇତାଙ୍କ ଭତ୍ତା ବ୍ୟବସ୍ଥା କରିବା ଲାଗି ଗ୍ରାମର ପ୍ରସନ୍ନ ପାଣିଗ୍ରାହୀଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

# ଚାଲିଚାଲି ଆସୁଥିବା ୪ ଯୁବକଙ୍କୁ ଗାଡ଼ିରେ ଗାଁକୁ ପଠାଇଲେ

**ଥାନା ଅଧିକାରୀଙ୍କ ମାନବିକତା**

ନବରଙ୍ଗପୁର,୮।୫(ବି.ପ୍ର.)

ଲକ୍‌ଡାଉନ୍ ସମୟରେ ୪ ଯୁବକ ଗାଁକୁ ଚାଲି ଚାଲି ଯାଉଥିଲେ। ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ଏହା ଦେଖି ସହଯୋଗର ହାତ ବଢାଇଥିଲେ। କୋଟପାଡରୁ ଚାଲି ଚାଲି ୫୦ କିମି. ଦୂର ନବରଙ୍ଗପୁରରେ ପହଞ୍ଚିଥିବା ୪ ଜଣ ଯୁବକଙ୍କ ପାଇଁ ଏକ ଗାଡିର ବ୍ୟବସ୍ଥା କରି ଥାନା ଅଧିକାରୀ ଗାଁକୁ ପଠାଇଥିଲେ। ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଗାଁର ରାଜେନ୍ଦ୍ର ନାୟକ, ଦୀନବନ୍ଧୁ ପାଳ, ସୁରେନ୍ଦ୍ର ମହାରଣା, ବିଜୟ ଦାଶ ପ୍ରମୁଖ ଛତିଶଗଡ -ଓଡିଶା ସୀମା କୋଟପାଡ ବ୍ଲକର ଏକ କମ୍ପାନୀରେ ପ୍ଲମ୍ବର କାମ କରୁଥିଲେ । ଲକ୍‌ଡାଉନ୍ ସମୟରେ ଘରକୁ ଫେରିବା ସେମାନଙ୍କ ପାଇଁ ବଡସମସ୍ୟା ହୋଇଥିଲା । ଏନେଇ କୋଟପାଡରୁ ୪ ଜଣ ଚାଲିଚାଲି ନବରଙ୍ଗପୁର ଆସିଥିଲେ । ପ୍ରବେଶ ପଥ ଇନ୍ଦ୍ରାବତୀ ପୋଲ ନିକଟରେ ପୋଲିସ ଚେକ ପୋଷ୍ଟରେ ସେମାନଙ୍କୁ ଅଟକାଯାଇଥିଲା । ସେମାନେ ଲକ୍‌ଡାଉନ୍ ସମୟରେ ଘରକୁ ଫେରିବା ପାଇଁ କିଛି


ଯୁବକମାନଙ୍କ ସହ ଥାନା ଅଧିକାରୀ କଥାବାର୍ତ୍ତା ହେଉଛନ୍ତି ।

ବ୍ୟବସ୍ଥା ନ ଥିବା ଓ ଖାଇବା ପାଇଁ ଅର୍ଥର ଅଭାବ ଥିବା କହିଥିଲେ । ନ ଖାଇ ନ ପିଇ ସେମାନେ ଚାଲିଚାଲି ଯାଉଥିବା କହିଥିଲେ। ଏନେଇ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ସେମାନଙ୍କ ପାଇଁ ପ୍ରଥମେ ଖାଇବା ବ୍ୟବସ୍ଥା କରାଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା ପରେ ଘରକୁ କିଭଳି ଯିବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଉପଜିଲାପାଳ ଭାସ୍କର ରଇତୋଙ୍କୁ ଜଣାଇବା ସହ ୪ ଜଣ ଯୁବକଙ୍କୁ ଘରକୁ ଫେରିବା ପାଇଁ ଅନୁମତିପତ୍ର କରାଇଥିଲେ। ପରେ ଏକ ବୋଲେରୋରେ ୪ ଜଣଙ୍କୁ ବରୀ-ରାମଚନ୍ଦ୍ରପୁର ପଠାଇଥିଲେ।

## ପ୍ରବାସୀ ଶ୍ରମିକଙ୍କ ଗସ୍ତଖର୍ଚ୍ଚ ଦେବ ଜିଲା କଂଗ୍ରେସ

ନବରଙ୍ଗପୁର,୮।୫(ବି.ପ୍ର.)

ପ୍ରଶାସନ ନିକଟରେ ପଞ୍ଜୀକରଣ କରି ଫେରିବାପାଇଁ ଚାହୁଁଥିବା ପ୍ରବାସୀ ଶ୍ରମିକଙ୍କ ଗସ୍ତଖର୍ଚ୍ଚ ଜିଲା କଂଗ୍ରେସ ବହନ କରିବ ବୋଲି ପୂର୍ବତନ ଏମପି ପ୍ରଦୀପ ମାଝୀ ଓ ଜିଲା ସଭାପତି ମୁନା ତ୍ରିପାଠୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି । ଏଥିସହ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ କୋଭିଡ-୧୯ ମୁକାବିଲାପାଇଁ କେତୋଟି ପ୍ରସ୍ତାବ ଦେଇଛନ୍ତି। ବହୁ ଶ୍ରମିକ ପଞ୍ଜିକରଣ ଜାଣି ନାହାନ୍ତି । କଂଗ୍ରେସ ସେମାନଙ୍କ ତାଲିକା ପ୍ରଶାସନକୁ ପ୍ରଦାନ କରିବ । ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକରୁ ବହୁ ସଂଖ୍ୟାରେ ଶ୍ରମିକ ହାଇଦ୍ରାବାଦ ଓ ଜଗତସିଂହପୁରରେ ଫସି ରହିଛନ୍ତି । ହାଇଦ୍ରାବାଦରୁ ୭୦ ଶ୍ରମିକ ଚାଲି ଚାଲି ଆସି ଖାକାମ ପହଞ୍ଚିଥିବା ଜଣାପଡିଛି । ଝରିଗାଁ ବ୍ଲକର କରଝଡି ଗାଁର କେତେକ ଶ୍ରମିକ ୧୫ ଦିନ ହେବ ଚାରବାଟିଆ ରେଲୱେ ଷ୍ଟେସନରେ ଭୋକ ଉପବାସରେ ପଡି ରହିଛନ୍ତି । ବାହାର ରାଜ୍ୟରେ ପଡି ରହିଥିବା ଶ୍ରମିକଙ୍କୁ ପ୍ରଶାସନ ଗାଁକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ଜଣାଇଛନ୍ତି ।

## ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ

ମାଲକାନଗିରି,୮।୫ (ଡି.ଏନ.ଏ.)

ଉତ୍କଳ ସାହିତ୍ୟ ସମାଜ ମାଲକାନଗିରି ଜିଲାଶାଖା ପକ୍ଷରୁ ଅନୁଷ୍ଠାନର ୧୧୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀଲିପ ସାମନ୍ତରାଏ,ଉତ୍କଳ ସାହିତ୍ୟ ସମାଜର ଜିଲା ଆବାହକ ରତ୍ନାକର ଦାଶ, ନାରାୟଣଚନ୍ଦ୍ର ଭୋଳ, ପ୍ରମୋଦ ପଣ୍ଡା, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମୁହଁରେ ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା କରି ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

# ପରଜାବାରଙ୍ଗପଦର ପଞ୍ଚାୟତକୁ ଆସିଲେ ୪୪ ପ୍ରବାସୀ ଶ୍ରମିକ

ତେନ୍ତୁଲିଖୁଣ୍ଟି,୮।୫(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକକୁ ୪୪ ଜଣ ପ୍ରବାସୀ ଶ୍ରମିକ ଆସିଛନ୍ତି। ହାଇଦ୍ରାବାଦରୁ ୨୦ ଓ ଆନ୍ଧ୍ରପ୍ରଦେଶ ଆଙ୍କୁରରୁ ୨୪ ଜଣ ଶ୍ରମିକ ଆସି ପରଜାବାରଙ୍ଗପଦର ପଞ୍ଚାୟତରେ ପହଞ୍ଚିଥିଲେ। ମଞ୍ଚାଗାଁକୁ ୮ ପ୍ରବାସୀ ଶ୍ରମିକ ଗୁଣ୍ଟୁରରୁ ଆସିଥିବା ଜଣାପଡିଛି। ସମସ୍ତଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଆଙ୍କୁରରୁ ଆସିଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ ରାୟଗଡା ଟିକିର ଅଞ୍ଚଳର ୭ ଜଣ, କଳାହାଣ୍ଡି ଥୁଆମୁଳ ରାମପୁର ବ୍ଲକର ୩ ଜଣ ପ୍ରବାସୀ ଶ୍ରମିକ ରହିଛନ୍ତି। ସମସ୍ତଙ୍କ ପାଇଁ ପଞ୍ଚାୟତ ସ୍ତରରେ ବ୍ୟବସ୍ଥା କରାଯାଇଥିବା ବେଳେ ବିଡିଓ ଅକ୍ଷମିତା କାର୍ତ୍ତିକ, କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ପିଇଓ ଶିବଚନ୍ଦ୍ର ନାଗ, ଗ୍ରାମ ରୋଜଗାର ସେବକ ସୁନୀଲ ବାଘ, ସରପଞ୍ଚ ଇଂ ବିଜୟ ଝୋଡିଆ ଏହାର ତଦାରଖ କରିଥିଲେ। ଅନ୍ୟପକ୍ଷେ ଜୟପୁର ଡୁମୁଲିପୁଟର ୭ ଶ୍ରମିକ ସାଇକେଲ ଯୋଗେ ଝାଡଖଣ୍ଡ ଯାଉଥିବା ଇନ୍ଦ୍ରାବତୀ ବ୍ରିଜ ନିକଟରେ ଦେଖିବାକୁ ମିଳିଛି। ସେମାନେ ୨/୩ ଦିନର ଖାଦ୍ୟ ପ୍ରସ୍ତୁତ କରି ସାଇକେଲ ଯାଉଥିବାର ଦେଖିବାକୁ ମିଳିଛି।

# ନିଖୋଜ ରଘୁଙ୍କ ପତ୍ତା ମିଳୁନି

ଟିକିରି,୮।୫

- ମହାରାଷ୍ଟ୍ର କାମ କରିବାକୁ ଯାଇଥିଲେ
- ଲକ୍‌ଡାଉନ୍ ଯୋଗୁ ଖୋଜିବା କଷ୍ଟକର ହେଉଛି
- ଫେରିବା ବାଟକୁ ଚାହିଁଛନ୍ତି ପରିବାର

ଟିକିରି,୮।୫- ଗାଁରେ ବୃଦ୍ଧା ମା', ସ୍ତ୍ରୀ ଏବଂ ପୁଅକୁ ଛାଡ଼ି ରୋଜଗାର ପାଇଁ ଯାଇଥିଲେ ମହାରାଷ୍ଟ୍ର। ହେଲେ ଏଯାଏ ସେ ଫେରିଲେନି। ୪ ମାସ ହେଲା ତାଙ୍କର କୌଣସି ଫୋନ୍ ନାହିଁ କି ଖବର ନାହିଁ। ଏ ହେଉଛି ରାୟଗଡ଼ା ଜିଲା କାଶୀପୁର ପଣସଗୁଡ଼ା ସାହିର ରଘୁ ମାଝିଙ୍କ କଥା। କାଶୀପୁରରେ ରହୁଥିବା ଠିକାଦାର ମହେନ୍ଦ୍ର ପାଠୀ ରଘୁଙ୍କୁ କାମ କରିବା ପାଇଁ ଡାକି ନେଇଥିଲେ। ସେ ସମୟରେ ଠିକାଦାର ରଘୁଙ୍କ ସ୍ତ୍ରୀ ଗୁରୁବାରୀଙ୍କୁ ୧ହଜାର ଟଙ୍କା ଦେଇଥିଲେ। ସ୍ୱାମୀ ଯିବାର ୪ମାସ ହେଲାଣି। ମାତ୍ର ତାଙ୍କର କୌଣସି ଖବର ମିଳୁନାହିଁ। ଏପରିସ୍ଥଳେ ଭାଙ୍ଗିପଡିଛନ୍ତି ଗୁରୁବାରୀ। ଚଳିବାକୁ ପାଖରେ ଟଙ୍କାପଇସା କିଛି ନାହିଁ। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଠିକାଦାର ରଘୁଙ୍କୁ ୨ଥର ମହାରାଷ୍ଟ୍ରରେ କାମ କରିବାକୁ ଡାକି ନେଇଥିଲେ। କାମ କରି ଗ୍ରାମକୁ ଫେରି ଆସୁଥିଲେ ତାଙ୍କ ସ୍ୱାମୀ। ଏବେ ତାଙ୍କର କିଛି ଖବର ମିଳୁନି। ସମ୍ପୃକ୍ତ ଠିକାଦାର ମଧ୍ୟ ସଠିକ କିଛି ସୂଚନା ଦେଉନାହାନ୍ତି। ଏ ନେଇ ଠିକାଦାର ମହେନ୍ଦ୍ର ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ, ରଘୁ ଟ୍ରେନ୍‌ରେ ଯିବା ସମୟରେ ବାଟରେ କେଉଁଠି ଓହ୍ଲାଇ ପଡ଼ିଛନ୍ତି । ମହାରାଷ୍ଟ୍ରରେ ଥିବା ତାଙ୍କ ଭାଇ ସୋମନାଥଙ୍କ ସହ ମିଶି ସେ ସୋଲାପୁର ଅଞ୍ଚଳରେ ଖୋଜିଥିଲେ ମଧ୍ୟ ରଘୁଙ୍କୁ ପାଇନାହାନ୍ତି ବୋଲି କହିଛନ୍ତି। ଏବେ ଲକ୍‌ଡାଉନ୍ ଯୋଗୁ ଖୋଜିବା ସମ୍ଭବ ହେଉନି । ଲକ୍‌ଡାଉନ ପରେ ଯାହା ହେବ ବୋଲି କହିଛନ୍ତି ମହେନ୍ଦ୍ର। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ମହାରାଷ୍ଟ୍ରକୁ କାମ କରିବାକୁ ଯାଇଥିବା ପଣସଗଡ଼ା ସାହିର ଅନ୍ୟ ୨ ଜଣ ମଧ୍ୟ ନିଖୋଜ ହୋଇଥିଲେ। ୨ମାସ ପରେ ଜଣଙ୍କୁ ଆସାମରୁ ଏବଂ ଅନ୍ୟ ଜଣଙ୍କୁ ମହାରାଷ୍ଟ୍ରର ଏକ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା।

# ଲକ୍‌ଡାଉନ୍‌ରେ ବଢୁଛି ମଦ ବେପାର

ରାୟଗଡା ଅଫିସ,୮।୫:

ଲକ୍‌ଡାଉନ୍ ସମୟରେ ଜିଲାରେ ବଢୁଛି ବେଆଇନ ମଦ ବେପାର। ଏହାର ସୂଚନା ପାଇ ରାୟଗଡା ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଏବଂ ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବିଭିନ୍ନ ଥାନା ଅଞ୍ଚଳରୁ ବିପୁଳ ପରିମାଣରେ ଦେଶୀମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯିବା ସହ ପୋଚ ନଷ୍ଟ କରାଯାଇଛି। ସେହିପରି ୫ ଜଣଙ୍କୁ ଗିରଫ କରାଯାଇଛି। ଜିଲାର ଶେଷଖାଲ ଥାନା ଅନ୍ତର୍ଗତ କେରଡ଼ା ଅଞ୍ଚଳରେ ଚଢ଼ାଉ କରି ୮୦ଲିଟର ଦେଶୀମଦ ନଷ୍ଟ କରାଯାଇଛି। ସେହିପରି କଲ୍ୟାଣସିଂପୁର ଥାନା ଅଧୀନ ବେଲକୋନା ଗ୍ରାମରୁ ୭୦୦ଲିଟର ପୋଚ ନଷ୍ଟ କରାଯାଇଥିବାବେଳେ ପୂଜାରିଗୁଡ଼ା ଗ୍ରାମରୁ ୧୦ ଲିଟର ଦେଶୀମଦ ଜବତ କରାଯାଇଛି। ସେହିପରି ପୁଟାସିଂ ଅଞ୍ଚଳରେ ପୁଟାସିଂ ଥାନା ଅଧୀନ ଲୋବା ଗ୍ରାମରୁ ୨୮୦ଲିଟର ପୋଚ ଏବଂ ୧୩୦ଲିଟର ରନ୍ଧା ମଦ ଜବତ କରାଯାଇଛି। ଗୁଣପୁର ଥାନାର ଗାନ୍ଧୀ ନଗର ଅଞ୍ଚଳରୁ ମଧ୍ୟ ୪ଲିଟର ୪୫୦ ମିଲି ବିଦେଶୀ ମଦ ଓ ରାମନଗୁଡ଼ା ଥାନା ଅଞ୍ଚଳରୁ ୫ଲିଟର ବିୟର, ୩୦ଲିଟର ଦେଶୀମଦ ଓ ପୋଚ ଜବତ କରାଯାଇଛି। ଚଢ଼ାଉବେଳେ ମୋଟ ୫ଜଣଙ୍କୁ ଗିରଫ କରାଯିବା ସହ ଦୁଇଟି ସ୍କୁଟି ମଧ୍ୟ ଜବତ କରାଯାଇଛି।

# ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ: ୩ ସେଲୁନ ସିଲ୍

ରାୟଗଡ଼ା ଅଫିସ,୮।୫:

ଲକ୍‌ଡାଉନ୍ ସମୟରେ ସେଲୁନ୍ ଓ ବିୟୁଟି ପାର୍ଲର୍ ନ ଖୋଲିବାକୁ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତଥାପି ନିୟମ ଉଲ୍ଲଂଘନ କରି ଶୁକ୍ରବାର ରାୟଗଡ଼ା ସହରରେ ୩ ସେଲୁନ୍ ଖୋଲିଥିଲା। ସ୍ଥାନୀୟ ରାମାଟକିଜ ଜଙ୍କସନ, ଓଲ୍ଡ ଗେଟ୍, ରୋହିତ କୋଲନୀରେ ସେଲୁନ୍ ଖୋଲାଯାଇଥିବାବେଳେ ସ୍ଥାନୀୟ ପୋଲିସ ଏବଂ ପୌର ପ୍ରଶାସନ ପକ୍ଷରୁ ଏଗୁଡ଼ିକୁ ସିଲ୍ କରାଯାଇଥିବା ରାୟଗଡ଼ା ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ରାୟଗଡ଼ା ଏସ୍‌ପି ଡ. ଶର୍ବଣା ବିବେକ ଏମ୍ ରାୟଗଡ଼ା ବାରିକ ସଂଘ ସହ ଆଲୋଚନା କରି ସେଲୁନ୍ ଓ ପାର୍ଲର ନ ଖୋଲିବାକୁ ବୁଝାଇଛନ୍ତି।

# କାଳବୈଶାଖୀରେ ଗଛ ପଡ଼ି ହାତଗୋଡ ଭାଙ୍ଗିଲା

**ଅର୍ଥ ଅଭାବରୁ ଚିକିତ୍ସିତ ନ ହୋଇ ଘରେ ପଡିରହିଛନ୍ତି**

ଚନ୍ଦାହାଣ୍ଡି,୮।୫(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଗତ ୫ ତାରିଖରେ କାଳବୈଶାଖୀ ଯୋଗୁ ଅନକାବେଡା ଓ ବେହେରାମୁଣ୍ଡା ପଞ୍ଚାୟତର ୫ଟି ଗ୍ରାମର ଶତାଧିକ ଘର ଭାଙ୍ଗିଥିଲା। ସେହି ସମୟରେ ଚାନ୍ଦଗିରି ଗ୍ରାମର ଟେକରାମ ନାଗେଶ (୪୦) ନିଜ ଜମିକୁ ଯାଇଥିଲେ। ଘରକୁ ଫେରୁଥିବା ବେଳେ ଗଛ ଡାଳ ପଡି ତାଙ୍କର ଗୋଡ ଏବଂ ହାତ ଭାଙ୍ଗି ଯାଇଛି। ୬ ତାରିଖରେ ତାଙ୍କୁ ପରିବାର ଲୋକେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଉମରକୋଟ ପଠାଯାଇଥିଲା। ଉମରକୋଟରେ ତାଙ୍କୁ ଭୁବନେଶ୍ୱର କିମ୍ବା ବିଶାଖାପାଟଣା ନେବା ପାଇଁ ପରାମର୍ଶ ଦେଇଥିଲେ। ଟେକରାମଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ବାହାରକୁ ଯାଇ ଚିକିତ୍ସିତ ହୋଇ ନ ପାରି ଘରେ ପଡି ରହିଛନ୍ତି । ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଟେକରାମଙ୍କ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି।

# କଳାହାଣ୍ଡିରୁ ଫେରିଥିବା ୧୨ ଶ୍ରମିକଙ୍କୁ ଗ୍ରାମକୁ ପଠାଇଲା ପ୍ରଶାସନ

ମାଲକାନଗିରି,୮।୫ (ଡି.ଏନ୍.ଏ.)-

ଲକ୍‌ଡାଉନ୍ ଯୋଗୁ ବହୁ ଶ୍ରମିକ ଜିଲା ବାହାରେ ଏବଂ ଅନ୍ୟ ରାଜ୍ୟରେ ଫସି ରହିଛନ୍ତି। ଏହି ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଗୁରୁବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଗୁଣ୍ଠାବାଡା ପଞ୍ଚାୟତର ୧୨ ଜଣ ଶ୍ରମିକ ଫେରିଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏହି ଶ୍ରମିକମାନେ ଗତ ଦୁଇମାସ ତଳେ କଳାହାଣ୍ଡି ଜିଲା କୋକସରା ଗ୍ରାମରେ କେନାଲ କାମ କରିବା ପାଇଁ ଯାଇ ଲକ୍‌ଡାଉନ ଯୋଗୁ


କଳାହାଣ୍ଡିରୁ ଫେରିଥିବା ଶ୍ରମିକ ।

ସେଠାରେ ଫସି ରହିଥିଲେ। ଏସମ୍ପର୍କରେ ସେମାନେ କଳାହାଣ୍ଡି ଜିଲା ପ୍ରଶାସନକୁ ଜଣାଇବାରୁ ଗୁରୁବାର କଳାହାଣ୍ଡି ଜିଲା ପ୍ରଶାସନ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଶ୍ରମିକମାନଙ୍କୁ ନିଜ ଗ୍ରାମକୁ ପଠାଇଥିଲେ। ବସ୍ ସେମାନଙ୍କୁ ମାଲକାନଗିରି ଆଣି ଛାଡିଦେଇ ମୋଟୁ ଚାଲିଯାଇଥିଲା। ସେମାନେ ଚିତ୍ରକୋଣ୍ଡା ଯିବାକୁ କୌଣସି ଗାଡ଼ିମୋଟର ନ ଥିବାରୁ ଯାତ୍ରୀ ବିଶ୍ରାମାଗାରରେ ରହିଥିଲେ। ଏମାନଙ୍କ ସମ୍ପର୍କରେ ଜିଲା ପ୍ରଶାସନ ସୂଚନା ପାଇ ମାଲକାନଗିରି ତହସିଲଦାର ଡ. ଗୁଣନିଧି ନାୟକ ଏବଂ ଆଇଆଇସି ରାମପ୍ରସାଦ ନାଗ ସେଠାରେ ପହଞ୍ଚି ଶ୍ରମିକମାନଙ୍କୁ ପ୍ରଥମେ ଶୁଖିଲା ଖାଦ୍ୟ ଓ ପାଣି ଦେଇ ପରେ ବ୍ଲକ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ସେମାନଙ୍କ ନାମ ପଞ୍ଜୀକରଣ ପରେ ଦୁଇଟି ସ୍ୱତନ୍ତ୍ର ଗାଡିରେ ସେମାନଙ୍କୁ ଗୁଣ୍ଠାବାଡା ପଞ୍ଚାୟତକୁ ପଠାଇଥିଲେ। ଗୁଣ୍ଠାୱାଡା ପଞ୍ଚାୟତରେ ସେମାନେ ସଙ୍ଗରୋଧ ଗୃହରେ ୧୪ଦିନ ରହିବା ପରେ ନିଜ ଘରକୁ ଯିବେ ବୋଲି ତହସିଲଦାର ନାୟକ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ମେ ୯/୨୦୨୦ Saturday, May 9/2020

## ସଂକ୍ଷେପରେ

### ବିଗ୍ ବଜାର ପକ୍ଷରୁ ଡୋରଷ୍ଟେପ ଡେଲିଭରି

**ଭୁବନେଶ୍ୱର,୮।୫:** ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ବିଗ୍ ବଜାର ପକ୍ଷରୁ ଡୋର ଷ୍ଟେପ୍ ଡେଲିଭରି ସେବା ଯୋଗାଇ ଦିଆଯାଉଛି। ଲକ୍‌ଡାଉନ ସମୟରେ ଗ୍ରାହକଙ୍କ ଘର ଦୁଆରରେ ସେବା ଯୋଗାଇଦେବା ଲାଗି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଶପ୍ ଡଟ୍ ବିଗ୍‌ବଜାର ଡଟ୍ କମ୍ ସାଇଟକୁ ଯାଇ ଗ୍ରାହକ ବିଭିନ୍ନ ସାମଗ୍ରୀ ଅର୍ଡର କରିବାକୁ ସୁବିଧା ପାଇବେ। କେଉଁ ଏରିଆରେ ରହୁଛନ୍ତି, ତା'ର ପିନ୍ କୋଡ୍ ଏବଂ ନିକଟସ୍ଥ ବିଗ୍ ବଜାର ଚୟନକରି ସାମଗ୍ରୀ ଚୟନ କରିବାକୁ ହେବ। ଏହା ପରେ ଗ୍ରାହକଙ୍କୁ କଣ୍ଟାକ୍ଟ ଲେସ୍ ଏବଂ ନିରାପତ୍ତା ଭିତ୍ତିକ ଡେଲିଭରି ପ୍ରଦାନ କରାଯିବ ବୋଲି ସୂଚନା ରହିଛି। ଫୋନ୍ କଲ୍ ଏବଂ ହ୍ୱାଟ୍ସଆପ୍ ଜରିଆରେ ମଧ ଗ୍ରାହକମାନେ ସାମଗ୍ରୀ ଅର୍ଡର ଦେଇପାରିବେ। ଏହାବାଦ ଷ୍ଟୋର ପିକ୍ ବିକଳ୍ପ ଏବଂ କେତେକ ସହରରେ ବିଗ୍ ବଜାର ଅନ୍ ହ୍ୱିଲ୍ ମଧ ଆରମ୍ଭ କରାଯାଇଛି।

### ଜିଓରେ ୧୧,୩୬୭ କୋଟି ନିବେଶ କରିବ ଭିଷ୍ଟା

**ନୂଆଦିଲ୍ଲୀ,୮।୫:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜିଓ ପ୍ଲାଟ୍‌ଫର୍ମରେ ଭିଷ୍ଟା ଇକ୍ୱିଟି ପାର୍ଟନର ୧୧,୩୬୭ କୋଟି ଟଙ୍କା ନିବେଶ କରିବ। ଏହି ନିବେଶ ଦ୍ୱାରା ଉକ୍ତ କମ୍ପାନୀ ୨.୩୨% ଅଂଶଧନ ହାସଲ କରିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଫେସ୍‌ବୁକ ପରେ ଭିଷ୍ଟା ଜିଓରେ ଅନ୍ୟ ଏକ ପ୍ରମୁଖ ଅଂଶୀଦାର ହେବ। ନୂଆ ନିବେଶ ଦ୍ୱାରା ଗତ ୩ ସପ୍ତାହ ମଧରେ ଜିଓ ୬୦,୫୯୬ କୋଟି ଟଙ୍କାର ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହୋଇଛି ବୋଲି ସୂଚନା ରହିଛି। ଭିଷ୍ଟାର ନିବେଶକୁ ରିଲାଏନ୍ସ ଅଧକ୍ଷ ମୁକେଶ ଅମ୍ବାନୀ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଏଭଳି ପଦକ୍ଷେପ ଦେଶର ଡିଜିଟାଲ ଇକୋସିଷ୍ଟମରେ ଅଭିବୃଦ୍ଧି ଏବଂ ସଂସ୍କାର ଆଣିବା ଦିଗରେ ସହାୟକ ହେବ।

# ସରକାରୀ ସହାୟତା ଆଶାରେ ବ୍ୟବସାୟୀ

**ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ ହେଉଥିବା ବେଳେ ଜୀବନଯାତ୍ରା ସ୍ୱାଭାବିକ ହେଉଛି। ବିଭିନ୍ନ ବର୍ଗରେ ଶୋ'ରୁମ୍ ଏବେ ଖୋଲିବା ଆରମ୍ଭ ହୋଇଛି। ଶୋ'ରୁମ୍‌ଗୁଡ଼ିକରେ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ମୁତାବକ ସାମାଜିକ ଦୂରତ୍ୱ ସହ ଅନ୍ୟ ବ୍ୟବସ୍ଥା କରାଯାଇଛି। ଦୀର୍ଘଦିନ ଧରି କାରବାର ବନ୍ଦ ରହିଥିବା ବେଳେ ବ୍ୟବସାୟରେ କ୍ଷତି ସହିବାକୁ ପଡୁଛି। ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ଏହି ସଂସ୍ଥାଗୁଡିକ ଯୋଗଦାନ ରଖୁଛନ୍ତି, ହେଲେ କାରବାର ମାନ୍ଦା ରହିବାରୁ ପରିଚାଳନା ଖର୍ଚ୍ଚର ବୋଝ ଉଠାଇବାକୁ ପଡୁଛି। ବ୍ୟାଙ୍କ ଋଣ ଉପରେ ସୁଧ, ଘରଭଡ଼ା ସହ ଅନ୍ୟ ଖର୍ଚ୍ଚର ଚାପ ବ୍ୟବସାୟୀଙ୍କ ଉପରେ ରହିଛି। ସରକାର ଏ ଦିଗରେ ସହାୟତା ଯୋଗାଇ ଦିଅନ୍ତୁ ବୋଲି ବ୍ୟବସାୟ ଅଂଶୀଦାରମାନେ ନିବେଦନ କରିଛନ୍ତି। କୋଭିଡ୍-୧୯ ଯୋଗୁ ବଜାର ସ୍ଥିତି ନେଇ ପ୍ରମୁଖ କ୍ଷେତ୍ରଗୁଡିକ ସହ ଜଡ଼ିତ ବ୍ୟକ୍ତିବିଶେଷ ଦେଇଥିବା ପ୍ରତିକ୍ରିୟା...**

"ଶୋ'ରୁମ୍ ଖୋଲାଯାଇଥିଲେ ମଧ ବିକ୍ରି ଠପ୍ ରହିଛି। ଏବେ ଲୋକଙ୍କ ନିକଟରେ ଲିକ୍ୟୁଡିଟି ସମସ୍ୟା ରହିଛି। ନିରାପତ୍ତା ପ୍ରମୁଖ ପ୍ରସଙ୍ଗ ରହିବା ଯୋଗୁ କ୍ରୟ ପାଇଁ ଲୋକଙ୍କର ଇଚ୍ଛା ନାହିଁ। ଆଗାମୀ ୩ ମାସ ଯାଏ ବଜାର ସମ୍ପର୍କରେ କିଛି କହିହେବ ନାହିଁ। ଆମର ୨ଟି ଶୋ'ରୁମ୍ ଏବେ ପରିଚାଳନା ହେଉଛି। ଗ୍ରାହକ ଜରୁରିକାଳୀନ ସେବା ଲାଗି ୱାର୍କଶପକୁ ଆସୁଛନ୍ତି। ଶୋ'ରୁମ୍‌ରେ କାର୍ଯ୍ୟ କରୁଥିବା ଶ୍ରମ ଶକ୍ତି ଏବେ ଘରେ ରହିଥିବାରୁ ଶୋ'ରୁମ୍‌ରେ କାମ ବାଧାପ୍ରାପ୍ତ ହେଉଛି। ହେଲେ ଲୋକଙ୍କୁ ଜରୁରୀ ସେବା ଯୋଗାଇବା ଲାଗି କଷ୍ଟରେ ଟେକ୍ନିସିଆନ ଯୋଗାଡ଼ କରିବାକୁ ପଡୁଛି। ଲୋକମାନେ ଭୟଭୀତ ହୋଇ ରହିଛନ୍ତି। କଟକଣା କୋହଳ ହେଉଥିଲେ ମଧ ବଜାରକୁ ନେଇ କିଛି କହି ହେଉନାହିଁ। ବଜାରରେ ଫ୍ଲୋ ନାହିଁ। ବଜାର ଫ୍ଲାଟ୍ ରହିଛି। ଗାଡ଼ି ନିର୍ମାତାମାନେ ଗୁରୁବାର ୟୁନିଟ୍ ଖୋଲିଛନ୍ତି। ବଜାର ସ୍ଥିତି କ୍ରିଟିକାଲ। ଉଭୟ ଡିଲର ଏବଂ କମ୍ପାନୀଗୁଡିକ ଲାଗି ଏବେ କଷ୍ଟକର ସମୟ। କ୍ଷତିକୁ ସହି ବଢିବା ଏକ ବଡ଼ ଚ୍ୟାଲେଞ୍ଜ। ଭବିଷ୍ୟତକୁ ନେଇ ଲୋକମାନେ ନିଶ୍ଚିତ ହୋଇପାରୁନାହାନ୍ତି। ଏବେ ସମସ୍ତେ କ୍ଷତିରେ ଚାଲୁଥିବାରୁ କମ୍ପାନୀ ଯେତେ ସୁବିଧା ଦେଲେ କ'ଣ ହେବ ଗ୍ରାହକ ଶୋ'ରୁମ୍‌କୁ ଆସୁ ନ ଥିବାରୁ କିଛି ଫାଇଦା ନାହିଁ। ଏଭଳି ସ୍ଥିତିରେ କାରବାରକୁ ଆଗକୁ ବଢ଼ାଇବା ଚିନ୍ତାଜନକ ହୋଇଛି।



**- ପ୍ରମୋଦ ପାତ୍ର, ସ୍ୱତ୍ୱାଧିକାରୀ, ୩ଏସ୍ ଟିଭିଏସ୍**

"ଦୀର୍ଘଦିନ ଧରି ଶୋ'ରୁମ୍ ବନ୍ଦ ରହିବା ପରେ କିଛିଦିନ ତଳେ କାରବାର ଆରମ୍ଭ ହୋଇଛି। କାରବାର ଏବେ ନାହିଁ। କେବଳ ଜରୁରୀ ଭିତ୍ତିରେ ଲୋକଙ୍କୁ ସେବା ଯୋଗାଣ ହେଉଛି। ଶୀଘ୍ର ବଜାରରେ ସ୍ଥିତି ଫେରିବା ନେଇ ମଧ ସ୍ପଷ୍ଟ ଭାବେ କହି ହେବ ନାହିଁ। ଗ୍ରୀନ୍ ଯୋଜନାରେ ଥିବା ଶୋ'ରୁମ୍‌ଗୁଡିକୁ ମଧ ଗ୍ରାହକ ଆସିବା ଦେଖାଯାଉନାହିଁ। ଏବେ କରୋନା ମାମଲା ବଢୁଥିବାରୁ ଲୋକଙ୍କ ମନରେ ଭୟ ଭରି ରହିଛି। ଏହାର ପ୍ରଭାବ ଗ୍ରାହକଙ୍କ କ୍ରୟ ନିଷ୍ପତ୍ତି ଉପରେ ପଡ଼ିଛି। କଟକଣା କୋହଳ ହେଉଥିବା ବେଳେ ଲୋକମାନେ ସେହି ଅନୁସାରେ ଶୋ'ରୁମ୍ ଆସିବା ଦେଖାଯାହିଁ। ଚଳିତ ବର୍ଷ ବ୍ୟବସାୟ ଟ୍ରାକ୍‌କୁ ଆସିବ ବୋଲି ଆଶା ନାହିଁ। ଏଭଳି ସ୍ଥିତିରେ ଆଗକୁ ବଢ଼ିବାକୁ ପଡୁଛି। କାରଣ ହଠାତ୍ ଏମିତି ହେବ ବୋଲି ଜଣା ନ ଥିଲା। କରୋନା ବଜାର ବ୍ୟବସ୍ଥାକୁ ସାଂଘାତିକ ଭାବେ ମାଡ଼ କରିଛି। ଡିଲରପଏଣ୍ଟଗୁଡିକରେ କାରବାର ନ ଥିବା ସତ୍ତ୍ୱେ ଉଭୟ କମ୍ପାନୀ ଏବଂ ଡିଲର କ୍ଷତି ସାମ୍ନା କରୁଛନ୍ତି। ଲୋକଙ୍କୁ ବେତନ ଦେବା, ଭଡ଼ା, ଋଣ ଉପରେ ସୁଧ ଭଳି ଚାପ ବ୍ୟବସାୟ ଲାଗି ବୋଝ ହେଉଛି। ଏଭଳି ଅସୁବିଧାକୁ ସରକାର ନଜରରେ ରଖି ସହାୟତା ଯୋଗାଇଦେବା ଉଚିତ। ଅନ୍ତତଃ ପକ୍ଷେ ବାଣିଜ୍ୟଗୁଡିକୁ ମୋରାଟୋରିୟମ ବାଦ୍ ଅନ୍ୟ ଜରୁରୀ ସୁବିଧା ଦେବା ଆବଶ୍ୟକ। ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାରୁ ସରକାର ସହାୟତା ଦେଲେ ଚାପ କମ୍ କରିବାରେ ସହାୟକ ହୁଅନ୍ତା। ସରକାର କମ୍ପାନୀଗୁଡ଼ିକ ଲାଗି କିଛି ନିର୍ଦ୍ଦିଷ୍ଟ ଯୋଜନା ହାତକୁ ନେବା ଆବଶ୍ୟକ।



**- ହର୍ଷ ବର୍ଦ୍ଧନ ଦୀଦୱାନିଆ, ସହ ପ୍ରତିଷ୍ଠାତା, ଓମ ଜୟ ଇଭି ଲିମିଟେଡ**

"ଗତ ୪ ଦିନ ହେଲା ଷ୍ଟୋର ଖୋଲିଛି। ରେଡ୍ ଜୋନ୍ ଅରେଞ୍ଜ ଜୋନ ଦ୍ୱନ୍ଦ ରହିଥିବାରୁ ଏବେ କଷ୍ଟମର ଫ୍ଲୋ ନାହିଁ। ଗ୍ରାହକଙ୍କ ଅତି ଜରୁରୀ ଆବଶ୍ୟକତା ଅନୁସାରେ ସେବା ଯୋଗାଇଦେବାକୁ ଧ୍ୟାନ ରଖାଯାଇଛି। ଚଳିତ ବର୍ଷ ବେପାର ଟ୍ରାକ୍‌କୁ ଫେରି ନ ପାରେ। କାରଣ ଏବେ ଫ୍ୟାକ୍ଟ୍ରିରେ ଉତ୍ପାଦନ ବନ୍ଦ ରହିଛି। ମାଲପତ୍ର ଆସିବା ବ୍ୟାଘାତ ହେଉଛି। ଯାହା ମାଲ ଗୋଦାମରେ ରଖାଯାଇଛି ତାକୁ ବିକ୍ରି କରିବା ଏବେ କଷ୍ଟକର ହେଉଛି। ଗ୍ରାହକ ଆଗକୁ ମଧ ବଡ଼ ଧରଣର କ୍ରୟ କରିବା ନେଇ ଦେଖାଯାଉନାହିଁ। କାରଣ ଲୋକମାନେ ଅର୍ଥ ଖର୍ଚ୍ଚ ନ କରି ନିଜ ପାଖରେ କିଛି ରଖୁଛନ୍ତି। ଆଗକୁ କେବଳ ପର୍ବପର୍ବାଣିରେ ହିଁ କିଛି କାରବାର ରହିବ। ବାକି ସମୟରେ ଶୋ'ରୁମ୍‌ରେ ଗହଳି ପରିଲକ୍ଷିତ ହୋଇ ନ ପାରେ। ଏବେ ବେପାର ଉପରେ ଯେତିକି ଧ୍ୟାନ ନାହିଁ ସମୟ କେବେ ଠିକ୍ ହେବ ସେ ଚିନ୍ତା ମାଡି ପଡୁଛି। କାରଣ ସମୟ ଠିକ୍ ହେଲେ ଯାଇ ବେପାର ଟ୍ରାକ୍‌କୁ ଫେରିପାରିବ। ସରକାରଙ୍କ ପକ୍ଷରୁ କୌଣସି ସହାୟତା ନାହିଁ। ବ୍ୟାଙ୍କ ଋଣରେ ସୁଧ ପୂର୍ବବତ ଦେବାକୁ ପଡୁଛି। ଘରଭଡ଼ା, କର୍ମଚାରୀ ଖର୍ଚ୍ଚ ଅନ୍ୟ ପ୍ରସଙ୍ଗକୁ ସରକାର ଧ୍ୟାନଦେବା ଆବଶ୍ୟକ। ସରକାର ବଡ଼ ବଡ଼ ସଂସ୍ଥା ପାଇଁ ପଦକ୍ଷେପ ନେଉଛନ୍ତି। ହେଲେ କ୍ଷୁଦ୍ର ମଧମ ବାଣିଜ୍ୟ ଲାଗି ପଦକ୍ଷେପ ନିଆଯାଉନି। କିଛି ହେଲେ ସୁବିଧା ସରକାର ଦେଉନାହାନ୍ତି। ସରକାର ସ୍ୱତନ୍ତ୍ର ସୁବିଧା ଦିଅନ୍ତୁ ବୋଲି ଚାହୁଁନାହୁଁ। ମାତ୍ର ଅସୁବିଧା ସମୟରେ କିଛିଟା ସହାୟତା ମିଳିଲେ ସଂସ୍ଥାଗୁଡ଼ିକ ତିଷ୍ଠିବା ସହ ବହୁତ ସଂଖ୍ୟାରେ ନିଯୁକ୍ତିକୁ ବଞ୍ଚାଇହେବ।



**- ଯୁଗଳ କିଶୋର ଅଗ୍ରୱାଲ, ପ୍ରୋପାଇଟର,ଆଲିସାନ**

"ବଜାରରେ ଏଭଳି ସ୍ଥିତି ଉପୁଜିବ ବୋଲି କେବେ କଳ୍ପନା କରି ନ ଥିଲୁ। ଆମ ଷ୍ଟୋର ରେଡ୍ ଜୋନ୍‌ରେ ଥିବାରୁ କଟକଣା ଯୋଗୁ ବର୍ତ୍ତମାନ ଖୋଲାଯାଇ ନାହିଁ। ବଜାର ସମ୍ପୂର୍ଣ୍ଣ ପ୍ରଭାବିତ ରହିଛି। କଟକଣା ସମ୍ପୂର୍ଣ୍ଣ କୋହଳ ହେଲେ ମଧ ଗ୍ରାହକ ବଜାରକୁ ଶୀଘ୍ର ଆସିବା ଆଶା କ୍ଷୀଣ। କରୋନା ଭୟ ସମସ୍ତଙ୍କ ମଧରେ ରହିଛି। ଲୋକ କମ୍ ଆସୁଥିବାରୁ ଚଳିତ ବର୍ଷ ବିଶେଷ ଯୋଜନା କରାଯାଇ ନାହିଁ। ବଜାରରେ ଏଭଳି ସ୍ଥିତି ଆସନ୍ତା ୬ ମାସ ଯାଏ ରହିପାରେ।



**- ଅଶ୍ୱିନୀ ପାତ୍ର,ସ୍ୱତ୍ୱାଧିକାରୀ, ରିତା ଆଣ୍ଡ ସନ୍ସ**

### ଅଧିକ ୪ ଲକ୍ଷ କୋଟି ଋଣ କରିବେ ସରକାର

**ନୂଆଦିଲ୍ଲୀ,୮।୫:** କରୋନା ପାଇଁ ସରକାରଙ୍କ ରାଜସ୍ୱ କ୍ଷତି ହେବ। ଚଳିତ ଆର୍ଥିକ ବର୍ଷରେ ସରକାର ଅଧିକ ୪.୨ ଲକ୍ଷ କୋଟି ଟଙ୍କା ଋଣ କରିବେ ବୋଲି ଆକଳନ କରାଯାଉଛି। କରୋନା ମୁକାବିଲା ଲାଗି ସରକାର ଖର୍ଚ୍ଚ ବଢ଼ାଇଥିବାରୁ ଚଳିତ ବର୍ଷ ମୋଟ ୧୨ ଲକ୍ଷ କୋଟି ଟଙ୍କା ବଜାରରୁ ଋଣ ଭାବେ ଉଠାଇବେ। ରାଜସ୍ୱ ଆଦାୟ ଏବଂ ଖର୍ଚ୍ଚ ମଧରେ ପାର୍ଥକ୍ୟ ଢେର ବଢ଼ିଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇଛି। ଏହାକୁ ବିଚାରକରି ଅଧିକ ଋଣ କରିବା ଲାଗି ସରକାର ଯୋଜନା ଧାର୍ଯ୍ୟ କରିଛନ୍ତି।

### ତନିସ୍କର ମଦର୍ସ ଡେ କଲେକ୍ସନ

**ଭୁବନେଶ୍ୱର,୮।୫:** ପ୍ରମୁଖ ଜ୍ୱୁଏଲେରି ବ୍ରାଣ୍ଡ ତନିସ୍କ ପକ୍ଷରୁ ମଦର୍ସ ଡେ ଲାଗି ସ୍ୱତନ୍ତ୍ର ହାର୍ଟ ଅଫ୍ ଗୋଲ୍ଡ କଲେକ୍ସନ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ମଦର୍ସ ଡେ ପାଳନ ପୂର୍ବକ ଏହି କଲେକ୍ସନ ଶୁଭାରମ୍ଭ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମଧରେ ସ୍ୱତନ୍ତ୍ର ଗହଣା ରେଞ୍ଜ ସାମିଲ ରହିଛି। ଡିଜାଇନ ଏବଂ କାରିଗରିକୁ ଏଥିରେ ବିଚାର କରାଯାଇଛି। କମ୍ପାନୀର ଇ-କମର୍ସ ପ୍ଲାଟ୍‌ଫର୍ମରେ ଏହି ଗହଣା କିଣିବାକୁ ଗ୍ରାହକ ସୁଯୋଗ ପାଇପାରିବେ। ପ୍ରାୟ ୧୫୦୦ ଶହରୁ ଅଧିକ ପ୍ରଡକ୍ଟ ଏହା ମଧରେ ସାମିଲ ରହିଛି। ଗହଣାଗୁଡିକର ଆରମ୍ଭ ମୂଲ୍ୟ ୫ ହଜାର ଟଙ୍କା ରହିଛି। ମଦର୍ସ ଡେ ଭଳି ଏକ ବିଶେଷ ଦିନକୁ ପାଳନ ସହ ସ୍ୱତନ୍ତ୍ର କରିବା ଲାଗି ନୂଆ କଲେକ୍ସନ ଆରମ୍ଭ କରାଯାଇଛି ବୋଲି ଟାଇଟାନ କମ୍ପାନୀ ଲିମିଟେଡ୍‌ର ଜ୍ୱୁଏଲେରି ଡିଭିଜନ ମାର୍କେଟିଂ ବିଭାଗ ଜେନେରାଲ ମ୍ୟାନେଜର ରଞ୍ଜାନୀ କ୍ରିଷ୍ଣସ୍ୱାମୀ କହିଛନ୍ତି।



## ଖେଳ ଖବର

### ନରେନ୍ଦ୍ର ବାତ୍ରା ଏଫ୍‌ଆଇଏଚ୍ ସଭାପତି ରହିବେ

**ଲାଉସାନେ, ୮।୫ (ପି.ଟି.):** ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସଭାପତି ଭାବେ ଭାରତୀୟ କ୍ରୀଡ଼ା ପ୍ରଶାସକ ନରିନ୍ଦର ବାତ୍ରାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ସେ ଆସନ୍ତା ବର୍ଷ ମେ' ମାସ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। କୋଭିଡ୍-୧୯ ମହାମାରୀ ଯୋଗୁ ଅନିଶ୍ଚିତ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ନୂଆଦିଲ୍ଲୀରେ ଏଫ୍‌ଆଇଏଚ୍‌ର ସମ୍ମିଳନୀ ଅକ୍ଟୋବର ୨୮ରେ ହେବାର କାର୍ଯ୍ୟକ୍ରମ ଥିଲା। ଏଥିରେ ନୂଆ ସଭାପତି ନିର୍ବାଚିତ ହୋଇଥାନ୍ତେ। ମାତ୍ର ଶୁକ୍ରବାର ଅନ୍‌ଲାଇନ୍‌ରେ ବସିଥିବା ଏଫ୍‌ଆଇଏଚ୍‌ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଏହାକୁ ସ୍ଥଗିତ ରଖିଛି। ନୂଆ ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ।

### ବିଦେଶୀ ଖେଳାଳି ହ୍ରାସ ପାଇଁ ସୁପାରିସ

**ନୂଆଦିଲ୍ଲୀ, ୮।୫ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଟେକ୍ନିକାଲ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତାବର୍ଷରୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଓ ଆଇ-ଲିଗ୍‌ରେ ପ୍ରତ୍ୟେକ ଦଳକୁ ସର୍ବାଧିକ ୫ ପରିବର୍ତ୍ତେ ୪ ବିଦେଶୀ ଖେଳାଳି ଖେଳାଇବା ଅନୁମତି ପାଇଁ କମିଟି ସୁପାରିସ କରିଛି। ଆଇଏସ୍‌ଏଲ ଓ ଆଇ-ଲିଗ୍‌ରେ ଅଧିକ ସଂଖ୍ୟାରେ ବିଦେଶୀ ଖେଳାଳିଙ୍କୁ ଖେଳାଯାଉଥିବାରୁ ମାର୍ଚ୍ଚରେ ଭାରତର ମୁଖ୍ୟ କୋଚ୍ ଇଗୋର୍ ଷ୍ଟିମାକ୍ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାଦ୍ୱାରା ଭବିଷ୍ୟତରେ ସୁନୀଲ ଛେତ୍ରୀଙ୍କ ଭଳି ଖେଳାଳି ସୃଷ୍ଟିରେ ବାଧା ଉପୁଜିବ ବୋଲି ସେ କହିଥିଲେ। ଆଇଏସ୍‌ଏଲ୍ ଓ ଆଇ-ଲିଗ୍‌ରେ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ନିୟମାନୁସାରେ ୫ ପରିବର୍ତ୍ତେ ସର୍ବାଧିକ ୪ ଖେଳାଳିଙ୍କୁ ଅନୁମତି ଦିଆଯିବା ଉଚିତ୍। ଶ୍ୟାମ ଥାପାଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସିଂ ଜରିଆରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୩+୧ (ତିନି ଅଣଏସୀୟ ଓ ଜଣେ ଏସୀୟ) ନିୟମକୁ କାର୍ଯ୍ୟକାରୀ କରିବା ଲାଗି ସୁପାରିସ ହୋଇଥିଲା।

# କ୍ୱାରାଣ୍ଟାଇନ୍ ପାଇଁ ଭାରତୀୟ ଦଳ ପ୍ରସ୍ତୁତ

**ସିଡ୍‌ନୀ, ୮।୫**

କରୋନା ଭାଇରସ ସଂକ୍ରମଣ କାରଣରୁ ସମଗ୍ର ବିଶ୍ୱରେ ଖେଳ ବନ୍ଦ ହୋଇ ଯାଇଛି। ଏଥିପାଇଁ ଆସୋସିଶନଗୁଡ଼ିକୁ ବିପୁଳ କ୍ଷତି ସହିବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ କିପରି ସମ୍ଭବ ହୋଇପାରିବ ସେ ନେଇ ଉଦ୍ୟମ ଆରମ୍ଭ ହୋଇଛି। ବର୍ତ୍ତମାନର କୋଭିଡ-୧୯ ନିୟମ ଅନୁସାରେ ଗୋଟିଏ ଦେଶରେ ଖେଳାଳି ଅନ୍ୟ ଦେଶକୁ ଗଲେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଆଗାମୀ ସିରିଜ ବଞ୍ଚାଇବା ପାଇଁ ଭାରତୀୟ ଦଳ କ୍ୱାରାଣ୍ଟାଇନ୍‌ରେ ରହିବା ପ୍ରସ୍ତାବକୁ ଗ୍ରହଣ କରିବ ବୋଲି ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ)ର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଶୁକ୍ରବାର ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ଶେଷ ଭାଗରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ୪ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ଅକ୍ଟୋବରରେ ଟି୨୦ ତ୍ରିରାଷ୍ଟ୍ରୀୟରୁ ଭାରତୀୟ ଦଳର ଗସ୍ତ ଆରମ୍ଭ ହେବ। ଏହି ଗସ୍ତରେ ଗଲେ ଖେଳାଳିମାନଙ୍କୁ ୨ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଅର୍ଥାତ୍ ସିରିଜ ଆରମ୍ଭର ବହୁ ପୂର୍ବରୁ ଭାରତୀୟ ଦଳକୁ ଅଷ୍ଟ୍ରେଲିଆରେ ପହଞ୍ଚିବାକୁ ପଡ଼ିବ।

ସିରିଜ ବଞ୍ଚାଇବା ପାଇଁ ଭାରତୀୟ ଟେଷ୍ଟ ଦଳ ଏହି ତ୍ୟାଗ କରିବାକୁ ରାଜି ବୋଲି ବିସିସିଆଇ କୋଷାଧକ୍ଷ ଅରୁଣ ଧୁମଲ ପ୍ରକାଶ କରିଛନ୍ତି। ଏହି ସିରିଜରୁ ଉପାର୍ଜିତ ଅର୍ଥ କ୍ରିକେଟ ଅଷ୍ଟ୍ରେଲିଆର କ୍ଷତିକୁ ଅନେକ ପରିମାଣରେ ଭରଣା କରିପାରିବ। "ଆଉ କିଛି ବିକଳ୍ପ ନାହିଁ। କ୍ରିକେଟକୁ ପୁଣି ଆରମ୍ଭ କରିବାକୁ ହେଲେ ସମସ୍ତଙ୍କୁ କ୍ୱାରାଣ୍ଟାଇନ୍ ସ୍ୱିକାର କରିବାକୁ ପଡ଼ିବ" ବୋଲି ଧୁମାଲ କହିଛନ୍ତି। ଚଳିତ ମାସରେ ଭାରତକୁ ହଟାଇ ଅଷ୍ଟ୍ରେଲିଆ ବିଶ୍ୱର ନମ୍ବରୱାନ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛି। ତେଣୁ ଆଗାମୀ ସିରିଜ ସମ୍ଭବ ହେଲେ ତୀବ୍ର ସଂଘର୍ଷପୂର୍ଣ୍ଣ ହେବ। କରୋନା ଭାଇରସ୍ ସଂକ୍ରମଣ ଜନିତ ସଟ୍ ଡାଉନ୍ ଯୋଗୁ ବିପୁଳ କ୍ଷତି ସହିଥିବା



**ଅଷ୍ଟ୍ରେଲିଆ ଟୁର୍**

ଅଷ୍ଟ୍ରେଲିଆ ବୋର୍ଡ ଏହି ସିରିଜରୁ ମୋଟା ଅଙ୍କର ରାଜସ୍ୱ ଆୟ କରିପାରିବ। କ୍ରିକେଟ ଅଷ୍ଟ୍ରେଲିଆ ପାଇଁ ଏହି ସିରିଜରୁ ରାଜସ୍ୱ ଆୟ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ତେଣୁ ସିରିଜରେ ଆଉ ଏକ ଟେଷ୍ଟ ଅର୍ଥାତ୍ ୫ମ ଟେଷ୍ଟ ଯୋଗ କରିବାକୁ ପ୍ରସ୍ତାବ ଦେଇଛି। ଏହା ହେଲେ ଆଗାମୀ ନଭେମ୍ବରରେ ହେବାକୁଥିବା ଭାରତ-ଆଫଗାନିସ୍ତାନ ଟେଷ୍ଟ ଆଉ ସମ୍ଭବ ହୋଇପାରିବ ନାହିଁ।

### ଦିଲ୍ଲୀ କ୍ରିକେଟ ପାଇଁ ଆଡହକ୍ କମିଟି ଗଢ଼ିବ ବିସିସିଆଇ

**ନୂଆଦିଲ୍ଲୀ,୮।୫(ପି.ଟି.):** ବିନା ଅଧକ୍ଷ ଓ ସମ୍ପାଦକରେ ଦୁର୍ନୀତି କବଳିତ ଦିଲ୍ଲୀ ଓ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) କିପରି ଚାଲିବ ସେ ନେଇ ଭାରତୀୟ କ୍ରିକେଟ କେଣ୍ଟ୍ରାଲ ବୋର୍ଡ (ବିସିସିଆଇ) ଉପାୟ ଖୋଜିବା ଆରମ୍ଭ କରିଛି। ଡିଡିସିଏର ଅଧକ୍ଷ ପଦରେ କେହି ନ ଥିବା ବେଳେ ସମ୍ପାଦକ ଜେଲ୍‌ରେ ଅଛନ୍ତି। ତେଣୁ ଡିଡିସିଏର ପରିଚାଳନା ପାଇଁ ବିସିସିଆଇ ଏକ ଆଡହକ୍ କମିଟି ଗଠନ କରିବ ବୋଲି କହିଛି।

ବିସିସିଆଇ ଡିଡିସିଏକୁ ବାର୍ଷିକ ଅନୁଦାନ ଦେବା ମଧ ବନ୍ଦ କରିଦେଇଛି। କିଛିଦିନ ତଳେ ଟେଲି- କନ୍‌ଫରେନ୍ସ ମାଧମରେ ଆପେକ୍ସ କାଉନସିଲ ସଦସ୍ୟମାନେ ଆଡ୍-ହକ୍ କମିଟି ଗଠନ ନେଇ ଆଲୋଚନା କରିଥିଲେ। ଦୁର୍ନୀତିକୁ ରୋକିବା ଓ ଡିଡିସିଏର ପରିଚାଳନା ପାଇଁ ଏକ ଆଡ- ହକ୍ କମିଟିର ଆବଶ୍ୟକତା ରହିଛି ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ବରିଷ୍ଠ ଖବରଦାତା ରଜତ ଶର୍ମା ଯେବେଠାରୁ ଇସ୍ତଫା ଦେଲେଣି ସେବେଠାରୁ ଅଧକ୍ଷ ପଦ ଖାଲି ପଡିଛି। ସେହିପରି ସୀମା ଶୁଳ୍କ ଅଧିନିୟମ ଉଲ୍ଲଂଘନ କରି ଡିଡିସିଏ ସାଧାରଣ ସମ୍ପାଦକ ବିନୋଦ ତିହାରା ମିରଟ ଜେଲରେ ରହିଛନ୍ତି। ପୁଣି ଡିଡିସିଏ ଆପେକ୍ସ କାଉନ୍‌ସିଲର ଅଧିକାଂଶ ସଦସ୍ୟଙ୍କୁ ଦୁର୍ନୀତି ଅଭିଯୋଗରେ ସସ୍‌ପେଣ୍ଡ କରାଯାଇଛି। ଏହାକୁ ବାଦ୍ ଦେଲେ ଦିଲ୍ଲୀ ରଣଜୀ ଟିମ୍ ଚୟନରେ ବୟସ ଜାଲିଆତି କରାଯିବାର ମଧ ଅଭିଯୋଗ ହୋଇଛି। ଲକ୍‌ଡାଉନ୍ ପୂର୍ବରୁ କିମ୍ବା ପରେ ଏହି ଆଡ-ହକ୍ କମିଟି ଗଠନ କରାଯାଇପାରେ ବୋଲି ଆପେକ୍ସ କାଉନ୍‌ସିଲର ଜଣେ ସଦସ୍ୟ କହିଛନ୍ତି। କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ପ୍ରଶାସକ ଯେପରି ଦାୟିତ୍ୱ ନ ନିଅନ୍ତି, ଏହାକୁ ଏଡାଇବା ପାଇଁ ଏହି ଆଡହକ୍ କମିଟି ଗଠନ ଉପରେ ବିସିସିଆଇ ଗୁରୁତ୍ୱ ଦେଉଛି।

### ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି ଡେନର୍ବି



**ନୂଆଦିଲ୍ଲୀ, ୮।୫:** କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ସମୟରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଫିଟ୍‌ନେସ କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିଛନ୍ତି ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ମୁଖ୍ୟ କୋଚ୍ ଥୋମାସ ଡେନର୍ବି । ସ୍ୱିଡେନର ଷ୍ଟକ୍‌ହୋମ ସହରର ଦକ୍ଷିଣପୂର୍ବକୁ ୨୫ କିଲୋମିଟର ଦୂରରେ ଥିବା ୟେର୍ସୋରେ ଡେନେର୍ବି ରହୁଛନ୍ତି। ଗତ ମଙ୍ଗଳବାର ସେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଭିଡିଓ କନଫରେନ୍ସ ମାଧମରେ ବାର୍ତ୍ତାଳାପ କରିଥିଲେ। "ପୂର୍ବରୁ ଦିଆ ଯାଇଥିବା ଫିଟ୍‌ନେସ ପ୍ରୋଗ୍ରାମ ଅନୁସାରେ ବାଳିକାମାନେ ଟ୍ରେନିଂ କରୁଛନ୍ତି। ସେମାନେ ଫିଟ୍‌ନେସ କୋଚ୍ ପିର କାର୍ଲସନଙ୍କ ସହ ଯୋଗାଯୋଗରେ ରହୁଛନ୍ତି। ମୁଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରି ସମସ୍ତଙ୍କର ପ୍ରତିଦିନର ରିପୋର୍ଟ ଅନୁଧ୍ୟାନ କରୁଛି । ପିଲାମାନେ କଠିନ ପରିଶ୍ରମ କରୁଥିବା ଦେଖି ମୁଁ ବହୁତ ଖୁସି" ବୋଲି ଡେନେର୍ବି କହିଛନ୍ତି। ଭିଡିଓ କନ୍‌ଫରେନ୍‌ସିଂ କରି ପିଲାମାନଙ୍କୁ ଉତ୍ସାହିତ କରୁଛନ୍ତି ଏହି ସ୍ୱିଡେନ କୋଚ୍।

### ଆଝାରଙ୍କ ବ୍ୟାଟ୍ କିଣିଲା ପୁଣେ ମ୍ୟୁଜିୟମ

**କରାଚୀ, ୮।୫ (ପି.ଟି.):** ପାକିସ୍ତାନ ଟେଷ୍ଟ ଅଧିନାୟକ ଆଝାର ଅଲ୍ଲୀଙ୍କ ବ୍ୟାଟ୍‌ଶେଷରେ ନିଲାମ ହୋଇଛି। କୋଭିଡ୍-୧୯ ମହାମାରୀ ମୁକାବିଲା ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ସେ ଏହା କରିଛନ୍ତି। ଭାରତର ଏକ ମ୍ୟୁଜିୟମ ତାହାକୁ କ୍ରୟ କରିଛି। ୨୦୧୬ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍‌ରେ ସେ ୩୦୨ ରନ ସଂଗ୍ରହ କରିଥିଲେ। ତାଙ୍କର ଏହି ତ୍ରିଶତକୀୟ ଇନିଂସରେ ସେ ଯେଉଁ ଦୁଇଟି ବ୍ୟାଟ୍ ବ୍ୟବହାର କରିଥିଲେ ତାହାକୁ ନିଲାମ କରିଛନ୍ତି। ଏହାଛଡ଼ା ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଭାରତ ବିପକ୍ଷ ବିଜୟ ମ୍ୟାଚରେ ସେ ପିନ୍ଧିଥିବା ଜର୍ସିକୁ ମଧ ଅନ୍‌ଲାଇନ୍‌ରେ ନିଲାମ କରିଛନ୍ତି। ଉଭୟ ବ୍ୟାଟ୍ ଏବଂ ଜର୍ସିରେ ପାକିସ୍ତାନ ଦଳର ସମସ୍ତ ସଦସ୍ୟଙ୍କ ଦସ୍ତଖତ ରହିଛି। ଆଝାର ସୋସିଆଲ ମିଡିଆରେ ବ୍ୟାଟ୍ ଓ ଜର୍ସି ପିଛା ୧ନିୟୁତ (ପାକିସ୍ତାନୀ ମୁଦ୍ରା)ଟଙ୍କା ବେସ୍ ପ୍ରାଇସ୍ ରଖିଥିଲେ। ପୁଣେସ୍ଥିତ ବ୍ଲେଡ୍ସ ଅଫ୍ ଗ୍ଲୋରି କ୍ରିକେଟ ମ୍ୟୁଜିୟମ ୧ନିୟୁତ ଟଙ୍କା ଦେଇ ବ୍ୟାଟ୍ କ୍ରୟ କରିଥିଲା। ତାଙ୍କର ଏହି ସ୍ମରଣୀୟ ଜର୍ସି ପ୍ରତି କାଲିଫର୍ନିଆରେ ବାସ କରୁଥିବା ଜଣେ ପାକିସ୍ତାନୀ କାଶ୍ ଭିଲାନୀ ବିଶେଷ ଆଗ୍ରହ ଦେଖାଇଥିଲେ। ସେ ୧.୧ ନିୟୁତ ଟଙ୍କା ବିନିମୟରେ କ୍ରୟ କରିଥିଲେ। ଅନ୍ୟ ଜଣେ ପାକିସ୍ତାନୀ ଜଲାଲ ଖାଁ ଏଥିପାଇଁ ୧୦୦,୦୦୦ଟଙ୍କା ଦାନ କରିଥିବା ଆଝାର ପ୍ରକାଶ କରିଛନ୍ତି। ଦିବା/ରାତ୍ର ଟେଷ୍ଟରେ ତ୍ରିଶତକ ହାସଲ କରିବାରେ ଆଝାର ଅଲ୍ଲୀ ହେଉଛନ୍ତି ପ୍ରଥମ ଅନ୍ତର୍ଜାତୀୟ ଖେଳାଳି। ୨୦୧୬ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩୦୨ ରନ କରି ଅପରାଜିତ ରହିଥିଲେ। ଆଝାର କହିଛନ୍ତି, ଏହି ଜିନିଷଗୁଡ଼ିକ ତାଙ୍କ ପାଇଁ ସ୍ମରଣୀୟ ଥିଲା। ମାତ୍ର ଏକ ସଂକଟଜନକ ପରିସ୍ଥିତିରେ ଜନ କଲ୍ୟାଣ ଉଦ୍ଦେଶ୍ୟରେ ଏହା କାମରେ ଲାଗିପାରିଥିବାରୁ ମୁଁ ବହୁତ ଖୁସି।



ମନେ ପଡ଼ନ୍ତି
ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ଭୂବନ ବିହାରୀ କର
ଆବିର୍ଭାବ - ୦୩.୦୪.୧୯୫୯
ତିରୋଧାନ - ୧୬.୦୫.୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।
ଇତି ଆପଣଙ୍କର - ମିତୁ, ରିତୁ ଓ ସିଙ୍କୁ
ଧ-୬୯୨୬୬



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ